ସଂଗ୍ରାମୀ ସୁରେନ୍ଦ୍ର ସାଏ

ଶ୍ରୀ ସତ୍ୟନାରାୟଣ ମହାପାତ୍ର

Digitized by srujanika@gmail.com

ସଂଗ୍ରାମୀ ସୁରେନ୍ଦ୍ର ସାଏ

ଶ୍ରୀ ସତ୍ୟନାରାୟଣ ମହାପାତ୍ର, ଏମ୍. ଏ.

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

ସଂଗ୍ରାମୀ ସୁରେନ୍ଦ୍ର ସାଏ

ଲେଖକ :
ଶ୍ରୀ ସତ୍ୟନାରାୟଣ ମହାପାତ୍ର, ଏମ୍. ଏ.
ହିଂଜଳିକାଟୁ, ଗଞ୍ଜାମ

ପ୍ରକାଶକ :
ଶ୍ରୀ ଗୋବିନ୍ଦଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦବିହାରୀ, କଟକ-୭୫୩୦୦୨

ପ୍ରଥମ ପ୍ରକାଶ—୧୯୮୩

ଦ୍ୱିତୀୟ ପ୍ରକାଶ—୧୯୯୧

ମୁଦ୍ରଣ :
ଗୀତାଞ୍ଜଳି ପ୍ରେସ, କଟକ-୨

ମୂଲ୍ୟ : ବନ୍ଧେଇ—୧୬ ଟଙ୍କା
ସାଧା—ଟ ୧୨-୫୦

SANGRAMI SURENDRA SAI—a biographi

Written by
Sri Satyanarayan Mohapatra, M. A.

Published by
Sri Govinda Charan Patra
ORISSA BOOK STORE
Binode Bihari, Cuttack-753002

Printed at : **Gitanjali Press**, Cuttack-2

1st Editin—1983
2nd Edition—1991

Price—Rs. 16-00

Digitized by srujanika@gmail.com

ସ୍ୱପ୍ନା !

ମୁଁ ଅନୁଭବ କରୁଛି ମୋ ଲେଖା ବହିଟିଏ ପ୍ରକାଶ ପାଇବା ପାଇଁ ତୁମେ କେବଳ ଆଗ୍ରହୀ ନୁହଁ, ଅତ୍ୟଧିକ ବ୍ୟଗ୍ର ମଧ୍ୟ । ତେଣୁ ଏଇ ଖଣ୍ଡିକ ତୁମର ହାତରେ......

ଭଗି

Digitized by srujanika@gmail.com

ମୋ କଥା

ଭାରତର ପ୍ରଥମ ସ୍ୱାଧୀନତା କାଳର ଏକ ଅଗ୍ନି ସ୍ଫୁଲିଙ୍ଗ ଆଜୀବନ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓଡ଼ିଶାରେ ଜନ୍ମ ନ ହୋଇ ଭାରତର ଅନ୍ୟ କୌଣସି ପ୍ରାନ୍ତରେ ଜନ୍ମ ହୋଇଥିଲେ ଏଭଳି ଜଣେ ଅଖ୍ୟାତ ବ୍ୟକ୍ତି ହୋଇ ରହି ନ ଥାନ୍ତେ ବୋଲି ମୋର ବ୍ୟକ୍ତିଗତ ମତ । ଏହି ସଂଗ୍ରାମୀ ବୀରଙ୍କ ବୀରତ୍ୱ ୧୮୨୭ରୁ ୧୮୬୦ ମଧ୍ୟରେ ପ୍ରାୟ ୧୩ ବର୍ଷ ଓ ୧୮୬୨ରୁ ୧୮୬୨ ମସିହା ପର୍ଯ୍ୟନ୍ତ ୫ ବର୍ଷ ମଧ୍ୟରେ ପ୍ରକାଶ ଲାଭ କରିଥିଲା; ମାତ୍ର ୧୮ ବର୍ଷ ବୟସରୁ ସଂଗ୍ରାମମୟ ଜୀବନ ଆରମ୍ଭ କରିଥିଲେ ସେ । ଜେଲର ରୁଦ୍ଧ କୋଠରୀ ଭିତରେ ଦୀର୍ଘ ୩୭ ବର୍ଷ କାଳ ଅତିବାହିତ କରି ସେଇଠି ହିଁ ସେ ମୃତ୍ୟୁ ବରଣ କରିଥିଲେ ।

କିନ୍ତୁ ଗଭୀର ଦୁଃଖ ଏବଂ ପରିତାପର ବିଷୟ, ଭାରତୀୟ ପ୍ରଥମ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଇତିହାସକାରମାନେ ଝାନ୍ସୀର ରାଣୀ ଲକ୍ଷ୍ମୀବାଈ, ତାନ୍ତିଆ ଟୋପି, ନାନାସାହେବ, କନଓ୍ୱାର ସିଂହ ପ୍ରମୁଖ ସଂଗ୍ରାମୀ ବୀରଙ୍କ ସମ୍ପର୍କରେ ଯଥେଷ୍ଟ ବିବରଣୀ ଲିପିବଦ୍ଧ କରିଥିଲେ ସୁଦ୍ଧା ଅନେକ କ୍ଷେତ୍ରରେ ସୁରେନ୍ଦ୍ର ସାଏଙ୍କ ନାମୋଲ୍ଲେଖ କରିନାହାନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ତାନ୍ତିଆ ଟୋପିଙ୍କ ଭଳି ସୁରେନ୍ଦ୍ର ସାଏ ମଧ୍ୟ ଘନ ଜଙ୍ଗଲରେ ଲୁଚି ଛପି ଭୂମିଗତ ସଂଗ୍ରାମ ଚଳାଇଥିଲେ । ୧୮୫୭ ସିପାହୀ ବିଦ୍ରୋହ ଆରମ୍ଭର ପ୍ରାୟ ବର୍ଷକ ମଧ୍ୟରେ ତାନ୍ତିଆ ଟୋପିଙ୍କୁ ଗିରଫ କରିବା ପାଇଁ ଇଂରେଜ ସରକାର ସମର୍ଥ ହୋଇଥିଲେ; କିନ୍ତୁ ସୁରେନ୍ଦ୍ର ସାଏଙ୍କ ସଂଗ୍ରାମକୁ ଦମନ କରିବା ପାଇଁ ସମସ୍ତ ଇଂରେଜ ରଣ କୌଶଳ ପରାଜିତ ହୋଇଥିଲା । ତେଣୁ ସେମାନେ ସେହି ସଂଗ୍ରାମୀ ବୀରଙ୍କ ସହିତ ଏକ ପ୍ରକାର ସନ୍ଧି କରିଥିଲେ କହିଲେ ଚଳେ । ତଥାପି ପରେ ପୁଣି ସେମାନଙ୍କ ପ୍ରତିନିଧିମାନେ ବିଶ୍ୱାସଘାତକତା କରି ତାହାଙ୍କୁ ଆଜୀବନ ବନ୍ଦୀ କରିଥିଲେ ।

ସେହି ସଂଗ୍ରାମୀ ବୀରର ମୃତ୍ୟୁ ଶତବାର୍ଷିକୀ ଅବସରରେ ବିଭିନ୍ନ ଆସରରେ ତାହାଙ୍କ ସମ୍ପର୍କରେ ଆଲୋଚନା ହେବା ପର୍ଯ୍ୟନ୍ତ ଆମ୍ଭମାନଙ୍କ ମଧ୍ୟରୁ

Digitized by srujanika@gmail.com

ଅଧିକାଂଶଙ୍କର ଧାରଣା ଥିଲା ଯେ ଭାରତୀୟ ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅଂଶ ଥିଲା ନଗଣ୍ୟ; କିନ୍ତୁ ସୁରେନ୍ଦ୍ର ସାଏଙ୍କ ବ୍ୟତୀତ ଘୋଡ଼ାହାଟ ରାଜା ଅର୍ଜୁନ ସିଂହ ଓ ତାହାଙ୍କ ପ୍ରଧାନ ସହଯୋଗୀ ଜଗୁ ଦେଓ୍ୱାନଙ୍କ ଅବଦାନ ମଧ୍ୟ ଭାରତୀୟ ସ୍ୱାଧୀନତା ସଂଗ୍ରାମ ପାଇଁ କିଛି କମ୍ ନ ଥିଲା । ପୁଣି ତହିଁ ପୂର୍ବରୁ ୧୮୧୭ ମସିହାରେ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ନେତୃତ୍ୱରେ ପରିଚାଳିତ ସିପାହୀ ବିଦ୍ରୋହ ମଧ୍ୟ ସେହି ଇଂରେଜ ଶାସନ ବିରୁଦ୍ଧରେ ଅଭିପ୍ରେତ ଥିଲା । ସେହିଭଳି ବିଦ୍ରୋହମାନ ପାରଳାଖେମୁଣ୍ଡି ଓ ଘୁମୁସର ରାଜ୍ୟମାନଙ୍କରେ ଦୀର୍ଘକାଳ ଅସ୍ଥିରତା ତଥା ବିଶୃଙ୍ଖଳା ସୃଷ୍ଟି କରିଥିଲା । ସେସବୁକୁ ଲୋକଲୋଚନକୁ ଆଣିବା ଦାୟିତ୍ୱ ଆମ ଦେଶର ଇତିହାସ ଗବେଷକମାନଙ୍କର ।

ବୀର ସୁରେନ୍ଦ୍ର ସାଏଙ୍କ ମୃତ୍ୟୁ ଶତବାର୍ଷିକୀ ପାଳନ ହେବା ବହୁ ପୂର୍ବରୁ ମୋର ଏହି ପୁସ୍ତକ ଖଣ୍ଡିକ ଲେଖା ହୋଇଥିଲେ ମଧ୍ୟ ସେହି ଅବସରରେ ପ୍ରକାଶ ପାଉଥିବାରୁ ମୁଁ ଆନନ୍ଦିତ । ମୋର ଏହି ଗ୍ରନ୍ଥ ପ୍ରକାଶନ ଦିଗରେ ମୁଁ ଅନେକ ବନ୍ଧୁଙ୍କଠାରୁ ବିଶେଷ ଭାବରେ ପ୍ରେରଣା ପାଇଛି । ବିଶେଷ କରି ଡଃ ଶ୍ରଦ୍ଧାକର ସୂପକାର, ଇଂଜିନିୟର ଚନ୍ଦ୍ରଶେଖର ନନ୍ଦ, ଧ୍ରୁବଚରଣ ସାହୁ, ମୋହିନୀ ମୋହନ ସାମଲ, ଶଙ୍କର ପ୍ରସାଦ ଦାଶଙ୍କୁ ଓ ସୁରଞ୍ଜନ ନାଥଙ୍କୁ ମୁଁ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି । ବହିଟିର ପ୍ରକାଶନ ପାଇଁ ଶ୍ରୀ ବିଜୟ ଶଙ୍କର ପାଢ଼ୀ ମଧ୍ୟ ବିଶେଷ ଉଦ୍ୟମ କରିଥିବାରୁ ସେ ମୋ ନିକଟରେ ଧନ୍ୟବାଦାର୍ହ ।

ଭୁବନେଶ୍ୱର — ସତ୍ୟନାରାୟଣ ମହାପାତ୍ର

Digitized by srujanika@gmail.com

ସୂଚୀ

ବିଷୟ	ପୃଷ୍ଠାଙ୍କ
୧ । ସଗ୍ରାମୀ ବୀର ସୁରେନ୍ଦ୍ର ସାଏ	୧
୨ । ସମ୍ବଲପୁର ସିଂହାସନ ଓ ଚୌହାଣ ବଂଶ	୯
୩ । ରାଜଗାଦୀ ଦାବୀ ଓ ସୁରେନ୍ଦ୍ର ସାଏ	୧୭
୪ । ରାମପୁର ସହ ମୁକାବିଲା ଓ ଜେଲ୍	୨୪
୫ । ସିପାହୀ ବିଦ୍ରୋହ ଓ ହଜାରିବାଗ୍‌ରୁ ମୁକ୍ତି	୨୯
୬ । ପୁଣି କାଳିଆ ଜନ୍ମ ମାଟିରେ	୩୭
୭ । କେପଟେନ୍ ଲେ ଙ୍କ ସହ ମୁକାବିଲା	୪୨
୮ । ସମ୍ବଲପୁରରେ ଯୁଦ୍ଧ ଓ ଶାନ୍ତି	୫୧
୯ । ସୁରନ୍ଧର ସାହ୍ୱ ଓ ଫରେଷ୍ଟର ଇମେ	୫୭
୧୦ । ବିପ୍ଳବୀ ବୀରର ଆତ୍ମ ସମର୍ପଣ	୬୭
୧୧ । ଶାନ୍ତି କପୋତ ସନ୍ଧାନରେ	୭୪
୧୨ । ଚତୁର୍ଦ୍ଦିଗରେ ମାୟାଜାଲ	୮୦
୧୩ । ଯାବଜ୍ଜୀବନ କାରାଦଣ୍ଡ	୮୯
୧୪ । ମହା ବିପ୍ଳବୀର ମୃତ୍ୟୁ	୯୭

Digitized by srujanika@gmail.com

ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ

ଭାରତର ସ୍ୱାଧୀନତା ସଂଗ୍ରାମର ଅଗ୍ରମାରମ୍ଭ ରୂପେ ୧୮୫୭ ମସିହାରେ ସଂଗଠିତଭାବେ ଆରମ୍ଭ ହୋଇଥିବା ସିପାହୀ ବିଦ୍ରୋହକୁ ହିଁ ଅବତାରଣା କରାଯାଇଥାଏ । ଇଂରେଜମାନଙ୍କ ବିରୁଦ୍ଧରେ ହୋଇଥିବା ସେହି ପ୍ରଥମ ସଂଗ୍ରାମ ସିପାହୀମାନଙ୍କ ନାମ ସହିତ ସଂଯୋଜିତ ହୋଇଥିଲେ ମଧ୍ୟ ଏବଂ ବାସ୍ତବିକ ସେହିମାନଙ୍କ ଦ୍ୱାରା ହିଁ ଆରମ୍ଭ ହୋଇଥିଲେ ମଧ୍ୟ ତାହା କେବଳ ସୈନ୍ୟବିଭାଗର ସିପାହୀମାନଙ୍କ ଭିତରେ ସୀମିତ ହୋଇ ରହି ନ ଥିଲା । ଦେଶର ଶିକ୍ଷିତ ତଥା ବୁଦ୍ଧିଜୀବୀମାନେ ସେହି ସୁଯୋଗର ସଦ୍‌ବ୍ୟବହାର କରିଥିଲେ । ସେହି ବିପ୍ଳବର ପ୍ରଧାନ ଉଦ୍ଦେଶ୍ୟ ଥିଲା—ଅତ୍ୟାଚାରୀ ଇଂରେଜ ଶାସକମାନଙ୍କୁ ଏ ଦେଶରୁ ବହିଷ୍କାର କରିବା ; କାରଣ ସେତେବେଳେ ଭାରତର ଜନଗଣ ହୃଦୟଙ୍ଗମ କରି ପାରିଥିଲେ ଯେ, ଇଂରେଜ ବଣିକମାନେ ଏ ଦେଶକୁ କେବଳ ବାଣିଜ୍ୟ କରିବା ଉଦ୍ଦେଶ୍ୟରେ ଆସିଥିଲେ । କ୍ରମଶଃ ସେମାନଙ୍କର ସେହି ଉଦ୍ଦେଶ୍ୟ ଗୌଣ ହୋଇଯାଇଥିଲା । ସେମାନେ ଭାରତକୁ ଇଂଲଣ୍ଡର ଏକ ଉପନିବେଶ ଭାବେ ସ୍ଥାୟୀ ଶାସନ କରିବା ଉଦ୍ଦେଶ୍ୟ କ୍ରମଶଃ ଭାରତର ଲୋକଙ୍କ ମନରେ ଦୃଢ଼ ଆସ୍ଥାନ ଜମାଇଥିଲା ।

କାଳକ୍ରମେ ଭାରତୀୟମାନଙ୍କ ସେହି ସନ୍ଦେହ ହିଁ ବାସ୍ତବରେ ପରିଣତ ହୋଇଥିଲା ; କିନ୍ତୁ ୧୮୫୭ ମସିହାର ପାଇକ ବିଦ୍ରୋହକୁ ସରକାର ଦମନ କରିବା ପାଇଁ ସମର୍ଥ ହୋଇଥିଲେ । ପରିଣାମତଃ କାଳକ୍ରମେ ଇଂରେଜମାନେ ସେମାନଙ୍କ ଆଧିପତ୍ୟ ଅଧିକରୁ ଅଧିକ ହିଁ ବିସ୍ତାର କରିଥିଲେ । ତେଣୁ ୧୯୨୧ ମସିହାବେଳକୁ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଅହିଂସାତ୍ମକ ପନ୍ଥାରେ ଓ ଅସହଯୋଗ ଆନ୍ଦୋଳନ ମାଧ୍ୟମରେ ଆରମ୍ଭ ହୋଇଥିଲା ଭାରତର ସ୍ୱାଧୀନତା ସଂଗ୍ରାମ । ଇତିମଧ୍ୟରେ ଯେ ଭାରତର ଜନଗଣ ସମ୍ପୂର୍ଣ୍ଣ ନୀରବଭାବେ ଇଂରେଜମାନଙ୍କ ଅତ୍ୟାଚାର ସହ୍ୟ କରି ନେଉଥିଲେ ତା' ନୁହେଁ ; କିନ୍ତୁ ସେଭଳି ବିଶେଷ ଉଲ୍ଲେଖଯୋଗ୍ୟ ଧାରାବାହିକ ଆନ୍ଦୋଳନ ହୋଇ ନ ଥିଲା କହିଲେ ଚଳେ ।

*

Digitized by srujanika@gmail.com

ଗାନ୍ଧିଜୀଙ୍କ ନେତୃତ୍ୱରେ ପରିଚାଳିତ ସ୍ୱାଧୀନତା ଆନ୍ଦୋଳନକୁ ଅବଦମିତ କରିବା ପାଇଁ ଅଦମ୍ୟ ଉଦ୍ୟମ କରିଥିଲେ ଇଂରେଜ ସରକାର ; କିନ୍ତୁ ତାହା ସମ୍ଭବପର ହୋଇପାରି ନ ଥିଲା । ବାହାରକୁ ଯେତେ ଦୃଢ଼ତା ଦେଖାଉଥିଲେ ମଧ୍ୟ ଜଣେ ଅର୍ଦ୍ଧ-ଲଙ୍ଗଳା ଫକୀର—ବାପୁଜୀଙ୍କ ନାମ ଶୁଣିଲାମାତ୍ରେ ଇଂରେଜ ସରକାରୀ ହାକିମମାନଙ୍କ ହୃତ୍‌କମ୍ପ ସୃଷ୍ଟି ହେଉଥିଲା ।

ଠିକ୍ ସେହିଭଳି ଭାରତର ଅନ୍ୟ ପ୍ରାନ୍ତରେ ଇଂରେଜ ଶାସକମାନଙ୍କ ହୃତ୍‌କମ୍ପ ସୃଷ୍ଟି କରୁଥିଲା ଆଉ ଗୋଟିଏ ନାମ—ଆଉ ଜଣେ ବ୍ୟକ୍ତି । ସେହି ଜଣକ ଥିଲେ ସମ୍ବଲପୁର ଅଞ୍ଚଳର ସଂଗ୍ରାମୀ ବୀର ଶ୍ରୀ ସୁରେନ୍ଦ୍ର ସାଏ । ତାହାଙ୍କ ନାମ ଶୁଣି କେବଳ ସମ୍ବଲପୁର ଜିଲ୍ଲା କର୍ତ୍ତୃପକ୍ଷଙ୍କ ନୁହେଁ ; ଛୋଟନାଗପୁର ତଥା ମଧ୍ୟପ୍ରଦେଶର କମିଶନର ଓ ଚିଫ୍ କମିଶନରମାନେ ଅନେକ ସମୟରେ ଆତଙ୍କିତ ହୋଇ ରହୁଥିଲେ । ସେଥିପାଇଁ ସେମାନେ ସୁରେନ୍ଦ୍ର ସାଏଙ୍କୁ ଜଣେ ଆତତାୟୀ, ଦସ୍ୟୁ, ଲୁଣ୍ଠନକାରୀ ତଥା ଦେଶଦ୍ରୋହୀ ବୋଲି ଆକ୍ଷେପ କରୁଥିଲେ । ହୁଏତ ଭାରତ ସ୍ୱାଧୀନ ହୋଇ ନ ଥିଲେ ସେ ସେହିଭାବରେ ହିଁ ସରକାରୀ କାଗଜପତ୍ରରେ ରହିଯାଇ ଥାଆନ୍ତେ ।

ମହାତ୍ମାଗାନ୍ଧୀ ତାଙ୍କର ଅସହଯୋଗ ଆନ୍ଦୋଳନ ଆରମ୍ଭ କରିବା ପ୍ରାୟ ବହୁ ବର୍ଷ ପୂର୍ବରୁ ଓ ସିପାହୀ ବିଦ୍ରୋହ ଆରମ୍ଭ ହେବାର ପ୍ରାୟ ୩୦ ବର୍ଷ ପୂର୍ବରୁ ସଂଗ୍ରାମୀ ସୁରେନ୍ଦ୍ର ସାଏ ଇଂରେଜମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ସଂଗ୍ରାମ କରିଥିଲେ ସେମାନଙ୍କ ଯଥେଚ୍ଛାଚାର ବିରୁଦ୍ଧରେ , ମନମୁଖି ଶାସନ ବିରୁଦ୍ଧରେ । ସେ ଚାହିଁଥିଲେ ସମ୍ବଲପୁର ଅଞ୍ଚଳରୁ ସେମାନଙ୍କୁ ବହିଷ୍କାର କରିବା ପାଇଁ— ସେଠାରେ ଦେଶୀୟ ଶାସନର ପ୍ରତିଷ୍ଠା ପାଇଁ ; କାରଣ ଆଞ୍ଚଳିକ ଇଂରେଜ ଶାସକମାନେ ସୁରେନ୍ଦ୍ର ସାଏଙ୍କ ନ୍ୟାଯ୍ୟଦାବୀ—ସମ୍ବଲପୁର ସିଂହାସନକୁ ଉପେକ୍ଷା କରିଥିଲେ । ପୁଣି ସେମାନଙ୍କ କ୍ରୀଡ଼ାପୁତ୍ତଳିକା ହୋଇ ପାରିବା ଭଳି ଲୋକଙ୍କୁ ସେହି ରାଜଗାଦିରେ ବସାଇଥିଲେ । ସାଧାରଣ ଲୋକାଚାରକୁ ଧୂଳିସାତ୍ କରିଦିଆଯାଇ ବିଧବା ରାଣୀମାନଙ୍କୁ ମଧ୍ୟ ସେହି ରାଜ୍ୟର ଶାସନ ଅଧିକାର ଦେଇଥିଲେ । ସେଭଳି ସ୍ୱେଚ୍ଛାଚାର ସହ୍ୟ କରିପାରି ନ ଥିଲେ ବୀର ସୁରେନ୍ଦ୍ର ସାଏ । ସେ ଦାବୀ କରିଥିଲେ ସମ୍ବଲପୁର ରାଜ ସିଂହାସନ ।

ଦେଶର ଜନସାଧାରଣ ତାହାଙ୍କ ଦାବୀକୁ ବିପୁଳ ସମର୍ଥନ ଜଣାଇ ଥିଲେ, କିନ୍ତୁ ଇଂରେଜ ସରକାର ତାହାଙ୍କର ସେହି ଦାବୀକୁ କୌଣସିମତେ ସ୍ୱୀକାର କରି ନ ଥିଲେ । ସେହି ସିଂହାସନ ଉପରେ ସାମାନ୍ୟତମ ଦାବୀ ନ ଥିବା

Digitized by srujanika@gmail.com

ଜଣେ ବ୍ୟକ୍ତି ନାରାୟଣ ସିଂହଙ୍କୁ ଆଣି ସମ୍ବଲପୁରର ରାଜା କରାଇଥିଲେ । ସ୍ୱାଭାବିକ ଭାବେ ଉତ୍ତ୍ୟକ୍ତ ହୋଇଉଠିଥିଲେ ସୁରେନ୍ଦ୍ର ସାଏ, ଆଉ ଉତ୍ତ୍ୟକ୍ତ ହୋଇ ଉଠିଥିଲେ ତାଙ୍କର ସମର୍ଥକମାନେ ।

ଆରମ୍ଭ ହୋଇଥିଲା ବିଦ୍ରୋହ । ସେ ବିଦ୍ରୋହର ଉଦ୍ଦେଶ୍ୟ ଥିଲା ଇଂରେଜମାନଙ୍କୁ ସମ୍ବଲପୁରରୁ ବିତାଡ଼ିତ କରିବା ଓ ସେଠାରେ ପୁଣି ଥରେ ଦେଶୀୟ ଶାସନ ପ୍ରତିଷ୍ଠା କରିବା । ସେ ବିଦ୍ରୋହ ଏତେ ଦୁରନ୍ତ ପ୍ରସାରୀ ହୋଇଥିଲା ଓ ଏତେ ଦୀର୍ଘସ୍ଥାୟୀ ହୋଇଥିଲା ଯେ ଇଂରେଜ ସରକାରୀ ହାକିମମାନେ ସମ୍ବଲପୁରରେ ରହିବା ଲାଗି ବିପଦସଙ୍କୁଳ ବୋଲି ଏକସମୟରେ ମନେକରୁଥିଲେ । ସେ ସଂଗ୍ରାମ ସିପାହୀ ବିଦ୍ରୋହର ପ୍ରାୟ ୩୦ ବର୍ଷ ପୂର୍ବରୁ ଆରମ୍ଭ ହୋଇ ସିପାହୀ ବିଦ୍ରୋହ ପରେ ଶେଷ ହୋଇଥିଲା । ଇଂରେଜ ସରକାର ଅତି ମାତ୍ରାରେ ବ୍ୟତିବ୍ୟସ୍ତ ହୋଇ ଉଠିଥିଲେ ସୁରେନ୍ଦ୍ର ସାଏଙ୍କ ବିଦ୍ରୋହ ଦମନ କରିବା ପାଇଁ, ହେଲେ ତାହା ସମ୍ଭବ ହୋଇପାରି ନଥିଲା । ଯେତେବେଳେ ଅବସ୍ଥା ଶାନ୍ତ ହୋଇଥିଲା ସେତେବେଳେ ଯାଇ ସୁରେନ୍ଦ୍ର ସାଏ ଆତ୍ମସମର୍ପଣ କରିଥିଲେ । ସେଥିପାଇଁ ଇଂରେଜ ସରକାର ସୁରେନ୍ଦ୍ର ସାଏଙ୍କୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସର୍ବଶେଷ ସହୀଦ ହିସାବରେ ବୋଧହୁଏ ଗ୍ରହଣ କରି ନେଇଥିଲେ । ମଧ୍ୟପ୍ରଦେଶର ଚିଫ୍ କମିଶନର ଭାରତ ସରକାରଙ୍କ ନିକଟକୁ ଲେଖିଥିଲେ—"ବୋଧହୁଏ ସମ୍ବଲପୁର ଭାରତର ସର୍ବଶ୍ରେଷ୍ଠ ଜିଲ୍ଲା, ଯେଉଁଠି ୧୮୫୭ ମସିହାର ବିଦ୍ରୋହ ପୂର୍ଣ୍ଣଭାବରେ ନିର୍ବାପିତ ହେଲା । ପୂର୍ବତନ ରାଜାଙ୍କ ଆତ୍ମୀୟ ସୁରେନ୍ଦର ସାଏ ଇଂରେଜ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଏକ ବିଦ୍ରୋହ ଚଳାଇଥିଲେ । ରାଜାଙ୍କ ଇଙ୍ଗିତରେ ସେ କେତେବର୍ଷ ହଜାରିବାଗ ଜେଲରେ ବନ୍ଦୀ ହୋଇ ରହିଥିଲେ ଓ ସିପାହୀ ବିଦ୍ରୋହ ଆରମ୍ଭରେ ଖସି ଚାଲିଯାଇଥିଲେ । ଦୀର୍ଘକାଳ ଧରି ଏକ ଅବସାଦପୂର୍ଣ୍ଣ ଗଣ୍ଡଗୋଳ ଜାରି ସମ୍ବଲପୁରରେ ଆତଙ୍କ ସୃଷ୍ଟି କରିବା ପରେ ବଙ୍ଗ ସରକାରଙ୍କ ସହ କେତେକ ସର୍ତ୍ତରେ ସୁରେନ୍ଦର ସାହି ଓ ତାଙ୍କର କେତେକ ସହଚର ଆତ୍ମସମର୍ପଣ କଲେ ଓ ତାପରେ ୧୮୬୦ ମସିହାରେ ଶାନ୍ତି ସ୍ଥାପିତ ହୋଇପାରିଲା ।" *

ସେଥିରୁ ସୁରେନ୍ଦ୍ର ସାଏଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ସ୍ପଷ୍ଟ ଅନୁମାନ କରାଯାଇପାରେ । ସେ ନିଜର ବ୍ୟକ୍ତିତ୍ୱ ବଳରେ ହିଁ ସେହି ଅଞ୍ଚଳର ବିଭିନ୍ନ ଜମିଦାର

---

* ମଧ୍ୟ ପ୍ରଦେଶର ଚିଫ୍ କମିଶନରଙ୍କ ସେକ୍ରେଟେରୀ ଭାରତ ସରକାରଙ୍କ ବୈଦେଶିକ ସଚିବଙ୍କୁ ୧୮୬୫ ଜାନୁଆରୀ ୨୩ ତାରିଖରେ ଲେଖିଥିବା ପତ୍ରର କିୟଦଂଶ—ମଧ୍ୟପ୍ରଦେଶ ସେକ୍ରେଟେରିଏଟ୍ ରେକର୍ଡ଼ରୁ ସଂଗୃହୀତ ।

Digitized by srujanika@gmail.com

ତଥା ଜନସାଧାରଣଙ୍କ ହୃଦୟକୁ ଜୟ କରିପାରିଥିଲେ । ସେହି କାରଣରୁ ଇଂରେଜ ସରକାର ସୁରେନ୍ଦ୍ର ସାଏଙ୍କ ସମସ୍ତ ରାଜନୈତିକ ବିପ୍ଳବକୁ ଦମନ କରିବା ସମ୍ଭବପର ହୋଇ ପାରିନଥିଲା । ଜନସାଧାରଣ ତଥା ଅନେକ ଜମିଦାର ସୁରେନ୍ଦ୍ର ସାଏଙ୍କ ନ୍ୟାଯ୍ୟ ଅଧିକାର ପ୍ରତି ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରିଥିଲେ । ସେମାନେ ଇଚ୍ଛା କରୁଥିଲେ ସୁରେନ୍ଦ୍ର ସାଏ ପ୍ରକୃତରେ ସମ୍ବଲପୁର ରାଜସିଂହାସନର ଉତ୍ତରାଧିକାରୀ ହୋଇଥିବା ଯୋଗୁ ନାରାୟଣ ସିଂହଙ୍କ ପରିବର୍ତ୍ତେ ସେ ରାଜାହେବା ଉଚିତ ।

କିନ୍ତୁ ଇଂରେଜ ସରକାର ସେ ଦାବୀକୁ ଉପେକ୍ଷା କରି ସୁରେନ୍ଦ୍ର ସାଏଙ୍କୁ ବିପ୍ଳବୀ ଘୋଷଣା କରିଥିଲେ ।

ସୁରେନ୍ଦ୍ର ସାଏ ଥିଲେ ହୀରାଖଣ୍ଡ ଛତ୍ରପତି ମହାରାଜା ଉପାଧିଧାରୀ ଚୌହାନ ରାଜବଂଶର ଜଣେ ଉତ୍ତର ଦାୟାଦ ।

ପ୍ରଥମ ଚୌହାନ ରାଜା ବଳରାମଦେବ ସମ୍ବଲପୁର ସହର ପ୍ରତିଷ୍ଠା କରିଥିଲେ । ତାହାଙ୍କ ଆରାଧ୍ୟା ଦେବୀ ସମ୍ବଲେଶ୍ୱରୀଙ୍କ ନାମାନୁସାରେ ହିଁ ସହରର ନାମକରଣ କରାଯାଇଥିଲା ।

ସମ୍ବଲପୁର ଜିଲ୍ଲାର ସଦର ମହକୁମା ସମ୍ବଲପୁର ନାମକରଣ କରାଯିବା ପଛରେ ଏକ ଐତିହାସିକ କିମ୍ବଦନ୍ତୀ ଅଛି—ଥରେ ରାଜା ବଳରାମଦେବ ଶିକାର ଉଦ୍ଦେଶ୍ୟରେ ଯାଇ ଯାଇ ମହାନଦୀ ପାର ହୋଇଯାଇଥିଲେ । ତାପରେ ସେ ଗୋଟିଏ ଠେକୁଆକୁ ଦେଖି ତାଙ୍କର କୁକୁରମାନଙ୍କୁ ଠେକୁଆଟିକୁ ଆକ୍ରମଣ କରିବା ପାଇଁ ଆଦେଶ ଦେଇଥିଲେ । ପ୍ରବଳପରାକ୍ରମୀ କୁକୁରମାନେ କିଛିଦୂର ଠେକୁଆର ଅନୁଧାବନ କରିବା ପରେ କୌଣସି ଏକ ଅଜଣା କାରଣରୁ ବିକମ୍ପିତ ହୋଇଥିଲେ ଓ ଆଦୌ ଅଗେଇ ପାରି ନଥିଲେ । ସେ ଘଟଣାରେ ରାଜା ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ପରିସମାପ୍ତିରେ ପହଞ୍ଚିଥିଲେ ଯେ, ସେହି ଭୂଖଣ୍ଡ କିଛି ନା କିଛି ଅଲୌକିକ ଶକ୍ତିର ଅଧିକାରୀ । ସେହି ତଥ୍ୟ ଉପରେ ଗଭୀର ଆସ୍ଥା ସ୍ଥାପନ କରି ତାହାଙ୍କର ରାଜଧାନୀ ସେଠାରେ ପ୍ରତିଷ୍ଠା କରିଥିଲେ । ରାଜଧାନୀ ପ୍ରତିଷ୍ଠିତ ହେବା ପରେ ରାଜା ତାହାଙ୍କ ଇଷ୍ଟଦେବୀଙ୍କୁ ମଧ୍ୟ ଗୋଟିଏ କୁଦଉପରେ ଥିବା ଶିମିଳି ଗଛ ତଳେ ସ୍ଥାପନା କରିଥିଲେ । ଆରାଧ୍ୟା ଦେବୀ ଥିଲେ ସମଲେଇ ଓ କୁଦର ନାମ ରଖାଗଲା ଶେମଲୀକୁଦ, ଯେଉଁ ସ୍ଥାନରେ ରାଜାଙ୍କ କୁକୁରମାନେ ଠେକୁଆକୁ ଆକ୍ରମଣ କରିବାକୁ ଯାଇ ଆଗେଇ ନ ପାରି ଫେରି ଆସିଥିଲେ—ତାହା ବର୍ତ୍ତମାନ ପୋଲିସଥାନା ସାମନା ବାନ୍ଧବନ୍ଧ ପୋଖରୀ

Digitized by srujanika@gmail.com

ନିକଟସ୍ଥ "ବଡ଼ରାଜ" ବୋଲି ଚିହ୍ନିତ । ସିଟି ପୋଲିସ ଥାନା ଓ ସମଲେଇ ମନ୍ଦିରର ମଧ୍ୟବର୍ତ୍ତୀ ସ୍ଥାନରେ ବଳରାମଦେବ ପ୍ରଥମେ ସହର ସ୍ଥାପନ କରିଥିଲେ ବୋଲି ପ୍ରବାଦ ଅଛି । O' Malleyଙ୍କ ସଂଗୃହୀତ ବିବରଣୀ ଅନୁଯାୟୀ "The place where her (Samalai's) image was set up was an island (kud) on which stood a silk cotton tree, and hence was called Semal kud, while the goddess was given the name of Samalai. Local tradition asserts that the place where the Raja's dogs were repulsed by the hare is a spot known as Badiraj, in front of the old city police station near the Balibandha tank, and that the old town founded by Balaram Dev was between the city police station and Samalai Devi's temple *

ରାଜା ବଳରାମ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ସେହି ସହର ସମ୍ବଲପୁର ତଦେ "ହୀରାଖଣ୍ଡ ସାମ୍ରାଜ୍ୟ" ନାମରେ ପରିଚିତ ହୋଇ ଖ୍ୟାତିଲାଭ କରିବା ସଙ୍ଗେ ସଙ୍ଗେ ତାହାର ଶାସକମାନେ "ହୀରାଖଣ୍ଡ ଛତ୍ରପତି ମହାରାଜା" ଉପାଧିରେ ଭୂଷିତ ହୋଇଥିଲେ । ସେମାନେ ଥିଲେ ଚୌହାଣ ବଂଶର ଦାୟାଦ ।

ପ୍ରାକ୍ ଐତିହାସିକ ଯୁଗରୁ ଆରମ୍ଭ କରି ଅନେକକାଳ ପର୍ଯ୍ୟନ୍ତ ସମ୍ବଲପୁରରୁ ହୀରା ଉତ୍ପାଦନ ହେଉଥିଲା ବୋଲି ଅନେକ ପ୍ରମାଣ ଅଛି । ସେହିସବୁ ହୀରା ମଧ୍ୟ ସର୍ବୋତ୍କୃଷ୍ଟ ବିବେଚିତ ହେଉଥିଲା । ପାଶ୍ଚାତ୍ୟ ଐତିହାସିକ ଟୋଲେମୀ, ଗୀବନ୍, ଟେଭ୍ରିନିଅର ପ୍ରମୁଖମାନେ ବିଭିନ୍ନ ଭାବରେ ଓ ବିଭିନ୍ନ ସମୟରେ ସେହି ଗୋଟିଏ ତଥ୍ୟକୁ ଉପସ୍ଥାପିତ କରିଛନ୍ତି । ସେମାନଙ୍କ ମଧ୍ୟରୁ କିଏ ଏହି ସହରକୁ "ସମ୍ବଲକ" ଭାବରେ ବର୍ଣ୍ଣନା କଲାବେଳେ ଆଉ କେହି ଅବା ସୋମେଲପୁର ଭାବରେ ଉଲ୍ଲେଖ କରିଛନ୍ତି ଏବଂ ଏଠାରେ ଭାରତର ପ୍ରାଚୀନତମ ହୀରାଖଣି ଥିବାର ଯୁକ୍ତିସମ୍ବଳିତ ତଥ୍ୟ ପ୍ରଦାନ କରିଛନ୍ତି ।

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ମଧ୍ୟ ସେହି ଅଞ୍ଚଳରୁ ହୀରା ଉତ୍ପାଦିତ ହେଉଥିବା ସମ୍ପର୍କରେ ଅନେକ ତଥ୍ୟ ଉପସ୍ଥାପିତ କରାଯାଇପାରେ । ବିଳାତରୁ

* Bengal District Gazetteers, Sambalpur (1909) Page-217.

Digitized by srujanika@gmail.com

ଅର୍ଥ ପଠାଇବାପାଇଁ, ବିଶେଷ ଭାବରେ ଲର୍ଡ କ୍ଲାଇବ ଚିନ୍ତିତ ଥିଲାବେଳେ, ସମ୍ବଲପୁରର ତତ୍କାଳୀନ ରାଜା ଜଣେ ବାର୍ତ୍ତାବହ, ସର୍ଦ୍ଦାର ଖାଁଙ୍କ ମାଧ୍ୟମରେ ଖଣ୍ଡିଏ ହୀରା ତାହାଙ୍କ ନିକଟକୁ ପଠାଇଥିଲେ । ସେହି ଖଣ୍ଡିକ ବିଶୁଦ୍ଧ କରାହୋଇ ନଥିଲା । ସେଥିରୁ କ୍ଲାଇବ୍ ଅନୁମାନ କରିଥିଲେ ଯେ, ସେହି ଅଞ୍ଚଳରେ ହୀରାଖଣି ନିଶ୍ଚୟ ରହିଥିବ । ତେଣୁ ସମ୍ବଲପୁର ସହିତ ହୀରାବ୍ୟବସାୟ ଚଳାଇବା ପାଇଁ ଲର୍ଡ କ୍ଲାଇବ ଆଶା ପୋଷଣ କରିଥିଲେ ଏବଂ ସେହି ଉଦ୍ଦେଶ୍ୟରେ ତାହାଙ୍କର ଜଣେ ଦୂତ ମି. ମୋଟିଙ୍କୁ ସେଠାକୁ ପଠାଇଥିଲେ । ମି. ମୋଟି ତାହାଙ୍କ ରହଣୀ କାଳରେ ମହାନଦୀ ଓ ଇବ୍‌ନଦୀର ସଙ୍ଗମ ସ୍ଥଳରୁ ସଂଗୃହୀତ ହୋଇଥିବା କେତେକ ହୀରା ସଂଗ୍ରହ କରି ପାରିଥିଲେ ।

ଇଷ୍ଟ ଇଣ୍ଡିଆ କମ୍ପାନୀ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଜଣେ ଡାକ୍ତର ୧୮୦୪ ମସିହାରୁ ୧୮୧୯ ମସିହା ମଧ୍ୟରେ ମହାନଦୀରୁ ସଂଗ୍ରହ କରାଯାଇ-ଥିବା ହୀରା ଖଣ୍ଡଗୁଡ଼ିକର ସଂଖ୍ୟା ତଥା ଓଜନ ପ୍ରଭୃତିର ଏକ ବିଶଦ ବିବରଣୀ ଦେଇଛନ୍ତି । ୧୯୧୮ ମସିହାରେ ସମ୍ବଲପୁର ରାଣୀ ୧୪୮ ଗ୍ରେନ୍ ଓ ୩୦୮ ଗ୍ରେନ୍‌ର ଦୁଇଖଣ୍ଡ ହୀରା ପାଇଥିଲେ । ପୁଣି ଅନ୍ୟ ଏକ ବିବରଣୀ ଅନୁଯାୟୀ ସେଠାକାର ଇଂରେଜ ପ୍ରତିନିଧି ୮୪ ଗ୍ରେନ୍‌ର ଖଣ୍ଡିଏ ହୀରା ସହିତ ୬୫୦୦୦ ଟଙ୍କା ମୂଲ୍ୟର ଆଉ ଖଣ୍ଡିଏ ହୀରା ସରକାରଙ୍କ ନିକଟକୁ ପଠାଇଥିଲେ । *

ଏସବୁ ଦୃଷ୍ଟିରୁ ସମ୍ବଲପୁର ହୀରାଖଣ୍ଡ ନାମରେ ପରିଚିତ । ଦୀର୍ଘକାଳଧରି ମହା ପରାକ୍ରମଶାଳୀ ଚୌହାଣ ବଂଶର ରାଜାମାନେ ଏହି ଭୂଖଣ୍ଡକୁ ରାଜତ୍ବ କରୁଥିଲେ । ଉକ୍ତ ହୀରାଖଣ୍ଡର "ଛତ୍ରପତି ମହାରାଜା" ଉପାଧି ପୁରୀ ରାଜାଙ୍କ ପ୍ରଦତ୍ତ ବୋଲି ପ୍ରବାଦ ଅଛି ।

ଚୌହାଣ ବଂଶର ଜଣେ ସୁପ୍ରସିଦ୍ଧ ଦାୟାଦ ଥିଲେ ମହାରାଜା ବଳିୟାର ସିଂହ । ସେ ପ୍ରବଳ ପରାକ୍ରମୀ ଥିଲେ । ତାଙ୍କର ବାହୁବଳରେ ସେ ବୌଦ୍ଧ ରାଜ୍ୟ ଜୟ କରିଥିଲେ ଓ ଖୁବ୍ କ୍ଷମତାଶାଳୀ ହୋଇଥିଲେ । ଥରେ ସେ ତୀର୍ଥ କରିବା ଉଦ୍ଦେଶ୍ୟରେ ପୁରୀ ଯାତ୍ରା କରିଥିଲେ । ତାହାଙ୍କର ମାତାଙ୍କର ଭଉଣୀଥିଲେ ପୁରୀ ରାଜମାତା । ସେ ବଳିୟାର ସିଂହଙ୍କ ପୁରୀଯାତ୍ରା ଅବସରରେ ତାହାଙ୍କୁ ଭୋଜନ କରିବା ଲାଗି ରାଜପ୍ରାସାଦକୁ ଆମନ୍ତ୍ରଣ କରିଥିଲେ । ତତ୍ପୂର୍ବରୁ ସେ ତାହାଙ୍କର ପରାକ୍ରମ ସମ୍ପର୍କରେ ଅନେକ କିଛି ଶୁଣିଥିଲେ । ପାରିବାରିକ କଥାପ୍ରସଙ୍ଗରେ ରାଜାମାତା ତାହାଙ୍କୁ ପଚାରିଥିଲେ ଯେ ସେ ଏକାକୀ ଥିବା ସମୟରେ କପରି ଆତ୍ମରକ୍ଷା

---

* ସମ୍ବଲପୁର ଗେଜେଟିୟର—ପୃ-୧୦

Digitized by srujanika@gmail.com

କରିପାରିବେ । ସେ କଥା ଶୁଣି ସଙ୍ଗେ ସଙ୍ଗେ ବଳୀୟାର ସିଂହ ଉତ୍ତର ଦେଇଥିଲେ ଯେ, ସେ ଏକାକୀ ଥିଲେ ମଧ୍ୟ ଅନେକ ଲୋକଙ୍କ ସାମନା କରି ପାରିବେ । ତାପରେ କପରି ସେ ଆତ୍ମରକ୍ଷା କରିପାରିବେ ତାହା ବର୍ଣ୍ଣନା କରିଥିଲେ ଓ ନିଜ କୋଟ୍ ତଥା ପଗଡ଼ି ଭିତରେ ଲୁଚାଇ ରଖିଥିବା କେତେକ ମାରଣାସ୍ତ୍ର ବାହାର କରି ଦେଖାଇଥିଲେ । ସେ ସବୁବେଳେ ଗୋଟିଏ ପତଳା ଖଣ୍ଡା ନିଜ ସହିତ ଅଦୃଶ୍ୟ ଭାବରେ ରଖୁଥିଲେ ବୋଲି କଥିତ ଅଛି । ସେହି ଖଣ୍ଡାଟି ଏତେ ପତଳା ଓ ସ୍ୱତନ୍ତ୍ରଭାବେ ନିର୍ମିତ ହୋଇଥିଲା ଯେ ତାହା କମରପଟିରୂପେ ବ୍ୟବହାର କରାଯାଇପାରୁଥିଲା । ରାଜମାତା ତାହାଙ୍କର ପ୍ରତ୍ୟୁତ୍ପନ୍ନମତିରେ ଏତେ ପ୍ରୀତ ହୋଇଯାଇଥିଲେ ଯେ ତାହାଙ୍କୁ "ଶ୍ରୀରାଖଣ୍ଡ ଛତ୍ରପତି ମହାରାଜା" ଉପାଧି ଦେବାପାଇଁ ପୁରୀରାଜାଙ୍କୁ ପ୍ରବର୍ତ୍ତାଇ ଥିଲେ । ତତ୍ପରଠାରୁ ସମ୍ବଲପୁରର ରାଜା ସେହି ଉପାଧିରେ ଭୂଷିତ ହୋଇଥିଲେ ।

ବଳୀୟାର ସିଂହଙ୍କର ପିତା ଓ ସମ୍ବଲପୁରର ଚତୁର୍ଥରାଜା ମହାରାଜା ମଧୁକର ସାଏ ଗାଦିନଶୀନ ଥିବାବେଳେ ଜଣେ ଉପଯୁକ୍ତ ପିତାର କର୍ତ୍ତବ୍ୟ ସମ୍ପାଦନ କରିବା ଉଦ୍ଦେଶ୍ୟରେ ତାହାଙ୍କ ଅନ୍ୟାନ୍ୟ ପୁତ୍ରମାନଙ୍କ ଭରଣପୋଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିଦେଇଥିଲେ । ତାହାଙ୍କର ଚାରୋଟି ପୁତ୍ର ଥିଲେ । ପ୍ରଥମ ପୁତ୍ର ବଳୀୟାର ସିଂହ ସ୍ୱଭାବତଃ ସମ୍ବଲପୁର ରାଜସିଂହାସନ ଅରୋହଣ କରିବା କଥା । ଦ୍ୱିତୀୟ ପୁତ୍ର ମଧୁକର ସାଏଙ୍କୁ ଖିଣ୍ଡା ଓ ରାଜପୁର ଜମିଦାରୀ ପ୍ରଦାନ କରିଥିଲେ । ତୃତୀୟ ପୁତ୍ର ମଦନଗୋପାଳ ପାଇଥିଲେ ସୋନପୁର ରାଜ୍ୟ ଏବଂ ଚତୁର୍ଥ ପୁତ୍ର ବଂଶୀଗୋପାଳ ସନ୍ନ୍ୟାସ ଜୀବନ ଯାପନ କରି ସମ୍ବଲପୁରର ଗୋପାଳଜୀ ମଠରେ ହିଁ ପ୍ରାୟ ସମସ୍ତ ସମୟ ଅତିବାହିତ କରୁଥିଲେ । ଉଲ୍ଲେଖଯୋଗ୍ୟ ଯେ, ତାଙ୍କର ଉଦ୍ୟମରେ ସେଠାରେ ଜଗନ୍ନାଥ ମନ୍ଦିର ନିର୍ମିତ ହୋଇଥିଲା ।

ମଧୁକର ସାଏଙ୍କ ଦ୍ୱିତୀୟପୁତ୍ର ଅନିରୁଦ୍ଧ ସାଏ ନିଜର ଭରଣପୋଷଣ ଲାଗି ପାଇଥିଲେ ଦୁଇଖଣ୍ଡ ଜମିଦାରୀ—ଖିଣ୍ଡା ଓ ରାଜପୁର । ପରକାଳରେ ତାହାଙ୍କର ଦୁଇପୁତ୍ରଙ୍କୁ ତାହାଙ୍କ ପିତାଙ୍କ ପଦାଙ୍କ ଅନୁସରଣ କରି ସେ ଦୁଇଖଣ୍ଡ ଜମିଦାରୀ ବାଣ୍ଟି ଦେଇଥିଲେ । ଅନିରୁଦ୍ଧ ସାଏଙ୍କ ପୁତ୍ର ମାଧବ ସିଂହ ପାଇଥିଲେ ଖିଣ୍ଡା ଜମିଦାରୀ ଓ ରାଜସିଂହ ପାଇଥିଲେ ରାଜପୁର ଜମିଦାରୀ । ଉତ୍ତରାଧିକାର ସୂତ୍ରରେ ପାଇଥିବା ଖିଣ୍ଡା ରାଜବଂଶର ରାଜା ମାଧବ ସିଂହଙ୍କ ଜଣେ ଉତ୍ତର ଦାୟାଦ ଥିଲେ ବୀର ସୁରେନ୍ଦ୍ର ସାଏ ।

Digitized by srujanika@gmail.com

ମଧୁକର ସାଏଙ୍କ ଅମଳରୁ ସମ୍ବଲପୁର ରାଜଗାଦିରେ ଶେଷ ଚୌହାଣ ରାଜା ନାରାୟଣ ସିଂହଙ୍କ ରାଜତ୍ୱ ପର୍ଯ୍ୟନ୍ତ ଖୋରାକ ପୋଷାକ ଲାଗି ପୂର୍ବରୁ ଦାନ କରାଯାଇଥିବା ସମସ୍ତ ଗ୍ରାମ ଓ ଜମିଦାରୀଗୁଡ଼ିକୁ ପରମ୍ପରା କ୍ରମେ ସ୍ୱୀକୃତ ଦିଆଯାଉଥିଲା ; କିନ୍ତୁ ନାରାୟଣ ସିଂହ ସେଥିରୁ କେତୋଟି ବୃତ୍ତି ଦିଆଯାଇଥିବା ଜମିଦାରୀକୁ ପୁନଃ ସ୍ୱୀକୃତ ଦେବାବେଳେ ଆଉ କେତୋଟିର ସ୍ୱୀକୃତ ପ୍ରତ୍ୟାହାର କରିନେଇଥିଲେ ଓ କେତେଗୁଡ଼ିଏ ଗ୍ରାମ ପୁନର୍ବାର ନିଜ ଦଖଲକୁ ନେଇ ଆସିଥିଲେ ।

ସେଭଳି ଭାବରେ ସୁରେନ୍ଦ୍ର ସାଏଙ୍କ ଖିଣ୍ଡା ଜମିଦାରୀ ନାରାୟଣ ସିଂହଙ୍କ ଖାସ୍ ଦଖଲକୁ ଚାଲିଯାଇଥିଲା । ଇଂରେଜ ସରକାରଙ୍କ ଦ୍ୱାରା ସମର୍ଥିତ ରାଜା ନାରାୟଣ ସିଂହଙ୍କ ଅପେକ୍ଷା ବୀର ସୁରେନ୍ଦ୍ର ସାଏ ସମ୍ବଲପୁର ରାଜଗାଦି ପାଇବା ଦିଗରେ କେତେକ ଯୁକ୍ତିଯୁକ୍ତ କାରଣ ମଧ୍ୟ ଥିଲା । କିନ୍ତୁ ଇଂରେଜ ସରକାରଙ୍କ କ୍ରୀଡ଼ାପୁତ୍ତଳିକା ହୋଇ ନାରାୟଣ ସିଂହ ସିଂହାସନ ଆରୋହଣ କରିଥିଲେ ଏବଂ ତା'ପରେ ପରେ ସରକାରଙ୍କ ନିର୍ଦ୍ଦେଶରେ ହିଁ ଶାସନ କରିବା ଆରମ୍ଭ କରିଥିଲେ । କେବଳ ରାଜଗାଦି ପାଇଁ ଇଂରେଜ ସରକାରଙ୍କୁ ସବୁବେଳେ ସନ୍ତୁଷ୍ଟ କରି ରଖିବାକୁ ସେ ସ୍ୱାଭାବିକ ଭାବେ ଚାହିଁଥିଲେ ।

କିନ୍ତୁ ଚୌହାଣବଂଶର ଜଣେ ସୁଯୋଗ୍ୟ ଦାୟାଦ ସୁରେନ୍ଦ୍ର ସାଏ ସମ୍ବଲପୁର ସିଂହାସନର ଉତ୍ତରାଧିକାର ସମସ୍ୟାକୁ ସହଜରେ ଏଡ଼ାଇ ଦେବାକୁ ଇଂରେଜ ସରକାରଙ୍କୁ ସୁଯୋଗ ଦେଇ ନ ଥିଲେ । ରାଣୀ ମୋହନକୁମାରୀ ଓ ରାଜା ନାରାୟଣ ସିଂହଙ୍କ ବିରୁଦ୍ଧରେ ସେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ ଏବଂ ସେହି ସିଂହାସନ ଲାଗି ନିଜର ଆଇନଗତ ଦାବୀ ମଧ୍ୟ ସେ ଉପସ୍ଥାପିତ କରିଥିଲେ ।

Digitized by srujanika@gmail.com

ସମ୍ବଲପୁର ସିଂହାସନ ଓ ଚୌହାଣ ବଂଶ

ଚୌହାଣ ରାଜାମାନଙ୍କର ଗୌରବ ଏବଂ ପରାକ୍ରମ ରାଜା ଛତ୍ର ସାଏଙ୍କ ମୃତ୍ୟୁ ପର୍ଯ୍ୟନ୍ତ ପ୍ରାୟ ଅବ୍ୟାହତ ରହିଥିଲା । ସେ ସେତେବେଳକାର ଅନୁଗୋଳ ଓ ହିମ ନଗରୀ (ବର୍ତ୍ତମାନର ତାଳଚେର ଓ ହିନ୍ଦୋଳ) ଆକ୍ରମଣ କରି ଜୟ କରିଥିଲେ । ତାପରେ ଗଜପତି ରାଜାଙ୍କର ଅନୁରୋଧକ୍ରମେ ପୁଣି ସେଗୁଡ଼ିକୁ ଫେରାଇ ଦେଇଥିଲେ । ଛତ୍ର ସାଏଙ୍କ ପରେ ପରେ ସମ୍ବଲପୁର ରାଜସିଂହାସନ ଆରୋହଣ କରିଥିଲେ ତାହାଙ୍କ ପୁତ୍ର ଅଜିତ ସିଂହ । ରାଜା ଅଜିତ ସିଂହଙ୍କ ରାଜତ୍ୱ କାଳ ଥିଲା ୧୬୯୫ରୁ ୧୭୬୬ । ତାହାଙ୍କ ରାଜତ୍ୱର ଶେଷକାଳରେ ରାଜ୍ୟରେ ଅରାଜକତାର ଅସ୍ପମାରମ୍ଭ ହୋଇଥିଲା ଏବଂ କାଳକ୍ରମେ ତାହା ମହାଦ୍ରୁମରେ ପରିଣତ ହୋଇ ଚୌହାଣ ରାଜବଂଶର ସମ୍ପୂର୍ଣ୍ଣ ବିଲୋପ ସାଧନ କରିଥିଲା ।

୧୭୬୬ ମସିହା ମଇ ମାସର ପ୍ରାରମ୍ଭରେ ରାଜା ଅଜିତ୍ ସିଂହଙ୍କର ମୃତ୍ୟୁ ହୋଇଥିଲା । ତାହାଙ୍କ ପରେ ଅଭୟ ସିଂହ ସେହି ସିଂହାସନର ଅଧିକାରୀ ହୋଇଥିଲେ । ଅଭୟ ସିଂହ ଥିଲେ ଅଜିତ୍ ସିଂହଙ୍କର ପୁତ୍ର ।

ରାଜା ଅଭୟ ସିଂହ ତାହାଙ୍କ ପିତାଙ୍କ ଶତ୍ରୁ ତଥା ପୂର୍ବତନ ସେନାପତି ଆକବରଙ୍କୁ ନିଜର ସେନାପତିରୂପେ ଗ୍ରହଣ କରି ନ ଥିଲେ । କାରଣ ତାହାଙ୍କ ଉପରେ ପ୍ରତିଶୋଧ ନେବାଲାଗି ରାଜା ଅଜିତ୍ ସିଂହ ନିଜ ମୃତ୍ୟୁ ଶଯ୍ୟାରେ ପୁତ୍ରଙ୍କୁ ପରାମର୍ଶ ଦେଇଥିଲେ । ତେବେ ଆକବର ରାଜ୍ୟର ରାଜଧାନୀରେ ସୈନ୍ୟମାନଙ୍କ ରହଣରେ ରହୁଥିବାରୁ ସେହି ମୃତ୍ୟୁକାଳୀନ ପରାମର୍ଶକୁ କାର୍ଯ୍ୟକାରୀ କରିବା ଅଭୟ ସିଂହଙ୍କ ପାଇଁ ସମ୍ଭବପର ହୋଇପାରି ନ ଥିଲା ।

ପୂର୍ବଭଳି ମରହଟ୍ଟାମାନେ ଅଭୟ ସିଂହଙ୍କ ସମୟରେ ମଧ୍ୟ ସମ୍ବଲପୁର ଆକ୍ରମଣ କରିବାକୁ ଚେଷ୍ଟାକରି ସଫଳକାମ ହୋଇପାରି ନ ଥିଲେ । ମରହଟ୍ଟାମାନେ ସମ୍ବଲପୁର ଆକ୍ରମଣ କରିବା ମୂଳରେ ପ୍ରଧାନ ଉଦ୍ଦେଶ୍ୟ ଥିଲା ନାଗପୁର ରାଜା ସମ୍ବଲପୁର ଅଞ୍ଚଳକୁ ନିଜ ଅକ୍ତିଆରରେ ରଖିବା ଲାଗି ଅତ୍ୟନ୍ତ ଲାଳାୟିତ ଥିଲେ । ତେଣୁ ବାରମ୍ବାର ସେମାନେ ସମ୍ବଲପୁର ଆକ୍ରମଣ କରୁଥିଲେ ।

Digitized by srujanika@gmail.com

ସେମାନେ ଉକ୍ତ ରାଜ୍ୟ ଜୟ କରି ପାରୁ ନ ଥିଲେ । ପ୍ରାୟ ସବୁବେଳେ ସେହି ଅଞ୍ଚଳରେ ଏକ ଅଶାନ୍ତ ବାତାବରଣ ଲାଗି ରହୁଥିଲା । ସେଭଳି ପରିସ୍ଥିତିର ଅବସାନ ଲାଗି ୧୭୯୪ ମସିହାରେ ରାଜା ଜୟନ୍ତ ସିଂହ ବାର୍ଷିକ ୩୨ ହଜାର କଚ୍ଛମୁଦ୍ରା ନାଗପୁର ରାଜାଙ୍କୁ କର ବାବଦରେ ଦେଇ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ ; କିନ୍ତୁ ସେ ପରିସ୍ଥିତି ମଧ୍ୟ ମାତ୍ର ତିନୋଟି ବର୍ଷର ବ୍ୟବଧାନ ପରେ ସମ୍ପୂର୍ଣ୍ଣ ପରିବର୍ତ୍ତିନ ହୋଇଯାଇଥିଲା ।

ରାଜା ଜୟନ୍ତ ସିଂହଙ୍କ ଅମଳରେ ୧୭୯୭ ଖ୍ରୀଷ୍ଟାବ୍ଦରେ ରଘୁଜୀ-୨ୟଙ୍କ ଜଣେ ରାଣୀ ଭିକ୍ନୋଜୀ ଭୌଁସଲା ପରିବାର ନିଜ ଅନୁଚରବର୍ଗଙ୍କ ସହିତ ତୀର୍ଥଯାତ୍ରା ଉଦ୍ଦେଶ୍ୟରେ ପୁରୀ ଯାଉଥିଲେ । ସେ ଅବସରରେ ସମ୍ବଲପୁରଠାରେ ସେମାନଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ ହୋଇ ନ ଥିଲା ବୋଲି ସେ ଅନୁଭବ କରିଥିଲେ । ତେଣୁ ସ୍ୱାଭାବିକ ଭାବେ ସେ କ୍ଷୁବ୍ଧ ହୋଇଥିଲେ । ପ୍ରତିଶୋଧ ପରାୟଣ ମନୋବୃତ୍ତି ନେଇ ସେ ଯାଉଥିଲେ ଓଡ଼ିଶାର ମରହଟ୍ଟା ଶାସନର କେନ୍ଦ୍ରସ୍ଥଳ କଟକକୁ । ସେଠାରୁ ଏକ ବିରାଟ ସେନା ଫଉଜ ଭୂପସିଂହଙ୍କ ନେତୃତ୍ୱରେ ପଠାଇଥିଲେ । ଉଦ୍ଦେଶ୍ୟ ଥିଲା ସମ୍ବଲପୁର ତଥା ତାହାଙ୍କ ଅଧୀନରେ ଥିବା ରାଜ୍ୟସବୁ ଜୟ କରିବା ଓ ତାହାଙ୍କର ଦୀର୍ଘଦିନର ଆକାଂକ୍ଷା ପୂରଣ କରିବା । ସେ ପ୍ରବଳ ଯୁଦ୍ଧ କରି ପ୍ରଥମେ ସୋନପୁର ଓ ବଉଦ ରାଜ୍ୟ ଜୟ କରିଥିଲେ । ତାପରେ ବର୍ଷାକାଳ ଆସିଯାଇଥିବାରୁ ବର୍ଷାଦିନଗୁଡ଼ିକ ବଉଦ ରାଜ୍ୟରେ ଅତିବାହିତ କରି ତା'ପରେ ସମ୍ବଲପୁର ଆକ୍ରମଣ କରିବା ପାଇଁ ମନସ୍ଥ କରିଥିଲେ । ବର୍ଷାଋତୁ ପରେ ପରେ ସମ୍ବଲପୁର ଦୁର୍ଗକୁ ଅଧିକାର କରିବା ପାଇଁ ଦୀର୍ଘ ୫ ମାସ କାଳ ଅବରୋଧ କରି ରଖିଥିଲେ ମଧ୍ୟ ଜୟ କରି ପାରି ନ ଥିଲେ । ସେହି ଅଭିଯାନରେ ସମ୍ବଲପୁର ରାଜାଙ୍କର କେତେଜଣ ଶତ୍ରୁ ତାହାଙ୍କୁ ସାହାଯ୍ୟ କରିଥିଲେ । ସମଲେଶ୍ୱରୀ ମନ୍ଦିର ନିକଟବର୍ତ୍ତୀ ଗଡ଼ଖାଇର ଅଳ୍ପ ପାଣିଥିବା ରାସ୍ତା ଦେଇ ତାହାଙ୍କ ସେନାନୀ ୧୮୦୦ ମସିହା ଅପ୍ରେଲ ମାସରେ ସହର ଭିତରକୁ ପ୍ରବେଶ କରିଥିଲେ ।

ସମ୍ବଲପୁର ସହର ଭିତରକୁ ପ୍ରବେଶ କରି ଦୁର୍ଗ ଆକ୍ରମଣ କରିବା ପାଇଁ ଭୂପ ସିଂହଙ୍କ ନେତୃତ୍ୱରେ ଯାଇଥିବା ସୈନ୍ୟମାନେ ଏକ ସୁଚିନ୍ତିତ ଯୋଜନା କରିଥିଲେ । ସେତେବେଳକୁ ଜଣେ ମରହଟ୍ଟା ଅଫିସର ସମଲାଇ ମନ୍ଦିର ନିକଟସ୍ଥ ମହାନଦୀରେ କମ୍ ପାଣିଥିବା ଓ ସେହିଠାରେ ସୈନ୍ୟମାନେ ନଦୀ ପାରହେବା ସମ୍ଭାବନା ନେଇ ନିଶ୍ଚିତ ହୋଇସାରିଥିଲେ । ତେଣୁ ନଦୀ ପାରହେବା ପାଇଁ ସମସ୍ତ ପ୍ରସ୍ତୁତି ସାରି ସେମାନେ ସମ୍ବଲପୁର ଦୁର୍ଗ ଭିତରେ ଥିବା କେତେକ ସ୍ଥଳ

Digitized by srujanika@gmail.com

ଘରକୁ ରକେଟ୍ ସାହାଯ୍ୟରେ ଅଗ୍ନି ସଂଯୋଗ କରାଇ ଦେଇଥିଲେ । ସ୍ୱାଭାବିକ ଭାବେ ଦୁର୍ଗ ଭିତରେ ଥିବା ସୈନ୍ୟମାନେ ପୋଡ଼ିଯାଉଥିବା ଗୃହଘରଗୁଡ଼ିକର ନିଆଁ ଲିଭାଇବା ପାଇଁ ବ୍ୟସ୍ତ ରହିଥିଲେ । ଏହି ଅବସରରେ ମରହଟ୍ଟା ସୈନ୍ୟମାନେ ନଦୀ ପାରହୋଇ ସହର ଭିତରକୁ ଚାଲି ଆସିଥିଲେ ଏବଂ ଦୁର୍ଗର ପ୍ରଧାନ ଫାଟକ ଭାଙ୍ଗି ଦୁର୍ଗ ମଧ୍ୟରେ ଥିବା ସମସ୍ତଙ୍କୁ ଅସତର୍କ ଅବସ୍ଥାରେ କାବୁ କରାଇ ଦେଇଥିଲେ । ମହାରାଜା ଜସ୍ୱନ୍ତ ସିଂହ ଓ ତାହାଙ୍କ ପୁତ୍ର ମହାରାଜା ସାଏଙ୍କୁ ସେମାନେ ଅକ୍ଳେଶରେ ବନ୍ଦୀ କରି ନେଇଥିଲେ । ✳

ରାଜା ଓ ରାଜକୁମାର ବନ୍ଦୀହେବା ପରେ ପରେ ସେମାନଙ୍କୁ ଚାନ୍ଦା ଦୁର୍ଗକୁ ପଠାଇ ଦିଆଯାଇଥିଲା ଏବଂ ଭୂପସିଂହଙ୍କ ବୀରତ୍ୱର ମଧ୍ୟ ବିଶେଷ ପ୍ରଶଂସା କରାଯାଇଥିଲା । ତାହାଙ୍କ ବୀରତ୍ୱର ପୁରସ୍କାର ସ୍ୱରୂପ ସେହି ନୂତନ ଅଧିକୃତ ଅଞ୍ଚଳର ଗଭର୍ଣ୍ଣର ଭାବେ ଶାସନ ଦାୟିତ୍ୱ ତାହାଙ୍କ ହାତରେ ଅର୍ପଣ କରାଯାଇଥିଲା । ସେ ସେଠାରେ ହୋଇଥିଲେ ଭୋଁସଲା ରାଜାଙ୍କର ପ୍ରତିନିଧି ।

କିନ୍ତୁ କିଛିକାଳ ପରେ ଭୂପସିଂହ ନିଜକୁ ସ୍ୱାଧୀନ ବୋଲି ଘୋଷଣା କରିଥିଲେ ଏବଂ ନାଗପୁର ଯିବାପାଇଁ ଭୋଁସଲା ରାଜାଙ୍କ ଆଦେଶ ଅମାନ୍ୟ କରିଥିଲେ । ପରିଣାମ ସ୍ୱରୂପ ପ୍ରଥମେ ଭୋଁସଲା ରାଜାଙ୍କ ବିରାଟ ସୈନ୍ୟବାହିନୀ ଭୂପସିଂହଙ୍କୁ ପରାଜିତ କରିପାରି ନ ଥିଲେ ମଧ୍ୟ ପରେ ପରେ ସେହିମାନଙ୍କ ଦ୍ୱାରା ସେ ସମ୍ପୂର୍ଣ୍ଣ ରୂପେ ପରାଜିତ ହୋଇ ଓ ପ୍ରଥମେ ସେଠାରୁ କୋଲାବିରା ପଳାୟନ କରିଥିଲେ । ତା ପରେ ପରେ ସେଠାରୁ ଚାଲିଯାଇ ଇଂରେଜମାନଙ୍କ ସାହାଯ୍ୟ ଭିକ୍ଷା କରିଥିଲେ । ଭୂପସିଂହଙ୍କ ପରାଜୟ ଓ ପଳାୟନ ପରେ ଭୋଁସଲା ରାଜା ତାନ୍ତିଆ ଫଡନାଭିସ୍‌ଙ୍କୁ ସମ୍ବଲପୁରର ଶାସନ ଦାୟିତ୍ୱ ଦେଇଥିଲେ ।

ଭାଗ୍ୟର ବିଡ଼ମ୍ବନା ଇଂରେଜମାନେ ୧୮୦୩ ମସିହା ଅକ୍ଟୋବର ୧୦ ତାରିଖ ଦିନ ଓଡ଼ିଶାରେ ମରହଟ୍ଟା ଶାସନର ଏକ ପ୍ରଧାନ କେନ୍ଦ୍ର ବାରବାଟୀ ଦୁର୍ଗ ଆକ୍ରମଣ କରି ଜୟ କରିଥିଲେ । ସେ ଦୁର୍ଗର ପତନ ହେବା ପରେ ପରେ କର୍ଣ୍ଣେଲ ଜର୍ଜ ହାରକୋର୍ଟ ଏବଂ ମି. ଜନ୍ ମେଲ୍‌ଭାଇଲ୍ କମିଶନର ରୂପେ ଏହାର ଦାୟିତ୍ୱ ଗ୍ରହଣ କରିଥିଲେ । ସେମାନେ କଟକ ସୁବା ଅଧୀନରେ ନଥିବା ସମ୍ବଲପୁର, ସୋନପୁର ଓ ବଉଦ ରାଜାମାନଙ୍କ ନିକଟକୁ ଡିସେମ୍ବର ୧୩ ତାରିଖ

✳ C. U. Wills—British relations with Nagpur State in 18th Century—Page. 150-151

Digitized by srujanika@gmail.com

ଦିନ ପତ୍ର ଲେଖି କମ୍ପାନୀ ସରକାରଙ୍କ ସହିତ ଚୁକ୍ତିବଦ୍ଧ ହେବାପାଇଁ ଅନୁରୋଧ କରିଥିଲେ । ସେ ପତ୍ରରେ ରାଜାମାନଙ୍କ ନଜରପତ୍ର ଇତ୍ୟାଦି ପାଇଁ ସରକାର ଦାୟିତ୍ୱ ଗ୍ରହଣ କରିବା ପାଇଁ ଇଚ୍ଛୁକ ଥିଲେ ମଧ୍ୟ ସେଥିପାଇଁ ସମ୍ପୃକ୍ତ ରାଜାମାନଙ୍କୁ କୌଣସି ପ୍ରକାର ପେସ୍‌କାସ୍ ଦେବାକୁ ପଡ଼ିବ ନାହିଁ ବୋଲି ଉଲ୍ଲେଖ କରାଯାଇଥିଲା । ସେହି ସମ୍ପର୍କରେ ଦୁଇ ଦୁଇଟି ଚୁକ୍ତିପତ୍ର ସେମାନଙ୍କ ନିକଟକୁ ପଠାଯାଇଥିଲା ।

ମରହଟ୍ଟା ରାଜାମାନଙ୍କ ଦ୍ୱାରା ଉତ୍ପୀଡ଼ିତ କରଦ ରାଜାମାନେ କମ୍ପାନୀ ସରକାରଙ୍କ ସେହି ଚୁକ୍ତିପତ୍ରରେ ସ୍ୱାକ୍ଷର କରି ଇଂରେଜମାନଙ୍କ ସାହାଯ୍ୟ ଭିକ୍ଷା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ମରହଟ୍ଟା ଶାସନ ସମ୍ବଲପୁରରେ ଅତ୍ୟନ୍ତ ପ୍ରଜାପୀଡ଼କ ଥିଲା । ତେଣୁ ସମସ୍ତେ ସେମାନଙ୍କ ଉପରେ ବିରକ୍ତ ଥିଲେ ।

ମେଜର ବ୍ରାଉଟନ୍ ସମ୍ବଲପୁର ଆକ୍ରମଣ କରି ବିନା ଆୟାସରେ ଜୟ କରି ପାରିଥିଲେ । ସେତେବେଳେ ସମ୍ବଲପୁରରେ ଶାସନ ଦାୟିତ୍ୱରେ ଥିବା ମରହଟ୍ଟା ଗଭର୍ଣ୍ଣର ଚାନ୍ଦୁଆ ଫରନାଭିସ୍ ନାଗପୁର ପ୍ରତ୍ୟାବର୍ତ୍ତନ କରିଥିଲେ । ୧୮୦୪ ମସିହା ଜାନୁୟାରୀ ୩ ତାରିଖରେ ସମ୍ବଲପୁର ବିଜୟ ସମ୍ବାଦ କଟକ କମିଶନରଙ୍କ ନିକଟକୁ ପତ୍ରଲେଖି ସେ ଜଣାଇ ଦେଇଥିଲେ ।

ଇତି ମଧ୍ୟରେ ୧୮୦୩ ମସିହାରେ ନାଗପୁରର ରାଜା ରଘୁଜୀ ଭୋଁସଲା ଅସେ ଓ ଆରେଗାଁ ଯୁଦ୍ଧରେ ପରାଜିତ ହେବା ପରେ ପରେ ଇଂରେଜ ସରକାରଙ୍କ ସହିତ କେତେକ ଶାନ୍ତି-ଚୁକ୍ତି କରିଥିଲେ । ଇଷ୍ଟ-ଇଣ୍ଡିଆ କମ୍ପାନୀ ସରକାରଙ୍କ ତରଫରୁ ସେହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ ମେଜର୍ ଜେନେରାଲ ଓ୍ୱେଲସ୍‌ଲେ । ତାହା ୧୮୦୩ ମସିହା ଡିସେମ୍ବର ୧୭ ତାରିଖରେ ଉଭୟ ପକ୍ଷଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇ ଗଭର୍ଣ୍ଣର ଜେନେରାଲଙ୍କ ଦ୍ୱାରା ଜାନୁୟାରୀ ୩ ତାରିଖରେ ଅନୁମୋଦିତ ହୋଇଥିଲା । ସେ ସମ୍ବାଦ ଜାନୁୟାରୀ ୧୪ ତାରିଖ ଦିନ କଟକରେ ପହଞ୍ଚିଥିଲା । ସେହି ଚୁକ୍ତି ଅନୁଯାୟୀ କଟକ, ବାଲେଶ୍ୱର ପ୍ରଭୃତି ଉପକୂଳ ଅଞ୍ଚଳର ଶାସନ ଇଂରେଜମାନଙ୍କ ହାତରେ ଛାଡ଼ିଦେବା ପ୍ରସ୍ତାବ ଥିଲା ଏବଂ ରଘୁଜୀ ଭୋଁସଲା ସେଥିରେ ସମ୍ମତ ହୋଇଥିଲେ ମଧ୍ୟ ସମ୍ବଲପୁର ଅଞ୍ଚଳକୁ ଇଂରେଜମାନଙ୍କ ଖାସ ଦଖଲରେ ଛାଡ଼ିଦେବା ପାଇଁ ଆଦୌ ସମ୍ମତ ନ ଥିଲେ; କିନ୍ତୁ ଅପର ପକ୍ଷରେ ସମ୍ବଲପୁର ଅଧିକାର କରିଥିବା ମେଜର ବ୍ରାଉଟନ ଉକ୍ତ ଅଞ୍ଚଳକୁ ପୁଣି ନାଗପୁର ରାଜାଙ୍କୁ ଫେରାଇ ନଦେବା ପାଇଁ ଯୁକ୍ତି କରିଥିଲେ । କମ୍ପାନୀ ସରକାରଙ୍କ ଦ୍ୱାରା ଅଧିକୃତ ଓଡ଼ିଶାର କଟକ ପ୍ରଭୃତି ଅଞ୍ଚଳର ଶାସନ ସୁପରିଚାଳନା ଦୃଷ୍ଟିରୁ

Digitized by srujanika@gmail.com

ସମ୍ବଲପୁର, ସୋନପୁର ଓ ବଉଦକୁ ସରକାରଙ୍କ ଖାସ୍ ଦଖଲରେ ରଖିବା ଆବଶ୍ୟକତା ନେଇ ସେ ଦୃଢ଼ମତ ବ୍ୟକ୍ତ କରିଥିଲେ । ସେଥିରେ ମଧ୍ୟ ସେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିଲେ ଯେ, ଉକ୍ତ ରାଜାମାନେ ପୁଣି ସେଇ ଉତ୍ପୀଡ଼କ ଶାସନ ଅଧୀନକୁ ଯିବାପାଇଁ ଅନିଚ୍ଛୁକ । ସେହି ରାଜାମାନଙ୍କ ମତାମତ ସମ୍ପର୍କରେ ଉପରସ୍ଥ ହାକିମମାନଙ୍କୁ ଜଣାଇଲେ ଯେ "...the Zamindars from long and painful experience, have acquired so thorough distrust in and bitter avoision to the Maratha Government that no appearances however plausible or assurances however sincere would again induce them to place confidence in or be reconciled to their former sovereign."*

ମେଜର ବ୍ରାଉଟନ୍ ସେଭଳି ମତାମତ ସରକାରଙ୍କୁ ଦେବାବେଳେ ସମ୍ବଲପୁରର ରାଣୀ ମୋହନ କୁମାରୀ ତଥା ରାଇଗଡ଼, ସାରଙ୍ଗଗଡ଼, ସୋନପୁର, ରେଢ଼ାଖୋଲ, ଗାଙ୍ଗପୁର, ବାମରା, ବଣାଇ, ବରଗଡ଼ ଓ ଶକ୍ତିର ଶାସକ ଜମିଦାରମାନେ ନାଗପୁର ଅଧୀନକୁ ପୁଣିଥରେ ନଯିବା ପାଇଁ ଆବେଦନ କରିଥିଲେ ଇଂରେଜ ସରକାରଙ୍କୁ । ତତ୍ ପରିବର୍ତ୍ତେ ଇଂରେଜ ସରକାର ଯେଉଁ ପରିମାଣରେ ରାଜସ୍ୱ ଧାର୍ଯ୍ୟ କରିବେ ତାହା ଦେବାପାଇଁ ପ୍ରସ୍ତୁତ ଥିବା କଥା ମଧ୍ୟ ଜଣାଇ ଦେଇଥିଲେ । ପୁଣି ଜର୍ଜ ହାରକୋର୍ଟ ମଧ୍ୟ ଉକ୍ତ ଅଞ୍ଚଳର ଅବସ୍ଥା ଗମ୍ଭୀର ଭାବେ ଅନୁଧ୍ୟାନ କରିବା ପରେ ମତ ଦେଇଥିଲେ ଯେ କେବଳ ରାଜା ବା ଜମିଦାରମାନଙ୍କ ଅଭିଳାଷ ପୂରଣ କରିବା ପାଇଁ ନୁହେଁ; ଶାସନଗତ ଓ ରାଜନୈତିକ କାରଣରୁ ମଧ୍ୟ ସମ୍ବଲପୁର ଇଂରେଜମାନଙ୍କ ଖାସ୍ ଦଖଲରେ ରହିବା ଆବଶ୍ୟକ ।

ତେଣୁ ତଦନୁସାରୀ ଗଭର୍ଣ୍ଣର ଜେନେରାଲ ନାଗପୁରର ରେସିଡ଼େଣ୍ଟ ଏଲ୍‌ଫିନ୍ ଷ୍ଟୋନଙ୍କୁ ସମ୍ବାଦ ପ୍ରେରଣ କରିଥିଲେ ରଘୁଜୀ ଭୋଁସଲାଙ୍କ ସହିତ ସେହି ମର୍ମରେ ଆଲୋଚନା କରିବା ପାଇଁ । ଜନସାଧାରଣଙ୍କ ମତାମତ ପ୍ରତି ଯଥେଷ୍ଟ ଗୁରୁତ୍ୱ ତଥା ସମ୍ମାନ ଦିଆଯିବା ଦୃଷ୍ଟିରୁ ଏବଂ ସଂପୃକ୍ତ ଅଞ୍ଚଳର ରାଜାମାନଙ୍କ ଇଚ୍ଛା ବିରୁଦ୍ଧରେ କାର୍ଯ୍ୟ କରିବାପାଇଁ ଇଂରେଜ ସରକାର ଉତ୍ସୁକ ନଥିବାରୁ

* Selections from Nagpur Residency Recocrds Vol.—I' Page—52.

Digitized by srujanika@gmail.com

ସମ୍ବଲପୁର ଅଞ୍ଚଳ ନାଗପୁର ଅଧୀନକୁ ଯାଇପାରିବ ନାହିଁ ବୋଲି ତାହାଙ୍କୁ ଜଣାଇ ଦିଆଯାଇଥିଲା । କିନ୍ତୁ ତା' ସତ୍ତ୍ୱେ ଦେଓଗାଁ ସନ୍ଧି ଚୁକ୍ତି ଅନୁସାରେ ଭୋଁସଲା ରାଜା ସେହି ଅଞ୍ଚଳକୁ ଛାଡ଼ିବେ ନାହିଁ ବୋଲି ଅଡ଼ି ବସିଥିଲେ । ପରିଣାମ ସ୍ୱରୂପ, ଗଭର୍ଣ୍ଣର ଜେନେରାଲ୍ ତାହାଙ୍କୁ ଧମକ ଦେବାପାଇଁ ପଶ୍ଚାତ୍ପଦ ହୋଇ ନଥିଲେ । ଯଦି ଚବିଶ ଘଣ୍ଟା ମଧ୍ୟରେ ସମ୍ବଲପୁରର ଶାସନ କ୍ଷମତା ହସ୍ତାନ୍ତର କରି ନଯାଏ, ତା' ହେଲେ ରଘୁଜୀ ଭୋଁସଲାଙ୍କ ବିରୁଦ୍ଧରେ ଇଂରେଜ ସରକାରଙ୍କ ତରଫରୁ ଯୁଦ୍ଧ ଘୋଷଣା କରାଯିବ ବୋଲି ପ୍ରସ୍ତାବ ଦିଆଯାଇଥିଲା । ତେଣୁ ବାଧ୍ୟ ହୋଇ ରଘୁଜୀ ସେହି ଅଞ୍ଚଳ ମଧ୍ୟ ଇଂରେଜମାନଙ୍କ ହାତରେ ଅର୍ପଣ କରି ଦେଇଥିଲେ ।

ସେ ସମସ୍ୟାର ଏକ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଫୋର୍ଟଉଇଲିଏମ୍‌ରେ ଇଂରେଜ ସରକାର ନାଗପୁର ରାଜାଙ୍କୁ ପୁଣିଥରେ ସମ୍ବଲପୁର ରାଜ୍ୟ ଫେରାଇ ଦେବାପାଇଁ ନିଷ୍ପତ୍ତି କରିଥିଲେ । ସେ ସମ୍ପର୍କରେ ନାଗପୁର ରେସିଡେଣ୍ଟଙ୍କୁ ଉପଯୁକ୍ତ ନିର୍ଦ୍ଦେଶନାମା ପ୍ରେରଣ କରାଯାଇଥିଲା ।

ଭାରତର ନୂତନ ଗଭର୍ଣ୍ଣର ଜେନେରାଲ୍ ଜି ଏଚ୍. ବାର୍ଲୋ ସମ୍ବଲପୁର ଓ ପାଟଣା ପ୍ରଭୃତି ଅଞ୍ଚଳ ଗୁଡ଼ିକ ୧୮୦୬ ମସିହାରେ ଭୋଁସଲା ରାଜାଙ୍କୁ ଅର୍ପଣ କରି ଦେଓଗାଁ ଶାନ୍ତିଚୁକ୍ତିକୁ ଦୃଢ଼ କରିଥିଲେ । ତେଣୁ ଇଂରେଜ ସରକାରଙ୍କଠାରୁ ସମ୍ବଲପୁରର ଦାୟିତ୍ୱ ଗ୍ରହଣ କରିବା ପାଇଁ ଭୋଁସଲା ରାଜାଙ୍କ ପ୍ରତିନିଧି ରତନପୁରର ସୁବେଦାର କେଶବ ଗୋବିନ୍ଦ ଆସିଥିଲେ ଏବଂ ପ୍ରାଥମିକ ଅବସ୍ଥାରେ ତାହାଙ୍କୁ ଚନ୍ଦ୍ରଗଡ଼ ଓ ବୋଡ଼ାସମ୍ବରର ଜମିଦାରମାନେ ପ୍ରତିରୋଧ କରିଥିଲେ । ତେଣୁ ମରହଟ୍ଟାମାନେ ସୁରୁଖୁରୁରେ ସେମାନଙ୍କ ପଥ ସ୍ୱଚ୍ଛଳ କରିବା ପାଇଁ ସେମାନଙ୍କ ସହ ସନ୍ଧି କରିବା ଅଭିପ୍ରାୟ ଘୋଷଣା କରିଥିଲେ । ସେଥିରେ ରାଣୀ ମୋହନ କୁମାରୀ ସର୍ତ୍ତ ଆରୋପ କରିଥିଲେ ଯେ ସେତେବେଳ ପର୍ଯ୍ୟନ୍ତ ବନ୍ଦୀହୋଇ ରହିଥିବା ତାହାଙ୍କ ସ୍ୱାମୀ ରାଜା ଜୟନ୍ତ ସିଂହ ଓ ପୁତ୍ର ମହାରାଜା ସାଏଙ୍କୁ ପ୍ରଥମେ ମୁକ୍ତ କରିଦିଆଯାଉ । ପୁଣି ସେ ମଧ୍ୟ ଆଉ ଗୋଟିଏ ସର୍ତ୍ତ କରିଥିଲେ ଯେ, ରାଜ୍ୟର ଆଭ୍ୟନ୍ତରୀଣ ଶାସନ ପରିଚାଳନା ସେ ନିଜେ କରିବେ ଏବଂ ସେଥିରେ ମରହଟ୍ଟାମାନେ କୌଣସି ପ୍ରକାର ହସ୍ତକ୍ଷେପ କରିବେ ନାହିଁ । ତତ୍ ପରିବର୍ତ୍ତେ ଯେଉଁ ପରିମାଣରେ ବାର୍ଷିକ ରାଜସ୍ୱ ସ୍ଥିର ହେବ ତାହା ସେ ଯଥା ସମୟରେ ଦାଖଲ କରିବେ । ପ୍ରଥମେ ମରହଟ୍ଟା ଶାସକମାନେ ସେଥିରେ ସମ୍ମତ ହୋଇ ନଥିଲେ ସୁଦ୍ଧା ନିଜ କାର୍ଯ୍ୟ ସାଧନ ଲାଗି ସେହି ମର୍ମରେ ଗୋଟିଏ ସନ୍ଧିପତ୍ରରେ ସ୍ୱାକ୍ଷର କରିଥିଲେ; ମାତ୍ର ଅଳ୍ପଦିନ ମଧ୍ୟରେ ହଠାତ୍ ସମ୍ବଲପୁର ଆକ୍ରମଣ

Digitized by srujanika@gmail.com

କରିଥିଲେ । ଅନନ୍ୟୋପାୟ ହୋଇ ରାଣୀ ଇଂରେଜମାନଙ୍କ ଶରଣାପନ୍ନ ହୋଇଥିଲେ । ତାହାଙ୍କ ପାଇଁ ମାସିକ ଛଅଶହ ଟଙ୍କା ବୃତ୍ତି ଖଞ୍ଜିଦିଆ ଯାଇଥିଲା ।

ସେହିଭଳି କାର୍ଯ୍ୟକଳାପ ମୂଳରେ ଇଂରେଜ ସରକାରଙ୍କ ପରମ ଉଦ୍ଦେଶ୍ୟ ଥିଲା ଭୌଁସଲା ରାଜାଙ୍କ ସହିତ ଉତ୍ତମ ବନ୍ଧୁତା ସ୍ଥାପନ କରିବା । ଏ ଅଞ୍ଚଳରେ ନିଜର ସ୍ଥିତି ଦୃଢ଼କରି ସାରିବା ପରେ ପୁଣି ସେହି ଅଞ୍ଚଳର କ୍ଷମତା ସେମାନଙ୍କ-ଠାରୁ ବାହାର କରି ଆଣିବେ ବୋଲି ବୋଧହୁଏ ସେମାନେ ସଂକଳ୍ପ କରିଥିଲେ । ତେଣୁ ଉକ୍ତ ରାଜ୍ୟଗୁଡ଼ିକର ରାଜା ଓ ପ୍ରଜାମାନେ ଅଗତ୍ୟା ଆଉଥରେ ପୁଣି ସେହି ଅବାଞ୍ଛିତ ମରହଟ୍ଟା ଶାସନ ଅଧୀନରେ ହିଁ ରହିବାକୁ ପଡ଼ିଥିଲା ।

ସେହିଭଳି ଭାବରେ ବିତିଯାଇଥିଲା ଦୀର୍ଘ ନଅବର୍ଷ ।

ତାପରେ ଇଂରେଜମାନେ ପୁନର୍ବାର ସମ୍ବଲପୁର ଦଖଲ କରିଥିଲେ । ସେଠାରୁ ମରହଟ୍ଟାମାନଙ୍କର ଶାସନ କ୍ଷମତା ଚିରଦିନ ପାଇଁ ଲୋପ ପାଇ ଯାଇଥିଲା । ସେଇ ପୁରାତନ ଶାସନ କାଳର ଅତ୍ୟାଚାରରେ ସମ୍ବଲପୁରର ଜନସାଧାରଣ ମଧ୍ୟ ଏତେ ଉତ୍ପୀଡ଼ିତ ହୋଇଯାଇଥିଲେ ଯେ, ମରହଟ୍ଟା ଶାସକମାନେ ସମ୍ବଲପୁର ସହର ବାହାରକୁ ଯିବାପାଇଁ ଇଂରେଜ ସରକାରଙ୍କ ସାହାଯ୍ୟ ନେବାକୁ ହୋଇଥିଲା । ସହରରୁ ସେମାନଙ୍କୁ ତଡ଼ିଦେବା ପାଇଁ ଜନସାଧାରଣ କୁଣ୍ଠିତ ନ ଥିଲେ ।

ବ୍ରିଟିଶ ସରକାର ମରହଟ୍ଟାମାନଙ୍କୁ ଆକ୍ରମଣ କରି ଜୟ କରିବା ପରେ ପରେ ଚାନ୍ଦା ଦୁର୍ଗରେ ବନ୍ଦୀ ହୋଇ ରହିଥିବା ସମ୍ବଲପୁର ରାଜା ଜୟନ୍ତସିଂହ ଓ ତାଙ୍କ ପୁତ୍ର ମହାରାଜା ସାଏଙ୍କୁ ପ୍ରଥମେ ମୁକ୍ତ କରିଥିଲେ । କମ୍ପାନୀ ସରକାରଙ୍କ ସମର୍ଥନ କ୍ରମେ ରାଜା ଜୟନ୍ତ ସିଂହ ପୁଣି ଥରେ ସମ୍ବଲପୁର ରାଜସିଂହାସନ ମଧ୍ୟ ଆରୋହଣ କରିଥିଲେ ।

କିନ୍ତୁ ଶାସନର ମାତ୍ର ଗୋଟିଏ ବର୍ଷ ପରେ ରାଜା ଜୟନ୍ତ ସିଂହଙ୍କର ୧୮୧୮ ମସିହାରେ ମୃତ୍ୟୁ ହୋଇଯାଇଥିଲା । ତାଙ୍କ ପୁତ୍ର ମହାରାଜା ସାଏ ୧୮୨୦ ମସିହାରେ ସମ୍ବଲପୁର ସିଂହାସନ ଆରୋହଣ କରିଥିଲେ । କିନ୍ତୁ ସେ ଇଂରେଜ ସରକାରଙ୍କର କ୍ରୀଡ଼ା ପୁତ୍ତଳିକାଟିଏ ହୋଇ ରହିବାକୁ ବାଧ୍ୟ ହୋଇଥିଲେ । ସାର୍ବଭୌମ କ୍ଷମତା ତାଙ୍କର ନ ଥିଲା । ନିଜର ଭରଣ ପୋଷଣ ପାଇଁ ମାତ୍ର ୩୮ ଖଣ୍ଡ ଗ୍ରାମର ଆୟ, ଅଦାଲତ ସ୍ୱାଧୀନତା ଆୟ ପାଇବାକୁ ହକ୍‌ଦାର ହୋଇଥିଲେ ଇଂରେଜ ସରକାରଙ୍କ ଦୟାରୁ ।

ଅପର ପକ୍ଷରେ ସମ୍ବଲପୁର ଜିଲ୍ଲାର ପ୍ରତ୍ୟକ୍ଷ ଶାସନ ଭାର ଇଷ୍ଟଇଣ୍ଡିଆ କମ୍ପାନୀ ସରକାରଙ୍କ ହାତରେ ହିଁ ରହିଥିଲା । ଶାସନଗତ ସୁବିଧା ଦୃଷ୍ଟିରୁ ଦେଲେ

Digitized by srujanika@gmail.com

ସୈନ୍ୟ ସହରରେ ମୁତୟନ ହୋଇଥିଲେ ସବୁଦନ ପାଇଁ । ଜଣେ ପଲିଟିକାଲ୍ ଏଜେଣ୍ଟଙ୍କ ତତ୍ତ୍ୱାବଧାନରେ ସେଠାରେ ପୋଲିସ୍ ବଭାଗ ଅବସ୍ଥାପିତ କରାଯାଇଥିଲା । ବାସ୍ତବ ଶାସନ କାର୍ଯ୍ୟ ପଲିଟିକାଲ୍ ଏଜେଣ୍ଟ ହିଁ ନର୍ବାହ କରୁଥିଲେ କହିଲେ ଚଳେ ।

୧୮୨୭ ମସିହାରେ ମହାରାଜା ସାଏଙ୍କ ମୃତ୍ୟୁ ହୋଇଥିଲା । ତାହାଙ୍କର ମୃତ୍ୟୁ ବେଳେ ସେ ଦୁଇଟି କନ୍ୟା ଓ ବଧବା ପତ୍ନୀ ମୋହନ କୁମାରୀଙ୍କୁ ଇହ ଜଗତରେ ଛାଡ଼ିଦେଇ ଯାଇଥିଲେ । ତେଣୁ ତାହାଙ୍କ ପରେ ପରେ ଇଷ୍ଟ-ଇଣ୍ଡିଆ କମ୍ପାନୀ ବଧବା ରାଣୀ ମୋହନ କୁମାରୀଙ୍କୁ ସମ୍ବଲପୁର ରାଜଗାଦର ସନନ୍ଦ ଦେଇଥିଲେ । ଜଣେ ସ୍ତ୍ରୀ ଲୋକକୁ ରାଜଗାଦରେ ବସାଇବା ଲୋକାଗ୍ରହର ବରୋଧୀ ଥିଲା ଏବଂ ପ୍ରଚଳିତ ସାମାଜିକ ଆଇନ କାନୁନ୍ ମଧ୍ୟ ତାହାକୁ ଅନୁମୋଦନ କରୁନଥିଲା । କିନ୍ତୁ ଇଂରେଜ ସରକାର ତାହା ଜାଣିଶୁଣି କରିଥିଲେ । ପୁଣି ଉତ୍ତରାଧିକାରୀ ସୂତ୍ରରେ ମୋହନ କୁମାରୀଙ୍କ ପରେ ସମ୍ବଲପୁର ସିଂହାସନ ପାଇବା ପାଇଁ କେହି ହକ୍‌ଦାର ନ ଥିବାରୁ ଜଣେ ଉତ୍ତରାଧିକାରୀଙ୍କୁ ମଧ୍ୟ ଖୋଜା ଚାଲିଥିଲା । ମେଜର ଓ୍ୱିଲ୍‌କିନ୍‌ସନ ବାମଣ୍ଡାର ନାରାୟଣ ସିଂହଙ୍କୁ ସେଥିପାଇଁ ମନୋନୟନ କରିଥିଲେ । ତାହାଙ୍କ ମତରେ ନାରାୟଣ ସିଂହଙ୍କ ଦାବୀ ବଶେଷ ଗ୍ରହଣଯୋଗ୍ୟ ହୋଇଥିଲା ।

କିନ୍ତୁ ସରକାରଙ୍କ ସେ ନଷ୍ପତ୍ତି ସମସ୍ତଙ୍କ ପାଇଁ ଗ୍ରହଣଯୋଗ୍ୟ ହୋଇପାରି ନଥିଲା । ସୁରେନ୍ଦ୍ର ସାଏଙ୍କ ସମେତ ଅନ୍ୟ କେତେଜଣ ସେହି ରାଜଗାଦ ପାଇଁ ନଜ ନଜର ଦାବୀ ସରକାରଙ୍କ ନକଟରେ ଉପସ୍ଥାପିତ କରିଥିଲେ ।

ତା' ପରେ ପରେ ସମ୍ବଲପୁରରେ ଦେଶୀୟ ଶାସନ ଫେରାଇ ଆଣିବା ଲାଗି ଓ ସ୍ୱରାଜ୍ୟ ସ୍ଥାପନ କରିବା ପାଇଁ ସେଇ ଦାବୀଦାରମାନଙ୍କ ପକ୍ଷରୁ ଉଦ୍ୟମ ହୋଇଥିଲା । ସେଥିପାଇଁ ଉମୂଳ ଆନ୍ଦୋଳନ ମଧ୍ୟ ହୋଇଥିଲା । ସେହି ଆନ୍ଦୋଳନ ଭାରତର ଗୋଟିଏ ପ୍ରାନ୍ତରେ ହୋଇଥିଲେ ମଧ୍ୟ ଓ ସ୍ୱାଧୀନତା ଆନ୍ଦୋଳନର କେଉଁ ଏକ ଅଜ୍ଞାତ ପୃଷ୍ଠାରେ ରହିଯାଇଥିଲେ ମଧ୍ୟ ତାହା ଯେଉଁକ ଶୃଙ୍ଖଳା ସୃଷ୍ଟି କରିଥିଲା ସେତକ ରୋମାଞ୍ଚକର ମଧ୍ୟ ଥିଲା, କାରଣ ସେଇ ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ୱରାଜ୍ୟ ସ୍ଥାପନ କରିବା ଓ ଇଂରେଜ କର୍ତ୍ତୃତ୍ୱରୁ ମୁକ୍ତିଲାଭ କରିବା । ସେହି ଆନ୍ଦୋଳନକୁ ଚାପିଦେବାପାଇଁ ଇଂରେଜ ସରକାରଙ୍କୁ ଦୀର୍ଘ ଅକ୍ଳାନ୍ତ ଉଦ୍ୟମ କରିବାକୁ ହୋଇଥିଲା । ସେହି ସମୟରେ ଇଂରେଜ ହାକିମମାନେ ଅତି ମାତ୍ରାରେ ଆତଙ୍କିତ ହୋଇଉଠିଥିଲେ । ସେହି ମୁକ୍ତି-ସଂଗ୍ରାମର ସେନାନାୟକ ଥିଲେ ବୀର ସଂଗ୍ରାମୀ ସୁରେନ୍ଦ୍ର ସାଏ ।

Digitized by srujanika@gmail.com

ରାଜଗାଦି ଦାବୀ ଓ ସୁରେନ୍ଦ୍ର ସାଏ

ମହାରାଜା ସାଏଙ୍କ ମୃତ୍ୟୁ ପରେ ପରେ ଇଷ୍ଟ-ଇଣ୍ଡିଆ ସରକାରଙ୍କ ସମର୍ଥନ କ୍ରମେ ବିଧବା ରାଣୀ ମୋହନ କୁମାରୀ ସମ୍ବଲପୁର ସିଂହାସନର ଅଧିକାରିଣୀ ହୋଇପାରିଥିଲେ । ତେବେ ଦେଶର ପ୍ରଚଳିତ ପରମ୍ପରା ଓ ଆଇନ ବିରୋଧୀ କାର୍ଯ୍ୟକୁ ବିସ୍ତାରକୁ ନ ନେଲେ ମଧ୍ୟ ରାଜ୍ୟ ପରିଚାଳନା କରିବା ଦିଗରେ ସେ ଥିଲେ ଏକାନ୍ତ ଅସମର୍ଥ । ମୁଖ୍ୟତଃ ରାଣୀ ପର୍ଦ୍ଦାନସୀନ ଥିବାଯୋଗୁଁ ରାଜ୍ୟର ପୁରୁଷ ରାଜକର୍ମଚାରୀଙ୍କୁ ଶାସନ କରିବା ସବୁବେଳେ ତାହାଙ୍କ ପାଇଁ ସମ୍ଭବପର ହୋଇ ପାରୁନଥିଲା । ସେହି ଦୃଷ୍ଟିରୁ ରାଜ୍ୟରେ ସୁ-ଶାସନ ପ୍ରତିଷ୍ଠା କରିବା ଅତ୍ୟନ୍ତ ଦୁରୂହ କାର୍ଯ୍ୟ ଥିଲା ।

ସମ୍ବଲପୁରର ଶାସନକ୍ଷେତ୍ରରେ ବାସ୍ତବିକ୍ ତାହା ଥିଲା ଏକ ସଙ୍କଟପୂର୍ଣ୍ଣ ସମୟ । ସେହି ସମୟରେ ଚୌହାଣ ରାଜବଂଶୀୟ ସୁରେନ୍ଦ୍ର ସାଏ ସମ୍ବଲପୁର ରାଜସିଂହାସନର ଉତ୍ତରାଧିକାରୀ ବୋଲି ଦାବୀ କରିଥିଲେ । ସେ ଥିଲେ ସମ୍ବଲପୁରର ପୂର୍ବତନ ମହାରାଜା ବଳିଆର ସିଂହଙ୍କ ଦ୍ୱିତୀୟ ଭାଇ—ରାଜପୁର ଓ ଖିଣ୍ଡା ଜମିଦାର ଅନିରୁଦ୍ଧ ସାଏଙ୍କ ବଂଶଧର ।

ଅନିରୁଦ୍ଧ ସାଏ ତାହାଙ୍କ ଦୁଇ ପୁତ୍ରଙ୍କ ମଧ୍ୟରୁ ମାଧବ ସିଂହଙ୍କୁ ଖିଣ୍ଡା ଓ ରାଜସିଂହଙ୍କୁ ରାଜପୁର ଜମିଦାରୀ ପ୍ରଦାନ କରିଥିଲେ । ମାଧବ ସିଂହଙ୍କ ଜଣେ ଉତ୍ତରାଧିକାରୀ ଥିଲେ ଧର୍ମସିଂହ ଏବଂ ଧର୍ମସିଂହଙ୍କ ଜ୍ୟେଷ୍ଠପୁତ୍ର ଥିଲେ ସୁରେନ୍ଦ୍ର ସାଏ ।

ମହାରାଜା ସାଏଙ୍କ ମୃତ୍ୟୁ ପରେ ପରେ ସମ୍ବଲପୁର ରାଜଗାଦି ପାଇଁ ଯୁକ୍ତିଯୁକ୍ତ ଦାବୀ ଥିଲା ସେହି ରାଜବଂଶୋଦ୍ଭବ ସୁରେନ୍ଦ୍ର ସାଏଙ୍କର । କିନ୍ତୁ ଇଂରେଜ ସରକାର ତାହାଙ୍କୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ ।

ସୁରେନ୍ଦ୍ର ସାଏ ସମ୍ବଲପୁର ସହରଠାରୁ ପ୍ରାୟ ୩୪ କିଲୋମିଟର ଦୂରବର୍ତ୍ତୀ ନିଜ ଗ୍ରାମ ଖିଣ୍ଡାରେ ୧୮୦୦ ମସିହା ଜାନୁୟାରୀ ୨୩ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ । ସେ ସେହି ପରିବାରର ଜ୍ୟେଷ୍ଠପୁତ୍ର ଓ ତାହାଙ୍କ ପରେ ଆଉ ଛଅଜଣ ଭାଇ ଥିଲେ । ସେମାନେ ସମସ୍ତେ ପରସ୍ପର ଠାରୁ ଦୁଇବର୍ଷଲେଖା ସାନ ବଡ଼ । ସେମାନଙ୍କ ତଥପୋଧ୍ୟ ଭଉଣୀର ନାମ ଥିଲା ଅଞ୍ଜନା । ସମ୍ବଲପୁର ସିଂହାସନ

*

Digitized by srujanika@gmail.com

ଦାବୀ ସ୍ୱାଧୀନତା ଆନ୍ଦୋଳନରେ ସୁରେନ୍ଦ୍ର ସାଏଙ୍କ ଭାଇମାନେ ସକ୍ରିୟଭାବରେ ଯୋଗ ଦେଇଥିଲେ । ସେମାନେ ଥିଲେ ଉଦନ୍ତ ସାଏ, ଧ୍ରୁବ ସାଏ, ଉଜ୍ଜ୍ୱଳ ସାଏ, ଛବିଲ ସାଏ, ଜାଜ୍ଜ୍ୱଳ ସାଏ ଓ ମେଦନୀ ସାଏ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଥିଲେ ଜଣେ ଜଣେ ମହାନ୍ ବିପ୍ଳବୀ ଏବଂ ଇଂରେଜ ସରକାରଙ୍କ ମନରେ ଡରଡର ପ୍ରବାହ ଛୁଟାଇ ଦେବା ଲାଗି ସମର୍ଥ—

ତା'ର କାରଣ ଥିଲା ସ୍ପଷ୍ଟ । ସେଥିପାଇଁ ଉପଯୁକ୍ତ ଶିକ୍ଷା ସେମାନେ ଲାଭ କରିଥିଲେ ବାଲ୍ୟ ବୟସରୁ । ଉଲ୍ଲେଖଯୋଗ୍ୟ ଯେ ସେମାନଙ୍କ ପିତା ଥିଲେ ଜଣେ ଶାନ୍ତ, ଶିଷ୍ଟ, ତଥା ଧର୍ମପରାୟଣ ବ୍ୟକ୍ତି । ସେ ତାହାଙ୍କର ସନ୍ତାନମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ସୁବ୍ୟବସ୍ଥା କରିଥିଲେ । ସେତେବେଳେ ଉପଯୁକ୍ତ ଶିକ୍ଷାର ଅର୍ଥ ଥିଲା—କେବଳ ବ୍ୟାବହାରିକ ଶିକ୍ଷା । ଜଣେ ଲେଖିପଢ଼ି ଶିଖିଜାଣିଲେ ଯଥାର୍ଥଭାବେ ଶିକ୍ଷିତ ବୋଲି ତତ୍କାଳୀନ ସମାଜରେ ଗୃହୀତ ହେଉଥିଲା । ସୁରେନ୍ଦ୍ର ସାଏଙ୍କ ସମେତ ତାହାଙ୍କ ଭାଇମାନଙ୍କର ବିଦ୍ୟାଶିକ୍ଷା ଦିଗରେ ସେଭଳି ଆଗ୍ରହ ବିଶେଷ ଭାବରେ ନଥିଲା—ଅଧିକ ଆଗ୍ରହ ଥିଲା ରାଜପୁତ୍ର ହିସାବରେ ଯୁଦ୍ଧବିଦ୍ୟା ଶିକ୍ଷା କରିବା ପାଇଁ । ସେହି କାରଣରୁ ପୋଥିଗତ ବିଦ୍ୟା ଅପେକ୍ଷା ଯୁଦ୍ଧବିଦ୍ୟା ଶିକ୍ଷା କରିବା ଦିଗରେ ସେମାନେ ଥିଲେ ଅଧିକ ଅଗ୍ରଣୀ ।

ସୁରେନ୍ଦ୍ର ସାଏ ଯଥା ସମୟରେ ତତ୍କାଳୀନ ସ୍ଲେଟ ନାଗପୁର ଅଧୀନସ୍ଥ ଗାଙ୍ଗପୁର ରାଜ୍ୟର ହାଟିବାଡ଼ି ଜମିଦାରଙ୍କ କନ୍ୟାର ପାଣି ଗ୍ରହଣ କରିଥିଲେ । ତାହାଙ୍କର ଏକମାତ୍ର ପୁତ୍ର ଥିଲେ ମିତ୍ରଭାନୁ ସାଏ । ସୁରେନ୍ଦ୍ର ସାଏଙ୍କୁ ତିରିଶିବର୍ଷ ବୟସବେଳେ ସେ ଜନ୍ମଲାଭ କରିଥିଲେ । ଯଦିଓ ତାଙ୍କର ଜଣେ ଭଉଣୀ ମଧ୍ୟ ଥିଲେ, ସେ ବିବାହ କରି ଘର-ସଂସାର କରି ନଥିଲେ । ଅନ୍ୟପକ୍ଷରେ ମିତ୍ରଭାନୁ ସାଏ ୮୪ ବର୍ଷ ବୟସରେ ଅପୁତ୍ରିକ ହୋଇ ହିଁ ମୃତ୍ୟୁବରଣ କରିଥିଲେ । କେବଳ ବୀର ସଂଗ୍ରାମୀ ସୁରେନ୍ଦ୍ର ସାଏଙ୍କ ବଂଶରକ୍ଷା କରିବା ପାଇଁ ସେ ପୋଷ୍ୟପୁତ୍ର ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ ।

ବାଲ୍ୟ କାଳରୁ ହିଁ ସୁରେନ୍ଦ୍ର ସାଏ ଥିଲେ ଖୁବ୍ ଜିଦ୍‌ଖୋର ଓ ଅବାଧ୍ୟ । ତାହାଙ୍କର ସମସ୍ତ ସମୟ ଘୋଡ଼ାଦୌଡ଼, ଶର ସନ୍ଧାନ ତଥା ତରବାରୀ ଚାଳନାରେ ହିଁ ବ୍ୟୟିତ ହେଉଥିଲା । ବାଲ୍ୟକାଳରୁ ତାହାଙ୍କ ପିତାଙ୍କ ଭାଇ ତାହାଙ୍କୁ ତଥା ଅନ୍ୟ ଭାଇମାନଙ୍କୁ ଉପଯୁକ୍ତ ଶିକ୍ଷାଦେବା ଭାର ଗ୍ରହଣ କରିଥିଲେ କହିଲେ ଚଳେ । ତାଙ୍କର ତତ୍ତ୍ୱାବଧାନରେ ସାଏ ଭାଇମାନେ ସେମାନଙ୍କ ଜୀବନର ଦିଗ ନିର୍ଦ୍ଧେଶ କରିଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ସେମାନଙ୍କ ବନ୍ଧୁ, ପଥପ୍ରଦର୍ଶକ ଓ

Digitized by srujanika@gmail.com

ଉପଦେଷ୍ଟା ଭାବରେ ପିତୃବ୍ୟ ବଳରାମ ସିଂହ ସାରାଜୀବନ ଉପଯୁକ୍ତ ସମ୍ମାନ ଲାଭ କରିଥିଲେ । ସେ ମଧ୍ୟ ସୁରେନ୍ଦ୍ର ସାଏଙ୍କ ସହିତ ମିଶି ଇଂରେଜମାନଙ୍କ ମୁକାବିଲା କରିବାପାଇଁ ଆଗେଇ ଯାଇଥିଲେ ଜୀବନର ସମସ୍ତ ସୁଖକୁ ଜଳାଞ୍ଜଳି ଦେଇ ।

ସମ୍ବଲପୁରରେ ମହାରାଜା ସାଏଙ୍କ ମୃତ୍ୟୁ ପରେ ପରେ ଯେତେବେଳେ ମୋହନ କୁମାରୀଙ୍କୁ ଇଂରେଜମାନେ ଉକ୍ତ ସିଂହାସନରେ ଅଧିଷ୍ଠିତ କରାଇଥିଲେ, ସଙ୍ଗେ ସଙ୍ଗେ ବିଦ୍ରୋହ ଆରମ୍ଭ ହୋଇଯାଇଥିଲା ଏବଂ କ୍ରମାଗତ ଭାବରେ ତାହା ସେହିଭଳି ଭାବରେ ଲାଗି ରହିଥିଲା । ଜନସାଧାରଣ ମଧ୍ୟ ଅନେକ ଜମିଦାରଙ୍କ ସହିତ ସୁରେନ୍ଦ୍ର ସାଏଙ୍କ ସିଂହାସନ ଦାବୀକୁ ଯୁକ୍ତିଯୁକ୍ତ ମନେ କରିଥିଲେ ଏବଂ ସେହି କାରଣରୁ ସମର୍ଥନ ମଧ୍ୟ କରିଥିଲେ । ରାଣୀ ମୋହନ କୁମାରୀଙ୍କ ଶାସନରେ ଅସନ୍ତୁଷ୍ଟ ଗଣ୍ଡବହୁଳ ଜମିଦାରମାନେ ସଙ୍ଗେ ସଙ୍ଗେ ତାହାଙ୍କୁ ସମର୍ଥନ କରିଥିଲେ । ତେଣୁ ଦିନକୁ ଦିନ ବିପ୍ଳବ ନୂଆରୂପ ନେଇ ଇଂରେଜ ଶାସକମାନଙ୍କ ନିକଟରେ ଦେଖାଦେଉଥିଲା ।

ଲକ୍ଷ୍ମଣପୁରର ଗଣ୍ଡ ଜମିଦାର ବଳଭଦ୍ର ଦାଓଙ୍କ ନେତୃତ୍ୱରେ ଗଣ୍ଡମାନେ ରାଣୀ ମୋହନ କୁମାରୀଙ୍କ ବିରୁଦ୍ଧରେ ତଥା ସୁରେନ୍ଦ୍ର ସାଏଙ୍କ ସପକ୍ଷରେ ସ୍ୱର ଉତ୍ତୋଳନ କରିଥିଲେ । ସେମାନେ ବାର ପାହାଡ଼ ପାହାଡ଼ିଆ ଅଞ୍ଚଳରେ ଆତ୍ମଗୋପନ କରି ମୋହନ କୁମାରୀଙ୍କ ଶାସନକୁ କଳଙ୍କିତ କରିବା ପାଇଁ ସଫଳ ଉଦ୍ୟମ କରିଥିଲେ । ତେଣେ ସୁରେନ୍ଦ୍ର ସାଏ ୧୮୩୯ ମସିହାରେ ସମ୍ବଲପୁର ଶାସନଗାଦି ଦାବୀକରି ପ୍ରତ୍ୟକ୍ଷ ସଂଗ୍ରାମ ଆରମ୍ଭ କରି ଦେଇଥିଲେ ।

ସରକାର ଯଥାର୍ଥ ବିଷୟ ଜାଣି ମଧ୍ୟ ସୁରେନ୍ଦ୍ର ସାଏଙ୍କୁ ରାଜଗାଦିର ସନନ୍ଦ ଦେବା ସପକ୍ଷରେ ନଥିଲେ । କାରଣ ସେମାନେ ଚାହୁଁଥିଲେ ସେମାନଙ୍କ ଇଚ୍ଛାନୁସାରେ ରଙ୍ଗ ବଦଳାଇ ପାରୁଥିବା ଗୋଟିଏ ପିତ୍ତଳବିର୍ଦ୍ଧ ବାରମାସୀ ଚଢ଼େଇ ଏବଂ ସେମାନେ ମଧ୍ୟ ଯଥାର୍ଥରେ ଇତିମଧ୍ୟରେ ହୃଦୟଙ୍ଗମ କରି ପାରିଥିଲେ ଯେ ସୁରେନ୍ଦ୍ର ସାଏ ସେମାନଙ୍କ କ୍ରୀଡ଼ା ପୁତ୍ତଳିକା ହୋଇପାରିବେ ନାହିଁ ଏବଂ ତାହାଙ୍କୁ ରାଜଗାଦିରେ ବସାଇ କବଳିତ କରିବା ସହଜସାଧ୍ୟ ନୁହେଁ । ତେଣୁ ତାହାଙ୍କ ଦାବୀ ଯଥୋଚିତ ଏବଂ ନ୍ୟାୟୋଚିତ ହେଲେ ମଧ୍ୟ ସେମାନେ ତାହାକୁ ଗ୍ରହଣ କରି ନଥିଲେ ।

ସମ୍ବଲପୁର ରାଜଗାଦୀ ପାଇଁ ଅନ୍ୟ ଜଣେ ଦାବୀଦାର ଥିଲେ ଝାରସୁଗୁଡ଼ାର ଯୁବକ ଜମିଦାର ଗୋବିନ୍ଦ ସିଂହ । ସେ ଥିଲେ ଗ୍ରୁଡ ସାଏଙ୍କ ତୃତୀୟ ପୁତ୍ର

Digitized by srujanika@gmail.com

ହରବଂଶଲାଲଙ୍କ ବଂଶଧର । ସେ ମଧ୍ୟ ସମ୍ବଲପୁର ରାଜସିଂହାସନ ପାଇବା ପାଇଁ ଅନେକ କୂଟକୌଶଳ ଅବଲମ୍ବନ କରିଥିଲେ । ସୁରେନ୍ଦ୍ର ସାଏଙ୍କ ପ୍ରତି ବିପୁଳ ଜନ ସମର୍ଥନ ତାହାଙ୍କୁ ଈର୍ଷାକାତର କରାଇ ଦେଇଥିଲା । ତେଣୁ ସେ ଆରମ୍ଭ କରିଥିଲେ କୂଟନୀତି । କେବଳ ରାଜଗାଦି ପାଇବା ଆଶାରେ ସେ ଇଂରେଜମାନଙ୍କ ସହିତ ମସୁଧା କରିଥିଲେ ଯେ, ସେ ବିପ୍ଳବୀ ସୁରେନ୍ଦ୍ର ସାଏଙ୍କୁ ଧରାଇ ଦେବେ ଓ ତା'ର ପୁରସ୍କାର ସ୍ୱରୂପ ସମ୍ବଲପୁରର ରାଜତ୍ୱ ଅଧିକାର ପାଇବା ଆବଶ୍ୟକ । ସେହି ସର୍ତ୍ତରେ ନିଜର ଉଦ୍ଦେଶ୍ୟ ସାଧନ ଲାଗି ଖୁବ୍ ଜୋରସୋର୍‌ରେ ଲାଗି ପଡ଼ିଥିଲେ ।

କିନ୍ତୁ ସୁରେନ୍ଦ୍ର ସାଏ ବ୍ୟସ୍ତ ରହିଥିଲେ ନିଜ ଉଦ୍ଦେଶ୍ୟ ସାଧନ ପାଇଁ । ଇଂରେଜ ସରକାରଙ୍କ ସହିତ ପ୍ରତ୍ୟକ୍ଷ ବିପ୍ଳବ ପାଇଁ ଜନ ସମର୍ଥନ ଓ ସୈନ୍ୟ ଦଳ ସଂଗ୍ରହ ଉଦ୍ଦେଶ୍ୟରେ ସେ ଲାଗି ପଡ଼ିଥିଲେ—ଘୂରି ବୁଲୁଥିଲେ ଗୋଟିଏ ଗ୍ରାମରୁ ଆଉ ଗୋଟିଏ ଗ୍ରାମ । ସେଇ ଅବସରରେ ଥରେ ଝାରସୁଗୁଡ଼ା ଅଞ୍ଚଳରେ ବୁଲୁଥିବାବେଳେ ସେଠିକାର ଜମିଦାର ଗୋବିନ୍ଦ ସିଂହଙ୍କ ଅନୁଚରମାନେ ସେ ସମ୍ବାଦ ଜମିଦାରଙ୍କୁ ଜଣାଇଥିଲେ । ଗୋବିନ୍ଦ ସିଂହ ସେଇ ସୁଯୋଗ ହିଁ ଖୋଜୁଥିଲେ । ତାହାଙ୍କର ସ୍ୱପ୍ନକୁ ରୂପଦେବା ପାଇଁ ସେ ତତ୍ପର ହୋଇ ଉଠିଥିଲେ । ସମ୍ପୂର୍ଣ୍ଣରୂପେ ନିଜକୁ ପ୍ରସ୍ତୁତ କରି ତାହାଙ୍କ ଅଞ୍ଚଳ ଭିତରେ ବୁଲୁଥିବା ସୁରେନ୍ଦ୍ର ସାଏଙ୍କୁ ଧରିବାପାଇଁ ଅନୁସନ୍ଧାନ ଚଳାଇଥିଲେ ।

ଦିନେ ଅପ୍ରତ୍ୟାଶିତ ଭାବରେ ସେ ସୁରେନ୍ଦ୍ର ସାଏଙ୍କ ସମ୍ମୁଖୀନ ହୋଇଥିଲେ । ସେତେବେଳେ ବୀର ସଂଗ୍ରାମୀ, ସାଏ ଗୋଟିଏ ଖଜୁରି ଗଛରେ ଚଢ଼ି ଖଜୁରି କୋଳି ତୋଳି ଖାଉଥିଲେ । ଖୋଦ୍ ଜମିଦାରଙ୍କୁ ଦେଖିଲା ପରେ ସେ ଗଛରୁ ଓହ୍ଲାଇ ଆସିଥିଲେ । ଜମିଦାର ଗୋବିନ୍ଦ ସିଂହ ତାହାଙ୍କ ଅନୁଚରମାନଙ୍କ ସହାୟତାରେ ବିନା ପ୍ରତିରୋଧରେ ସମ୍ମୁଖୀନ ହୋଇ ତାହାଙ୍କୁ ବନ୍ଦୀ କରିଥିଲେ । ସୁରେନ୍ଦ୍ର ସାଏ ସେହି କାର୍ଯ୍ୟରେ ଆଦୌ ବିଚଳିତ ହୋଇ ନଥିଲେ । ସେ ଇଂରେଜ ସରକାରଙ୍କୁ କାହିଁକି ବିରୋଧ କରୁଥିଲେ ତାହା ମଧ୍ୟ ବୁଝାଇ ଦେଇଥିଲେ । ଏହା ମଧ୍ୟ ତାହାଙ୍କୁ ଜଣାଇ ଦେଇଥିଲେ ଯେ—ସେ ଯଦି ସମ୍ବଲପୁର ରାଜଗାଦି ପାଇବା ପରେ ଏ ଦେଶରୁ ଇଂରେଜମାନଙ୍କୁ ହଟାଇବା ପାଇଁ ଆଜୀବନ ସଂଗ୍ରାମ କରିବା ପାଇଁ ପ୍ରସ୍ତୁତ; ତା' ହେଲେ ସେ ତାହାଙ୍କର ଜଣେ ପରମ ସମର୍ଥକ ଭାବେ ନିଜର ସମସ୍ତ ଶକ୍ତି ବିନିଯୋଗ କରିବେ । ସେ ତାହାଙ୍କୁ ବୁଝାଇ ଦେଇଥିଲେ ଯେ ଜନ୍ମଗତ ଅଧିକାର ଥିବା ଭିଟାମାଟିରେ ବିଦେଶୀ ଇଂରେଜ ସରକାରଙ୍କ ସ୍ଥାନ ଅତି ଗୌଣ । ସେ ବ୍ୟାକୁଳ, ଜନନୀ ଜନ୍ମଭୂମିର ଗୌରବ ରକ୍ଷାପାଇଁ । କେବଳ

Digitized by srujanika@gmail.com

ସେଇଥିପାଇଁ ଜୀବନକୁ ବଳି ଦେବାକୁ ସେ କେବେହେଲେ କୁଣ୍ଠା କରିବେ ନାହିଁ ।

ଜମିଦାର ଗୋବିନ୍ଦ ସିଂହଙ୍କ ମନ ସେତିକରେ ତରଳି ଯାଇଥିଲା । ସେ ସୁରେନ୍ଦ୍ର ସାଏଙ୍କୁ ବନ୍ଦୀ କରି ନିଜର ସ୍ୱାର୍ଥ ସାଧନ ପାଇଁ ଇଂରେଜ ସରକାରଙ୍କ ହାତରେ ସମର୍ପଣ କରିବା କଥା ମୁହୂର୍ତ୍ତିକ ମଧ୍ୟରେ ଭୁଲି ଯାଇଥିଲେ । ସେଇ ମୁହୂର୍ତ୍ତରୁ ସେ ହୋଇଥିଲେ ଜଣେ ବିପ୍ଳବୀ—ଇଂରେଜ ସରକାରଙ୍କ ଶତ୍ରୁ । ସୁରେନ୍ଦ୍ର ସାଏଙ୍କ ପକ୍ଷ ସମର୍ଥନ କରି ସେ ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ । କିନ୍ତୁ ପରେ ପରେ ଇଂରେଜ ସରକାରଙ୍କ ହାତରେ ସେ ଧରାପଡ଼ି ବନ୍ଦୀ ହୋଇଥିଲେ ଏବଂ ସେମାନଙ୍କ କୁମନ୍ତ୍ରଣାରେ ପଡ଼ି ପୁଣି ସେଇ ପୂର୍ବ ଉଦ୍ଦେଶ୍ୟ ସାଧନ ପାଇଁ ସମ୍ମତ ହୋଇ କାରାମୁକ୍ତ ହୋଇଥିଲେ ।

ସୁରେନ୍ଦ୍ର ସାଏ ଓ ଗୋବିନ୍ଦ ସିଂହଙ୍କ ପରେ ତୃତୀୟ ଦାବୀଦାର ହେଉଛନ୍ତି ରାଜା ନାରାୟଣ ସିଂହ । ପ୍ରକୃତରେ ପ୍ରଥମେ ସେ ସମ୍ବଲପୁର ସିଂହାସନ ଦାବୀ କରି ନ ଥିଲେ, କାଳକ୍ରମେ ତାହାଙ୍କୁ ସେହି ଦାବୀ କରିବା ପାଇଁ ଯଥେଷ୍ଟ ପ୍ରବର୍ତ୍ତନା ଦିଆଯାଇଥିଲା । ଖୋଦ୍ ରାଣୀ ମୋହନ କୁମାରୀ ଓ କମ୍ପାନୀ ସରକାର ସେଥିପାଇଁ ତାହାଙ୍କୁ ପ୍ରରୋଚିତ କରିଥିଲେ । ତାହାଙ୍କ ବାସସ୍ଥାନ ଥିଲା ବରପାଲି । ସେଠାରେ ସେ ଜମିଦାର ନଥିଲେ କିମ୍ବା ଜମିଦାରଙ୍କ ସନ୍ତାନ ମଧ୍ୟ ନଥିଲେ । ସେ ପ୍ରକୃତରେ ଥିଲେ ସମ୍ବଲପୁରର ରାଜା । ରତନ ସିଂହଙ୍କ ଭାଇ ବିକ୍ରମସିଂହଙ୍କ ପୁତ୍ର ପ୍ରତାପ ସିଂହଙ୍କ ନାତି । ବିକ୍ରମ ସିଂହ ଖୋରାକ ପୋଷାକ ରୂପେ ବରପାଲି ଜମିଦାରୀ ପାଇଥିଲେ । ତେଣୁ ସମ୍ବଲପୁର ରାଜଗାଦି ପାଇଁ ସୁରେନ୍ଦ୍ର ସାଏଙ୍କ ତୁଳନାରେ ତାହାଙ୍କର ଦାବୀ ଥିଲା ଅତି ନଗଣ୍ୟ । ପୁଣି ବିଧବା ରାଣୀ ମୋହନ-କୁମାରୀଙ୍କ ଦେହରକ୍ଷୀ ଭାବେ ସେ କିଛିଦିନ ନିଯୁକ୍ତ ରହିଥିଲେ ।

ମହାରାଜା ସାଏଙ୍କ ମୃତ୍ୟୁ ପରେ ପରେ ଯେତେବେଳେ ବିଧବା ରାଣୀ ମୋହନ କୁମାରୀ ଗାଦିନାସୀନ ହୋଇଥିଲେ, ସେତେବେଳେ ସମ୍ବଲପୁରରେ ସଙ୍ଗେ ସଙ୍ଗେ ବିପ୍ଳବ ଆରମ୍ଭ ହୋଇଯାଇଥିଲା । ତାର ଏକ ପ୍ରଧାନ କାରଣ ଥିଲା, ରାଜକାର୍ଯ୍ୟ ପରିଚାଳନାରେ ଇଂରେଜ ସରକାରଙ୍କ ସମର୍ଥନ ଓ ସାହାଯ୍ୟ, ପୁଣି ଜଣେ ବିଧବା ରାଣୀଙ୍କ ଦ୍ୱାରା ରାଜ୍ୟ ଶାସନ ହେବା ଲୋକଙ୍କ ଅନିଚ୍ଛା । ତେଣୁ ସଙ୍ଗେ ସଙ୍ଗେ କମ୍ପାନୀ ସରକାରଙ୍କ ସ୍ୱୀକୃତ ପ୍ରାପ୍ତ ରାଜା ଓ ସରକାରଙ୍କ ସମର୍ଥକ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ ହୋଇଯାଇଥିଲା ।

Digitized by srujanika@gmail.com

ରାଜସିଂହାସନ ପାଇଁ ସୁରେନ୍ଦ୍ର ସାଏ ନିଜ ଦାବୀ ଜଣାଇ ଆକାଂକ୍ଷା ପୂରଣ ହୋଇ ପାରି ନଥିବା ଯୋଗୁଁ ରାଣୀଙ୍କ ବିରୋଧ ତଥା ଇଂରେଜ ସରକାରଙ୍କ ବିରୋଧ କରୁଥିବାବେଳେ, ରାଜ ଅନୁଗ୍ରହ ପାଇ ନପାରିଥିବା ଯୋଗୁଁ ରାଜ୍ୟର ଗଣ୍ଡ ଓ ବିଞ୍ଝାଲମାନେ ଇଂରେଜ ସରକାରଙ୍କ ବିରୋଧ କରୁଥିଲେ। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପରମ ସୌହାର୍ଦ୍ଦ୍ୟ ସୃଷ୍ଟି ହେବା ସ୍ୱାଭାବିକ ଥିଲା। ସେହି କାରଣରୁ ଦିନକୁ ଦିନ ରାଜ୍ୟରେ ବିଶୃଙ୍ଖଳା ତଥା ବିଦ୍ରୋହ ବୃଦ୍ଧି ପାଇବାରେ ହିଁ ଲାଗିଥିଲା। ସରକାର ଆଶା ପୋଷଣ କରୁଥିଲେ ହୁଏତ ସେଭଳି ବିଦ୍ରୋହ ସାମୟିକ। ତେଣୁ ତାହା ଆପେ ଆପେ ଶିଥିଳ ହୋଇପଡ଼ିବ।

କିନ୍ତୁ ସେଭଳି ଧାରଣା ଭ୍ରାନ୍ତ ବୋଲି ପ୍ରମାଣିତ ହୋଇଥିଲା। କ୍ରମଶଃ ସେହି ବିଦ୍ରୋହର ଧ୍ୱନି ସମଗ୍ର ରାଜ୍ୟର କୋଣେ କୋଣେ ପ୍ରତିଧ୍ୱନିତ ହୋଇଥିଲା। ସୁରେନ୍ଦ୍ର ସାଏଙ୍କ ଦାବୀପ୍ରତି ଜନସମର୍ଥନ କ୍ରମେ ଅତ୍ୟଧିକ ଭାବରେ ବୃଦ୍ଧି ପାଇଥିଲା। ରାଜ୍ୟର ଅନେକ ଜମିଦାର ଓ ଗୋନ୍ତିଆ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ସେହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ରାଜ୍ୟରେ ଦିନକୁ ଦିନ ଅଶାନ୍ତି ଅସହ୍ୟ ହୋଇଉଠିଥିଲା।

ଯେତେବେଳେ ରାଣୀ ମୋହନ କୁମାରୀଙ୍କ ରାଜତ୍ୱକାଳରେ ସୁରେନ୍ଦ୍ର ସାଏଙ୍କ ବିଦ୍ରୋହ ଭୟଙ୍କର ଅବସ୍ଥାରେ ପହଞ୍ଚିଥିଲା, ସେତେବେଳେ ଇଂରେଜ ସରକାରଙ୍କ ନିର୍ଦ୍ଦେଶ ମତେ ହଜାରିବାଗରୁ ଦଳେ ସୈନ୍ୟ କେପଟେନ୍ ଓ୍ୱିଲକିନ୍‌ସନଙ୍କ ନେତୃତ୍ୱରେ ସମ୍ବଲପୁର ଆସିଲେ ବିଦ୍ରୋହ ଦମନ କରିବା ପାଇଁ। ସେମାନେ ଅତି ନିର୍ଦ୍ଦୟ ଭାବରେ ସୁରେନ୍ଦ୍ର ସାଏଙ୍କ ସମର୍ଥକମାନଙ୍କୁ ଫାଶି ଦେବା ସଙ୍ଗେ ସଙ୍ଗେ ତାହାଙ୍କୁ ସମର୍ଥନ କରୁଥିବା ଗ୍ରାମବାସୀମାନଙ୍କୁ ଭୟଭୀତର କରାଇବା ପାଇଁ ଅନେକ ଗ୍ରାମ ଜାଳିପୋଡ଼ି ପାଉଁଶ କରି ପକାଇଥିଲେ; ତଥାପି ସେ ବିଦ୍ରୋହ ଦମନ ହୋଇପାରି ନଥିଲା। ପରିଶେଷରେ ଅବସ୍ଥା ଗମ୍ଭୀର ଭାବେ ଅନୁଧ୍ୟାନ କରି ସେ ମତବ୍ୟକ୍ତ କରିଥିଲେ ଯେ ରାଣୀ ମୋହନ କୁମାରୀ କ୍ଷମତାରେ ଥିବା ପର୍ଯ୍ୟନ୍ତ ବିଦ୍ରୋହର ଅବସାନ ହେବା ହୁଏତ ଆଦୌ ସମ୍ଭବପର ହେବ ନାହିଁ।

କମ୍ପାନୀ ସରକାର ବାଧ୍ୟ ହୋଇଥିଲେ ରାଣୀଙ୍କ ସ୍ଥାନରେ ଆଉ ଜଣେ ନୂତନ ରାଜାଙ୍କୁ ସେହି ଅଞ୍ଚଳର ଶାସନଭାର ଅର୍ପଣ କରିବା ପାଇଁ। ମହାରାଜା ସାଏ ନିଃସନ୍ତାନ ଥିବାରୁ ଜଣେ ଇତର ଲୋକକୁ ନାମମାତ୍ର ଶାସନ ଗାଦିରେ ବସାଇବା ଲାଗି ସେମାନେ ସ୍ଥିର କରିଥିଲେ। ସେଥିପାଇଁ ରାଜା ନାରାୟଣ

Digitized by srujanika@gmail.com

ସିଂହଙ୍କୁ ମନୋନୀତ କରିଥିଲେ ଓ୍ୱିଲକନ୍‌ସନ , ଆଉ ସେଭଳି ଗୁରୁଦାୟିତ୍ୱ ଗ୍ରହଣ କରିବା ପାଇଁ ନାରାୟଣ ସିଂହ ନିଜର ଅସାମର୍ଥ୍ୟ ପ୍ରକାଶ କରିଥିଲେ ମଧ୍ୟ ଖୋଦ୍ ରାଣୀଙ୍କ ପ୍ରରୋଚନା ଓ ଇଂରେଜ ସରକାରଙ୍କ ଅବାଞ୍ଛିତ ସାହାଯ୍ୟ ସହଯୋଗ ଯୋଗୁଁ ସେ ସେଥିପାଇଁ ଏକ ପ୍ରକାର ବାଧ୍ୟ ହୋଇ ୧୮୩୩ ମସିହା ଅକ୍ଟୋବର ଏଗାର ତାରିଖ ଦିନ ସେହି କଣ୍ଟକମୟ ମୁକୁଟ ଗ୍ରହଣ କରିଥିଲେ । ରାଣୀ ମାସିକ ଛଅଶହ ଟଙ୍କା ବୃତ୍ତି ପାଇ ପ୍ରଥମେ କଟକ ଓ ପରେ ଖୋର୍ଦ୍ଧାରେ ଅବସର ଗ୍ରହଣ କରିଥିଲେ ।

ଥରେ ରାଜଗାଦି ଗ୍ରହଣ କରିବା ପରେ ସେ ବାଧ୍ୟ ହୋଇଥିଲେ ଦେଶରେ ଶାସନ ଶୃଙ୍ଖଳା ରକ୍ଷା କରିବା ପାଇଁ । ନିଜର ଦାୟିତ୍ୱ ଦୃଷ୍ଟିରୁ ବିଶୃଙ୍ଖଳିତ ଅବସ୍ଥାକୁ ସୁଧାରିବା ପାଇଁ ସବୁ ଚେଷ୍ଟା କରିବା ମଧ୍ୟ ସ୍ୱାଭାବିକ ଥିଲା । ଇଂରେଜ ସରକାର ତାହା ହିଁ କାମନା କରୁଥିଲେ । ରାଜାଙ୍କ ନାମରେ ବିଦ୍ରୋହୀମାନଙ୍କୁ ଜବତ କରିବା ପାଇଁ ବିଭିନ୍ନ ପ୍ରକାର ଉଦ୍ୟମ କରାଯାଇଥିଲା । ସେଇମାନଙ୍କ ପ୍ରରୋଚନାରେ ରାଜ୍ୟରେ ବିଦ୍ରୋହୀମାନଙ୍କ ଉପରେ ଓ ସେମାନଙ୍କ ସମର୍ଥକ-ମାନଙ୍କ ପ୍ରତି ବିଭିନ୍ନ ପ୍ରକାରର ଅତ୍ୟାଚାର କରାଯାଇଥିଲା । ଯଥାସମ୍ଭବ ସେମାନଙ୍କ ଖଜଣା ହାର ବୃଦ୍ଧି କରାଯାଇଥିଲା । ଦମନମୂଳକ ନୀତି ଗ୍ରହଣ କରି ଅନେକ ଗାଁ-ଗଣ୍ଡା ପୋଡ଼ି ଦିଆଯାଇଥିଲା ଓ ବିଶେଷ ଉଲ୍ଲେଖଯୋଗ୍ୟ ଯେ ନିଜ ବିବେକ ବିରୁଦ୍ଧରେ ମଧ୍ୟ ରାଜା ନାରାୟଣ ସିଂହ ଅନେକ ଲୋକଙ୍କୁ ଅନ୍ୟାୟରେ ଫାଶିଦେବା ପାଇଁ ବାଧ୍ୟ ହୋଇଥିଲେ । ତାହାସବୁ ଇଂରେଜ ସରକାରଙ୍କ ପରୋକ୍ଷ ଆଦେଶରେ କରାଯାଉଥିବା ଯୋଗୁଁ ରାଜା ନାରାୟଣ ସିଂହଙ୍କ ଅନ୍ୟ କିଛି କରିବାର ନ ଥିଲା । ବାଧ୍ୟହୋଇ କେବଳ ନିଜ ନାମରେ ସେ ସେସବୁ କାର୍ଯ୍ୟ କରୁଥିଲେ ।

ସେହି କାରଣଗୁଡ଼ିକ କିନ୍ତୁ ସୁରେନ୍ଦ୍ର ସାଏଙ୍କ ବିପ୍ଳବକୁ ଅଧିକ ସ୍ୱଚ୍ଛଳ କରିଥିଲା । ପ୍ରପୀଡ଼ିତ ଜନଗଣ ଅଧିକରୁ ଅଧିକ ସଂଖ୍ୟାରେ ସୁରେନ୍ଦ୍ର ସାଏଙ୍କ ଦଳରେ ଯୋଗ ଦେଉଥିଲେ ଓ ହାର୍ଦ୍ଦିକ ସମର୍ଥନ ମଧ୍ୟ ଜଣାଉଥିଲେ ।

କେବଳ ସେହି ଆନ୍ତରିକ ସମର୍ଥନ ଯୋଗୁଁ ହିଁ ଇଂରେଜମାନଙ୍କ ଅତ୍ୟାଧୁନିକ ଅସ୍ତ୍ର ଶସ୍ତ୍ର ବିରୁଦ୍ଧରେ ସୁରେନ୍ଦ୍ର ସାଏଙ୍କ ଖଣ୍ଡା, ବର୍ଚ୍ଛା ଓ ଧନୁଶରର ସଂଗ୍ରାମ ଦୀର୍ଘକାଳ ସ୍ଥାୟୀ ହୋଇପାରିଥିଲା ।

Digitized by srujanika@gmail.com

ସମ୍ବଲପୁର ସହ ମୁକାବିଲା ଓ ଜେଲ୍

୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ସଙ୍ଗେ ସଙ୍ଗେ ସମ୍ବଲପୁରର ଶାସନ ଦାୟିତ୍ୱ ମଧ୍ୟ ନେଇଥିଲେ । କିନ୍ତୁ ସେହି ଅଞ୍ଚଳର ପ୍ରତ୍ୟକ୍ଷ ଶାସନଭାର ପ୍ରାୟ ୧୮୪୯ ମସିହା ପର୍ଯ୍ୟନ୍ତ ତଥାକଥିତ ରାଜାମାନଙ୍କ ହାତରେ ହିଁ ରହିଥିଲା । କମ୍ପାନୀ ସରକାର ୧୮୦୩ ମସିହାରେ ଓଡ଼ିଶା ଅଧିକାର କରି ମାତ୍ର ଦୁଇବର୍ଷ ପରେ ୧୮୦୫ ମସିହାରେ ପାଟଣା ରାଜ୍ୟ ସହିତ ସମ୍ବଲପୁରକୁ ନାଗପୁରର ରାଜା ରଘୁଜୀ ଭୋଁସଲଙ୍କୁ ଅନୁଗ୍ରହ ସ୍ୱରୂପ ଫେରାଇ ଦେଇଥିଲେ । ଅତ୍ୟାଚାରପୂର୍ଣ୍ଣ ମରହଟ୍ଟା ଶାସନ ଅଧୀନରେ ସେହିଭଳି ଭାବରେ ପ୍ରାୟ ନଅବର୍ଷ ରହିବା ପରେ ପୁଣି ତାହା ବ୍ରିଟିଶ ଶାସନ ଅଧୀନକୁ ଆସିଥିଲା । କିନ୍ତୁ ତାହା ମଧ୍ୟ ପ୍ରତ୍ୟକ୍ଷ ଶାସନ ନ ଥିଲା । ସେମାନଙ୍କ ନିର୍ଦ୍ଦେଶରେ ରାଜାମାନେ ହିଁ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ସେହିଭଳି ଇଂରେଜ ଶାସନ ୧୮୪୯ ମସିହା ପର୍ଯ୍ୟନ୍ତ ପରୋକ୍ଷ ଭାବରେ ଚାଲିଥିଲା । ରାଣୀ ମୋହନ କୁମାରୀଙ୍କ ଭଳି ନାରାୟଣ ସିଂହ ମଧ୍ୟ କମ୍ପାନୀ ସରକାରଙ୍କ ସମର୍ଥିତ ରାଜା ଥିଲେ । ସେ ପ୍ରକୃତରେ ଦେଶର ଜନଗଣଙ୍କ ନେତା ନ ହୋଇ ହୋଇଥିଲେ ଇଂରେଜ ସରକାରଙ୍କ ଖେଳଣା କଣ୍ଢେଇ ।

ରାଣୀ ମୋହନ କୁମାରୀଙ୍କ ପରେ ପରେ ନାରାୟଣ ସିଂହଙ୍କ ଅମଳରେ ମଧ୍ୟ ସମ୍ବଲପୁରରେ ଠିକ୍ ପୂର୍ବଭଳି ବିଦ୍ରୋହ ଲାଗି ରହିଥିଲା ଏବଂ ସେହି ବିଦ୍ରୋହକୁ ନେତୃତ୍ୱ ଦେଉଥିଲେ ସୁରେନ୍ଦ୍ର ସାଏ । ଇଂରେଜ ସରକାରଙ୍କ ସହାୟତାରେ ସେହି ବିପ୍ଳବକୁ ଦମନ କରିବା ପାଇଁ ନାରାୟଣ ସିଂହ ପ୍ରବଳ ଉଦ୍ୟମ କରିଥିଲେ ।

ଉଲ୍ଲେଖ କରାଯାଇପାରେ ଯେ, ଇଂରେଜ ସରକାର ସେ ବିଦ୍ରୋହକୁ ଦମନ କରିବା ପାଇଁ ନାରାୟଣ ସିଂହଙ୍କୁ ଯଥେଷ୍ଟ ସାହାଯ୍ୟ କରୁଥିଲେ ମଧ୍ୟ ସେହି ଅଞ୍ଚଳରେ ସେଭଳି ଅଶାନ୍ତିକର ବାତାବରଣ ଲାଗି ରହିବା ଇଚ୍ଛା କେତେକାଂଶରେ ପୋଷଣ କରିଥିଲେ । ସେମାନଙ୍କ ଇଙ୍ଗିତରେ ହିଁ ସେଭଳି ବିଶୃଙ୍ଖଳା ସେହି ଅଞ୍ଚଳରେ ଲାଗି ରହିଥିଲା । ତାର କାରଣ ଯେତିକି ରାଜନୈତିକ ଥିଲା ସେତିକି କୂଟନୈତିକ ମଧ୍ୟ ଥିଲା । ଇଂରେଜ ସରକାର ସମ୍ବଲପୁର ଅଞ୍ଚଳର ଜନଗଣଙ୍କୁ ହୃଦବୋଧ କରାଇଦେବାକୁ ସମ୍ଭବତଃ ଚାହୁଁଥିଲେ ଯେ ପରେ ପରେ ସେମାନେ

Digitized by srujanika@gmail.com

ଯେତେବେଳେ ସେ ଅଞ୍ଚଳରେ ପ୍ରତ୍ୟକ୍ଷ ଶାସନଭାର ଗ୍ରହଣ କରିବେ, ସମସ୍ତ ବିଦ୍ରୋହକୁ ନିଷ୍ଠୁର ଭାବରେ ଦମନକରି ଲୋକଙ୍କୁ ଦେଖାଇଦେବେ ଯେ ଇଂରେଜ-ଶାସନ ଦେଶୀୟଶାସନ ଅପେକ୍ଷା ଅତି ଉଚ୍ଚକୋଟିର ।

ପ୍ରକୃତରେ ନାରାୟଣ ସିଂହ ସମ୍ବଲପୁର ସିଂହାସନ ପାଇବା ଲାଗି ହକ୍‌ଦାର ନଥିଲେ । ସେ ଥିଲେ ରାଣୀ ମୋହନ କୁମାରୀଙ୍କ ଜଣେ ଦେହରକ୍ଷୀ । ସେ ଯେତେବେଳେ ରାଜା ହେବା ସମ୍ବାଦ ଶୁଣିଲେ ସେ ପ୍ରସ୍ତାବକୁ କାର୍ଯ୍ୟକାରୀ ନ କରାଇବା ପାଇଁ ବଡ଼ଲାଟଙ୍କ ପ୍ରତିନିଧିଙ୍କୁ ଆବେଦନ କରିଥିଲେ; କିନ୍ତୁ ତାହା କୌଣସି ଫଳପ୍ରଦ ହୋଇ ନ ଥିଲା । ରାଣୀ ମୋହନ କୁମାରୀଙ୍କୁ କଟକ ପଠାଇ ଦିଆଯାଇ ସମସ୍ତ ଇଂରେଜ ସୈନ୍ୟଙ୍କୁ ଅପସାରିତ କରାଯାଇଥିଲା ଏବଂ ନାରାୟଣ ସିଂହଙ୍କୁ ସମ୍ପୂର୍ଣ୍ଣ ରୂପେ ସମ୍ବଲପୁର ରାଜସିଂହାସନର ଦାୟିତ୍ୱ ଅର୍ପିତ ହୋଇଥିଲା ।

ନାରାୟଣ ସିଂହ ଯଥାଶକ୍ତି ଶାସନ କରିବା ପାଇଁ ଅଧିକାର ପାଇ ରାଜମୁକୁଟ ଗ୍ରହଣ କରିବା ବେଳକୁ ସାରା ଅଞ୍ଚଳରେ ବିପ୍ଳବର ବହ୍ନି କୁହୁଳି ଉଠୁଥିଲା । ଜନସାଧାରଣଙ୍କ ସମେତ ଜମିଦାରମାନେ ମଧ୍ୟ ପ୍ରାୟତଃ ଦୁଇ ଦଳରେ ବିଭକ୍ତ ହୋଇସାରିଥିଲେ । ପ୍ରକାଶ୍ୟରେ ରାଜାଙ୍କୁ ସମର୍ଥନ କରୁଥିଲେ ଇଂରେଜମାନଙ୍କ ଭୟରେ, କିନ୍ତୁ ପ୍ରକୃତରେ ଅଧିକାଂଶ ଜମିଦାର ତଥା ଜନସାଧାରଣ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱକୁ ପସନ୍ଦ କରି ବିପ୍ଳବକୁ ସମର୍ଥନ କରୁଥିଲେ । ସେମାନେ ଚାହୁଁଥିଲେ ନାରାୟଣ ସିଂହଙ୍କ ପରିବର୍ତ୍ତେ ସମ୍ବଲପୁରର ସିଂହାସନାଧିକାରୀ ହୁଅନ୍ତୁ ବୀର ସୁରେନ୍ଦ୍ର ସାଏ ।

ତେଣୁ ସେ ପ୍ରକାର ପରିସ୍ଥିତି ଭିତରେ ରାଜା ନାରାୟଣ ସିଂହ ସେହି ଅଞ୍ଚଳର ବ୍ରାହ୍ମଣ ଜାତି ତଥା ଅନ୍ୟାନ୍ୟ ପ୍ରତିପତ୍ତିଶାଳୀ ଲୋକମାନଙ୍କୁ ନିଜ ପକ୍ଷଭୁକ୍ତ କରିବା ପାଇଁ ଆରମ୍ଭରୁ ହିଁ ଉଦ୍ୟମ କରିଥିଲେ । ତେଣୁ ମନ୍ତ୍ରୀ ତଥା ବ୍ରାହ୍ମଣମାନଙ୍କ ସମେତ ଅନ୍ୟ ରାଜକର୍ମଚାରୀ ଏବଂ ରାଜାଙ୍କର ପ୍ରିୟପାତ୍ରମାନେ ସବୁ ଉତ୍କୃଷ୍ଟ ଜମିଜମା ପାଇବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ସୁଯୋଗ ସୁବିଧା ମଧ୍ୟ ହାସଲ କରିଥିଲେ । ସେମାନେ ମଧ୍ୟ ରାଜାଙ୍କ ଆଦେଶରେ ଜନଗଣଙ୍କ ନିକଟରେ ବିଭିନ୍ନ ଉପାୟରେ ଓ ବିଭିନ୍ନ ଉଦ୍ଦେଶ୍ୟରେ ଅର୍ଥ ମଧ୍ୟ ସଂଗ୍ରହ କରିବା ଅଧିକାର ଲାଭ କରିଥିଲେ । ପରିଣାମତଃ ରୟତମାନେ ତଥା ସାଧାରଣ ଜନତା ନିଷ୍ପେଷିତ ହେବାକୁ ବାଧ୍ୟ ହୋଇଥିଲେ ।

Digitized by srujanika@gmail.com

ସମ୍ବଲପୁର ଓ ତତ୍ ସଂଲଗ୍ନ ଦେଶୀୟ ରାଜ୍ୟଗୁଡ଼ିକ ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଥିଲା ଏବଂ ସେମାନେ ତଥା ସେମାନଙ୍କ ନେତାମାନେ ଆଶଙ୍କା କରିଥିଲେ ଯେ ସମୟକ୍ରମେ ନାରାୟଣ ସିଂହଙ୍କ ଶାସନକାଳରେ ସେମାନଙ୍କ ଉତ୍କୃଷ୍ଟ ଜମିଗୁଡ଼ିକ ଭୋଗଦଖଲରୁ ବଞ୍ଚିତ ହେବେ । କାରଣ ସେଗୁଡ଼ିକ ରାଜା ନେଇଯାଇ ଦେବୋତ୍ତର ଓ ବ୍ରହ୍ମୋତ୍ତର ବୃତ୍ତିସ୍ୱରୂପ ପ୍ରଦାନ କରିବେ । ନିଜ ଜମିରୁ ନିଜର କ୍ଷମତା ଓ ସ୍ୱତ୍ୱଲୋପର ଆଶଙ୍କା କ୍ରମଶଃ ବିଶେଷ କରି ଆଦିବାସୀମାନଙ୍କ ମନରେ ଗଭୀର ପ୍ରଭାବ ପକାଇଥିଲା ଏବଂ ସେମାନେ ସଦାସର୍ବଦା ଶଙ୍କାକୁଳ ରହୁଥିଲେ । ସେମାନଙ୍କ ମତ ଥିଲା, କେବଳ ସୁରେନ୍ଦ୍ର ସାଏ ହିଁ ସେ ସମସ୍ୟାର ଉପଯୁକ୍ତ ସମାଧାନ କରିପାରିବେ । ତେଣୁ ଜିଲ୍ଲାର ଆଦିବାସୀ, ଗଣ୍ଡ ଓ ବିଞ୍ଝାଲ ଜାତିର ଲୋକମାନେ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ପରିଚାଳିତ ବିପ୍ଳବକୁ ଅଧିକମାତ୍ରାରେ ସାହାଯ୍ୟ କରୁଥିଲେ ଏବଂ ତେଣୁ ଗଣ୍ଡ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକ ସୁରେନ୍ଦ୍ର ସାଏଙ୍କ ବିପ୍ଳବର କେନ୍ଦ୍ର ଥିଲା । ବରଗଡ଼ ସବ୍‌ଡିଭିଜନସ୍ଥ ଲକ୍ଷ୍ମଣପୁରର ଗଣ୍ଡ ଜମିଦାର ବଳଭଦ୍ର ଦାଓ ଥିଲେ ସୁରେନ୍ଦ୍ର ସାଏଙ୍କ ଜଣେ ବିଶିଷ୍ଟ ସମର୍ଥକ । ଥରେ ବାରପାହାଡ଼ ଗିରିମାଳାର ଉଚ୍ଚତମ ଶୃଙ୍ଗ ଦେବ୍ରୀଗଡ଼ ନିକଟରେ ବାରବଖରା ଗିରିଗୁମ୍ଫାରେ ସୁରେନ୍ଦ୍ର ସାଏ ଓ ବଳଭଦ୍ର ଦାଓ ବିଶ୍ରାମ ନେଉଥିଲା ବେଳେ ରାଜାଙ୍କ ତରଫରୁ ଅତର୍କିତ ଭାବରେ ଆକ୍ରମଣ କରାହୋଇଥିଲା । ସୁରେନ୍ଦ୍ର ସାଏଙ୍କ ଜଣେ ଅନୁଚର ପାହାଡ଼ ରଣ୍ଡା ହିଁ ଶିକିମନାଇର କାର୍ଯ୍ୟ କରିଥିଲା । ସେ ବିଶ୍ୱାସଘାତକତା କରି ପ୍ରସ୍ତୁତ ପାଇଁ ପ୍ରସ୍ତୁତ ନଥିବା ସମୟରେ ଇଂରେଜ ଓ ରାଜାଙ୍କ ସୈନ୍ୟମାନଙ୍କୁ ସୁରେନ୍ଦ୍ର ସାଏଙ୍କ ସନ୍ଧାନ ଦେଇଥିଲା । ସେହି ରକ୍ତାକ୍ତ ସଂଘର୍ଷରେ ବଳଭଦ୍ର ଦାଓ ନିହତ ହୋଇଥିଲେ ଏବଂ ଗୁରୁତର ଭାବରେ ଆହତ ହୋଇ ସୁରେନ୍ଦ୍ର ସାଏ ସେଠାରୁ ଖସିଯାଇଥିଲେ ।

ଇଂରେଜ ସରକାର ଆଶା କରିଥିଲେ ସୁରେନ୍ଦ୍ର ସାଏଙ୍କ ଜଣେ ଅତି ଅନ୍ତରଙ୍ଗ ଓ ଚଳିଷ୍ଣୁ ସମର୍ଥକ ବଳଭଦ୍ର ଦାଓଙ୍କ ମୃତ୍ୟୁ ପରେ, ସେମାନଙ୍କ ଆନ୍ଦୋଳନାତ୍ମକ କାର୍ଯ୍ୟକଳାପ ଶିଥିଳ ହୋଇଯିବ, କିନ୍ତୁ ସେମାନଙ୍କ ସେଇ ଆଶା ନିରାଶାରେ ପରିଣତ ହୋଇଥିଲା । କାରଣ ସୁରେନ୍ଦ୍ର ସାଏ ଲୋକଙ୍କର ହାର୍ଦ୍ଦିକ ସମର୍ଥନ ସବୁବେଳେ ପାଇ ଆସୁଥିଲେ । ତେଣୁ ତାହାଙ୍କର ମନୋବଳ କ୍ଷୁଣ୍ଣ-ହେବାର ଅବକାଶ ଥିଲା ଅତି କମ୍ । ଯେଉଁ ରାଜା ଓ ଜମିଦାରମାନେ ତାହାଙ୍କ ବିରୁଦ୍ଧରେ କାର୍ଯ୍ୟପନ୍ଥା ଗ୍ରହଣ କରୁଥିଲେ, ସେମାନଙ୍କ ସହ ମୁକାବିଲା କରିବାଲାଗି ସେ ପଶ୍ଚାତ୍‌ପଦ ହେଉ ନଥିଲେ ।

ସେହିଭଳି ଜଣେ ବିଶ୍ୱାସଘାତକ ଥିଲେ ରାମପୁରର ଜମିଦାର । ସେ ଇଂରେଜମାନଙ୍କ ଶୁଭଦୃଷ୍ଟି ଆକର୍ଷଣ କରିବା ପାଇଁ ରାଜା ଓ ଇଂରେଜମାନଙ୍କୁ

Digitized by srujanika@gmail.com

ସୁରେନ୍ଦ୍ର ସାଏ଼ଙ୍କ ଗତିବିଧି ସମ୍ପର୍କରେ ମଧ୍ୟ ସନ୍ଧାନ ଦେଉଥିଲେ ଏବଂ ରାଜା ନାରାୟଣ ସିଂହଙ୍କ ସପକ୍ଷରେ ଜନମତ ସୃଷ୍ଟି କରିବାକୁ ଉଦ୍ୟମ କରୁଥିଲେ । ପୁଣି ଯେଉଁ ଜମିଦାରମାନେ ବିପ୍ଳବୀ ନେତା ଓ ତାହାଙ୍କର ସହକର୍ମୀମାନଙ୍କୁ ଧରାଇଦେବାକୁ ଚେଷ୍ଟା କରୁଥିଲେ, ସେମାନଙ୍କୁ ଧନ ଓ ଜନ ବଳ ମଧ୍ୟ ଆବଶ୍ୟକ ମତେ ଯୋଗାଇ ଦେଉଥିଲେ ।

ସୁରେନ୍ଦ୍ର ସାଏ ଜଣେ ଦୂତ ପଠାଇ ସମ୍ବଲପୁର ରାଜବଂଶୀୟ ରାମପୁର ଜମିଦାରଙ୍କୁ ସେଥିରୁ ନିବୃତ୍ତ ରହିବା ଲାଗି ଉପଦେଶ ଦେଇଥିଲେ । କିନ୍ତୁ ସେ ତାହାକୁ ଗ୍ରହଣ କରିବେ କ'ଣ ; ବରଂ ସେହି ଦୂତକୁ ଅପମାନ ଦେଇଥିଲେ । ସେଥିରେ ସୁରେନ୍ଦ୍ର ସାଏ କ୍ରୁଦ୍ଧ ହୋଇଥିଲେ ଏବଂ ୧୮୪୦ ମସିହାରେ ତାହାଙ୍କ ଭାଇ ଉଦନ୍ତ ସାଏ, ତଥା ପିତୃବ୍ୟ ବଳରାମ ସିଂହଙ୍କ ସହିତ ରାମପୁରଗଡ଼ ଆକ୍ରମଣ କରିଥିଲେ । ବିପ୍ଳବୀମାନେ ଏତେ ମାତ୍ରାରେ କ୍ରୋଧାନ୍ଧ ହୋଇପଡ଼ିଥିଲେ ଯେ, ସେମାନେ ରାମପୁର ଜମିଦାର ଦୁର୍ଜୟସିଂହଙ୍କ ପ୍ରବଳ ପ୍ରତିରୋଧ ସତ୍ତ୍ୱେ ସେଠିକାର ଦୁର୍ଗ ଧ୍ୱଂସ କରିବା ସଙ୍ଗେ ସଙ୍ଗେ ରାମପୁର ଗ୍ରାମ ପୋଡ଼ି ପକାଇଥିଲେ । ସେହି ସଂଗ୍ରାମରେ ଦୁର୍ଜୟସିଂହଙ୍କ ପିତା ଓ ପୁତ୍ର ନିହତ ହୋଇଥିଲେ । ନିଜେ ଜମିଦାର ଅନନ୍ୟୋପାୟ ହୋଇ ହୁମଗିର ଚାଲିଯାଇଥିଲେ ।

ସୁରେନ୍ଦ୍ର ସାଏଙ୍କ ରାମପୁର ଆକ୍ରମଣ ସମ୍ବାଦ ଅବିଳମ୍ବେ ରାଜଧାନୀରେ ପହଞ୍ଚି ଯାଇଥିଲା । ସଙ୍ଗେ ସଙ୍ଗେ ଏକ ବିରାଟ ଫଉଜ ତାହାଙ୍କୁ ଧରିବା ପାଇଁ ରାମପୁର ଯାତ୍ରା କରିଥିଲେ । ସୁରେନ୍ଦ୍ର ସାଏ ସେକଥା ଯଥାର୍ଥରେ ଅନୁମାନ କରିପାରିଥିଲେ ; କିନ୍ତୁ ସେ ଯେଉଁ କାର୍ଯ୍ୟପନ୍ଥା ଗ୍ରହଣ କରିଥିଲେ ତାହା ଯଥାର୍ଥ ନ ଥିଲା । ସେ ଚାହିଁଥିଲେ ସେଠାରେ ଇଂରେଜ ଓ ରାଜାଙ୍କ ସୈନ୍ୟମାନଙ୍କ ସହ ମୁକାବିଲା କରିବେ । ତେଣୁ ପାଟଣା ରାଜାଙ୍କୁ ସାହାଯ୍ୟ ମାଗିବା ପାଇଁ ସେ ଯାଉଥିଲେ , କିନ୍ତୁ ରାସ୍ତାରେ ହିଁ ସରକାରୀ ସୈନ୍ୟମାନଙ୍କ ସହ ତାହାଙ୍କର ଭେଟ ହୋଇଯାଇଥିଲା ଏବଂ ସେଠାରେ ଏକ ରକ୍ତାକ୍ତ ସଂଘର୍ଷ ହୋଇଥିଲା । ଏମାନଙ୍କର ଧନୁଶର, ଖଣ୍ଡା ପ୍ରଭୃତି ଅସ୍ତ୍ରଶସ୍ତ୍ର ସହିତ ସେମାନଙ୍କ ବନ୍ଧୁକ ଓ ରାଇଫଲର ସଂଘର୍ଷ ହୋଇଥିଲା । ସେଥିରେ ଅନେକ ବିପ୍ଳବୀ ସୈନ୍ୟ ନିହତ ଓ ଆହତ ମଧ୍ୟ ହୋଇଥିଲେ । ସୁରେନ୍ଦ୍ର ସାଏଙ୍କ ସମେତ ଅନ୍ୟ ନେତାମାନେ ଗିରଫ ହୋଇଥିଲେ । ବିଚାର ପରେ ବଳରାମ ସିଂହ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ ଏବଂ ଉଦନ୍ତ ସାଏ ସାତବର୍ଷ ଓ ସୁରେନ୍ଦ୍ର ସାଏଙ୍କୁ ପାଞ୍ଚ ବର୍ଷ କାରାଦଣ୍ଡ ଆଦେଶ ହୋଇଥିଲା, କିନ୍ତୁ ସମ୍ବଲପୁର ରାଜା ସେ ନିଷ୍ପତ୍ତିରେ ସରକାରଙ୍କୁ ଆପତ୍ତି ଜଣାଇଥିଲେ । ସେ ଅଭିଯୋଗ କରିଥିଲେ ଯେ, ସେମାନେ

Digitized by srujanika@gmail.com

କାରାମୁକ୍ତ ହେଲେ ପୁଣି ଆକ୍ରମଣ ଓ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବେ । ସେମାନଙ୍କୁ ଗିରଫ କରିବା କଷ୍ଟକର କାର୍ଯ୍ୟ ହୋଇପଡ଼ିବ । ସେ ଗୃହୁଁ ଥିଲେ ନିଜ ରାସ୍ତା ନିଷ୍କଣ୍ଟକ କରିବେ ଏବଂ କମ୍ପାନୀ ସରକାର ରାଜାଙ୍କ ଅଭିଯୋଗର ମଧ୍ୟ ବୋଧହୁଏ ପୂର୍ଣ୍ଣ ବିଚାର କରିଥିଲେ । ପ୍ରଥମେ ପାଞ୍ଚ ବର୍ଷ ପାଇଁ କାରାଦଣ୍ଡରେ ଦଣ୍ଡିତ କରାଇ ସେ ଆଦେଶକୁ ଆଉ ଦୁଇବର୍ଷ ପାଇଁ ବୃଦ୍ଧି କରିଥିଲେ ଏବଂ ଶେଷରେ ତାହାର ମିଆଦ ଆହୁରି ଅଧିକ କାଳ ବୃଦ୍ଧି କରାଯାଇ ଆଜୀବନ କାରାବାସ ଦଣ୍ଡ ଦିଆଯାଇଥିଲା ।

ସେହିଭଳି ଭାବରେ ଦଣ୍ଡ ଭୋଗୁଥିବା ବେଳେ ସରକାରୀ ସ୍ତରରେ ହିଁ ତାହାଙ୍କୁ କ୍ଷମାଦାନ କରାଯିବା ପ୍ରଶ୍ନ ଉଠିଥିଲା । କଟକ କମିଶନର ଏକ ଦୀର୍ଘ ପତ୍ରରେ ସୁରେନ୍ଦ୍ର ସାଏଙ୍କୁ ଦିଆଯାଇଥିବା ଦଣ୍ଡର ଯୁକ୍ତିଯୁକ୍ତତା ସମ୍ପର୍କରେ ସନ୍ଦେହ ପ୍ରକାଶ କରିଥିଲେ ଏବଂ ତାହା ଆଇନ୍ ବିରୁଦ୍ଧ ବୋଲି ମଧ୍ୟ ମତ ପ୍ରକାଶ କରିଥିଲେ । ତାହାଙ୍କ ମତରେ ସୁରେନ୍ଦ୍ର ସାଏଙ୍କୁ କ୍ଷମା ଦିଆଯିବା ଉଚିତ ଥିଲା । ସେ ନିଜ ଅନୁଧ୍ୟାନରୁ ଜାଣିପାରିଥିଲେ ଯେ, ସମ୍ବଲପୁରର ଲୋକେ ତାହାଙ୍କୁ ସମ୍ବଲପୁର ସିଂହାସନର ପ୍ରକୃତ ଉତ୍ତରାଧିକାରୀ ବୋଲି ମନେକରୁଥିଲେ ; କିନ୍ତୁ ତାହାଙ୍କର ସେ ପ୍ରକାର ମତାମତକୁ ବଙ୍ଗ ସରକାର ଗ୍ରହଣ କରି ନ ଥିଲେ । ସେଇ ସମ୍ବନ୍ଧୀୟ ଏକ ମକଦ୍ଦମାର କାଗଜପତ୍ର ନକଲ କରି ତାହାଙ୍କ ହୃଦ୍‌ବୋଧ କରାଇବାପାଇଁ କଟକ କମିଶନରଙ୍କ ନିକଟକୁ ପଠାଇ ଦେଇଥିଲେ । ସେଥିରେ ଥିଲା ଯେ ପ୍ରକୃତରେ ଆସାମୀମାନେ ସଶସ୍ତ୍ର ସୈନ୍ୟଦଳ ସହ ରାମପୁର ଯାଇ ସେଠିକା ଦେବାନ ସିଂହ ନାମକ ବ୍ୟକ୍ତିର ଘର ଲୁଣ୍ଠନ କରିବା ସଙ୍ଗେ ସଙ୍ଗେ ତାହାଙ୍କୁ ଆକ୍ରମଣ କରିଥିଲେ । ମେଜର ଓସଲେ ସେହି ଘଟଣାର ତଦନ୍ତ କରି ସେମାନଙ୍କୁ ଫାଶି ଦିଆଯିବା ଲାଗି ସୁପାରିଶ କରିଥିଲେ । କିନ୍ତୁ ଅଦାଲତରେ ସେମାନଙ୍କ ବିରୁଦ୍ଧରେ ହୋଇଥିବା ନରହତ୍ୟା ଅପରାଧ ସନ୍ତୋଷଜନକ ରୂପେ ପ୍ରମାଣିତ ହୋଇପାରି ନ ଥିଲା । ତେଣୁ ଆସାମୀମାନଙ୍କୁ ଯାବଜ୍ଜୀବନ ସଶ୍ରମ କାରାଦଣ୍ଡ ଓ ସବୁବେଳେ ଲୁହାକଡ଼ି ପିନ୍ଧିବା ପାଇଁ ଅଦାଲତ ସୁପାରିଶ କରିଥିଲା । ସରକାର ତାହାକୁ ଗ୍ରହଣ କରିଥିଲେ । ହଜାରିବାଗ ଜେଲର ଗୋଟିଏ ରୁଦ୍ଧ କୋଠରୀ ସୁରେନ୍ଦ୍ର ସାଏଙ୍କ ପାଇଁ ଅପେକ୍ଷା କରି ରହିଥିଲା ଯେମିତି !

ସେଇଠି ଶେଷ ହୋଇଥିଲା ସୁରେନ୍ଦ୍ର ସାଏଙ୍କ ବୈପ୍ଳବିକ ଜୀବନର ପ୍ରଥମ ଅଧ୍ୟାୟ ।

Digitized by srujanika@gmail.com

ସିପାହୀ ବିଦ୍ରୋହ ଓ
ହଜାରିବାଗରୁ ମୁକ୍ତି

୧୯୫୭ ମସିହା ମଇ ଦଶ ତାରିଖ ଦିନ ଭାରତର ସ୍ୱାଧୀନତା ସଂଗ୍ରାମର ପ୍ରଥମ ବିସ୍ଫୋରଣ ଘଟିଥିଲା । ତାହା ହିଁ ଇତିହାସ ପୃଷ୍ଠାରେ ସିପାହୀ ବିଦ୍ରୋହ ନାମରେ ସୁପରିଚିତ । ଏ ସଂଗ୍ରାମର ପରମ ଉଦ୍ଦେଶ୍ୟ ଥିଲା ଇଂରେଜ ସରକାରଙ୍କୁ ଏ ମାଟିରୁ ବିତାଡ଼ିତ କରିବା । ପଞ୍ଜାବ କେଶରୀ ରଣଜିତ ସିଂହ ସେ ସମ୍ପର୍କରେ ଯଥାର୍ଥ ସୂଚନା ଦେଇ କହିଥିଲେ ଯେ ବ୍ରିଟିଶ ଶାସନ ଅନ୍ତର୍ଗତ ଭାରତର ମାନଚିତ୍ର ସିପାହୀ ବିଦ୍ରୋହ କାଳରେ ଲାଲ ରଙ୍ଗରେ ରଞ୍ଜିତ ହେବ । ତା'ର କାରଣ ଥିଲା, ଭାରତର ଜନଗଣ ସେତେବେଳକୁ ଯଥାର୍ଥରେ ଅନୁଭବ କରିପାରି ଥିଲେ ଯେ, କେବଳ ଭାରତରେ ବାଣିଜ୍ୟ କାରବାର କରିବା ଇଷ୍ଟ-ଇଣ୍ଡିଆ କମ୍ପାନୀର ଉଦ୍ଦେଶ୍ୟ ନୁହେଁ—ଅସଲ ଉଦ୍ଦେଶ୍ୟ, ଭାରତରେ ତା'ର ଆଧିପତ୍ୟ ବିସ୍ତାର କରି ଇଂଲଣ୍ଡ ଅଧୀନରେ ଏକ ଉପନିବେଶରୂପେ ଏଠାରେ ସ୍ଥାୟୀ ଶାସନ ଚଳାଇବେ ।

ଭାରତର ଜନଗଣ କିନ୍ତୁ ସେଇଥିପାଇଁ ପ୍ରସ୍ତୁତ ନଥିଲେ ।

ଗଭର୍ଣ୍ଣର ଜେନେରାଲ ଲର୍ଡ଼ ଡେଲ୍‌ହାଉସୀ କମ୍ପାନୀ ସରକାରଙ୍କ ଅସଲ ଉଦ୍ଦେଶ୍ୟକୁ ଆହୁରି ଅଧିକ ପ୍ରାଞ୍ଜଳ କରିଦେଇଥିଲେ । ରାଜସ୍ୱତ୍ୱଲୋପ ନୀତି ଭାରତରେ କାର୍ଯ୍ୟକାରୀ କରାଇ ସେ ନିଃସନ୍ତାନ ରାଜାମାନଙ୍କଦ୍ୱାରା ଗୃହୀତ ପୋଷ୍ୟପୁତ୍ରମାନଙ୍କୁ ସ୍ୱୀକାର କରି ନଥିଲେ । ପରିଣାମତଃ ଅପୁତ୍ରିକ ରାଜାମାନଙ୍କ ମୃତ୍ୟୁ ପରେ ପରେ ସେହି ରାଜ୍ୟ ସରକାରଙ୍କ ଖାସ୍ ଦଖଲକୁ ଚାଲି ଆସୁଥିଲା ।

ସରକାରଙ୍କ ଦ୍ୱାରା ରାଜସ୍ୱତ୍ୱ ଉଚ୍ଛେଦ ନୀତି ଗୃହୀତ ହେବା ଫଳରେ ୧୮୪୮ ମସିହାରେ ସତାରା, ୧୮୫୩ ମସିହାରେ ଝାନ୍‌ସୀ ଓ ନାଗପୁର ପ୍ରଭୃତି ପ୍ରସିଦ୍ଧ ପ୍ରସିଦ୍ଧ ରାଜ୍ୟ ସହିତ ଅନ୍ୟାନ୍ୟ ରାଜ୍ୟଗୁଡ଼ିକର ମଧ୍ୟ ପାଳି ପଡ଼ିଥିଲା । ପରିଣାମତଃ ସେହିଭଳି ଦେଶୀୟ ରାଜ୍ୟଗୁଡ଼ିକରେ ତଥା ଦେଶର ଅନ୍ୟାନ୍ୟ ଅଞ୍ଚଳରେ ଅନେକ ପୂର୍ବରୁ ଅଶାନ୍ତିର ବୀଜ ବପନ ହୋଇସାରିଥିଲା; କାରଣ ଦେଶର ଅନ୍ୟ ରାଜା ଓ ଜମିଦାରଗଣ ଚିନ୍ତା କରୁଥିଲେ ସେହି ଭାବରେ

Digitized by srujanika@gmail.com

ଭାରତର ରାଜ୍ୟ ଗୁଡ଼ିକର ଉଚ୍ଛେଦ ହୋଇଯିବ ଏବଂ କାଳକ୍ରମେ ରାଜନ୍ୟମଣ୍ଡଳ ମଧ୍ୟ ସେମାନଙ୍କ ଅସ୍ତିତ୍ୱ ହରାଇବେ ।

ଭାରତୀୟ ପ୍ରଥମ ସ୍ୱାଧୀନତା ସଂଗ୍ରାମ ବ୍ୟାପକ ହେବାର ତାହାଥିଲା ଗୋଟିଏ କାରଣ ।

କିନ୍ତୁ ତା'ର ଏକ ମୁଖ୍ୟ କାରଣ ଥିଲା ଭାରତୀୟ ସେନାବାହିନୀ ପ୍ରତି ଇଂରେଜ ହାକିମମାନେ ଚଳାଇଥିବା ମର୍ଯ୍ୟାଦାହୀନ ଶାସନ । ଆତ୍ମମର୍ଯ୍ୟାଦାବୋଧ ନଥିଲେ ମଣିଷ ପ୍ରକୃତ ମଣିଷ ଜୀବନ ଯାପନ କରିବା ସମ୍ଭବପର ନୁହେଁ । ସେଥିପାଇଁ ଶ୍ରେଷ୍ଠ ବଡ଼ ଚାକିରି କିମ୍ବା ଧନୀ-ନିର୍ଦ୍ଧନର ପ୍ରଶ୍ନ ଉଠିପାରେନା ।

ଲର୍ଡ଼ କ୍ୟାନିଂ ଗଭର୍ଣ୍ଣର ଜେନେରାଲ ହୋଇ ଆସିବା ପରେ ଯେଉଁ ସିପାହୀ-ମାନେ ଭାରତ ବାହାରେ ଇଂଲଣ୍ଡ ପାଇଁ କାର୍ଯ୍ୟକରିବା ଲାଗି ଅନିଚ୍ଛା ପ୍ରକାଶ କରୁଥିଲେ ସେମାନଙ୍କୁ ଚାକିରିରୁ ବରଖାସ୍ତ କରି ଦିଆଯାଉଥିଲା । ନିଜ ଦେଶର ସୁରକ୍ଷା ଲାଗି ମନସ୍ଥ କରି ସୈନ୍ୟ ବିଭାଗରେ ଯୋଗଦେଇଥିବା ସୈନ୍ୟମାନେ ନିଜର ଅନିଚ୍ଛାସତ୍ତ୍ୱେ ଦେଶ ବାହାରକୁ ଯିବାପାଇଁ ହେଉଥିଲା କିମ୍ବା ଚାକିରି ଛାଡ଼ିବାକୁ ହେଉଥିଲା । ତାହା ସୈନିକ ଗୋଷ୍ଠୀ ମଧ୍ୟରେ ଖୁବ୍ ଅସନ୍ତୋଷ ସୃଷ୍ଟି କରିଥିଲା ।

ତେବେ ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ଥିଲା, ଭାରତୀୟ ସୈନିକମାନଙ୍କ ମନରେ ଇଂରେଜମାନଙ୍କ ଦ୍ୱାରା ସୃଷ୍ଟ ଧର୍ମ-ବିଦ୍ୱେଷୀ ଭାବ । ସୈନ୍ୟମାନେ ନୂତନ କରି ଅଣାଯାଇଥିବା ଏନ୍‌ଫିଲ୍‌ଡ଼ ରାଇଫଲରେ ଯେଉଁ ଗୁଳି ବ୍ୟବହାର କରୁଥିଲେ ସେଗୁଡ଼ିକୁ ଦାନ୍ତ ଲଗାଇ ବାହାର କରିବାକୁ ହେଉଥିଲା । ସାଧାରଣରେ ଏକ ଧାରଣା ସୃଷ୍ଟି ହୋଇଥିଲା ଯେ, ସେହି ନୂତନ ରାଇଫଲରେ ଗୁଳିଗୁଡ଼ିକୁ ନିୟମରୂପେ କାର୍ଯ୍ୟକ୍ଷମ କରାଯିବା ପାଇଁ ଘୁଷୁରି ଚର୍ବି ବୋଳାଯାଉଥିଲା । ସୈନ୍ୟବାହିନୀଙ୍କ ମଧ୍ୟରେ ଏହା ଏକ ସାଧାରଣ ଆଲୋଚନାର ବିଷୟବସ୍ତୁ ହୋଇଯାଇଥିଲା ଯେ ବ୍ରିଟିଶ୍ ସରକାର ହିନ୍ଦୁ, ମୁସଲମାନ ସମସ୍ତଙ୍କୁ ଖ୍ରୀଷ୍ଟିୟାନ୍ ଧର୍ମରେ ଧର୍ମାନ୍ତରିତ କରାଇବା ଉଦ୍ଦେଶ୍ୟରେ ସେହି ଗୁଳିଗୁଡ଼ିକ କେବଳ ଭାରତରେ ବ୍ୟବହାର ପାଇଁ ଅଣାଉଥିଲେ । ସେହି ଘଟଣା ହିଁ ସୈନ୍ୟବାହିନୀର ଜବାନ୍‌ମାନଙ୍କୁ ଇଂରେଜ ସରକାରଙ୍କ ବିରୁଦ୍ଧରେ ସବୁଠାରୁ ବେଶି ଉତ୍ତ୍ୟକ୍ତ କରାଇଥିଲା ।

Digitized by srujanika@gmail.com

ତେଣୁ ୧୮୫୭ ମସିହା ମଇମାସ ୧୦ ତାରିଖ ଦିନ ମିରଟ୍‌ଠାରେ ସୈନ୍ୟ-ବାହିନୀ ପ୍ରଥମେ ବିପ୍ଳବ ଆରମ୍ଭ କରିଥିଲେ ସେମାନଙ୍କ ପ୍ୟାରେଡ୍ ପଡ଼ିଆରେ । ସିପାହୀ ମଙ୍ଗଲ ପାଣ୍ଡେ ତାହାଙ୍କ ଉପରିସ୍ଥ ହାକିମ କମାଣ୍ଡେଣ୍ଟଙ୍କ ଆଦେଶ ଅମାନ୍ୟ କରି ପ୍ରଥମେ ତାର ପ୍ରତିବାଦ କରିଥିଲେ । ସେଇ ପ୍ରତିବାଦର ଧ୍ୱନି ଆକାଶ ପାତାଳ ପ୍ରକମ୍ପିତ କରାଇ ସେଠି ସମବେତ ଶୃଙ୍ଖଳିତ ସିପାହୀମାନଙ୍କ ରକ୍ତରେ ଅନୁରଣିତ ହୋଇଥିଲା । ସମସ୍ତେ କେବଳ ପ୍ରତିବାଦ କରି ନ ଥିଲେ, ଇଂରେଜ ସରକାରଙ୍କୁ ପ୍ରତିରୋଧ କରିବା ପାଇଁ ଆଗେଇ ଯାଇଥିଲେ । ତାହା ହିଁ ପରେ ପରେ ବ୍ୟାପ୍ତ ବିସ୍ତାର କରିଥିଲା ସମଗ୍ର ଭାରତର ଅନ୍ୟାନ୍ୟ ଅଞ୍ଚଳକୁ । ଇଂରେଜ ସରକାରଙ୍କ ପିଣ୍ଡରାହାଡ଼ ଭିତରେ କମ୍ପନ ସୃଷ୍ଟି କରିବା ପାଇଁ ସେ ବିଦ୍ରୋହ ଯଥାର୍ଥରେ ସମର୍ଥ ହୋଇଥିଲା, କାରଣ ଖୁବ୍ କମ୍ ସମୟ ମଧ୍ୟରେ ଦିଲ୍ଲୀ, ଲକ୍ଷ୍ନୌ, ବରେଲି, ଆଲିଗଡ଼, କାନପୁର, ହଜାରିବାଗ ପ୍ରଭୃତି ଅଞ୍ଚଳରେ ସେହି ବିପ୍ଳବର ପ୍ରସାରିତ ଶିଖା ବ୍ରିଟିଶ ଶାସନକୁ ପୋଡ଼ି ଜାଳି ପାଉଁଶ କରିଦେବା ପାଇଁ ବିପୁଳ ପ୍ରୟାସ କରିଥିଲା । ତାହା ବିପ୍ଳବୀମାନଙ୍କ ପାଇଁ ସେଭଳି ବିଶେଷ ଫଳପ୍ରଦ ହୋଇ ନ ଥିଲେ ମଧ୍ୟ ଇଂରେଜ ସରକାରଙ୍କୁ ଭାରତର ଜନଗଣ ତଥା ସୈନ୍ୟବାହିନୀର ଅସନ୍ତୋଷ ଭାବ ସମ୍ପର୍କରେ ଯଥାର୍ଥ ଭାବେ ଅବହିତ କରାଇ ଦେଇଥିଲା ।

ବିଶେଷଭାବେ ଉଲ୍ଲେଖ କରାଯାଇପାରେ ଯେ ସେହି ବିଦ୍ରୋହର ଅଗ୍ନିଶିଖା ଶୁଭଙ୍କର ଥିଲା ସୁରେନ୍ଦ୍ର ସାଏ ଓ ଉଦନ୍ତ ସାଏଙ୍କ ପାଇଁ ।

ସିପାହୀ ବିଦ୍ରୋହ ଆରମ୍ଭ ହେବା ବେଳକୁ ସୁରେନ୍ଦ୍ର ସାଏ ଥିଲେ ସୁଉଚ୍ଚ ପାଚେରୀଘେରା ଐତିହାସିକ ହଜାରିବାଗ୍ ଜେଲର ଏକ ଛୋଟ କୋଠରୀ ଭିତରେ । ଉକ୍ତ ଜେଲ ରକ୍ଷା କରିବା ଦାୟିତ୍ୱରେ ବଙ୍ଗଳାର ଦେଶୀୟ ପଦାତିକ ବାହିନୀର ଦୁଇଦଳ ସୈନ୍ୟ ନିଯୁକ୍ତ ଥିଲେ । ଇଂରେଜ ଶାସନରେ ଅତିଷ୍ଠ ସୈନ୍ୟବାହିନୀ ମିରଟ୍‌ଠାରେ ବିଦ୍ରୋହ ଆରମ୍ଭ କରିବା ପରେ ପରେ ଦେଶର ସର୍ବତ୍ର ସୈନିକମାନଙ୍କ ମଧ୍ୟରେ ସେଇ ଏକ ଚିନ୍ତାଧାରାର ପ୍ରତିଫଳନ ହୋଇଥିଲା । ହଜାରିବାଗଠାରେ ଅବସ୍ଥାପିତ ସୈନ୍ୟମାନେ ଜୁଲାଇ ତିରିଶ ତାରିଖରେ ବିଦ୍ରୋହୀ ହୋଇଉଠିଥିଲେ । ତେଣୁ ଉକ୍ତ ଜେଲ୍‌କୁ ରକ୍ଷା କରିବା ଲାଗି ରାଞ୍ଚି ସହରସ୍ଥ ଜୋରଣ୍ଡାରୁ ରାମଗଡ଼ ସେନାବାହିନୀର ଏକ ଦଳ ଲାଇଟ୍ ପଦାତିକ ସୈନ୍ୟ ଯଥାଶୀଘ୍ର ପ୍ରେରିତ ହୋଇଥିଲେ ।

ଛୋଟନାଗପୁର ସାମରିକ ଜିଲ୍ଲା ଥିଲା ରାମଗଡ଼ ଏବଂ ସେହି କାରଣରୁ ତାହା ସେନାବାହିନୀର କେନ୍ଦ୍ରସ୍ଥଳ ଥିଲା । ରାମଗଡ଼ ଲାଇଟ୍ ଇନ୍‌ଫେଣ୍ଟ୍ରି

Digitized by srujanika@gmail.com

ସେନାବାହିନୀରେ ପଦାତିକ, ଅଶ୍ୱାରୋହୀ ଓ କମାଣବାହିନୀ ମଧ୍ୟ ଥିଲେ ଏବଂ ସେଥିରୁ ଦଳ ଦଳ ହୋଇ ରାଞ୍ଚି, ହଜାରିବାଗ, ରାଞ୍ଚି ଓ ସମ୍ବଲପୁରରେ ଅବସ୍ଥାପିତ ହୋଇଥିଲେ । ଉଲ୍ଲେଖଯୋଗ୍ୟ ଥିଲା ରାମଗଡ଼ ବାହିନୀରୁ ଯେଉଁ ପଦାତିକ ଦଳ ହଜାରିବାଗ୍ ଜେଲ୍ ରକ୍ଷା କରିବା ଉଦ୍ଦେଶ୍ୟରେ ଆସିଥିଲେ, ସେମାନେ ଯଥା ସମୟରେ ସେଠାରେ ଉପସ୍ଥିତ ହୋଇଥିଲେ, କିନ୍ତୁ ଉଦ୍ଦେଶ୍ୟ ସାଧିତ ହୋଇପାରି ନ ଥିଲା ସରକାରଙ୍କର । ସେମାନେ ସେଠାରେ ପହଞ୍ଚିବା ପରେ ପରେ ହଠାତ୍ ସେମାନଙ୍କ ମାନସିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା । ଜୁଲାଇ ଏକତିରିଶ ତାରିଖ ସେମାନେ ସେଠିକାର ସିପାହୀମାନଙ୍କ ସହିତ ମିଶି ସରକାରଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ବିଦ୍ରୋହୀ ସୈନ୍ୟମାନଙ୍କ ପ୍ରଥମ ସରକାରୀ ବିରୋଧୀ କାର୍ଯ୍ୟ ଥିଲା ହଜାରିବାଗ୍ ଜେଲ୍ ଭାଙ୍ଗିଦେଇ ବନ୍ଦୀମାନଙ୍କୁ ଖଲାସ୍ କରିଦେବା ।

ସେହିଭଳି ଭାବରେ ଯେଉଁ ବନ୍ଦୀମାନେ ଖଲାସ ହୋଇଥିଲେ ସେମାନଙ୍କ ମଧ୍ୟରେ ଥିଲେ ବୀର ସଂଗ୍ରାମୀ ସୁରେନ୍ଦ୍ର ସାଏ ଓ ତାହାଙ୍କ ଭାଇ ଉଦନ୍ତ ସାଏ । ସେମାନଙ୍କ ସହିତ ଥିଲେ ପ୍ରାୟ ବତିଶ ଜଣ ମୋଗଲ ବନ୍ଦୀ ଓ ଗଡ଼ଜାତ ରାଜ୍ୟର ଲୋକ । ତେବେ ଜେଲ୍ ଗଲାବେଳେ ସୁରେନ୍ଦ୍ର ସାଏ ଯେଉଁଭଳି ଅବସ୍ଥାରେ ଯାଇଥିଲେ ସେଠାରେ ଅସମୟରେ ଅପ୍ରତ୍ୟାଶିତ ଭାବରେ ମୁକ୍ତି ପାଇବା ବେଳକୁ ଠିକ୍ ସେହିଭଳି ମାନସିକ ଦୃଢ଼ତା ରକ୍ଷା କରି ପାରି ନ ଥିଲେ ବୋଧହୁଏ ! କାରଣ ଦୀର୍ଘ ସତରବର୍ଷ ଜେଲ୍ ରହଣି ଭିତରେ ତାହାଙ୍କର ଅନେକ ଅପୂରଣୀୟ କ୍ଷତି ସାଧିତ ହୋଇସାରିଥିଲା । ପ୍ରଥମତଃ ଦୀର୍ଘ ସମୟର ବ୍ୟବଧାନ । ପୁଣି ତାହାଙ୍କର ପ୍ରଧାନ ଉପଦେଷ୍ଟା ଗୁରୁତୁଲ୍ୟ ସଖା ତଥା ମୁଖ୍ୟଚାଳକ ପିତୃବ୍ୟ ବଳରାମ ସିଂହ ଆଉ ଇହଜଗତରେ ନ ଥିଲେ ତାହାଙ୍କୁ ପରିଚାଳିତ କରିବା ପାଇଁ । ହଜାରିବାଗ୍ ଜେଲ୍ ଭିତରେ ହିଁ ସେ ପ୍ରାଣତ୍ୟାଗ କରିଥିଲେ ।

ହୁଏତ ସିପାହୀ ବିଦ୍ରୋହ ହୋଇ ନ ଥିଲେ ସେଇ ଦୁଇ ଭାଇଙ୍କର ମୁକ୍ତି ମଧ୍ୟ ଗୋଟିଏ ଗୋଟିଏ ସ୍ୱପ୍ନ ହୋଇଥାନ୍ତା ।

ତେବେ ଅକସ୍ମାତ୍ ଜେଲ୍ ଭିତରୁ ମୁକ୍ତ ସୂର୍ଯ୍ୟାଲୋକକୁ ଆସିବା ପରେ ସାଏ ଭାଇ ଦୁଇଜଣ କଣ କରିବେ ହଠାତ୍ ସ୍ଥିର କରିପାରି ନ ଥିଲେ । ସମାନ ଉଦ୍ଦେଶ୍ୟ ନେଇ ସେମାନଙ୍କୁ ମୁକ୍ତ କରିଥିବା ଭାରତୀୟ ସୈନ୍ୟମାନଙ୍କ ସହ ହାତ ମିଳାଇ ଦୁଇଦଳ ସୈନ୍ୟଙ୍କ ସହିତ ସେମାନେ ପ୍ରଥମ କଚ୍ଛୁଦନ ଯାତ୍ରା କରିଥିଲେ । ମୁକ୍ତିଲାଭ ପରେ ପରେ ବିଦ୍ରୋହୀ ସୈନ୍ୟମାନେ ପ୍ରଥମେ ବିଦ୍ରୋହ ଅଭିଯାନରେ ହଜାରିବାଗ୍‌ର ରାଞ୍ଚି ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ ।

Digitized by srujanika@gmail.com

ବିପ୍ଳବୀ ସୈନ୍ୟମାନଙ୍କ ସହିତ ସୁରେନ୍ଦ୍ର ସାଏ ପ୍ରଥମ ଇଂରେଜ ହାତ ମିଳାଇ କାର୍ଯ୍ୟ କରିଥିଲେ ମଧ୍ୟ ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ଓ ନିଜ ମୁଖ୍ୟ ଉଦ୍ଦେଶ୍ୟ ମଧ୍ୟରେ କୌଣସି ପାର୍ଥକ୍ୟ ଉପଲବ୍ଧି କରି ନଥିଲେ ମଧ୍ୟ ସେ ଅନୁଭବ କରିଥିଲେ ଯେ ତାହାଙ୍କ ପ୍ରିୟ ମାତୃଭୂମି ସମ୍ବଲପୁରକୁ ଇଂରେଜମାନଙ୍କ ହାତରୁ ମୁକ୍ତ କରିବା ଲାଗି ସେମାନେ ଆଗଭର ହୋଇ ଆସିବେ ନାହିଁ । ତେଣୁ ସେ ବୁଝିଥିଲେ ନିଜ ଉଦ୍ଦେଶ୍ୟର ସଫଳ ରୂପାୟନ ପାଇଁ ସେ ଆଗେଇ ଆସିବେ । ତେଣୁ ପରିଶେଷରେ ଉଦନ୍ତ ସାଏ ଓ ସୁରେନ୍ଦ୍ର ସାଏ ବିପ୍ଳବୀ ସେନାବାହିନୀ ସହିତ ଅଧିକ ଅଗ୍ରସର ନ ହୋଇ ସମ୍ବଲପୁର ଅଞ୍ଚଳକୁ ଫେରିଆସିଥିଲେ ।

ସମ୍ବଲପୁରରେ ସୁରେନ୍ଦ୍ର ସାଏଙ୍କ ଦୀର୍ଘ ଅନୁପସ୍ଥିତ କାଳରେ ଯେଉଁସବୁ ଘଟଣା ଘଟିଯାଇଥିଲା ସେଥିମଧ୍ୟରେ ପ୍ରଧାନ ଥିଲା ୧୮୪୯ ମସିହା ସେପ୍‌ଟେମ୍ବର ୧୦ ତାରିଖ ଦିନ ରାଜା ନାରାୟଣ ସିଂହଙ୍କର ମୃତ୍ୟୁ । ନାରାୟଣ ସିଂହଙ୍କ ମୃତ୍ୟୁ ପରେ ପରେ ତାହାଙ୍କର ବିଧବା ପତ୍ନୀ ମୁଖ୍ୟପାନ ଦେବୀ ଖୁବ୍ ଅଳ୍ପକାଳ ପାଇଁ ଶାସନ ଭାର ଗ୍ରହଣ କରି ପରେ ତାହା ଇଂରେଜମାନଙ୍କ ହାତରେ ସମର୍ପଣ କରି ଦେଇଥିଲେ । ସେଭଳି କାର୍ଯ୍ୟର କାରଣ ଥିଲା ସରକାର ପୋଷ୍ୟପୁତ୍ର ଗ୍ରହଣକୁ ସ୍ୱୀକାର କରୁ ନଥିଲେ । ତେଣୁ ସେ ପୋଷ୍ୟପୁତ୍ର ଗ୍ରହଣ କରିବା ପାଇଁ ମନ ବଳାଇ ନଥିଲେ । ଅପରନ୍ତୁ ସେ ସରକାରଙ୍କୁ ଅନୁରୋଧ ଜଣାଇଥିଲେ ତାହାଙ୍କ ମୃତ୍ୟୁପରେ ରାଜ୍ୟର ଶାସନ ଖାସ୍ ସରକାରଙ୍କ ଦଖଲକୁ ନେଇ ବିଧବା ରାଣୀମାନଙ୍କ ଭରଣପୋଷଣ କରାଯିବା ଆବଶ୍ୟକ ।

ତଦନୁଯାୟୀ ଗଭର୍ଣ୍ଣର ଜେନେରାଲଙ୍କ ଏଜେଣ୍ଟ ମିଃ ହେଫର୍ଡ଼ ରାଜା ନାରାୟଣ ସିଂହଙ୍କ ମୃତ୍ୟୁ ପରେ ପରେ ସମ୍ବଲପୁର ରାଜ୍ୟ ସରକାରଙ୍କ ଖାସ୍ ଦଖଲକୁ ଯିବା ସମ୍ପର୍କରେ ଏକ ଘୋଷଣାନାମା ପ୍ରକାଶ କରିଥିଲେ । ତା'ପରେ ସେ ମୁନ୍‌ସି ପ୍ରସନ୍ନ ଲାଲ ଓ ରାଇ ରୂପସିଂହଙ୍କୁ ସେଠାକୁ ପ୍ରେରଣ କରିଥିଲେ । ଉଦ୍ଦେଶ୍ୟଥିଲା— ସ୍ୱର୍ଗତ ରାଜାଙ୍କ ଦାୟିତ୍ୱରେ ଥିବା କାଗଜପତ୍ର ଯାଞ୍ଚକରି ଅମୀମାଂସିତ ଛୋଟ ଛୋଟ ସମସ୍ୟା ଗୁଡ଼ିକର ସମାଧାନ କରିବା । ସେଥିପାଇଁ ଯଥାଯଥ ନିର୍ଦ୍ଦେଶ ମଧ୍ୟ ସେମାନଙ୍କୁ ଦେଇଥିଲେ । ରାମଗଡ଼ ସୈନ୍ୟବାହିନୀର ଗୋଟିଏ ବେଟାଲିଅନ୍ ସୈନ୍ୟଙ୍କ ସହ ସେ ନିଜେ ୧୮୪୯ ମସିହା ଡିସେମ୍ବର ମାସରେ ସେଠାରେ ଉପସ୍ଥିତ ହୋଇଥିଲେ । ସେ ତାହାଙ୍କ ସହିତ ଡଃ ଜେ: କେଣ୍ଡ୍ରନ୍‌ହେଡ଼ଙ୍କୁ ମଧ୍ୟ ସାଙ୍ଗରେ ନେଇଯାଇଥିଲେ । ସମ୍ବଲପୁର ରାଜ୍ୟର ପୁରାତନ ରେକର୍ଡ଼ପତ୍ର ତନଖି ଓ ଖଜଣାଖାନା ତଥା ନଥିର ଇତ୍ୟାଦି ସରକାରଙ୍କ ଖାସ୍

Digitized by srujanika@gmail.com

ଦଙ୍ଗଲକୁ ଆସିବା ପରେ ଡ଼: କେଣ୍ଡ୍ରେନ୍‌ଧେଡ଼୍‌ଙ୍କୁ ରାଜ୍ୟରେ ପ୍ରଥମ ସିନ୍‌ଅର ଆସିଷ୍ଟେଣ୍ଟ କମିଶନରରୂପେ ସେଠାରେ ଅବସ୍ଥାପିତ କରାଇ ମିଷ୍ଟର କେଫୋର୍ଡ଼ ପ୍ରତ୍ୟାବର୍ତ୍ତନ କରିଥିଲେ । ରାୟ ରୂପସିଂହ ସିନ୍‌ଅର ଆସିଷ୍ଟେଣ୍ଟ୍‌ଙ୍କୁ ରାଜକାର୍ଯ୍ୟରେ ସାହାଯ୍ୟ କରିବାପାଇଁ ସରକାରଙ୍କ ତରଫରୁ ସେଠାରେ ଅବସ୍ଥାପିତ ହୋଇଥିଲେ ।

ନାରାୟଣ ସିଂହଙ୍କ ଅନୁରୋଧ ରକ୍ଷା କରାଯାଇ ତାହାଙ୍କ ବିଧବା ପତ୍ନୀ ମୁକ୍ତ୍ୟପାନ ଦେବୀ ମାସିକ ଏକଶହ ଟଙ୍କା ବୃତ୍ତି ପାଇ କଟକରେ ରହିବା ଲାଗି ସରକାରଙ୍କ ତରଫରୁ ସ୍ଥିର କରାଯାଇଥିଲା ।

ହଜାରିବାଗର ସିପାହୀମାନେ ବିଦ୍ରୋହୀ ହୋଇ ଉଠିବା ପରେ ପରେ ଓ ସେମାନେ ସେଠାରେ ଥିବା ବନ୍ଦୀମାନଙ୍କୁ ମୁକ୍ତ କରିଦେବା ପରେ ସେମାନଙ୍କ ଗତିବିଧି ସମ୍ପର୍କରେ ଇଂରେଜ ହାକିମମାନେ ବିଶେଷଭାବେ ଅବହିତ ହୋଇପାରି ନଥିଲେ । ଛୋଟନାଗପୁର କମିଶନର ଆଶଙ୍କା କରିଥିଲେ ଯେ, ସେମାନେ ସୁରେନ୍ଦ୍ର ସାଏଙ୍କୁ ସମର୍ଥନ କରି ହୁଏତ ସମ୍ବଲପୁର ଅଞ୍ଚଳ ଆଡ଼କୁ ଯାଇପା କରିଥିବେ । ତେଣୁ ସେଇ ଆଶଙ୍କା ସମ୍ବଲପୁରର ସିନ୍‌ଅର ଆସିଷ୍ଟେଣ୍ଟ୍ କମିଶନର କେପଟନ୍ ଲେଙ୍କ ନିକଟକୁ ଏକ ପତ୍ର ଲେଖିଥିଲେ । ସେହି ପତ୍ର ମିଷ୍ଟର ଲେ ଅଗଷ୍ଟ ଅଠ ତାରିଖ ରାତିରେ ପାଇବା ସଙ୍ଗେ ସଙ୍ଗେ ତାହାଙ୍କ ଅଧୀନସ୍ଥ ସବୁ ରାଜା ଓ ଜମିଦାରମାନଙ୍କ ନିକଟକୁ ପରୱାନା ପଠାଇଥିଲେ ଯେ ସେମାନେ ସୁରେନ୍ଦ୍ର ସାଏଙ୍କୁ ଦେଖିବାମାତ୍ରେ ବନ୍ଦୀ କରିବା ସଙ୍ଗେ ସଙ୍ଗେ ସମ୍ବଲପୁର ସମ୍ବାଦ ପଠାଇବେ । ସେଥିରେ ମଧ୍ୟ ସେ ଉଲ୍ଲେଖ କରିଥିଲେ ଯେ, ସମ୍ବଲପୁରରେ ଅବସ୍ଥାପିତ ଇଂରେଜ ସୈନ୍ୟଙ୍କୁ ସାହାଯ୍ୟ କରିବା ପାଇଁ ସେମାନଙ୍କ ସୈନ୍ୟବାହିନୀରୁ କିଛି କିଛି ସୈନ୍ୟ ପଠାଇବା ଆବଶ୍ୟକ । ପୁଣି ସେ କଟକ ଓ ରାୟପୁର କମିଶନରଙ୍କ ନିକଟକୁ ମଧ୍ୟ ପତ୍ର ଲେଖିଥିଲେ ଯଥାସମ୍ଭବ ସୈନ୍ୟ ସାହାଯ୍ୟ କରିବା ପାଇଁ । ଇତି ମଧ୍ୟରେ ସେ ସମ୍ବାଦ ପାଇଥିଲେ ଯେ ଦୋରଣ୍ଡାର ସିପାହୀମାନେ ବିପ୍ଳବୀ ପାଲଟି ଯାଇଥିଲେ । ତେଣୁ ରାମଗଡ଼ ସେନାବାହିନୀର ଏକ ଅଙ୍ଗ— ସମ୍ବଲପୁରରେ ଅବସ୍ଥାପିତ ସୈନ୍ୟମାନଙ୍କର ଏକ ସମାବେଶ ୧୫ ତାରିଖ ଦିନ କରାଇ ସରକାରଙ୍କ ନିକଟରେ ଅନୁରକ୍ତ ରହିବା ପାଇଁ ସେମାନଙ୍କୁ ପରାମର୍ଶ ଦେଇଥିଲେ ।

ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ ସୁରେନ୍ଦ୍ର ସାଏ କାଳେ ବିଦ୍ରୋହୀ ସୈନ୍ୟମାନଙ୍କ ସହ ସମ୍ବଲପୁର ରାଜଗାଦି ଆକ୍ରମଣ କରିବା ପାଇଁ ଆସିପାରନ୍ତି, ସେଇ ସମ୍ଭାବନା ମିଷ୍ଟର ଲେଙ୍କୁ ଖୁବ୍ ଆତଙ୍କିତ କରାଇ ଦେଇ-

Digitized by srujanika@gmail.com

ଥିଲା । ସବୁ ସମୟ ପାଇଁ ନିଜର ନିରାପତ୍ତା ଦୃଷ୍ଟିରୁ ସେଠାରେ ଥିବା ସୈନ୍ୟବାହିନୀରେ ଅଧିକ ୫୦ ଜଣ ବରକନ୍ଦାଜ ସିପାହି, ଜଣେ ଜମାଦାର ଓ ଜଣେ ଦଫାଦାର ଅଧିକ ନିଯୁକ୍ତି ପାଇଁ ବଙ୍ଗଳାର ଲେଫ୍‌ଟେନାଣ୍ଟ ଗଭର୍ଣ୍ଣରଙ୍କୁ ଏକ ପ୍ରସ୍ତାବ ଦେଇଥିଲେ । ଅନ୍ୟ ସାଧାରଣ ସମୟରେ ସେଠାରେ ୧୫୦ ଜଣ ପଦାତିକ ଓ ୫୦ ଜଣ ଅଶ୍ୱାରୋହୀ ସୈନ୍ୟ ଯଥେଷ୍ଟ ବୋଲି ବିବେଚନା କରାଯାଇ ପୂର୍ବରୁ ମୁତୟନ କରାଯାଇଥିଲା । କିନ୍ତୁ ଅପ୍ରତ୍ୟାଶିତ ଭାବରେ ସୁରେନ୍ଦ୍ର ସାଏ ଆତଙ୍କ ଇଂରେଜ ସରକାରଙ୍କୁ ସେଭଳି ଅସ୍ୱାଭାବିକ ପରିସ୍ଥିତିରେ ପକାଇ ଦେଇଥିଲା ।

ସେଭଳି ଅସ୍ୱାଭାବିକ ପରିସ୍ଥିତିର ମୁକାବିଲା କରିବାପାଇଁ ସମ୍ବଲପୁରର ତତ୍‌କାଳୀନ ସିନିଅର ଆସିଷ୍ଟାଣ୍ଟ କମିଶନର କେପଟେନ୍ ଲେ ଅଧିକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିଥିଲେ । ସୁରେନ୍ଦ୍ର ସାଏଙ୍କ ଗତିବିଧି ସମ୍ପର୍କରେ ଖବର ସଂଗ୍ରହ ପାଇଁ ଗୁପ୍ତଚରମାନଙ୍କ ସଂଖ୍ୟା ବହୁଗୁଣିତ କରାଇ ଦେଇଥିଲେ । ସେହି ସମ୍ପର୍କରେ ସେ ଛୋଟନାଗପୁର କମିଶନରଙ୍କ ସହ ବାରମ୍ବାର ପତ୍ରାଳାପ କରୁଥିଲେ । ସୈନ୍ୟ ସାହାଯ୍ୟ ପାଇଁ ସେ ସେଇ ପତ୍ର ନିଜ ଅଞ୍ଚଳର ଜମିଦାର-ମାନଙ୍କ ନିକଟକୁ ଲେଖିଥିଲେ ତାହାର କୌଣସି ଉତ୍ତର ନ ପାଇବାରୁ ସେଥିପାଇଁ ପୁଣି ଏକ ପତ୍ର ଲେଖିଥିଲେ । ସେ ସବୁବେଳେ ପ୍ରସ୍ତୁତ ହୋଇ ରହୁଥିଲେ କସି ନକାଲେ ହଠାତ୍ ପରିସ୍ଥିତି ଅସମ୍ଭାଳ ହେଲେ ମଧ୍ୟ ତାହାଙ୍କ ସ୍ତ୍ରୀଙ୍କ ସହିତ ମହାନଦୀରେ ନୌକା ସାହାଯ୍ୟରେ ବାହାରକୁ ଚାଲିଯିବେ । ସେଇଭଳି ବିଚାର କରିବାର କାରଣ ଥିଲା ମହାନଦୀରେ ବନ୍ୟା ହୋଇଥିବା ଯୋଗୁଁ ସହଜରେ ନଦୀ ପାର ହୋଇ ଅନ୍ୟ କୌଣସି ଦିଗରେ ଚାଲିଯିବା ସେତେଟା ସହଜସାଧ୍ୟ ନ ଥିଲା ଏବଂ ସେହି କାରଣରୁ ହିଁ ରାୟପୁରରୁ ସୈନ୍ୟ ସାହାଯ୍ୟ ତାହାଙ୍କ ନିକଟରେ ପହଞ୍ଚି ପାରୁ ନଥିଲା । ତାହାଙ୍କୁ ଆବଶ୍ୟକ ସ୍ଥଳେ ସାହାଯ୍ୟ କରିବା ପାଇଁ ରାୟପୁରରୁ ଜନୈକ ସୁବେଦାରଙ୍କ ଅଧିନାୟକତ୍ୱରେ ୭୫ ଜଣ ସିପାହି ଆସିଥିଲେ ।

ବୀର ସୁରେନ୍ଦ୍ର ସାଏଙ୍କ ସମ୍ବଲପୁର ଆଗମନର ସମ୍ଭାବନା ସମ୍ବନ୍ଧରେ ଆତଙ୍କିତ କେପଟେନ୍ ଲେ ତାହାଙ୍କୁ ଧରାଇ ଦେବାଲାଗି ଦୁଇଶହ ପଚାଶ ଟଙ୍କା ପୁରସ୍କାର ଘୋଷଣା କରିଥିଲେ । କେବଳ ସେତିକି ନୁହେଁ; ତାହାଙ୍କ ଭାଇ ଉଦନ୍ତ ସାଏଙ୍କୁ ଧରାଇଦେଲେ ମଧ୍ୟ ସେହି ପରିମାଣରେ ପୁରସ୍କାର ଦିଆଯିବ ବୋଲି ସେ ଘୋଷଣା କରିଥିଲେ ।

କେପଟେନ୍ ଲେ ଙ୍କ ମାନସିକ ଅବସ୍ଥା ଅତ୍ୟନ୍ତ ଉଦ୍‌ବେଗମୟ ହୋଇ ଉଠିଥିଲା । ମୁଖ୍ୟତଃ ନିଜ ଅକ୍ତିଆରରେ ସୈନ୍ୟବାହିନୀର ଦୁର୍ବଳତା ତାହାଙ୍କୁ

Digitized by srujanika@gmail.com

ଅଧିକ ସ୍ମ୍ରିୟମାଣ କରାଇ ଦେଇଥିଲା । ତେଣେ କଟକ କମିଶନର ସୈନ୍ୟ ସାହାଯ୍ୟ ପଠାଇବା ଲାଗି ପ୍ରଥମେ କୁଣ୍ଠାବୋଧ କରିଥିଲେ । କାରଣ ସେ ମନେ-କରିଥିଲେ ସମ୍ବଲପୁରରେ ଅବସ୍ଥାପିତ ସୈନ୍ୟମାନେ ଏମାନଙ୍କୁ ଦେଖି ହୁଏତ ଅନ୍ୟପ୍ରକାର ମନେକରି ପାରନ୍ତି ଏବଂ ବିଦ୍ରୋହ କରିପାରନ୍ତି । ସେମାନେ ହଠାତ୍ ହୁଏତ ଆଶଂକା କରିପାରନ୍ତି ଯେ, ସେମାନଙ୍କୁ ଅସ୍ତ୍ରଶୂନ୍ୟ କରାଇ ବନ୍ଦୀ କରାଇବା ଉଦ୍ଦେଶ୍ୟରେ କଟକ ସୈନ୍ୟମାନଙ୍କୁ ଅଣାଯାଉଛି । ପୁଣି ସେ ମଧ୍ୟ ଅନ୍ୟ ପ୍ରକାରର ଆଶଙ୍କା କରିଥିଲେ ଯେ, ଯଦି ପ୍ରକୃତରେ ହଜାରିବାଗର ବିଦ୍ରୋହୀ ସୈନ୍ୟମାନଙ୍କ ସହିତ କଟକ ସୈନ୍ୟଙ୍କ ରାସ୍ତାରେ ଭେଟ ହୋଇଯାଏ, ତାହେଲେ ସମ୍ବଲପୁରରେ ପହଞ୍ଚିବା ପୂର୍ବରୁ ବିଦ୍ରୋହୀ ସୈନ୍ୟଙ୍କ ପ୍ରରୋଚନାରେ ସେମାନେ ମଧ୍ୟ ବିଦ୍ରୋହୀ ପାଲଟି ଯାଇପାରନ୍ତି, ତାହେଲେ ଅବସ୍ଥା ଆହୁରି ଅଧିକ ଶୋଚନୀୟ ହୋଇପଡ଼ିବ । ତଥାପି ସେସବୁ ସମ୍ଭାବନା ଓ ସନ୍ଦେହ ଭିତରେ ସୁଦ୍ଧା ସେ ସମ୍ବଲପୁରକୁ ସୈନ୍ୟ ସାହାଯ୍ୟ କରିଥିଲେ । ସେମାନେ କଟକରୁ ବାହାରି ସମ୍ବଲପୁରରେ ପହଞ୍ଚିବା ପର୍ଯ୍ୟନ୍ତ ଠିକ୍‌ଠିକି ଖବର ରଖିବାପାଇଁ ସେ ଯତ୍ନବାନ ହୋଇଥିଲେ । ଏଣେ ନିଜ ଉଦ୍ୟମରେ ମଧ୍ୟ ସେ ସୁରେନ୍ଦ୍ର ସାଏଙ୍କ ଖବର ସଂଗ୍ରହ କରୁଥିଲେ ।

ଇଂରେଜ ଶାସନକାଳର ଦସ୍ତାବିଜ୍ ପରିଛିତ ସେଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ । କେବଳ ସେତିକି ନୁହେଁ, ସୁରେନ୍ଦ୍ର ସାଏଙ୍କ ବ୍ୟକ୍ତିତ୍ବର ପରିଚୟ ମଧ୍ୟ ଇଂରେଜ ସରକାରୀ କର୍ମଚାରୀମାନଙ୍କ ଆତଙ୍କପୂର୍ଣ୍ଣ ସତର୍କତାମୂଳକ କାର୍ଯ୍ୟକଳାପରୁ ଅନୁମାନ କରାଯାଇପାରେ ।

Digitized by srujanika@gmail.com

ପୁଣି କାଳିଆ ଜନ୍ମମାଟିରେ

ଐତିହାସିକ ସିପାହୀ-ବିଦ୍ରୋହ ସଂଗଠିତ ହୋଇଥିବା ୧୮୫୭ ମସିହା ସେପ୍‌ଟେମ୍ବର ମାସ ଶେଷ ବେଳକୁ ସୁରେନ୍ଦ୍ର ସାଏ ଓ ଉଦନ୍ତ ସାଏ ସମ୍ବଲପୁରରେ ପ୍ରବେଶ କରିଥିଲେ । କମ୍ପାନୀ ସରକାର ସେମାନଙ୍କର ଗତିବିଧି ଜାଣିବା ପାଇଁ ସମସ୍ତ ପ୍ରକାର କଡ଼ା ବ୍ୟବସ୍ଥା କରିଥିଲେ । ତଥାପି ସାଏ ଦୁଇଭାଇ ସମ୍ବଲପୁରରେ ପହଞ୍ଚିବା ପର୍ଯ୍ୟନ୍ତ ସରକାର କୌଣସି ସୂତ୍ରରୁ ଖବର ପାଇପାରି ନଥିଲେ । ତାହାର ଏକମାତ୍ର କାରଣ ଥିଲା ସେମାନଙ୍କୁ ସର୍ବସାଧାରଣ ଓ ଜମିଦାରମାନଙ୍କର ଆନ୍ତରିକ ସମର୍ଥନ । ସୁରେନ୍ଦ୍ର ସାଏ ଜନ୍ମମାଟିକୁ ପୁଣିଥରେ ଫେରିଆସିଥିବା ଖବର ସେ ଅଞ୍ଚଳର ଅନେକ ଲୋକଙ୍କ ସମେତ କେତେକ ଜମିଦାର ମଧ୍ୟ ଜାଣିଥିଲେ । ଅନେକ ଜମିଦାର ତାହାଙ୍କୁ ପ୍ରତ୍ୟକ୍ଷ ଭାବରେ ସାହାଯ୍ୟ କରିଥିଲେ ମଧ୍ୟ ସରକାରଙ୍କୁ ସେ ସମ୍ପର୍କରେ କିଛି ଜଣାଇ ନଥିଲେ । ଉଲ୍ଲେଖଯୋଗ୍ୟ ଯେ ଜମିଦାରମାନଙ୍କୁ ପଳାତକ ସୁରେନ୍ଦ୍ର ସାଏଙ୍କ ସମ୍ପର୍କରେ ଜାଣିବା ସଙ୍ଗେ ସଙ୍ଗେ ସମ୍ବାଦ ଦେବାପାଇଁ ସରକାରଙ୍କ କଡ଼ା ନିର୍ଦ୍ଦେଶ ଥିଲା । କେବଳ ସେତିକି ନୁହେଁ, ସାଏଭାଇମାନଙ୍କୁ ଗିରଫ କରିବା ଏବଂ ଧରାଇଦେଲେ ଦୁଇଶହ ପଚିଶ ଟଙ୍କା ପୁରସ୍କାର ଦେବାଲାଗି ଘୋଷଣା ମଧ୍ୟ କରିଥିଲେ କମ୍ପାନୀ ସରକାର ।

ଦୀର୍ଘ ୧୭ ବର୍ଷ କାରାଗାରରେ ଆବଦ୍ଧ ହୋଇ ରହିବା ପରେ ଯେତେବେଳେ ପୁଣି କର୍ମକ୍ଷେତ୍ରକୁ ଓହ୍ଲାଇ ଆସିଥିଲେ ସେତେବେଳେ ପ୍ରଥମେ କିଛିଦିନ ନିଜ ନିଜର ଉଦ୍ଦେଶ୍ୟ ସାଧନ ପାଇଁ କିପ୍ରକାର କାର୍ଯ୍ୟପନ୍ଥା ଗ୍ରହଣ କରିବେ କିଛି ସ୍ଥିର କରିପାରି ନଥିଲେ । ତାହାଙ୍କର ସେଭଳି ଅସ୍ଥିରତାର କେତେଗୁଡ଼ିଏ ଯଥାଯଥ କାରଣ ଥିଲା । ପ୍ରଥମତଃ ଇଂରେଜ ସରକାର ସାଏ ଦୁଇଭାଇଙ୍କୁ ବିଦ୍ରୋହୀ ବୋଲି ଘୋଷଣା କରିଥିଲେ । ସେମାନଙ୍କୁ ଧରାଇଦେଲେ ଧରିବା ବ୍ୟକ୍ତିଙ୍କୁ ପୁରସ୍କାରର ବ୍ୟବସ୍ଥା କରିଥିଲେ । ପୁଣି ଜେଲ୍‌ରୁ ବିପ୍ଳବୀମାନଙ୍କ ଦ୍ୱାରା ମୁକ୍ତ ହୋଇ ଫେରିବା ବେଳେ ରାସ୍ତାରେ ତାହାଙ୍କର ସ୍ୱାସ୍ଥ୍ୟର ଅବନତି ହୋଇଥିଲା । ତେଣୁ ଶାରୀରିକ ଅସୁସ୍ଥତା କାରଣରୁ ସେ କିଛିଦିନ ବିଶ୍ରାମ ଆବଶ୍ୟକ କରୁଥିଲେ । ପୁଣି ଦୀର୍ଘ ୧୭ ବର୍ଷ କାଳ ନିଜ ଲୋକଙ୍କ ନିକଟରୁ ଦୂରେଇ ରହିଥିବା ଯୋଗୁଁ ସେମାନଙ୍କ ମନୋଭାବ ସମ୍ପର୍କରେ ମଧ୍ୟ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ । ସେ ପ୍ରଥମେ ଜାଣିବାକୁ ଇଚ୍ଛା

Digitized by srujanika@gmail.com

କରଥିଲେ ଯେ ଯେଉଁମାନଙ୍କୁ ନେଇ ସେ ଇଂରେଜ ସରକାରଙ୍କ ସହ ମୁକାବିଲା କରିବେ, ସେମାନେ ସେଇଥିପା ବୃଦ୍ଧିମାନ୍ତ କ ନାହିଁ । ଯୁଏତ ଇତି ମଧ୍ୟରେ ଇଂରେଜ ସରକାରଙ୍କ ଶାସନରେ ଲୋକେ ସନ୍ତୁଷ୍ଟ ହୋଇଥାଇ ପାରନ୍ତି ଓ ଦେଶୀୟ ଶାସନ ଇଚ୍ଛାକରି ନପାରନ୍ତି ବୋଲି ସେ ଆଶଙ୍କା କରିଥିଲେ । ପୁଣି ସମ୍ବଲପୁରର ଇଂରେଜ ଶାସକ ସାଏ ଭାଇମାନଙ୍କ ନେତୃତ୍ୱରେ ପରିଚାଳିତ ହେବାକୁ ଥିବା ଆଗାମୀ ବିପ୍ଳବର ମୁକାବିଲା କରିବାପାଇଁ ଯଥେଷ୍ଟ ଆଧୁନିକ ସୈନ୍ୟ ଠୁଳକରି ପାରିଥିଲେ ଓ ଅଧିକ ବ୍ୟବସ୍ଥାରେ ମଧ୍ୟ ଥିଲେ । ତେଣୁ ସେମାନଙ୍କୁ ଯଥାର୍ଥଭାବେ ମୁକାବିଲା କରିବାଲାଗି କଭଳି ପ୍ରସ୍ତୁତି ଆବଶ୍ୟକ ତାହା ମଧ୍ୟ ସେମାନଙ୍କ ବିଚାର ପରିସରଭୁକ୍ତ ଥିଲା ।

ଅପର ପକ୍ଷରେ ସମ୍ବଲପୁରର ପ୍ରଶାସକ କେପ୍‌ଟେନ୍ ଲେ ମନସ୍ଥ କରିଥିଲେ ଯେ, ଯଦି ଜମିଦାରମାନେ ସୁରେନ୍ଦ୍ର ସାଏଙ୍କୁ ସାହାଯ୍ୟ କରନ୍ତି ତା'ହେଲେ ତାଙ୍କୁ ଏକ ବିରାଟ ସୈନ୍ୟବାହିନୀ ସଙ୍ଗଠନ କରିବାକୁ ହେବ । ସେଥିପାଇଁ ସେ ଅନେକ ପଦକ୍ଷେପ ମଧ୍ୟ ଗ୍ରହଣ କରି ସାରିଥିଲେ; କାରଣ ଅନୁଧ୍ୟାନ କରି ସେ ଯଥାର୍ଥରେ ଆଶଙ୍କା କରିଥିଲେ ଯେ ସମ୍ବଲପୁରର ଅଧିକାଂଶ ଲୋକ ସେଠାରେ ରାଜାଙ୍କ ଶାସନ ପୁନଃପ୍ରତିଷ୍ଠା କରିବାଲାଗି ପ୍ରସ୍ତୁତ ଏବଂ ଅନେକ ଜମିଦାର ଏପରିକି ପ୍ରତ୍ୟକ୍ଷ ଭାବେ ତ ହାଙ୍କୁ ସାହାଯ୍ୟ କରୁଛନ୍ତି । ଏକଥା ମଧ୍ୟ ସତ, ସେମାନେ ଇଂରେଜ ସରକାରଙ୍କ ନିକଟରେ ସେକଥା ଆଦୌ ସ୍ୱୀକାର କରିବେ ନାହିଁ କିମ୍ବା ସେମାନଙ୍କ ତଥାକଥିତ ଆନୁଗତ୍ୟ ଅସ୍ୱୀକାର କରିବେ ନାହିଁ ।

ପୁଣି ଇତି ମଧ୍ୟରେ ସେ ମଧ୍ୟ ବଉଦ କନ୍ଧମାଳର ଡେପୁଟି ମାଜିଷ୍ଟ୍ରେଟ ଶ୍ରୀ ଦୀନବନ୍ଧୁ ପଟ୍ଟନାୟକଙ୍କ ନିକଟରୁ ସମ୍ବାଦ ପାଇଥିଲେ ଯେ, ହଜାରିବାଗରୁ ମୁକ୍ତି ପାଇଥିବା କେତେକ କଏଦୀଙ୍କ ଖବରଟି ଗତ କେତେଦିନ ମଧ୍ୟରେ ସେ ସଂଗ୍ରହ କରିଥିଲେ । ସେମାନେ କିପରି ମୁକ୍ତ ପାଇଥିଲେ ଓ ଆଗାମୀ ଦଶହରା ପରେ ପୁଣି ବିପ୍ଳବୀମାନେ ଏକତ୍ରିତ ହେବାପାଇଁ ମସୁଧା କରିଥିବା ଖବର ସଂଗ୍ରହ କରିବା ସଙ୍ଗେ ସଙ୍ଗେ କେଉଁମାନେ ସୁରେନ୍ଦ୍ର ସାଏଙ୍କୁ ଖାଦ୍ୟପେୟ ଦେବା, ସାହାଯ୍ୟ କରିବା ଓ ଅନ୍ୟ ପ୍ରକାରରେ ସହାୟକ ହେବାପାଇଁ ପ୍ରତିଶ୍ରୁତି ଦେଇଥିଲେ ସେମାନଙ୍କ ନାମ ତାଲିକା ପ୍ରସ୍ତୁତ କରିଥିଲେ ।

କେପଟେନ୍ ଲେ ଆଗାମୀ ସଂଗ୍ରାମର ମୁକାବିଲା କରିବାପାଇଁ ସୈନ୍ୟ ସଂଗ୍ରହରେ ଲାଗିପଡ଼ିଥିଲେ । ୪୦ ନମ୍ବର ମାନ୍ଦ୍ରାଜ ଦେଶୀୟ ପଦାତିକ ବାହିନୀର ୩ଦଳ ସୈନ୍ୟଙ୍କୁ ସେଠାକୁ ପଠାଇବା ଲାଗି କଟକ କମିଶନରଙ୍କୁ ସେ

Digitized by srujanika@gmail.com

ଲେଖିଥିଲେ । ପୁଣି ସେଠାରେ ଥିବା ସୈନ୍ୟମାନେ ମଧ୍ୟ ଶ୍ରେଣୀଭ୍ରଷ୍ଟ ହୋଇ ପଡ଼ିଥିଲେ । ତେଣୁ ପରିସ୍ଥିତିକୁ ସମ୍ଭାଳି ନେବାପାଇଁ ସେ ବଳ ପରିବର୍ତ୍ତେ କୌଶଳ ପ୍ରୟୋଗ କରିଥିଲେ । ସେ ଜଣେ ଗୁପ୍ତଚରଠାରୁ ଖବର ସଂଗ୍ରହ କରିଥିଲେ ଯେ, ସୁରେନ୍ଦ୍ର ସାଏଙ୍କ ସୈନ୍ୟସଂଖ୍ୟା ଦୁଇହଜାର ଏବଂ ତନ୍ମଧ୍ୟରୁ ଏକହଜାର ବନ୍ଧୁକଧାରୀ । ପୁଣି ଆଉଜଣେ ଗୁପ୍ତଚର ସମ୍ବାଦ ଦେଇଥିଲା ଯେ ସେମାନଙ୍କ ସଂଖ୍ୟା ସାତଶହରୁ ଆଠଶହ ହେବ ଏବଂ ବନ୍ଧୁକଧାରୀ ଥିଲେ ମାତ୍ର ପ୍ରାୟ ପଚାଶଜଣ; ତଥାପି ଦଳେ ସୈନ୍ୟଙ୍କୁ ତାହାଙ୍କ ବିରୁଦ୍ଧରେ ପଠାଇବା ବୋକାମିର କାର୍ଯ୍ୟ ହେବ ବୋଲି ସେ ବିଚାର କରିନଥିଲେ । କାରଣ ତା ଫଳରେ ସୁରେନ୍ଦ୍ର ସାଏ ହୁଏତ ହାତଛଡ଼ା ହୋଇଯାଇପାରନ୍ତି ଓ ଇଂରେଜ ସୈନ୍ୟଙ୍କୁ ପରାଜିତ କରିଦେଇ ପାରନ୍ତି । ଥରେ ଖସି ଗଲେ ସେମାନେ ଅଧିକ ସୈନ୍ୟ ସଂଗ୍ରହ କରି ପୁଣିଥରେ ଆକ୍ରମଣ କରିବାକୁ ଆସିପାରନ୍ତି ! ତେଣୁ ସେ ସମସ୍ତ ସୁଯୋଗ ନେବାଲାଗି ସୁରେନ୍ଦ୍ର ସାଏଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରୁଥିଲେ । କାଳକ୍ଷେପଣ ନୀତି ଗ୍ରହଣ କରି ଥରେ ଦୁଇଥର କେବଳ ବିଭିନ୍ନ ପ୍ରକାର ଆଦେଶନାମା ପଠାଇଥିଲେ ।

କିନ୍ତୁ ସୁରେନ୍ଦ୍ର ସାଏ ଅକ୍ଟୋବର ସାତ ତାରିଖ ଦିନ ସକାଳ ଆଠଟା ବେଳେ ସମ୍ବଲପୁର ସହର ଭିତରକୁ ସଶସ୍ତ୍ର ସୈନ୍ୟ ଧରି ପ୍ରବେଶ କରିଥିଲେ ଓ ନଗର ଭିତରେ ପ୍ରବେଶ କରିଥିଲେ ବୋଲି ଘୋଷଣା କରିଥିଲେ । କେପ୍‌ଟେନ୍ ଲେ ଦଳେ ସୈନ୍ୟ ନେଇ ତାହାଙ୍କୁ ସାମନା କରିବାକୁ ଯାଇଥିଲେ ମଧ୍ୟ କୌଣସି ପ୍ରକାର ସଂଗ୍ରାମ କରି ନ ଥିଲେ । ସେ ସୁରେନ୍ଦ୍ର ସାଏଙ୍କ ସହ ସାକ୍ଷାତ କରି ତାହାଙ୍କ ସମ୍ବଲପୁର ପ୍ରବେଶ କାରଣ ପଚାରିବାକୁ ଚାହିଁଥିଲେ । କେତେକ କଥାବାର୍ତ୍ତା ମଧ୍ୟସ୍ଥିଙ୍କ ଜରିଆରେ ହେବାପରେ ସାଏ ଦୁଇଭାଇ ଖବର ପଠାଇଥିଲେ ଯେ ଯଦି ସେମାନଙ୍କର ନିରାପତ୍ତା ଦୃଢ଼ ପ୍ରତିଶ୍ରୁତି ଦିଆଯାଏ, ତାହେଲେ ସେମାନେ ମି. ଲେଙ୍କ ନିକଟକୁ ଯିବେ । ସେଭଳି ପ୍ରତିଶ୍ରୁତି ଆଗ୍ରହର ସହିତ ମି. ଲେ. ଦେଇଥିଲେ । ସାକ୍ଷାତବେଳେ ସାଏ ଭାଇମାନେ ତାହାଙ୍କୁ କହିଥିଲେ ସେମାନେ ଗୃହହୀନ୍ତୁ ଅବଶିଷ୍ଟ ଦଣ୍ଡ ଦେଶରୁ ଅବ୍ୟାହତ । ସହରରେ କୌଣସି ପ୍ରକାର ଗଣ୍ଡଗୋଳ କରିବା ସେମାନଙ୍କର ଉଦ୍ଦେଶ୍ୟ ନୁହେଁ, କିନ୍ତୁ ମେଳ ଭାଙ୍ଗିବା ପରେ ହିଁ ତାହାଙ୍କ କଥା ବିଚାରକୁ ନଆସିବ ବୋଲି ଲେ ମତ ପ୍ରକାଶ କରିଥିଲେ । ସେତେବେଳେ ସୁରେନ୍ଦ୍ର ସାଏଙ୍କ ସପକ୍ଷରେ ଥିଲେ ପ୍ରାୟ ବାରଶହ ସୈନ୍ୟ ପୁଣି ତ ଭ୍ର ପରଦିନ ସେ କେପ୍‌ଟେନଙ୍କ ସହ ସାକ୍ଷାତ କରିଥିଲେ । ସେଦିନ ସେ ମେଳ ଭାଙ୍ଗିବାପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ ।

Digitized by srujanika@gmail.com

ସେ ଯେ କୌଣସି କାରଣରୁ ହେଉ ଉଦନ୍ତ ସାଏ ସମ୍ବଲପୁରରେ ପ୍ରବେଶ କରିଥିବା ସବୁଲୋକଙ୍କୁ ନେଇ ଚାଲିଯାଇଥିଲେ । ସୁରେନ୍ଦ୍ର ସାଏ ପ୍ରାୟ କୋଡ଼ିଏ ଜଣ ସହଚରଙ୍କୁ ନେଇ ସମ୍ବଲପୁରରେ ରହିଥିଲେ । ସେ ସମ୍ବାଦରେ ମିଷ୍ଟର ଲେ. ଙ୍କର ହୃଦ୍‌ବୋଧ ହୋଇଥିଲା ଯେ ଆଉ କୌଣସି ପ୍ରକାର ଉତ୍ତେଜନା ସୃଷ୍ଟି ହେବାର ଅବକାଶ ନାହିଁ । ତେଣୁ ଅଯଥା ଭୟଭୀତ ହୋଇ ସହର ଛାଡ଼ି ଚାଲି ଯାଇଥିବା ଅନେକ ଲୋକ ପୁଣି ଫେରି ଆସିଥିଲେ । ସୁରେନ୍ଦ୍ର ସାଏ ଏକ ଆବେଦନ ସରକାରଙ୍କ ନିକଟରେ ପେଶ କରିଥିଲେ ଓ ତାହାକୁ ମିଷ୍ଟର ଲେ. ଆଦେଶ ପାଇଁ ପଠାଇ ଦେଇଥିଲେ । ଆଦେଶ ପାଇବା ପର୍ଯ୍ୟନ୍ତ ସୁରେନ୍ଦ୍ର ସାଏଙ୍କୁ ସମ୍ବଲପୁରରେ ରହିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ସେତେବେଳେ ତାହାଙ୍କୁ ଜଣେ ରାଜନୈତିକ ବନ୍ଦୀଭାବରେ ବ୍ୟବହାର କରାଯାଉଥିଲା ଓ କଡ଼ା ପହରାର ବ୍ୟବସ୍ଥା ମଧ୍ୟ ତାହାଙ୍କ ପାଇଁ କରାଯାଇଥିଲା ।

ଇତି ମଧ୍ୟରେ ୪୦ ନମ୍ବର ମାନ୍ଦ୍ରାଜ ସେନା ବାହିନୀର ତିନିଦଳ ସୈନ୍ୟ ସମ୍ବଲପୁରରେ ପହଞ୍ଚି ସାରିଥିଲେ । ପୁଣି ଆଉ ତିନିଦଳ ସୈନ୍ୟ କଟକ ଛାଡ଼ିଥିଲେ । ସେଥିରେ ଦୁଇଦଳ ପାର୍ବତ୍ୟ କମାଣଗୋଳନ୍ଦାଜ ଓ ଆଉ ଦଳେ ବନ୍ଧୁକଧାରୀ ଥିଲେ । ସେମାନଙ୍କ ନେତୃତ୍ୱ ନେଇଥିଲେ କ୍ୟାପ୍‌ଟେନ ହେଡ଼ୋ । ପୁଣି ସେଇ ସମୟରେ ବଉଦକନ୍ଧମାଳର ତହସିଲଦାର କେତେଜଣ ହଜାରିବାଗରୁ ପଳାୟନ କରିଥିବା ବନ୍ଦୀଙ୍କୁ ଅନୁସରଣ କରି ୩୦ ଜଣ ସେବଣ୍ଡି ପାଇକଙ୍କ ସହିତ ସମ୍ବଲପୁର ପର୍ଯ୍ୟନ୍ତ ଆସିଥିଲେ । କେପ୍‌ଟେନ୍ ଲେ ସେହି ପାଇକମାନଙ୍କୁ ସେଠାରେ ରହିବା ପାଇଁ ଆଦେଶ ଦେଇଥିଲେ; କାରଣ ସେ ନିର୍ଦ୍ଦିଷ୍ଟ ଭାବରେ ଜାଣିଥିଲେ ଯେ, ସମ୍ବଲପୁରର ଜନସାଧାରଣଙ୍କ ସମେତ ସେହି ଅଞ୍ଚଳର ଜମିଦାରମାନେ ମଧ୍ୟ ସୁରେନ୍ଦ୍ର ସାଏଙ୍କୁ ଆନ୍ତରିକ ସମର୍ଥନ କରୁଛନ୍ତି । ସେ ମଧ୍ୟ ଗୁପ୍ତଖବର ସଂଗ୍ରହ କରିଥିଲେ ଯେ, ନେତାମାନେ ଚୁପ୍‌ଚାପ ରହିବା କେବଳ ସାମୟିକ ମାତ୍ର ଏବଂ ଏହି ସମୟ ମଧ୍ୟରେ ଗଉଁତିଆମାନେ ଗ୍ରାମାଞ୍ଚଳରେ ବୁଲିବୁଲି ଲୋକ ସଂଗ୍ରହରେ ଲାଗିଛନ୍ତି ।

ତଥାପି ଗୋଟିଏ ଦୃଷ୍ଟିରୁ ଇଂରେଜ ସରକାର ଆଉ ଅଧିକ ଗଣ୍ଡଗୋଳ ହେବାର ସମ୍ଭାବନା ନଥିବା ସପକ୍ଷରେ ନିଜକୁ ଆତ୍ମ ପ୍ରବୋଧନା ଦେଉଥିଲେ ଯେ, ଗଣ୍ଡଗୋଳ ଆଶଙ୍କା କରି ସହରଛାଡ଼ି ଚାଲିଯାଇଥିବା ଅନେକ ଲୋକ ପୁଣି ଫେରି ଆସିଛନ୍ତି । ପୁଣି ସମ୍ବଲପୁରର ଲୋକମାନେ ପୂର୍ବେ କୋର୍ଟ କଚେରୀରେ ଉପସ୍ଥିତ ହେବାପାଇଁ କଡ଼ା ଆଦେଶ ପାଇ ମଧ୍ୟ ଆସୁ ନ ଥିବା ବେଳେ ବର୍ତ୍ତମାନ ସେଠାରେ ଖୋଦ୍ ସୁରେନ୍ଦ୍ର ସାଏଙ୍କ ଉପସ୍ଥିତି ସମୟରେ କୋର୍ଟ କଚେରୀରେ ଯୋଗ

Digitized by srujanika@gmail.com

ଦେଉଥିଲେ ଏବଂ ବନ୍ଦକରି ଦେଇଥିବା ଖଜଣାସବୁ ପୁନର୍ବାର ଦାଖଲ କରିବା ଆରମ୍ଭ କରି ଦେଇଥିଲେ । କେପଟେନ୍ ଲେ. ମଧ୍ୟ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିଲେ ସୁରେନ୍ଦ୍ର ସାଏଙ୍କ ଦରଖାସ୍ତ ଉପରେ ସରକାରଙ୍କ ଅନୁକୂଳ ମତ ପାଇବା ପାଇଁ । ପରିଣାମତଃ ସେ ଆଶା କରିଥିଲେ ଯେ ସମ୍ବଲପୁରର ଗଣ୍ଡଗୋଳ ସବୁଦିନ ପାଇଁ ବନ୍ଦ ହୋଇଯିବ ; କେବଳ ସାଏ ଭାଇମାନଙ୍କ ନିର୍ବାସନ ବେଳେ ଯାହା ଗଣ୍ଡଗୋଳ ହୋଇପାରେ । ସେଥିପାଇଁ ସେ ସୈନ୍ୟ ସମାବେଶ କରୁଥିଲେ ।

ସରକାରଙ୍କ ଗୁପ୍ତଚରମାନେ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର ପରସ୍ପର ବିରୋଧୀ ଖବର ସଂଗ୍ରହକରି ଆଣୁଥିଲେ । ପରିଣାମତଃ ସରକାରୀ ପ୍ରଶାସକମାନେ କୌଣସି ନିର୍ଦ୍ଦିଷ୍ଟ ମତରେ ଉପନୀତ ହୋଇପାରୁ ନ ଥିଲେ । ଉଦାହରଣସ୍ୱରୂପ ଜଣେ ବରକନ୍ଦାଜ ସୈନ୍ୟ ସମ୍ବାଦ ଦେଇଥିଲେ ଯେ, ଖିଣ୍ଡା ଗ୍ରାମରେ ୧,୦୦୦ରୁ ପ୍ରାୟ ୧,୨୦୦ ପର୍ଯ୍ୟନ୍ତ ସୈନ୍ୟ ସମାବେଶ ହୋଇଥିଲେ । ସ୍ୱତନ୍ତ୍ରଭାବେ ପ୍ରେରିତ ହୋଇଥିବା ଆଉ ଦୁଇଜଣ ସିପାହୀ ଖବର ଦେଇଥିଲେ ଯେ, ସେମାନେ ସେଭଳି କୌଣସି ପ୍ରକାର ଜନ ସମାବେଶ ଦେଖି ନ ଥିଲେ । ପୁଣି ଆଉ ଦୁଇଜଣ ୪୦ ନମ୍ବର ମାନ୍ଦ୍ରାଜ ସେନାବାହିନୀର ସୈନ୍ୟ ସମ୍ବାଦ ଦେଇଥିଲେ ଯେ, ସେମାନେ ପ୍ରାୟ ୬୦ଜଣ ସଶସ୍ତ୍ର ଦେଶୀୟ ସେନାଙ୍କୁ ଦେଖିଥିଲେ ଏବଂ ସେମାନେ ସମ୍ଭ ଭୋଲବଗ୍ର ଦିଗରେ ଅଗ୍ରସର ହୋଇଥିଲେ । କେପ୍‌ଟେନ୍ ଲେ. ସେସବୁ ସମ୍ବାଦ ଶୁଣିବା ପରେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଗ୍ରହଣ କରି ନ ପାରି ସ୍ଥିର କରିଥିଲେ—ନିଜେ ଘଟଣାର ଅନୁସନ୍ଧାନ ପ୍ରଥମେ କରିବେ ; କିନ୍ତୁ ସମ୍ବଲପୁରରେ ଯଥେଷ୍ଟ ସୈନ୍ୟ ସମାବେଶ ହୋଇ ନ ଥିବାରୁ ସେ ସହର ଛାଡ଼ି ଯାଇ ମଧ୍ୟ ପାରୁ ନ ଥିଲେ ।

ପ୍ରାୟ ବନ୍ଦୀଭଳି ହୋଇଥିବା ସୁରେନ୍ଦ୍ର ସାଏଙ୍କୁ ସେ ପ୍ରକାର ବିଭିନ୍ନ ମେଳି ଓ ବିଦ୍ରୋହୀମାନଙ୍କର ଅସଲ ଉଦ୍ଦେଶ୍ୟ ସମ୍ପର୍କରେ ପଚାରିଥିଲେ ; କିନ୍ତୁ ସୁରେନ୍ଦ୍ର ସାଏ ବିଦ୍ରୋହୀମାନଙ୍କ ସହିତ ତାହାଙ୍କର କୌଣସି ପ୍ରତ୍ୟକ୍ଷ ବା ପରୋକ୍ଷ ସମ୍ପର୍କ ନ ଥିବା କଥା ଜଣାଇ ଦେଇଥିଲେ ଏବଂ ପୁଣି ଜଣାଇ ଦେଇଥିଲେ ଯେ, ସେ କୌଣସି ମେଳି ସମ୍ପର୍କରେ ଆଦୌ କିଛି ଜାଣନ୍ତି ନାହିଁ ।

କଟକ କମିଶନର କିନ୍ତୁ ବାସ୍ତବରେ ସନ୍ଦେହ କରିଥିଲେ ଯେ ବିଦ୍ରୋହୀ-ମାନଙ୍କ ସହିତ ସୁରେନ୍ଦ୍ର ସାଏଙ୍କ ଘନିଷ୍ଠ ସମ୍ପର୍କ ଥିଲା ଏବଂ ତାହାଙ୍କ ଜ୍ଞାତସାରରେ

Digitized by srujanika@gmail.com

ହିଁ ସବୁକାର୍ଯ୍ୟ ହେଉଥିଲା, ଯଦିଓ ସେ ବନ୍ଦୀଭଳି ସମ୍ବଲପୁରରେ ରହୁଥିଲେ ; କିନ୍ତୁ କେପ୍‌ଟେନ୍ ଲେ ସେଭଳି ମତ ସ୍ୱତନ୍ତ ପୋଷଣ କରି ନ ଥିଲେ । ତଥାପି ସେ ସୁରେନ୍ଦ୍ର ସାଏଙ୍କ ଉପରେ କଡ଼ା ନଜର ରଖିଥିଲେ ।

କଡ଼ା ନଜରରେ ଥାଇ ମଧ୍ୟ ଅନ୍ଧକାରାଚ୍ଛନ୍ନ ଘନକୃଷ୍ଣ ଭିତରେ ଇଂରେଜ ସରକାରୀ କର୍ମଚାରୀମାନଙ୍କୁ ଅନ୍ଧ କରି ଅକ୍ଟୋବର ୩୧ ତାରିଖ ରାତିରେ ସୁରେନ୍ଦ୍ର ସାଏ ସମ୍ବଲପୁରରୁ ପଳାୟନ କରିଥିଲେ । ସେଠାରୁ ଖସି ଚାଲିଯିବା ପରେ ଜନ୍ମଭୂମି ଖିଣ୍ଡାରେ ଉଦନ୍ତ ସାଏ ଓ ତାହାଙ୍କର ଅନ୍ୟ ସହକର୍ମୀମାନଙ୍କ ସହିତ ଯୋଗ ଦେଇଥିଲେ ।

ପୁଣି ଜୋର୍‌ସୋରରେ ଆରମ୍ଭ ହୋଇଯାଇଥିଲା କମ୍ପାନୀ ସରକାରଙ୍କ ସହିତ ଦୃଢ଼ ମୁକାବିଲା ପାଇଁ ପ୍ରସ୍ତୁତିପର୍ବ ।

କେପ୍‌ଟେନ୍‌ ଲେ:ଙ୍କ ସହ ମୁକାବିଲା

ସୁରେନ୍ଦ୍ର ସାଏ ସମ୍ବଲପୁରରୁ ପଳାୟନ କରିବା ପରେ ପରେ ସମଗ୍ର ଜିଲ୍ଲାରେ ବିଦ୍ରୋହ ବ୍ୟାପି ଯାଇଥିଲା । ସେମାନଙ୍କର କେନ୍ଦ୍ରସ୍ଥଳ ଥିଲା ଖିଣ୍ଡା ଓ କୋଲାବିରା ।

ସରକାରଙ୍କ ତରଫରୁ ବିଦ୍ରୋହୀ ଓ ସେମାନଙ୍କ ନେତାମାନଙ୍କର ଗତିବିଧି ସମ୍ପର୍କରେ ବିବରଣୀ ସଂଗ୍ରହ କରିବା ପାଇଁ ଗୁପ୍ତଚରମାନଙ୍କ ସଂଖ୍ୟା ବହୁଗୁଣିତ କରାଯାଇଥିଲା । ସେମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା— ବିଭିନ୍ନ ଗ୍ରାମରେ ବିଦ୍ରୋହୀମାନଙ୍କ ଦ୍ୱାରା ହେଉଥିବା ମେଳ ଓ ବୈଠକ ବଡ଼ ସବୁ ପ୍ରକାର କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ଠିକନିଖି ଭାବେ ଆଣିବା ପାଇଁ । ବିଭିନ୍ନ ତଥ୍ୟ ସଂଗ୍ରହ ପାଇଁ ସ୍ୱତନ୍ତ୍ର ଗୁପ୍ତଚର ନିଯୁକ୍ତ କରାଯିବା ସଙ୍ଗେ ସଙ୍ଗେ ଖିଣ୍ଡା ଓ କୋଲାବିରା ଗ୍ରାମଗୁଡ଼ିକ ଉପରେ କଡ଼ା ନଜର ଦିଆଯାଇଥିଲା ।

କେପ୍‌ଟେନ୍‌ ଲେ ଖବର ପାଇଥିଲେ ଯେ, କୋଲାବିରାଠାରେ ଏକ ବିରାଟ ଜନସମାଗମ ହୋଇଛି । ସେ ସ୍ୱୟଂ ଜିଲ୍ଲାର ବିଭିନ୍ନ ସ୍ଥାନ ବୁଲି ଖବର ସଂଗ୍ରହ

Digitized by srujanika@gmail.com

କରିବାପାଇଁ ଇଚ୍ଛା କରିଥିଲେ ମଧ୍ୟ ସେ ଲେଖିଥିବା ମାରଣାସ୍ତ୍ର କମାଣ ଏବଂ ଯଥେଷ୍ଟ ସୈନ୍ୟସାମନ୍ତ ସମ୍ବଲପୁରରେ ପହଞ୍ଚି ପାରି ନଥିଲା । ସେହି କାରଣରୁ ମେଲ ସମ୍ବାଦ ପାଇ ମଧ୍ୟ ନିଜେ ଯାଇପାରି ନଥିଲେ; କିନ୍ତୁ ନଭେମ୍ବର ସ୍ଥିର ତାରିଖରେ ମାଡ୍ରାଜ ଦେଶୀୟବାହିନୀର ଏକ ଦଳ ସୈନ୍ୟ ଓ ଅନ୍ୟ ସାହାଯ୍ୟକାରୀମାନେ ମାଡ୍ରାଜ କମାଣବାହିନୀର ଲେଫ୍‌ଟନାଣ୍ଟ ମି: ହେଡ଼୍ଡୋଙ୍କ ଅଧିନାୟକତ୍ୱରେ ଆସି ସମ୍ବଲପୁରରେ ପହଞ୍ଚିଥିଲେ । ତତ୍ପରଦିନ କେପ୍‌ଟନ୍ ଜେ: ଷ: ନରକଙ୍କ ନେତୃତ୍ୱରେ ଦଳେ ସୈନ୍ୟ ବାହାରି ପଡ଼ିଥିଲେ ବିଦ୍ରୋହୀମାନଙ୍କୁ ଜବତ କରିବାପାଇଁ । ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ସୁରେନ୍ଦ୍ର ସାଏ, ଉଦନ୍ତ ସାଏ ଓ କୋଲାବିରାର ଗଡ଼ତିଆ କରୁଣା ନାଏକଙ୍କୁ ଧରିବା । ସୈନ୍ୟମାନଙ୍କ ସହ ଅଭିଯାନରେ ବାବୁରାସ୍ତ ରୂପସିଂହ ବାହାଦୂର ମଧ୍ୟ ଯାଇଥିଲେ ସରକାରୀ ବିରୋଧୀ ଖବର ସଂଗ୍ରହ ପାଇଁ ।

ସୈନ୍ୟଦଳ ସମ୍ବଲପୁର ସହରରୁ ଗ୍ରେଟନାଗପୁର ରାସ୍ତାରେ ପ୍ରାୟ ୨୫ କିଲୋମିଟର ଯିବା ପରେ ଝିରଘାଟିଠାରେ ଦଳେ ସଶସ୍ତ୍ର ଲୋକଙ୍କ ସମ୍ମୁଖୀନ ହୋଇଥିଲେ । ଏମାନଙ୍କ ପ୍ରଚୁର ଗୁଳିଗୁଳା ସହିତ ଦେଶୀୟ ବିଦ୍ରୋହୀମାନେ ଅପତର୍କ ଅବସ୍ଥାରେ କେତେବା ସଂଗ୍ରାମ କରିପାରିଥାନ୍ତେ ? କେତେଗୁଡ଼ିଏ ଗୁଳିଗୋଳା ବର୍ଷଣ ପରେ ଛତ୍ରଭଙ୍ଗ ଦେଇଥିଲେ । ଝିରଘାଟିଠାରୁ ସରକାରୀ ସୈନ୍ୟଦଳ କତରବଗା ଓ ପମାସିଂହା ଦେଇ ନଭେମ୍ବର ସାତ ତାରିଖ ଦିନ କୋଲାବିରାଠାରେ ପହଞ୍ଚିଥିଲେ । ସେତେବେଳକୁ ସେହି ଗ୍ରାମଟି ଜନଶୂନ୍ୟ ହୋଇଯାଇଥିଲା । ଗଡ଼ତିଆଙ୍କ ଘରର ଫାଟକ ବନ୍ଦ ଥିଲେ ମଧ୍ୟ ସେମାନେ ଦେଖିବାକୁ ପାଇଥିଲେ ଯେ କାନ୍ଥ ଗୁଡ଼ିକ ଛିଦ୍ରମୟ ହୋଇଥିଲା । ସେଭଳି କରାଯିବାର ଉଦ୍ଦେଶ୍ୟ ଥିଲା, ଘର ଭିତରେ ରହି ଆବଶ୍ୟକ ହେଲେ ଶତ୍ରୁମାନଙ୍କ ସହିତ ମୁକାବିଲା କରିବା । ନିଜକୁ ନିରାପଦରେ ରଖି ଯେକୌଣସି ଦିଗରୁ ଶତ୍ରୁମାନଙ୍କ ସହ ବନ୍ଧୁକ ଲଢ଼େଇ କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ଦୃଷ୍ଟିରୁ ଘରର କାନ୍ଥ ଗୁଡ଼ିକରେ ବିଭିନ୍ନ ଭାବରେ ଛିଦ୍ର କରାଯାଇଥିଲା, ଲେଫ୍‌ଟନାଣ୍ଟ ହେଡ଼୍ଡୋ ସରକାରୀ ସୈନ୍ୟମାନଙ୍କୁ ଆଦେଶ ଦେଇଥିଲେ ସେହି ଶୂନ୍ୟଗୃହକୁ ଧୂଳିସାତ୍ କରିଦେବା ପାଇଁ ।

ତତ୍ପରଦିନ ସେନାମାନେ ସୁରେନ୍ଦ୍ର ସାଏ ଓ ଉଦନ୍ତ ସାଏଙ୍କ ନିଜଗ୍ରାମ ଖିଣ୍ଡାରେ ଯାଇ ପହଞ୍ଚିଥିଲେ । ସେମାନେ ପୂର୍ବବତ୍ କୋଲାବିରାର ଗଡ଼ତିଆଙ୍କ ଗୃହଭଳି ସୁରେନ୍ଦ୍ର ସାଏଙ୍କ ଗୃହର କାନ୍ଥଗୁଡ଼ିକ ମଧ୍ୟ ସେହି ମର୍ମରେ ଛିଦ୍ରମୟ

Digitized by srujanika@gmail.com

ହୋଇଥିବା ଲକ୍ଷ୍ୟ କରିଥିଲେ । କୋଲାବିରାର ଗଡ଼ତିଆଙ୍କ ଗୃହଭଳି ସେହି ଗୃହଟିକୁ ମଧ୍ୟ ଧ୍ୱଂସ କରିଦିଆଯାଇଥିଲା; କିନ୍ତୁ ଇଂରେଜ ସରକାରଙ୍କ ପରମ ଓ ଚରମ ଉଦ୍ଦେଶ୍ୟ ସଫଳ ହୋଇପାରି ନଥିଲା । ସେମାନେ ସୁରେନ୍ଦ୍ର ସାଏ, ଉଦନ୍ତ ସାଏ କିମ୍ବା କବୁଲିଆର ଗଡ଼ତିଆଙ୍କ ସମ୍ବନ୍ଧରେ କୌଣସି ସମ୍ବାଦ ପାଇପାରି ନଥିଲେ ।

ବିଦ୍ରୋହୀମାନଙ୍କ ସମ୍ପର୍କରେ ସଠିକ୍ ତଥ୍ୟ ସଂଗ୍ରହ କରିବା ଉଦ୍ଦେଶ୍ୟରେ କଟକଠାରୁ ବନ୍ଦୋବସ୍ତମାନଙ୍କର ତହସିଲଦାର ଶ୍ରୀ ଦୀନବନ୍ଧୁ ପଟ୍ଟନାୟକଙ୍କୁ ସମ୍ବଲପୁରରେ କାର୍ଯ୍ୟ କରିବା ପାଇଁ ଆଦେଶ ଦିଆଯାଇଥିଲା । ସେ ତାହାଙ୍କର କର୍ତ୍ତବ୍ୟ ଯଥାସାଧ୍ୟ ସମ୍ପାଦନ କରିଥିଲେ । ବିଭିନ୍ନ ଦିଗରେ ଗୁପ୍ତଚର ପଠାଇ ଖବର ସଂଗ୍ରହ କରିଥିଲେ । ତାହାଙ୍କର ଦୂତମାନେ ଗାଙ୍ଗପୁର, ବାମଣ୍ଡା, ରେଢ଼ାଖୋଲ, ରାଯୁଗଡ଼, ରତନପୁର ତଥା ବରପାଲି ପ୍ରଭୃତି ରାଜ୍ୟଗୁଡ଼ିକୁ ଯାଇଥିଲେ । ସେମାନଙ୍କ ଖବର ଅନୁଯାୟୀ କୋଲାବିରା ଜମିଦାର ପ୍ରାୟ ଶହେଜଣ ପାଇକଙ୍କୁ ଘରଘାଟିଠାରେ ମୁତୟନ କରିଥିଲେ ଏବଂ ସେମାନେ ସେହି ରାସ୍ତାଦେଇ ଯାଉଥିବା ପ୍ରତ୍ୟେକ ଲୋକଙ୍କୁ ଅଟକାଇ ସେମାନଙ୍କ ଠାରୁ ଜିନିଷପତ୍ର ସବୁ ଛଡ଼ାଇ ନେଇ ଯାଉଥିଲେ । ପୁଣି ସେ ମଧ୍ୟ ଖବର ସଂଗ୍ରହ କରିଥିଲେ ଯେ ଗାଙ୍ଗପୁର, ବାମଣ୍ଡା, ରେଢ଼ାଖୋଲ ଓ କୋଲାବିରା ଜମିଦାରମାନେ ପ୍ରାୟ ଦୁଇହଜାର ପାଇକ ଏକତ୍ରିତ କରିଥିଲେ । ସେମାନେ ସମସ୍ତେ ସମ୍ମିଳିତ ଭାବେ ସମ୍ବଲପୁର ଆକ୍ରମଣ କରିବାଲାଗି ମସୁଧା ମଧ୍ୟ କରିଥିଲେ ।

ଗୁପ୍ତଚରମାନଙ୍କ ସମ୍ବାଦ ମଧ୍ୟରେ ଥିଲା ଯେ ବିଦ୍ରୋହୀମାନେ ସୁରେନ୍ଦ୍ର ସାଏଙ୍କ ଗ୍ରାମ ଖିଣ୍ଡା ଯିବାଲାଗି ସରକାରୀ ଲୋକଙ୍କୁ ସହଜରେ ସୁଯୋଗ ନଦେବା ପାଇଁ ରାସ୍ତାର ଅନେକ ସ୍ଥାନରେ ଦଳଦଳ ହୋଇ ମୁତୟନ ହୋଇଥିଲେ । ସେମାନଙ୍କ ସଂଖ୍ୟା ଅନେକ ସ୍ଥାନରେ ପ୍ରାୟ ଶହେ ପର୍ଯ୍ୟନ୍ତ ହୋଇଥିବା ବେଳେ ଆହୁରି କେତେକ ସ୍ଥାନରେ ପ୍ରାୟ ଦେଢ଼ଶହ ପର୍ଯ୍ୟନ୍ତ ଥିଲା । ସେମାନେ ସମ୍ବାଦ ସଂଗ୍ରହ କରିଥିଲେ ଯେ ରାଯୁଗଡ଼, ରତନପୁର, ବରପାଲି ତଥା ଅନ୍ୟାନ୍ୟ ଜମିଦାରମାନଙ୍କ ପାଇକ-ମାନେ କେବଳ ଖିଣ୍ଡାରେ ନଥିଲେ, ଦେବଡ଼ୁଙ୍ଗରରେ ମଧ୍ୟ ରହିଥିଲେ ।

ଯେଉଁ ଗୁପ୍ତଚରମାନେ ବରପାଲି ଯାଇଥିଲେ ସେମାନେ ଖବର ଦେଇଥିଲେ ଯେ ସୁରେନ୍ଦ୍ର ସାଏଙ୍କୁ ସାହାଯ୍ୟ କରିବାପାଇଁ ବରପାଲିର ଜମିଦାର ଏକଶହ ଓ ରାଯୁଗଡ଼ର ଜମିଦାର ଦୁଇଶହ ପାଇକ ପଠାଇଥିଲେ । ଇତି ମଧ୍ୟରେ

Digitized by srujanika@gmail.com

ଜଣେ ବରକନ୍ଦାଜ ସୈନ୍ୟଙ୍କୁ ସୁରେନ୍ଦ୍ର ସାଏଙ୍କ ପାଇକମାନେ ପ୍ରବଳ ମାଡ଼ଦେବା ସଙ୍ଗେ ସଙ୍ଗେ ତାହାଙ୍କର ବନ୍ଧୁକ ତଥା ସବୁ ଜିନିଷପତ୍ର ଛଡ଼ାଇ ରଖିବା ପରେ ତାହାଙ୍କୁ ଗୁଳି ଦେଇଥିଲେ । ସେସବୁ ତଥ୍ୟ ଦୀନବନ୍ଧୁ ପଟ୍ଟନାୟକ ଦୁଇଗୋଟି ରିପୋର୍ଟରେ ଉଲ୍ଲେଖ କରି ସରକାରଙ୍କୁ ଦେଇଥିଲେ । ତାହା ଓଡ଼ିଆରେ ହୋଇଥିବା ଯୋଗୁଁ ପୁଣି ଅନୁଦିତ ହୋଇ କଟକ କମିଶନରଙ୍କ ଅବଗତି ପାଇଁ ପଠାଇଦିଆଯାଇଥିଲା । କଟକ କମିଶନର ତାହାକୁ ବଙ୍ଗଳାର ଲେଫ୍‌ଟନାଣ୍ଟ ଗଭର୍ଣ୍ଣରଙ୍କ ନିକଟକୁ ପଠାଇ ଦେଇଥିଲେ ।

ଦୀନବନ୍ଧୁ ପଟ୍ଟନାୟକଙ୍କ ରିପୋର୍ଟ ସହିତ କଟକର କମିଶନର ଜି. ଏଫ୍. କକ୍‌ବର୍ଣ୍ଣଙ୍କ ପତ୍ର ବଙ୍ଗ-ସରକାର ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରେଟନାଗପୁର କମିଶନରଙ୍କ ନିକଟକୁ ପଠାଇ ଦେଇଥିଲେ । ମିଷ୍ଟର କକ୍‌ବର୍ଣ୍ଣ ମଧ୍ୟ ସମ୍ବଲପୁରରେ ଅରାଜକତା ଦୃଷ୍ଟିରୁ ସେଠାକାର ପରିସ୍ଥିତି ବରାବର ଲକ୍ଷ୍ୟ କରୁଥିଲେ ଏବଂ ସେ ପ୍ରକୃତ ଅବସ୍ଥା ସମ୍ପର୍କରେ ଯଥାର୍ଥ ବିଶ୍ଳେଷଣ କରୁଥିଲେ ମଧ୍ୟ ସେ ମତ ପ୍ରକାଶ କରିଥିଲେ ଯେ ସୁରେନ୍ଦ୍ର ସାଏ ଓ ଉଦନ୍ତ ସାଏ ଆତ୍ମସମର୍ପଣ କରିବାମାତ୍ରେ ସେମାନଙ୍କୁ ବନ୍ଦୀକରି ଫାଶି ଦିଆଯିବା ଉଚିତ ଥିଲା ଏବଂ ସେମାନଙ୍କ ଅନୁଚର-ମାନଙ୍କୁ ତଡ଼ିଦିଆଯିବା ଉଚିତ ଥିଲା । ତାହାଙ୍କ ପ୍ରତି ଯଥାର୍ଥ ନଜର ନଦିଆଯିବା ପରିଣାମରେ ସେମାନେ ପୁଣି ଖସି ପଳାଇଯାଇଥିବା ଯୋଗୁଁ କମିଶନର ଅସନ୍ତୋଷ ତଥା ଦୁଃଖିତ ମଧ୍ୟ ହୋଇଥିଲେ । କଟକ କମିଶନର ଶ୍ରୀ ଦୀନବନ୍ଧୁ ପଟ୍ଟନାୟକଙ୍କୁ ଜଣେ ବିଶ୍ୱାସଯୋଗ୍ୟ ତଥା ଉପାଦେୟ ରାଜକର୍ମଚାରୀ ବୋଲି ଉଲ୍ଲେଖ କରିଥିଲେ ଓ ତାହାଙ୍କ ସମେତ ତଥ୍ୟ ସଂଗ୍ରହ କରୁଥିବା ପ୍ରାୟ ୧୮ ଜଣ ଲୋକ ଭବିଷ୍ୟତରେ ଆବଶ୍ୟକବେଳେ ଯଥେଷ୍ଟ ବିଶ୍ୱାସଯୋଗ୍ୟ ତଥା ଉପାଦେୟ କାର୍ଯ୍ୟ ସମ୍ପାଦନ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ ।

ସେଭଳି ରିପୋର୍ଟ ଦୀନବନ୍ଧୁ ପଟ୍ଟନାୟକଙ୍କଠାରୁ ପାଇବା ସଙ୍ଗେ ସଙ୍ଗେ କେପ୍‌ଟେନ୍ ଲେ ବିଦ୍ରୋହୀମାନଙ୍କୁ ଜବଦ୍ କରିବା ପାଇଁ ଅତ୍ୟନ୍ତ ବ୍ୟଗ୍ର ହୋଇ ଉଠିଥିଲେ ; କିନ୍ତୁ ସୈନ୍ୟସାମନ୍ତଙ୍କ ଅଭାବ ଯୋଗୁଁ ସେ କୌଣସି କାର୍ଯ୍ୟରେ ଆଗେଇ ପାରୁ ନ ଥିଲେ । ତେଣୁ ମାନ୍ଦ୍ରାଜ ଦେଶୀୟ ସୈନ୍ୟବାହିନୀର ଦଳେ ସୈନ୍ୟ ନଭେମ୍ବର ୨୮ ତାରିଖ ଦିନ ସେଠାରେ ପହଞ୍ଚିବା ପରଦିନ ହିଁ ବିଦ୍ରୋହୀ-ମାନଙ୍କୁ ଗିରଫ କରିବା ଅଭିଯାନ ଆରମ୍ଭ ହୋଇଥିଲା । ସେ ଉଦ୍ୟମ ସଫଳ ହୋଇ ପାରି ନଥିଲା ।

Digitized by srujanika@gmail.com

ସୁରେନ୍ଦ୍ର ସାଏ ଓ ତାଙ୍କର ଦଳ ଯେତେବେଳେ ଯେଉଁ ଆଡ଼କୁ ଯାଉଥିଲେ ସଙ୍ଗରେ ପ୍ରଚୁର ଖାଦ୍ୟଦ୍ରବ୍ୟ ନେଇ ଯାଉଥିଲେ । ଯେଉଁଠି ସେମାନେ ସମବେତ ହୋଇ ରହୁଥିଲେ ସେଠାକୁ ବିରୋଧୀ ଲୋକ ପହଞ୍ଚିବା ପୂର୍ବରୁ ବିଭିନ୍ନ ସ୍ଥାନରେ ସେମାନଙ୍କୁ ବାଧା ଦେଇପାରିବା ଲାଗି ସୈନ୍ୟ ମୁତୟନ କରୁଥିଲେ । ନଦୀ, ନାଳ, ଜଙ୍ଗଲ, ପାହାଡ଼ଘେରା ପରିବେଶ ସୁରେନ୍ଦ୍ର ସାଏଙ୍କ ସୈନ୍ୟବାହିନୀ ପାଇଁ ଅନୁକୂଳ ହେଉଥିବା ବେଳେ ଇଂରେଜ ସୈନ୍ୟବାହିନୀ ପାଇଁ ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରୁଥିଲା । ବିଦ୍ରୋହୀମାନଙ୍କ ବିଦ୍ରୋହ ଦମନ କରିବାଲାଗି ବାରମ୍ବାର ଅଭିଯାନ ଚଳାଇବା ଫଳରେ ସରକାରୀ ସୈନ୍ୟମାନଙ୍କ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉଥିଲା । ତେଣୁ କଟକ କମିଶନର ଗଞ୍ଜାମରୁ ଦୁଇଜଣ ଇଂରେଜ ଡାକ୍ତରଙ୍କୁ ସମ୍ବଲପୁର ପଠାଇବା ବ୍ୟବସ୍ଥା କରିଥିଲେ । ସେମାନେ ହେଲେ ଡ. ଟି. ମୁର୍ ଓ ଡ. ହେନ୍ସନ । ଡାକ୍ତରମାନେ ଯଥା ସ୍ଥାନରେ ନିରାପଦରେ ପହଞ୍ଚିବା ଲାଗି ଗଞ୍ଜାମରୁ ଦଳେ ସିବୁଣ୍ଡିସେନା ନିଯୁକ୍ତ ହୋଇଥିଲେ ।

ସେମାନଙ୍କୁ ନିରାପଦରେ ସମ୍ବଲପୁର ଅଣାଇବା ଲାଗି କ୍ୟାପ୍ଟେନ ଲେହିଜ ତରଫରୁ ଅକ୍ଟୋବର ୧୫ ତାରିଖରେ ଦୁଇଜଣ ଅଶ୍ୱାରୋହୀ ସୈନ୍ୟଙ୍କୁ କଟକ-ସମ୍ବଲପୁର ରାସ୍ତାକୁ ପଠାଇଥିଲେ । ସେମାନଙ୍କ ସହ ଆଉ ଦୁଇଜଣ ସାହାଯ୍ୟକାରୀ ମଧ୍ୟ ଥିଲେ । କିନ୍ତୁ ବିଦ୍ରୋହୀମାନେ ରାସ୍ତାରୁ ହିଁ ସେମାନଙ୍କୁ ଆକ୍ରମଣ କରି ବନ୍ଦୀ କରି ନେଇଥିଲେ । ଦୁଇଦିନକାଳ ସମସ୍ତେ ବିଦ୍ରୋହୀମାନଙ୍କ ହାତରେ ବନ୍ଦୀହୋଇ ରହିବା ପରେ ୧୭ ତାରିଖ ଦିନ ଅଶ୍ୱାରୋହୀ ସୈନ୍ୟଙ୍କ ସହିତ ଯାଇଥିବା ଦୁଇଜଣ ସେବାକାରୀ କୌଶଳକ୍ରମେ ବିଦ୍ରୋହୀମାନଙ୍କ ନିକଟରୁ ଖସି ଚାଲିଯିବାଲାଗି ସୁବିଧା ସୁଯୋଗ ପାଇଥିଲେ ; କାରଣ ବିଦ୍ରୋହୀମାନେ ମୁଖ୍ୟତଃ ଡାକ୍ତର ଦ୍ୱୟଙ୍କୁ ଆକ୍ରମଣ କରିବା ଉଦ୍ଦେଶ୍ୟରେ ବ୍ୟଗ୍ରଥିଲେ ।

ଡାକ୍ତର ଦୁଇଜଣ ୧୭ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ବେଳେ ସୁଯୋମୁଣ୍ଡରେ ପହଞ୍ଚିଥିଲେ । ତତ୍ପରଦିନ ଭୋର ତିନିଟା ବେଳେ ବିଛଣା ତ୍ୟାଗ କରି ଡ. ହେନ୍ସନ୍ ନିଜର ପାଲିଙ୍କିବାହକମାନଙ୍କୁ ସାଢ଼େ ତିନିଟାବେଳେ ଯାତ୍ରା ଆରମ୍ଭ କରିବା ପାଇଁ ପ୍ରସ୍ତୁତ ହେବାକୁ କହୁଥିଲେ । କିନ୍ତୁ ବିପଦସଙ୍କୁଳ ରାସ୍ତାରେ ଏତେ ଭୋର୍ରୁ ଯାତ୍ରା କରିବା ନିରାପଦ ନୁହେଁ ବୋଲି ଡ ମୁରଙ୍କ ପାଲିଙ୍କିବାହକମାନେ ମତବ୍ୟକ୍ତ କରିଥିଲେ । ତଥାପି ଡ. ହେନ୍ସନ ପ୍ରସ୍ତୁତ ହୋଇସାରିଥିବା ଦୃଷ୍ଟିରୁ ଯାତ୍ରା ଆରମ୍ଭ କରିବାକୁ କହି ଓ ସେ ମଧ୍ୟ ସଙ୍ଗେ ସଙ୍ଗେ ଆସିବେ ବୋଲି କହିଥିଲେ । ସେ ତାହାଙ୍କ ପଛେ ପଛେ ଆସୁଛନ୍ତି ଭାବି ଡ. ହେନ୍ସନ୍ ସେଇ ଅନ୍ଧକାର ରାତିରେ ଘୋର ଜଙ୍ଗଲିଆ ରାସ୍ତାରେ ଯାତ୍ରା ଆରମ୍ଭ କରିଥିଲେ ।

Digitized by srujanika@gmail.com

ମାତ୍ର ଦୁଇ ତିନି ମାଇଲ ରାସ୍ତା ସେଭଳି ଭାବରେ ଯିବାପରେ ତାଙ୍କୁ ହଠାତ୍ ପାଲ୍କି ଭିତରୁ ଗଭୀର ନିଦ୍ରାରୁ ଚମକିପଡ଼ି ଉଠିବାକୁ ହୋଇଥିଲା । କାରଣ ସେତେବେଳକୁ ତାହାଙ୍କର ପାଲ୍କିକୁ ତଳେ ଫୋପାଡ଼ି ଦିଆଯାଇଥିଲା । ସେ ଦେଖିଲେ ମାତ୍ର ଚାରିଜଣ ପାଲ୍କିବାହକଙ୍କ ବ୍ୟତୀତ ସେଠାରେ ଆଉ କେହି ନ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଚୁପ୍‌ଚାପ୍ ତାହାଙ୍କୁ କହିଥିଲା ଯେ, ନିକଟରେ ବିଦ୍ରୋହୀମାନେ ଥିବାରୁ ସେ ଯଥାଶୀଘ୍ର ବନ୍ଧୁକ ଚଳାଇବା ଆବଶ୍ୟକ । କିନ୍ତୁ ତାର କଥା ଶେଷ ହେବା ପୂର୍ବରୁ ରାସ୍ତାର ଡାହାଣ ପଟରୁ ଅନେକ ଗୁଳିଶବ୍ଦ ଆସିଥିଲା । ଡାଃ ହେନ୍‌ସନ୍ ଗୋଟିଏ ହାତରେ ରିଭଲ୍‌ଭର ଓ ଅନ୍ୟ ହାତରେ ଖଣ୍ଡାଟିଏ ଧରି ପାଲ୍କି ଭିତରୁ ବାହାରକୁ ଡେଇଁ ପଡ଼ିଥିଲେ । କିନ୍ତୁ ଅନ୍ଧାରଯୋଗୁଁ କୌଣସି ବିଦ୍ରୋହୀଙ୍କୁ ନ ଦେଖି ପାଲ୍କିବାହକମାନଙ୍କୁ ଅଭୟବାଣୀ ଶୁଣାଇଥିଲେ ଯେ ସେ ଏକାକୀ ତାହାଙ୍କ ପିସ୍ତଲରେ ପାଞ୍ଚଜଣଙ୍କୁ ଗୁଳିକରି ମାରି ଦେଇ ପାରିବେ । ତାପରେ ଖଣ୍ଡାଟି ଜଣେ ପାଲ୍କିବାହକକୁ ଦେଇଥିଲେ ଓ ଅନ୍ୟ ଜଣଙ୍କ ହାତରେ ଗୋଟିଏ ବିରାଟ ଠେଙ୍ଗା ଥିଲା । ଆବଶ୍ୟକ ହେଲେ ସେଗୁଡ଼ିକ ବ୍ୟବହାର କରିବା ପାଇଁ ସେ ସେମାନଙ୍କୁ କହିଥିଲେ । ସେକଥା ଶେଷହେବା ପୂର୍ବରୁ ତିନୋଟି ଗୁଳି ସେମାନଙ୍କ ଉଦ୍ଦେଶ୍ୟରେ ଆସିଥିଲା । ଗୋଟିଏ ଗୁଳି ଜଣେ ବାହକର ବାମ କାନ ଦେଇ ଓ ଆଉ ଗୋଟିଏ ଡାହାଣ କାନ ଦେଇ ଗଳିଯାଇଥିଲା । ତୃତୀୟଟି ଠେଙ୍ଗା ଧରିଥିବା ବ୍ୟକ୍ତି ଦେହରେ ବାଜିଥିଲା ଓ ସଙ୍ଗେ ସଙ୍ଗେ ସେ ସେଠାରେ ଟଳି ପଡ଼ିଥିଲା । ତାପରେ ଅନ୍ୟ ତିନିଜଣ ପାଲ୍କିବାହକ ଯୁଯୋମୁଖ ଦିଗରେ ଦୌଡ଼ି ପଳାଇ ଯାଇଥିଲେ ।

ସଙ୍ଗେ ସଙ୍ଗେ ପ୍ରାୟ ଶହେଜଣ ବିଦ୍ରୋହୀ ବିକଟ ଚିତ୍କାର କରି ଦୌଡ଼ି ଆସିଥିଲେ ପାଲ୍କି ନିକଟକୁ । ବିଭିନ୍ନ ଘୃଣ୍ୟ ଭାଷାରେ ଇଂରେଜ ଡାକ୍ତରଙ୍କୁ ଗାଳି ମଧ୍ୟ ଦେଇଥିଲେ । ହେନସନ୍ ଯଥାର୍ଥରେ ବିଚାର କରିଥିଲେ ଯେ, ସେଠାରେ ଛିଡ଼ା ହୋଇ ସେମାନଙ୍କୁ ସାମନା କରିବା ଏକ ପରମ ବୋକାମୀ ହେବ । ତେଣୁ ବିଦ୍ରୋହୀମାନେ ଆକ୍ରମଣ କରିବା ପାଇଁ ଆସୁଥିବା ବିପରୀତ ଦିଗରେ ବନମଧ୍ୟକୁ ଦୌଡ଼ିଯାଇ ଏକ ବୁଦା ପଛପଟରେ ଲୁଚି ଯାଇଥିଲେ । ତାପରେ ବିଦ୍ରୋହୀମାନେ ପାଲ୍କିର ଚତୁର୍ଦ୍ଦିଗରେ ଘେରିଯାଇ ତା’ଉପରକୁ ଗୁଳି ଚଳାଇଥିଲେ ; କିନ୍ତୁ ତାହାଙ୍କର ନେତାଭଳି ମନେ ହେଉଥିବା ବ୍ୟକ୍ତିଜଣଙ୍କ ନିର୍ଦ୍ଦେଶରେ ସେପରି କାର୍ଯ୍ୟରୁ ସେମାନେ କ୍ଷାନ୍ତ ହୋଇଥିଲେ । ସେମାନେ ହେନ୍‌ସନ୍‌ଙ୍କୁ ଖୋଜାଖୋଜି କ ପାଇ ନ ପାରି ଚାଲିଯାଇଥିଲେ ।

Digitized by srujanika@gmail.com

ସେହି ଜଙ୍ଗଲ ମଧ୍ୟରେ ଉପସ୍ଥିତ ହେନ୍‌ସନ୍ କେବଳ ସେହି ରାତ୍ରି ନୁହେଁ, ତା'ପରଦିନ ଏବଂ ତା ପରଦିନ ରାତ୍ରି ଘଞ୍ଚ ଜଙ୍ଗଲରେ ଲୁଚି ରହିଥିଲେ ବିପ୍ଳବୀମାନଙ୍କ ଭୟରେ ।

ତେଣେ ଠେଙ୍ଗାଧାରୀ ପାଲିଙ୍କିବାହକ ଉପରେ ବିଦ୍ରୋହୀଙ୍କ ଗୁଳି ବାଜିବା ପରେ ଯେଉଁ ଅନ୍ୟ ପାଲିଙ୍କି ବାହକମାନେ ଫେରିଯାଇଥିଲେ ରାସ୍ତାରେ ସେମାନେ ଡଃ ମୁର୍‌ଙ୍କୁ ଭେଟିଥିଲେ ଓ ତାହାଙ୍କ ପ୍ରଭୁଙ୍କୁ ହୋଇଥିବା ଆକ୍ରମଣର ସମ୍ବାଦ ଦେଇଥିଲେ । ତାହା ଶୁଣି ସେ ଯୁଦ୍ଧୋନ୍ମୁଖୀ ଫେରିଯାଇ ସକାଳ ହେବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ଓ ଦିନର ଆଲୋକ ନିରାପଦ ଭାବି ପୁଣି ଯାତ୍ରା ଆରମ୍ଭ କରିଥିଲେ । ତାହାଙ୍କର ସହଯାତ୍ରୀମାନେ ଏଥିରେ ପ୍ରତିବାଦ କରିଥିଲେ । ତଥାପି ନିଜର ବନ୍ଧୁକ ଓ ଗୁଳିଭରା ପିସ୍ତଲ ଉପରେ ଯଥେଷ୍ଟ ଭରସା ରଖି ସେ ଆଗେଇ ଯିବାକୁ ଆଦେଶ ଦେଇଥିଲେ ।

ଯୁଦ୍ଧୋନ୍ମୁଖୀରୁ ମାତ୍ର ଅଧମାଇଲ୍‌ଏ ହେବ ରାସ୍ତା ଅତିକ୍ରମ କରିବା ପରେ ପରେ ଦୁଇ-ତିନିଜଣ ସଶସ୍ତ୍ର ଲୋକଙ୍କ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାଙ୍କର ପାଲିଙ୍କି-ବାହକମାନେ କହିଥିଲେ ଯେ, ସେମାନେ ହିଁ ଡଃ ହେନ୍‌ସନ୍‌ଙ୍କ ଆକ୍ରମଣକାରୀ, ସେଥିରେ ଡଃ ମୁର୍ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ । ସେମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ ମଧ୍ୟ ପରେ ପରେ ପ୍ରାୟ କୋଡ଼ିଏ ଜଣ ବିଦ୍ରୋହୀ ସଙ୍ଗଠିତଭାବେ ପାଲିଙ୍କିକୁ ଆକ୍ରମଣ କରିଥିଲେ । ବାହକମାନଙ୍କୁ ସଙ୍ଗେ ସଙ୍ଗେ ଅଲଗା ହେବାକୁ ସେମାନେ କହିଥିଲେ ନଚେତ୍ ହତ୍ୟା କରିବା ପାଇଁ ମଧ୍ୟ ଧମକ ଦେଇଥିଲେ । ସେଥିରେ କେବଳ ସରଦାର୍ ପାଲିଙ୍କିବାହକ ଓ ଅନ୍ୟ ତିନି-ଚାରି ଜଣଙ୍କ ବ୍ୟତୀତ ଅନ୍ୟମାନେ ସମସ୍ତେ ଚାଲିଯାଇଥିଲେ । ବିଦ୍ରୋହୀମାନଙ୍କ ଉପରକୁ କେତେକ ଗୁଳି ଡଃ. ମୁର୍ ଚଳାଇଥିଲେ ମଧ୍ୟ କୌଣସିଟି ସେମାନଙ୍କ କ୍ଷତି କରି ନ ଥିଲା । ସେଥିରେ ଅତ୍ୟନ୍ତ ବିଚଳିତ ହୋଇ ସେ ତାହାଙ୍କ ନିକଟରେ ଥିବା ସମସ୍ତ ଜିନିଷପତ୍ର ନେବା ବଦଳରେ ତାହାଙ୍କ ଜୀବନ ଭିକ୍ଷା କରିଥିଲେ ।

କିନ୍ତୁ ବିଦ୍ରୋହୀମାନେ ତାହାଙ୍କର କୌଣସି ନିବେଦନ ଶୁଣିବା ପୂର୍ବରୁ ଜଣେ ତାହାର ସୁତୀକ୍ଷ୍ଣ ତରବାରୀ ଚଳାଇ ସାରିଥିଲା । ତାଙ୍କୁ ରକ୍ଷା କରିବାପାଇଁ ଉଦ୍ୟତ ଦୁଇଜଣ ପାଲିଙ୍କିବାହକଙ୍କୁ ମଧ୍ୟ ବିଦ୍ରୋହୀମାନେ ସେଠାରେ ହତ୍ୟା କରିଥିଲେ ଓ ଅନ୍ୟଜଣେ ଗୁରୁତର ଭାବରେ ଆହତ ହୋଇଥିଲା ।

ସେତେବେଳେ ସେଇ ବିଦ୍ରୋହୀମାନଙ୍କ ହାତରେ ବନ୍ଦୀଥିବା ଡାକ୍ତରମାନଙ୍କୁ ନିରାପଦରେ ଆଣିବାକୁ ଯାଇଥିବା ଦୁଇଜଣ ଅଶ୍ୱାରୋହୀ ସୈନ୍ୟ ଓ ସେବାକାରୀ

Digitized by srujanika@gmail.com

ଦୁଇଜଣ । ବିଦ୍ରୋହୀମାନଙ୍କ ଆଲୋଚନାରୁ ସବୁକଥା ଜାଣି ନ ପାରିଥିଲେ ମଧ୍ୟ ଡାଃ ମୁରଙ୍କ ହତ୍ୟା କରିଥିବା ସମ୍ବାଦ ସେମାନେ ଶୁଣିପାରି ନ ଥିଲେ । ଡାଃ ହାନ୍‌ସନଙ୍କ ଜିନିଷପତ୍ର ଲୁଟ୍ ହେବା ପରେ ବିଦ୍ରୋହୀମାନେ ତାହାଙ୍କ ସନ୍ଧାନ ନେବାରେ ବ୍ୟସ୍ତ ଥିଲାବେଳେ ଓ ଡାଃ ମୁରଙ୍କ ଆକ୍ରମଣ କରିବା ଅବସରରେ ସେବାକାରୀ ଦୁଇଜଣ କୌଶଳକ୍ରମେ ସେଠାରୁ ଖସି ଚାଲିଯାଇଥିଲେ । ତେଣୁ ସେମାନେ କିଛିସମୟ ପରେ ଘଟିଥିବା ଡାଃ ମୁରଙ୍କ ମୃତ୍ୟୁ ସମ୍ବାଦ ପାଇପାରି ନ ଥିଲେ ।

ଇତିମଧ୍ୟରେ ୧୭ ତାରିଖ ଦିନ କେପ୍‌ଟେନ୍ ଲେ ରେଢ଼ାଖୋଲ୍ ରାଜଧାନୀ ରାମପୁରରୁ ଡାଃ ମୁରଙ୍କ ନିକଟରୁ ପତ୍ର ପାଇଥିଲେ ଯେ ରେଢ଼ାଖୋଲ ରାଜାଙ୍କ ପରାମର୍ଶ ଅନୁସାରେ ସେହି ରାସ୍ତା ବିଦ୍ରୋହୀମାନଙ୍କ ଯୋଗୁଁ ଅତ୍ୟନ୍ତ ବିପଜ୍ଜନକ ହୋଇପଡ଼ିଛି । ତେଣୁ ସେମାନଙ୍କ ନିରାପତ୍ତା ପାଇଁ ଏକ ପ୍ରହରୀ ଦଳ ଆବଶ୍ୟକ । ସଙ୍ଗେ ସଙ୍ଗେ ମିଃ ଲେ ୨୫ଜଣ ସେବଣ୍ଡି ସୈନ୍ୟ ୧୭ ତାରିଖ ଦିନ ପଠାଇ ଦେଇଥିଲେ । ପୁଣି ତା’ପରଦିନ ସନ୍ଧ୍ୟାରେ ଅଶ୍ୱାରୋହୀ ସୈନ୍ୟଙ୍କ ସହିତ ଯାଇଥିବା ସେବାକାରୀ ଦୁଇଜଣଙ୍କ ନିକଟରୁ ସେ ସମ୍ବାଦ ପାଇଥିଲେ ଯେ, ଡାକ୍ତରମାନଙ୍କ ଜିନିଷପତ୍ର ବିଦ୍ରୋହୀମାନେ ଲୁଟ୍‌କରି ନେଇ ସାରିଛନ୍ତି ଓ ଡାକ୍ତର-ମାନେ ଖସି ଚାଲିଯାଇଛନ୍ତି । ସେମାନେ ସମ୍ବାଦ ଦେଇଥିଲେ ଯେ, ସେବଣ୍ଡି ସୈନ୍ୟମାନଙ୍କୁ ବାଧା ଦେବାପାଇଁ ବିଦ୍ରୋହୀମାନେ ଯୋଜନା କରୁଥିବାର ସେମାନେ ଶୁଣିଥିଲେ ।

ସେଭଳି ସମ୍ବାଦରେ କେପ୍‌ଟେନ ଲେ ଖୁବ ବ୍ୟସ୍ତ ହୋଇ ପଡ଼ିଥିଲେ । ଏଣେ ସବୁ ରାସ୍ତାରେ ବିଦ୍ରୋହୀମାନଙ୍କ ଆତଙ୍କ । ତେଣେ ସମ୍ବଲପୁରର ଦୁଇପଟେ ବିଦ୍ରୋହୀମାନଙ୍କ ଦ୍ୱାରା ସୈନ୍ୟ ସମାବେଶ । ସେମାନେ ସରକାରୀ ଓ ପୋଲିସ୍ କର୍ମଚାରୀମାନଙ୍କୁ ଧରି ମାଡ଼ଦେବା ଓ ଅନ୍ୟାନ୍ୟ ଅତ୍ୟାଚାର କରିବା ଆରମ୍ଭ କରି ଦେଇଥିଲେ । ପୁଣି ସେତିକବେଳେ ସୈନ୍ୟବାହିନୀର ଅଫିସରମାନଙ୍କ ଓ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ଖରାପ । ସେତେବେଳେ ଲେଫ୍‌ଟେନାଣ୍ଟ ହୁଡ଼ୋଙ୍କ ସମେତ ତିନିଜଣ କମାଣବାହିନୀର ଅଫିସର ରୋଗାକ୍ରାନ୍ତ ଥିଲେ ଓ ସମ୍ବଲପୁରରେ ସେତେବେଳେ ଅବସ୍ଥାପିତ ସୈନ୍ୟଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ଥିଲେ ରୋଗଗ୍ରସ୍ତ । ତେଣୁ ଅକ୍ଟୋବର ୧୯ ତାରିଖ ଦିନ ହିଁ କେପ୍‌ଟେନ୍ ଡାଲ୍‌ଟନଙ୍କ ନିକଟକୁ ଏକ ବ୍ୟାକୁଳ ପତ୍ର ଲେଖି ଅନୁରୋଧ କରିଥିଲେ ‘ଅଧିକ ସୈନ୍ୟ ସାହାଯ୍ୟ ପାଇଁ ।”

*

Digitized by srujanika@gmail.com

ଗଞ୍ଜାମରୁ ଆସୁଥିବା ଡାକ୍ତରମାନଙ୍କ ଉପରେ ଆକ୍ରମଣର ସମ୍ବାଦ ପାଇ ଅନନ୍ୟୋପାୟ ହୋଇ କେପ୍‌ଟେନ୍ ଲେ ୧୫୦ ଜଣ ସୈନ୍ୟଙ୍କ ସହ ମାଡ୍ରାଜ ପଦାତିକ ବାହିନୀର ଏନ୍. ପି ନେପିନ୍‌ଙ୍କୁ ନେଇ ଯୁଗୋମୋଗି ଦଗରେ ବାହାରିଥିଲେ । ସେ ଡାକ୍ତରମାନଙ୍କୁ ଉଦ୍ଧାର କରିବେ କଣ, ନିଜେ ବିପ୍ଳବୀମାନଙ୍କ ହାତଗୃଡ଼ରେ ପଡ଼ିଥିଲେ । ରାସ୍ତା ଉପରେ ସେମାନଙ୍କୁ ଆକ୍ରମଣ ହୋଇଥିଲା । ସେହି ଆକ୍ରମଣରେ ୨ଜଣ ସିପାହୀ ସଙ୍ଗେ ସଙ୍ଗେ ମୃତ୍ୟୁବରଣ କରିଥିଲେ ଏବଂ ଗୁରିଜଣ ସିପାହୀ ତଥା ୫ଜଣ ସହଯାତ୍ରୀ ଗୁରୁତର ଭାବେ ଆହତ ହୋଇଥିଲେ । ପରେ ସେମାନଙ୍କ ମଧ୍ୟରୁ ଜଣେ ସୈନ୍ୟଙ୍କ ମୃତ୍ୟୁ ହୋଇଯାଇଥିଲା । ଜଙ୍ଗଲରେ ଟିକିନିଖି ଅନୁସନ୍ଧାନ କରିବାବେଳେ ସେ ଯୁଗୋମୋଗିରୁ ରେଢ଼ାଖୋଲ ରାଜାଙ୍କ ସହ ଆସୁଥିବା ଡଃ ହେନ୍‌ସନ୍‌ଙ୍କୁ ଦେଖିଥିଲେ । ଡଃ ମୁରଙ୍କ ମୃତ୍ୟୁ ପ୍ରମାଣ ମଧ୍ୟ ସେ ପାଇଥିଲେ । ତାହାଙ୍କର କାଗଜପତ୍ର ଥିବା ଏକ ବାକ୍‌ସ ସେ ଉଦ୍ଧାର କରିଥିଲେ । ପୁଣି ଯେଉଁ ଅଶ୍ୱାରୋହୀ ସୈନ୍ୟମାନଙ୍କୁ ବିଦ୍ରୋହୀମାନେ ବନ୍ଦୀ କରି ରଖିଥିଲେ ସେମାନଙ୍କ ଠାରୁ ସମସ୍ତ ଅସ୍ତ୍ରଶସ୍ତ୍ର ନେଇଯାଇ ସେମାନଙ୍କୁ ମୁକ୍ତି ଦେଇଥିଲେ ।

କେପ୍‌ଟେନ୍ ଲେ ଡାଃ ହେନ୍‌ସନଙ୍କ ନିକଟରୁ ଡାଃ ମୁରଙ୍କ ମୃତ୍ୟୁଘଟଣା ତାହାଙ୍କର ପାଲିକିବାହକ ଓ ଅନ୍ୟମାନଙ୍କ ନିକଟରୁ ଯେଉଁଭଳି ଖବରେ ସଂଗ୍ରହ କରିଥିଲେ ତାହାର ଏକ ବିଶଦ ବିବରଣୀ ଦେଇଥିଲେ । ସେ ବିବରଣୀ ଯେଭଳି ମର୍ମନ୍ତୁଦ ସେଭଳି ଲୋମହର୍ଷଣକାରୀ । ବିପ୍ଳବୀମାନେ ଇଂରେଜମାନଙ୍କୁ ହତ୍ୟା ଓ ଲୁଣ୍ଠନ କରୁଥିଲେ । କିନ୍ତୁ ଯେଉଁ ଦେଶୀୟ ଲୋକେ ଇଂରେଜ ସରକାରଙ୍କ ସହ ଯୋଗ ଦେଉଥିଲେ କିମ୍ବା ନିଜ ଚାକିରୀ ବଜାୟ ରଖିବା ଲାଗି ସେମାନଙ୍କ ନିର୍ଦ୍ଦେଶ ପାଳନ କରୁଥିଲେ ସେମାନଙ୍କୁ ଲୁଣ୍ଠନ କରୁଥିଲେ ମଧ୍ୟ ସାଧାରଣତଃ ହତ୍ୟା କରୁ ନ ଥିଲେ, କାରଣ ସେମାନଙ୍କ ଉଦ୍ଦେଶ୍ୟ ଥିଲା ହୁଏତ ସେମାନେ ଦିନେ ବିପ୍ଳବୀମାନଙ୍କ ପକ୍ଷଭୁକ୍ତ ହେବେ ।

ଦୀର୍ଘ ଚାରି ଦୁଇଦିନ କାଳ ଜଙ୍ଗଲଭିତରେ ଓ ବୁଦାମାନଙ୍କ ଭିତରେ ଲୁଚି, ରାତିରେ ରାସ୍ତା ଅତିକ୍ରମ କରି ବହୁ କଷ୍ଟରେ ଡଃ ହେନ୍‌ସନ ରାମପୁରରେ ପହଞ୍ଚିଥିଲେ । ପୁଣି ରାସ୍ତାରେ ସରକାରୀ ସୈନ୍ୟମାନଙ୍କ ସହିତ ଭେଟ ହୋଇଥିଲା । ଠିକ୍ ସେତିକି ବେଳକୁ ବିପ୍ଳବୀମାନେ ତାହାଙ୍କୁ ଅନୁସରଣ କରିବା କଥା ସେ ଜାଣିପାରିଥିଲେ । ସରକାରୀ ସୈନ୍ୟଙ୍କ ସହ ଭେଟିବା ଆଉ ପନ୍ଦର ମିନଟ୍ ଡେରି ହୋଇଥିଲେ ଡଃ ମୁରଙ୍କ ଭଳି ସେ ମଧ୍ୟ ବିପ୍ଳବୀମାନଙ୍କ ହାତରେ ମରିଥାନ୍ତେ । ଏହା ସେ ନିଜେ ସ୍ୱୀକାର କରିଥିଲେ ।

Digitized by srujanika@gmail.com

ସମ୍ବଲପୁରରେ ଯୁଦ୍ଧ ଓ ଶାନ୍ତି

ଦିନକୁ ଦିନ ବିଦ୍ରୋହୀମାନେ ସଂଗଠିତ ହୋଇ ସମ୍ବଲପୁରର ଇଂରେଜ ଶାସକମାନଙ୍କ ବିରୁଦ୍ଧରେ ସଂଗ୍ରାମ କରୁଥିଲେ । ସେମାନେ ଯୋଜନା କରିଥିଲେ ଯେ ସେଠାରେ ସମସ୍ତ ସରକାରୀ କାର୍ଯ୍ୟ ଅଚଳ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ହତ୍ୟା ମଧ୍ୟ କରିବେ । କ୍ରମଶଃ ବିପ୍ଳବୀମାନଙ୍କର କାର୍ଯ୍ୟପରିସର ବୃଦ୍ଧି ପାଇଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରେ ଅତ୍ୟାଚାର ବୃଦ୍ଧିପାଇବା ସଙ୍ଗେ ସଙ୍ଗେ ଯାନବାହନ ଚଳାଚଳ ଓ କଟକ-ସମ୍ବଲପୁର ମଧ୍ୟରେ ଯୋଗାଯୋଗ ମଧ୍ୟ ପ୍ରାୟ ବ୍ୟାହତ ହୋଇଥିଲା । ସମ୍ବଲପୁରର ପଶ୍ଚିମରେ ଥିବା ରାଜପଥରେ ଅନେକ ଦିନ ପର୍ଯ୍ୟନ୍ତ କଲିକତା ବମ୍ବେ ଡାକ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ସେହି ସମୟରେ ବିଦ୍ରୋହୀମାନେ ଦୁଇଟି ଡାକ ଘରକୁ ପୋଡ଼ି ପକାଇଥିଲେ ।

ବିଶେଷତଃ ବିଦ୍ରୋହୀ ସୈନ୍ୟମାନେ ସରକାରୀ ସୈନ୍ୟମାନଙ୍କ ଉପରେ ପ୍ରତିଶୋଧ ନେବାକୁ ବ୍ୟସ୍ତ ଥିଲେ । ତେଣୁ ଡଃ ହେନ୍‌ସନ୍‌ଙ୍କୁ ଉଦ୍ଧାର କରି ଫେରିବାବେଳେ କେପ୍‌ଟେନ୍ ଲେଙ୍କ ସୈନ୍ୟବାହିନୀକୁ ରାସ୍ତାରେ ଆକ୍ରମଣ କରିଥିଲେ ବିଦ୍ରୋହୀମାନେ । ଫଳରେ ସେମାନଙ୍କ ମଧ୍ୟରୁ ଅନେକଙ୍କର ମୃତ୍ୟୁ ହୋଇଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଦ୍ରୋହୀମାନେ ମେଳ ହେଉଥିବା ସମ୍ବାଦ କେପ୍‌ଟେନ୍ ଲେ ବରାବର ପାଉଥିଲେ । ଏଣେ ସୈନ୍ୟମାନଙ୍କ ସ୍ୱାସ୍ଥ୍ୟ ଉତ୍ତମ ରହୁ ନଥିଲା । ସେତେବେଳ ପର୍ଯ୍ୟନ୍ତ ସେଠାରେ ଥିବା ମାନ୍ଦ୍ରାଜ ଦେଶୀୟ ପଦାତିକବାହିନୀର ଛଅଦଳ ସୈନ୍ୟ ମିଶି ମୋଟ ଚାରିଶହ ଅଶୀଜଣ ମଧ୍ୟରୁ ୧୭୧ ଜଣ ରୁଗ୍‌ଣ ଥିଲେ । ଅନ୍ୟମାନଙ୍କ ମଧ୍ୟରୁ ଅନେକେ ପୂର୍ବରୁ ରୁଗ୍‌ଣ ଥିବା ଯୋଗୁଁ ଦୁର୍ବଳ ଥିଲେ । ତେଣୁ ଚତୁର୍ଦ୍ଦିଗରେ ଶୀଘ୍ର ବିସ୍ତାର କରି ଚାଲିଥିବା ବିପ୍ଳବକୁ ଦମନ କରିବା ପାଇଁ ଅଧିକ ସୈନ୍ୟର ଆବଶ୍ୟକ ହେଉଥିଲା । କାରଣ ବିଦ୍ରୋହୀମାନେ ସେତେବେଳକୁ ସମ୍ବଲପୁର ସହିତ ଯୋଗହୋଇଥିବା ପ୍ରାୟ ସମସ୍ତ ରାସ୍ତା ଅବରୋଧ କରିଥିଲେ ଏବଂ ସମ୍ବଲପୁରର ଚତୁର୍ଦ୍ଦିଗରେ ଥିବା ଅଞ୍ଚଳଗୁଡ଼ିକ ବିଦ୍ରୋହୀମାନଙ୍କ କବଳରେ ଥିଲା । ସେମାନେ ଦଳଦଳ ହୋଇ ପ୍ରାୟ ସହରଠାରୁ ତିନଚାରିମାଇଲ ଦୂରରେ ଜଗି ରହିଥିଲେ ଓ ବାରମ୍ବାର ଏବଂ ପ୍ରାୟ ପ୍ରତିଦିନ ସେନାଗ୍ରୁଉଣୀ ଉପରେ ଗୋଳା ବର୍ଷଣ କରୁଥିଲେ ।

Digitized by srujanika@gmail.com

ସେ ପ୍ରକାର ପରିସ୍ଥିତି ଭିତରେ କେପ୍‌ଟେନ ଲେ ମାନସିକ ଭାରସାମ୍ୟ ହରାଇ ସାରିଥିଲେ । ଡଃ ମୂରଙ୍କ ମୃତ୍ୟୁ ଓ ମୃତ୍ୟୁମୁଖରୁ ଡାଃ ହ୍ୱେନ୍‌ସନଙ୍କ ରକ୍ଷା ତାହାଙ୍କ ମାନସିକ ଅବସ୍ଥାକୁ ଆହୁରି ଅଧିକ ଦୁର୍ବଳ କରାଇ ଦେଇଥିଲା । ତେଣୁ ସେ କେପ୍‌ଟେନ ଡାଲ୍‌ଟନଙ୍କ ନିକଟକୁ ବ୍ୟକ୍ତିଗତ ପତ୍ର ଲେଖି ସେହି ଅଞ୍ଚଳରେ ଶାସନ ଚଳାଇବା ଦିଗରେ ନିଜର ଅକ୍ଷମତା ବିନୀତ ଭାବରେ ସ୍ୱୀକାର କରିଥିଲେ । ସେ ସ୍ପଷ୍ଟ ଭାବରେ ଜଣାଇ ଦେଇଥିଲେ ଯେ "ଆଉ କିଛିଦିନ ସେ ସେହି ଜିଲ୍ଲା ଦାୟିତ୍ୱରେ ରହିଲେ ପାଗଳ ହୋଇଯିବେ ଓ ମାନସିକ ଉଦ୍‌ବେଗ ସମ୍ପୂର୍ଣ୍ଣ ବୃଦ୍ଧିପାଇବ । ସେ ସେହି ଜିଲ୍ଲାର ଦାୟିତ୍ୱ ତୁଲାଇବା ଲାଗି ଏକାନ୍ତ ଅକ୍ଷମ ଓ ସେଠାରେ ଶାନ୍ତି ଶୃଙ୍ଖଳା ଫେରାଇବା ତାହାଙ୍କ କ୍ଷମତା ବହିର୍ଭୂତ ।" "ଏଠାରେ ପ୍ରତିକୂଳ ପରିସ୍ଥିତି ପ୍ରତିଦିନ ବୃଦ୍ଧି ପାଉଛି···! ମୋତେ ଅଳ୍ପ ଦରମାରେ କମ୍ ଦାୟିତ୍ୱ ଥିବା କାର୍ଯ୍ୟ ଦିଆଗଲେ ମୁଁ ଅତି ଆନନ୍ଦରେ ଏ ପଦବୀ ଛାଡ଼ି ଦିଅନ୍ତି । ମୁଁ ମୁକ୍ତ କଣ୍ଠରେ ସ୍ୱୀକାର କରୁଛି ଯେ, ଏ ଗୁରୁ ଦାୟିତ୍ୱ ତୁଲାଇବା ଦିଗରେ ମୁଁ ସମ୍ପୂର୍ଣ୍ଣ ଅସମର୍ଥ । ଗତ କେତେମାସ ଧରି ପରିସ୍ଥିତିର ମୁକାବିଲା କରିବାପାଇଁ ମୁଁ ଯଥାସାଧ୍ୟ ଚେଷ୍ଟା କରିଛି, କିନ୍ତୁ ଅନୁଭବ କରୁଛି ଯେ ହୁଏତ ଆଉ ପାରିବିନାହିଁ । ମୋତେ ଯଦି ଅବ୍ୟାହତି ମିଳନ୍ତା ମୁଁ ଦୁଇ ତିନି ମାସ ପାଇଁ ଅବସର ନିଅନ୍ତି । ହୁଏତ ଏ ମଧ୍ୟରେ ଅବସ୍ଥାର ପରିବର୍ତ୍ତନ ହୁଅନ୍ତା । ମୁଁ ଇତି ମଧ୍ୟରେ ଅତି ଜୀର୍ଣ୍ଣଶୀର୍ଣ୍ଣ ହୋଇଛି ଓ ମୋର ମନୋବଳ ଭାଙ୍ଗିପଡ଼ିଛି ।"*

ସେହି ଚିଠି ଲେଖିବାର ମାତ୍ର ଦୁଇଦିନ ପରେ ପୁଣି ଏକ ବ୍ୟକ୍ତିଗତ ପତ୍ରରେ ସେଇ ଅସହାୟ ମାନସିକ ଅବସ୍ଥାର ପୁନରାବୃତ୍ତି କରିବା ସଙ୍ଗେ ସଙ୍ଗେ ଲେଖିଥିଲେ ଯେ ସେଠାରେ ଥିବା ସିପାହୀମାନଙ୍କ ମାନସିକ ଅବସ୍ଥା ମଧ୍ୟ କ୍ଳାନ୍ତ ଜଣାପଡ଼ୁଛି ଓ ଅନେକଙ୍କ କର୍ତ୍ତବ୍ୟ କରିବା ଦିଗରେ ଅନିଚ୍ଛା ମନୋବୃତ୍ତିର ସୂଚନା ମିଳୁଛି । ତାର କାରଣ ସେମାନେ ମଧ୍ୟ ଅତ୍ୟନ୍ତ ଉତ୍ପୀଡ଼ିତ ହୋଇଯାଇଛନ୍ତି । ସେଥିରେ ମଧ୍ୟ ସେ ନିଜର ମାନସିକ ଉଦ୍‌ବେଗ ଯଥାଯଥ ଭାବରେ ପ୍ରକାଶ କରିବା ଲାଗି ଅକ୍ଷମ ହୋଇ ଥିଲେ ବୋଲି ଜଣାପଡ଼ୁଥିଲା ।

କେପ୍‌ଟେନ ଲେଙ୍କ ଅସହାୟତା ଇଂରେଜ ସରକାରଙ୍କ ଉଚ୍ଚ କର୍ମଚାରୀମାନେ ହୃଦୟଙ୍ଗମ କରିଥିଲେ । ତେଣୁ ମିଃ କକ୍‌ବର୍ଣ୍ଣ ବିଦ୍ରୋହ ଦମନ ଲାଗି କେତେକ କଠୋର ପଦକ୍ଷେପ ଗ୍ରହଣ କରିଥିଲେ । ସେ ଜିଲ୍ଲାର ଜମିଦାର ଓ ଗୌନ୍ତିଆମାନଙ୍କୁ ଏକ କଡ଼ା ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲେ ବିଦ୍ରୋହୀମାନଙ୍କୁ

---

* ୧୮୫୧ ମସିହା ଡିସେମ୍ବର ୯ ତାରିଖରେ ଲିଖିତ ବ୍ୟକ୍ତିଗତ ପତ୍ରର କିୟଦଂଶ ।

Digitized by srujanika@gmail.com

କୌଣସି ପ୍ରକାର ସହାନୁଭୂତି ନ ଦେଖାଇବା ଲାଗି । ପୁଣି ରାଜା ତଥା ପ୍ରଜା ସମସ୍ତଙ୍କୁ ଚେତେଇ ଦେଇଥିଲେ ସରକାରଙ୍କୁ ସବୁ କ୍ଷେତ୍ରରେ ସହଯୋଗ କରିବାପାଇଁ ।

ଅନ୍ୟ ଦିଗରୁ ସମ୍ବଲପୁରକୁ କିପରି ଭାବରେ ଅଧିକରୁ ଅଧିକ ସୈନ୍ୟ ପଠାଯାଇପାରିବ ସେ ବ୍ୟବସ୍ଥା ମଧ୍ୟ କରିଥିଲେ । କଟକର ସେନାଧ୍ୟକ୍ଷ ମେଜର ବେଟ୍‌ସଙ୍କୁ କେତେଜଣ ଅଫିସରଙ୍କୁ ସମ୍ବଲପୁର ପଠାଇବା ପାଇଁ ଆଦେଶ ଦେଇଥିଲେ । ସେହି କାରଣରୁ ମିଃ ବେଟ୍‌ସ ଦୁଇଜଣ ଅଫିସର କେପ୍‌ଟେନ ଉଡ୍‌ବ୍ରିଜ୍ ଓ ଲେଫ୍‌ଟେନାଣ୍ଟ ଭେଲେନ୍‌ସଙ୍କୁ ଅନୁଗୋଳ ରାସ୍ତାରେ ପଠାଇଥିଲେ । ପୁଣି ୩୨ ନମ୍ବର ମାନ୍ଦ୍ରାଜ ଦେଶୀୟ ପଦାତିକ ବାହିନୀର ଲେଫ୍‌ଟେନାଣ୍ଟ ସ୍ମିଥ୍‌ଙ୍କୁ ସମ୍ବଲପୁରରେ କାର୍ଯ୍ୟ କରିବା ପାଇଁ ମଧ୍ୟ ଆଦେଶ ପାଇଥିଲେ । ପରେ କମିଶନରଙ୍କ ଆଦେଶକ୍ରମେ ୪୦ ନମ୍ବର ମାନ୍ଦ୍ରାଜ ଦେଶୀୟ ପଦାତିକ ବାହିନୀର ସେନାପତି ମେଜର ବେଟ୍‌ସ ସମ୍ବଲପୁର ଆସିଥିଲେ ଓ ତା ପୂର୍ବରୁ ୫ ନମ୍ବର ବାହିନୀର ଦୁଇଦଳ ସୈନ୍ୟ ସେଠାକୁ ବାହାରି ସାରିଥିଲେ । ତେଣୁ ମାନ୍ଦ୍ରାଜ ପଦାତିକ ବାହିନୀର ୧୪୦ ଜଣ ସୈନ୍ୟ ବିଶିଷ୍ଟ ଦୁଇଦଳ ସୈନ୍ୟଙ୍କୁ ସାଙ୍ଗରେ ନେଇ ମେଜର ବେଟ୍‌ସ୍ ସମ୍ବଲପୁର ଯାଇଥିଲେ । କଟକର ଯେତେକ ଭଲ କମାଣ ଥିଲା ସେସବୁ ପୂର୍ବରୁ ସମ୍ବଲପୁର ଯାଇସାରିଥିଲା । ତେବେ ଅଉ ବ୍ରିଟିଶ ପୁରୁଣା ଅକାମୀ କମାଣ କଟକରେ ନିରାପତ୍ତା ପାଇଁ ଥିଲେ ମଧ୍ୟ ସେଗୁଡ଼ିକୁ ଚଳାଇବା ଲାଗି ପ୍ରକୃତରେ କେହି ନ ଥିଲେ ।

କେବଳ ସେତିକି ନୁହେଁ ; କମିଶନର ଇତିମଧ୍ୟରେ ଓଡ଼ିଶାର ପାର୍ବତ୍ୟ ଅଞ୍ଚଳର ଏଜେଣ୍ଟ ଲେଫ୍‌ଟେନାଣ୍ଟ ମେକନିଲ୍‌ଙ୍କୁ ଘୁମୁସରରୁ ଦଳେ ପାଇକଙ୍କୁ ଯଥାଶୀଘ୍ର ସମ୍ବଲପୁର ପଠାଇବା ଲାଗି ଆଦେଶ ଦେଇଥିଲେ । ସେମାନେ ଜଙ୍ଗଲରେ ଯୁଦ୍ଧ ପ୍ରଣାଳୀ ଜାଣିଥିବା ହେତୁ ସେଭଳି ବ୍ୟବସ୍ଥା ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ ହୋଇଥିଲା । ପୁଣି କେପ୍‌ଟେନ୍ ଇ. ଜି. ଉଡ୍ ନାଗପୁରରୁ ବାହାରି ଏକୋଇଶି ଦିନ ପରେ ୩୭୦ ମାଇଲ ଅତିକ୍ରମ କରି ଡିସେମ୍ବର ୧୯ ତାରିଖ ଦିନ ସମ୍ବଲପୁରରେ ପହଞ୍ଚିଥିଲେ । ସେ ଦଳେ ଅଶ୍ୱାରୋହୀ ସୈନ୍ୟଙ୍କ ସାହାଯ୍ୟରେ ରାଇପୁର-ସମ୍ବଲପୁର ରାସ୍ତାକୁ ବିଦ୍ରୋହୀମାନଙ୍କ କବଳରୁ ମୁକ୍ତ କରିଥିଲେ । ତାପରେ ୪୦ ନମ୍ବର ମାନ୍ଦ୍ରାଜ ପଦାତିକ ବାହିନୀର ୧୫୦ ଜଣ ସୈନ୍ୟ ନାଗପୁର ଅଶ୍ୱାରୋହୀବାହିନୀର ୭୫ ଜଣ ଓ ରାମଗଡ଼ ବାହିନୀର ୫୦ ଜଣ ସୈନ୍ୟଙ୍କୁ ନେଇ କେପ୍‌ଟେନ ଲେଙ୍କ ସହିତ ସେ ପୁଣି ସମ୍ବଲପୁର ଛାଡ଼ିଥିଲେ ।

Digitized by srujanika@gmail.com

ଇତମଧ୍ୟରେ ବିପ୍ଳବୀମାନଙ୍କ ଉପରେ ଏକ ଆକ୍ରମଣ ହୋଇ ସାରିଥିଲା । କେପ୍‌ଟେନ ଲେ ଓ ମାନ୍ଦ୍ରାଜ କମାଣ୍ଡୋବାହିନୀର ଲେଫ୍‌ଟେନାଣ୍ଟ ମିଃ ହୁଡ୍‌ ତାହାଙ୍କର ସାହାଯ୍ୟକାରୀ ସୈନ୍ୟଙ୍କ ସମେତ ରାମଗଡ଼ବାହିନୀର ୩୦ ଜଣ ଓ ୪୦ ଜଣ ମାନ୍ଦ୍ରାଜଦେଶୀୟ ପଦାତିକବାହିନୀର ୧୦୦ ଜଣ ସୈନ୍ୟଙ୍କୁ ନେଇ ସମ୍ବଲପୁର ସହରଠାରୁ ୪ ମାଇଲ ଦୂରରେ ପର୍ବତ ଉପରେ ଥିବା ବିଦ୍ରୋହୀ-ମାନଙ୍କର ଗୋଟିଏ ଘାଟି ଆକ୍ରମଣ କରିଥିଲେ । ଘନ ଅରଣ୍ୟ ଆବୃତ ଓ ପାହାଡ଼ ପ୍ରାଚୀର ଅନ୍ତରାଳରେ ଥିବା ବିଦ୍ରୋହୀମାନଙ୍କ ସହ ଯୁଦ୍ଧ କରିବା ପାଇଁ ଇଂରେଜ ସୈନ୍ୟମାନେ ସାହସ ନ କରିପାରି କେତେକ ଗୋଳାବର୍ଷଣ ପରେ ପଛଘୁଞ୍ଚା ଦେଇଥିଲେ । ସେମାନଙ୍କୁ ଆକ୍ରମଣ କରିବା ପାଇଁ ବିପ୍ଳବୀମାନେ ସମତଳ ଭୂମି ଉପରକୁ ଓହ୍ଲାଇ ଆସି ଅବିବେକ କାର୍ଯ୍ୟ କରିଥିଲେ । ଫଳରେ ଇଂରେଜ ସୈନ୍ୟମାନଙ୍କ ସହ ମୁକାବିଲା କରିପାରି ନ ଥିଲେ ଓ ଜଙ୍ଗଲକୁ ବାଧ୍ୟହୋଇ ପଳାଇ ଯାଇଥିଲେ । ସେହିଠାରୁ ହିଁ ଇଂରେଜ ସେନାମାନେ ଗୋଟିଏ ଉପାଦେୟ ଯୁଦ୍ଧ କୌଶଳ ଲାଭ କରିଥିଲେ ।

କେପ୍‌ଟେନ ଲେ ଓ ଉଡ୍‌ ଡିସେମ୍ବର ୩୦ ତାରିଖ ଭୋର୍ ଚାରିଟାବେଳେ ବାହାରି ଦୀର୍ଘପଥ ଅତିକ୍ରମ କରି ଭୋର ବେଳକୁ କୁଦପାଲି ଗ୍ରାମ ନିକଟରେ ଏକ ଡୋଟାରେ ଗୁହାଣୀ ପକାଇଥିବା ବିପ୍ଳବୀମାନଙ୍କ ସମ୍ମୁଖୀନ ହୋଇଥିଲେ । ସେହି ଡୋଟା ନିକଟରେ ଗୋଟିଏ ପାହାଡ଼ ଥିଲା । କାଳେ ସରକାରୀ ସୈନ୍ୟ ସେଇ ପାହାଡ଼ ଓ ଜଙ୍ଗଲ ଭିତରେ ଯୁଦ୍ଧ କରିପାରିବେ ନାହିଁ, ସେଥିପାଇଁ ମି ଉଡ୍‌ ସେଇ ପୂର୍ବପନ୍ଥା ଅବଲମ୍ବନ କରିଥିଲେ । ପ୍ରଥମେ ବିପ୍ଳବୀମାନଙ୍କୁ ଆକ୍ରମଣ ନ କରି ପଛଘୁଞ୍ଚା ଦେବାର ଛଳନା କରିଥିଲେ ସେମାନେ । ସତକୁ ସତ ବିପ୍ଳବୀମାନେ ପୁଣି ଏଥର ମଧ୍ୟ ସମତଳ ଅଞ୍ଚଳକୁ ଚାଲି ଆସିଥିଲେ ସେମାନଙ୍କୁ ଆକ୍ରମଣ କରିବା ପାଇଁ । ପରିଣାମତଃ ଓଲଟା ଆକ୍ରମଣକୁ ସହ୍ୟ କରିପାରି ନ ଥିଲେ । ସେଥିରେ ତାହାଙ୍କର ଅନେକ କ୍ଷତି ହୋଇଥିଲା । ପ୍ରାୟ ୫୩ ଜଣ ବିଦ୍ରୋହୀ ନିହତ ହୋଇଥିଲେ ଓ ସେମାନଙ୍କ ଅନେକ ଅସ୍ତ୍ରଶସ୍ତ୍ର, ଲୁଗାପଟା, ଚାଉଳ ମଧ୍ୟ ଇଂରେଜ ସୈନ୍ୟଙ୍କ ହସ୍ତଗତ ହୋଇଥିଲା । କେତେକ ବିଦ୍ରୋହୀ ବନ୍ଦୀ ମଧ୍ୟ ହୋଇଥିଲେ । ପ୍ରକୃତରେ ବିଦ୍ରୋହୀମାନଙ୍କ ସହିତ ସେଠାରେ ସୁରେନ୍ଦ୍ର ସାଏ ଥିଲେ ମଧ୍ୟ କୌଶଳକ୍ରମେ ସେଠାରୁ ଚାଲିଯାଇଥିଲେ । କିନ୍ତୁ ତାହାଙ୍କର ପଞ୍ଚମଭ୍ରାତା ଛବିଳ ସାଏ ଏଠାରେ ଶତ୍ରୁହାତରେ ନିହତ ହୋଇଥିଲେ । ଯୁଦ୍ଧରେ କ୍ଷତବିକ୍ଷତ ହୋଇ ଗୋଟିଏ ଘୋଡ଼ା ପାଇ ପଳାଇବା ଆଶାରେ କୁଦୋପାଲି ଗାଁ ଭିତରେ ଦୌଡ଼ି ଚାଲିଯାଉଥିବା ବେଳେ ପଛରୁ ତାହାଙ୍କୁ ଅନୁଧାବନ କରୁଥିବା ଇଂରେଜ ସେନାଙ୍କ ଗୁଳିମାଡ଼ ଖାଇ ସେଇଠି ହିଁ ଟଳି ପଡ଼ିଥିଲେ ।

Digitized by srujanika@gmail.com

ବୁଡପାଲ ଯୁଦ୍ଧରେ ବନ୍ଦୀ ହୋଇଥିବା ୧୧ ଜଣଙ୍କ ମଧ୍ୟରୁ ସୁରଜଣଙ୍କୁ ଫାଶି ଦିଆଯାଇଥିଲା ଓ ଦୁଇଜଣଙ୍କୁ ବେତ୍ରସହ ୭ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା ଓ ଅନ୍ୟ ୫ ଜଣଙ୍କୁ ଖଲାସ କରି ଦିଆଯାଇଥିଲା । ଜଣେ ପୋଲିସ ବରକନ୍ଦାଜ ବିଦ୍ରୋହୀମାନଙ୍କ ପକ୍ଷ ନେଇଥିବା ଯୋଗୁଁ ତାହାଙ୍କୁ ସେଠାରେ ଫାଶି ଦିଆଯାଇଥିଲା ।

ତାହାଥିଲା ବିଦ୍ରୋହୀମାନଙ୍କ ଉପରେ ଇଂରେଜ ସେନାଙ୍କର ପ୍ରଥମ ବିଜୟ ।

ସମ୍ବଲପୁରରେ ଶାନ୍ତି ଶୃଙ୍ଖଳା ଫେରାଇ ଆଣିବା ଦିଗରେ କମ୍ପାନୀ ସରକାର ଅନ୍ୟ ଯେଉଁ ଯେଉଁ ବ୍ୟବସ୍ଥା କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରିଥିଲେ ସେଥିମଧ୍ୟରେ ଥିଲା ରାଜା ଓ ଜମିଦାରମାନଙ୍କୁ ଦଣ୍ଡିତ କରିବା । ଯେଉଁମାନେ ବିଦ୍ରୋହୀମାନଙ୍କୁ ସାହାଯ୍ୟ କରୁଥିଲେ କେପ୍‌ଟେନ ଲେ ସେମାନଙ୍କ ନାମ ତାଲିକା କରି କେପଟେନ ଡାଲ୍‌ଟନଙ୍କ ନିକଟକୁ ପଠାଇ ସାରିଥିଲେ । ତେଣୁ ସେ ପ୍ରଥମେ ଉଜ୍ଜ୍ୱଳ ସାଏଙ୍କୁ ସମ୍ବଲପୁରରୁ ଖସି ପଳାଇବା ଦିଗରେ ସାହାଯ୍ୟ କରିଥିବା ଅଭିଯୋଗରେ ଏକ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଇଥିଲେ । ଏହି ଆଦେଶ ଅନ୍ୟାନ୍ୟ ରାଜା ଓ ଜମିଦାରମାନଙ୍କୁ ଭୟଭୀତ କରିଥିଲା । କଲ୍‌ବର୍ଣ୍ଣ କଠୋର ପଦକ୍ଷେପ ନେଇ ଭେଡ୍‌ନ୍, ଲକ୍ଷ୍ମଣପୁର, ଖରସଲ, କୋଡ଼ାବଗା, କୋଲାବୀର, ଲୋଇସିଙ୍ଗା, ଘେଁସ, ପାଟକୁଲୁଣ୍ଡା ଓ କୁକୁର୍ଟା ଜମିଦାରୀ ବାଜ୍ୟାପ୍ତି କରିଥିଲେ । ସରକାରଙ୍କ ସେଭଳି ପଦକ୍ଷେପ ଅନ୍ୟମାନଙ୍କୁ ସ୍ୱାଭାବିକ ଭାବେ ଭୟଭୀତ କରାଇଥିଲା ।

ବିଦ୍ରୋହ ଦମନ ପାଇଁ ଯଥାସମ୍ଭବ ଏକ ବିରାଟ ସେନାବାହିନୀ ସମ୍ବଲପୁରରେ ଠୁଳ ହୋଇଥିଲେ ଏବଂ ସାମୟିକ ଭାବେ ରାଏପୁର, କଟକ ପ୍ରଭୃତି ସ୍ଥାନରୁ ଅନ୍ୟମାନେ ଆସି ସାହାଯ୍ୟ କରୁଥିଲେ । ସେହିଭଳି ଏକ ଅଶ୍ୱାରୋହୀ ସୈନ୍ୟଦଳ ସହ କେପ୍‌ଟେନ ସେକ୍ସପିୟର ରାଏପୁରରୁ ଆସି ସମ୍ବଲପୁର-ରାଏପୁର ରାସ୍ତାକୁ ବିପ୍ଳବୀମାନଙ୍କ କବଳରୁ ମୁକ୍ତ କରିବାପାଇଁ ଉଦ୍ୟମ କରିଥିଲେ ଓ ସେ ପୂର୍ବରୁ ବିଦ୍ରୋହୀମାନେ ଆସ୍ଥାନ ଜମାଇ ରହିଥିବା ଏକ ମୁଖ୍ୟ ସ୍ଥଳ ସିଂଘୋଡ଼ା ଘାଟିକୁ ମଧ୍ୟ ସେମାନଙ୍କ ହାତରୁ ମୁକ୍ତ କରିଥିଲେ । ତା'ପରେ ସେ ରାଏପୁର ଫେରିଯାଇଥିଲେ ଓ କେପ୍‌ଟେନ ଉଡ୍‌ବ୍ରିଜ ଦଳେ ସୈନ୍ୟଙ୍କ ସହ ସେହି ବାରପାହାଡ଼ ପର୍ବତମାଳାର ସିଂଘୋଡ଼ାଘାଟି ଜଗି ରହିଥିଲେ ।

ସେଭଳି ସମସ୍ତ କଠୋର ପ୍ରତିରକ୍ଷା ପୂର୍ବକ ସତର୍କ ପଦକ୍ଷେପ ସତ୍ତ୍ୱେ ବିଦ୍ରୋହୀମାନଙ୍କ କାର୍ଯ୍ୟକଳାପ ଶିଥିଳ ହୋଇ ନଥିଲା । ବିଦ୍ରୋହୀମାନେ

Digitized by srujanika@gmail.com

ସମ୍ବଲପୁର ବାମଣ୍ଡା ମଧ୍ୟରେ ଥିବା ଚମ୍ପାରସା ଡାକଘରକୁ ଆକ୍ରମଣ କରି ପୋଡ଼ି ପକାଇଥିଲେ । ପୁଣି ଫେବୃଆରୀ ୧୨ ତାରିଖ ଦିନ କେପ୍‌ଟେନ ଉଡ୍‌ବ୍ରିଜ୍ ଓ ଉଡ୍ ପାହାଡ଼ ଶ୍ରୀଗଡ଼ାରେ ଥିବା ଏକ ବିଦ୍ରୋହୀ ଘାଟିଦେଇ ସୈନ୍ୟମାନଙ୍କ ସହ ଯାଉଥିବାବେଳେ ବିଦ୍ରୋହୀମାନଙ୍କ ଗୁଳି ଆଘାତରେ ପ୍ରାଣ ହରାଇଥିଲେ । ସେ ଘଟଣାରେ କେବଳ ରାମପୁରବାହିନୀର ଦୁଇଜଣ ସେନାଙ୍କ ବ୍ୟତୀତ ସମସ୍ତେ ପ୍ରାଣଭୟରେ ଚାଲିଯାଇଥିଲେ । ଉକ୍ତ ଦୁଇଜଣ ସିପାହୀ ଉଡ୍‌ବ୍ରିଜ୍‌ଙ୍କ ମୃତଦେହ ଉଦ୍ଧାର କରିବାକୁ ଚେଷ୍ଟାକରି ବିଫଳ ଓ କ୍ଷତବିକ୍ଷତ ହୋଇଥିଲେ ।

ଶତ୍ରୁମାନଙ୍କ କବଳରୁ ନିଜକୁ ସୁରକ୍ଷା କରିବା ପାଇଁ ସୁରେନ୍ଦ୍ର ସାଏଙ୍କ ନିର୍ଦ୍ଦେଶକ୍ରମେ ଦୁଇ ଉଚ୍ଚ ପାହାଡ଼ ମଧ୍ୟସ୍ଥିତ ଉକ୍ତ ସ୍ଥାନର ବିଭିନ୍ନ ଦିଗରେ ଅନେକ ଉଚ୍ଚ ପଥର କାନ୍ଥମାନ ନିର୍ମିତ ହୋଇଥିଲା । ତଥାପି କେପ୍‌ଟେନ ଉଡ୍‌ବ୍ରିଜ୍‌ଙ୍କ ମୃତ୍ୟୁର ଦୁଇଦିନ ପରେ ଏନ୍‌ସିନ୍ ବାଇଲେ ଉକ୍ତ ଘାଟିର ତିନି ଦିଗରୁ ଯଥାଶକ୍ତି ଆକ୍ରମଣ କରିଥିଲେ ଓ ବିଦ୍ରୋହୀମାନଙ୍କୁ କାବୁ କରି ଦେଇଥିଲେ । ତେଣୁ ବାଧ୍ୟହୋଇ ସେମାନେ ସେଠାରୁ ଖସି ଚାଲିଯାଇଥିଲେ । ସେ ଉଡ୍‌ବ୍ରିଜ୍‌ଙ୍କ ଶବ ସେଠାରୁ ଉଦ୍ଧାର କରିଥିଲେ; କିନ୍ତୁ ଶବଟିର ମୁଣ୍ଡ ନଥିଲା । ସେ ସ୍ଥାନର ନକ୍ସା ସହ ଗୋଟିଏ ରିପୋର୍ଟ ସରକାରଙ୍କୁ ଦେଇଥିଲେ ବାର୍‌ଲେ ।

ସେନାଧ୍ୟକ୍ଷ ମେଜର ବେଟ୍‌ସ ସମ୍ବଲପୁରରେ ପ୍ରାଣତ୍ୟାଗ କରିଥିଲେ । ତେଣୁ ମେଜର ଉଇଣ୍ଡହାମ୍ ତାଙ୍କର କାର୍ଯ୍ୟଭାର ଗ୍ରହଣକରି ସେଠାରେ ସୈନ୍ୟ ବିଭାଗ ପରିଚାଳନା କରିଥିଲେ । କକ୍‌ବର୍ଣ୍ଣଙ୍କ ସମେତ ଉଚ୍ଚ ଇଂରେଜ ଅଫିସର ଓ ସେନା ଛାଉଣିରେ ପରିପୂର୍ଣ୍ଣ ହୋଇଥିଲା ସମ୍ବଲପୁର । ବିଦ୍ରୋହୀମାନଙ୍କୁ ସବୁ ଦିଗରୁ ଦମନ କରାଯାଇଥିଲା ।

ସେସବୁ ଦୃଷ୍ଟିରୁ ଆପାତତଃ ୧୮୫୮ ମସିହା ଫେବୃଆରୀ ବେଳକୁ ଜିଲ୍ଲାରେ ଗଣ୍ଡଗୋଳ କମିଯାଇଥିଲା ଓ ଶୃଙ୍ଖଳା ଫେରିଆସୁଥିଲା । ଚିରଶାନ୍ତି ସ୍ଥାପନ ପାଇଁ କକ୍‌ବର୍ଣ୍ଣ ଜିଲ୍ଲାର ତିନୋଟି ସ୍ଥାନରେ ନିୟମିତ ଫୌଜ ରଖାଇ ଯାଇଥିଲେ । ପୁଣି ଜିଲ୍ଲାରେ ୧୧୯ କେନ୍ଦ୍ର ଖୋଲାଯାଇ ସେଗୁଡ଼ିକରେ ରାମଗଡ଼ ସୈନ୍ୟ ଓ ନୂତନ ମୁକରର ହୋଇଥିବା ପାଇକମାନଙ୍କୁ ଅବସ୍ଥାପିତ କରାଯାଇଥିଲା । ସମଗ୍ର ଜିଲ୍ଲାରେ ନିରାପତ୍ତାର ଉତ୍ତମ ବ୍ୟବସ୍ଥା କରିଥିଲେ । କକ୍‌ବର୍ଣ୍ଣ ନିଜ ତତ୍ତ୍ୱାବଧାନରେ ଅନେକ ଜମିଦାରଙ୍କ ଜମିଦାରୀ ବାଜ୍ୟାପ୍ତି କରି ସେ ସରକାରଙ୍କ ପ୍ରତି ଆନୁଗତ୍ୟ ଦେଖାଇବା ଲାଗି ଅନ୍ୟ ଜମିଦାରମାନଙ୍କୁ ଖୁବ୍ କଡ଼ା ଭାବରେ ତାଗିଦ କରାଇ ଦେଇଥିଲେ ଏବଂ ବିଦ୍ରୋହୀମାନଙ୍କୁ କୌଣସି ମତେ ସାହାଯ୍ୟ ନ କରିବା ପାଇଁ ଆଦେଶ ଦେଇଥିଲେ ।

Digitized by srujanika@gmail.com

ସମ୍ବଲପୁର ଏକପ୍ରକାର ସ୍ୱାଭାବିକ ଅବସ୍ଥାକୁ ଫେରିବା ପରେ ଇଡ୍‌ବର୍ଣ୍ଣ କଟକ ଯାତ୍ରା କରିଥିଲେ । ସେତେବେଳକୁ କର୍ଣ୍ଣେଲ ଫରେଷ୍ଟର ପୋଡ଼ାହାଟରେ ଏକ ବିଦ୍ରୋହ ଦମନ କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ସମ୍ବଲପୁର ଯାଇଥିଲେ । ସେ ସେତେବେଳକୁ କମିଶନର ପାହ୍ୟା ଏବଂ ସମସ୍ତ ଦେୱାନୀ ଓ ଫୌଜଦାରୀ କେଶ୍ ଫଇସଲା କରିବା ଅଧିକାର ପାଇସାରିଥିଲେ । ତେଣୁ ୧୮୫୮ ମାର୍ଚ୍ଚ ୨୩ ତାରିଖରେ ସମ୍ବଲପୁରରେ ପହଞ୍ଚି କେପ୍‌ଟେନ ଲେଙ୍କ ନିକଟରୁ ସେହି ଜିଲ୍ଲାର ଦାୟିତ୍ୱ ଗ୍ରହଣ କରିଥିଲେ ।

ସୁରନ୍ଧର ସାହି ଓ ଫରେଷ୍ଟର ଉଦ୍ୟମ

କର୍ଣ୍ଣେଲ ଫରେଷ୍ଟର ସମ୍ବଲପୁରର ଦାୟିତ୍ୱ ନେବା ସଙ୍ଗେ ସଙ୍ଗେ ଜିଲ୍ଲାର ଜମିଦାରମାନଙ୍କୁ ଏକ ଦରବାରକୁ ଡକାଇଥିଲେ ଓ ସରକାରଙ୍କୁ ସମର୍ଥନ କରି ସୁରନ୍ଧର ସାହି ଓରଫ ସୁରେନ୍ଦ୍ର ସାଏଙ୍କ ବିରୁଦ୍ଧରେ ସୈନ୍ୟ ଚାଳନାରେ ସେମାନେ ସାହାଯ୍ୟ କରିବେ ବୋଲି ଚୁକ୍ତି କରାଇ ନେଇଥିଲେ । ଜିଲ୍ଲାର ଜମିଦାରମାନଙ୍କୁ ଜଣେ ଜଣେ ଗୌନ୍ତିଆ ଭଳି ସେ ହେୟଜ୍ଞାନ କରୁଥିଲେ । ସେମାନଙ୍କ ପଦମର୍ଯ୍ୟାଦା ତଥା ସେମାନଙ୍କ ଗୁରୁତ୍ୱ ସମ୍ପର୍କରେ ସେ ବୋଧହୁଏ ଅଭିହିତ ନ ଥିଲେ । ସେ ଲୋକଙ୍କୁ ଖୁବ୍ ହେୟ ମନେ କରିଥିଲେ ଓ ମନଇଚ୍ଛା ସାମାନ୍ୟ ଅଭିଯୋଗରେ ଲୋକଙ୍କୁ ଗିରଫ କରି ସାମରିକ ଅଦାଲତରେ ବିଚାର କରିଥିଲେ । ପ୍ରାୟ ଅଶି ନବେଜଣ ରହିବାଭଳି ବ୍ୟବସ୍ଥା ଥିବା ସମ୍ବଲପୁର ଜେଲ୍‌ରେ ପ୍ରାୟ ୩୦୦ ଜଣ ବନ୍ଦୀ ଭର୍ତ୍ତି ହୋଇଥିଲେ । ସେମାନଙ୍କ ମଧ୍ୟରୁ ସ୍ୱଳ୍ପଣ ଜଣଙ୍କୁ କାରାଦଣ୍ଡ ସହିତ ପଚିଶ ବେତ୍ରାଘାତ ଦଣ୍ଡ ମଧ୍ୟ ଦିଆଯାଇଥିଲା । କିନ୍ତୁ କଟକ କମିଶନର ସେହି ବେତ୍ରାଘାତ ଦଣ୍ଡକୁ ସମର୍ଥନ ନ କରି ତାହା ଆଇନ ବିରୁଦ୍ଧ କାର୍ଯ୍ୟ ବୋଲି ଅଭିହିତ କରିଥିଲେ ଏବଂ ସେଭଳି ଦଣ୍ଡ ଦିଆଯାଇପାରିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ତେଣୁ ବାଧ୍ୟହୋଇ ଫରେଷ୍ଟର ସେ ଦଣ୍ଡାଦେଶ ପ୍ରତ୍ୟାହାର କରିଥିଲେ ।

କେପ୍‌ଟେନ ଲେ ବିପ୍ଳବୀ ସୁରେନ୍ଦ୍ର ସାଏଙ୍କୁ ବନ୍ଦୀ କରିବା ପାଇଁ ଆପ୍ରାଣ ଉଦ୍ୟମ କରି ବ୍ୟର୍ଥ ହୋଇଥିଲେ । ପୁଣି ତାଙ୍କ ପରେ ଫରେଷ୍ଟର ୧୮୫୯ ମସିହା ସାରା ସେଥିପାଇଁ ଚେଷ୍ଟା କରିଥିଲେ । କିନ୍ତୁ ତଥାପି ସେ ସଫଳ ହୋଇ ନ ଥିଲେ,

Digitized by srujanika@gmail.com

ବରଂ ତାହାଙ୍କର ସନ୍ଧାନ ମଧ୍ୟ ପାଇପାରି ନ ଥିଲେ । ଇତିମଧ୍ୟରେ ତାହାଙ୍କର କର୍ମ ପରିସର ମଧ୍ୟପ୍ରଦେଶାନ୍ତର୍ଗତ ରେବା ରାଜ୍ୟକୁ ମଧ୍ୟ ବ୍ୟାପି ଯାଇଥିଲା । ସେଠାରୁ ସମ୍ବଲପୁର ଆକ୍ରମଣ କରିବା ଯୋଜନା ମଧ୍ୟ ସେ କରୁଥିଲେ । ସେହି ସମ୍ବାଦ ପେଣ୍ଡ୍ରା ଜମିଦାର ରାୟପୁରର ଡେପୁଟି କମିଶନର ବି. ଜେ. ଆସେଙ୍କୁ ଜଣାଇ ଦେଇଥିଲେ । ପୁଣି ବିଦ୍ରୋହୀମାନେ ଗୁରୁର ସିଂହ, ରଣବନ୍ତ ସିଂହ ପ୍ରମୁଖଙ୍କ ସହ ସୋହାଗପୁର ତାଲୁକରେ ପ୍ରବେଶ କରିଛନ୍ତି ଏବଂ ମାଲୁଗୁଜାର-ମାନଙ୍କୁ ବିଦ୍ରୋହରେ ସକ୍ରିୟ ଅଂଶ ଗ୍ରହଣ କରିବା ଲାଗି ପ୍ରବର୍ତ୍ତାଉଛନ୍ତି ବୋଲି ମଧ୍ୟ ସମ୍ବାଦ ଯୋଗାଇ ଦେଇଥିଲେ ।

ପରେ ପରେ ସେ ଖବର ପାଇଥିଲେ ଯେ ସୁରେନ୍ଦ୍ର ସାଏ ଉଦୟପୁରର ଘଣପୁର ଗ୍ରାମରେ ଲୋକଙ୍କ ସହାନୁଭୂତି ପାଇ ରହିଛନ୍ତି । କିନ୍ତୁ ଅନୁସନ୍ଧାନ ପରେ ଜଣାପଡ଼ିଲା ଯେ ପ୍ରକୃତରେ ସେ ସେଠାରେ ନ ଥିଲେ ଏବଂ ଏକଥା ମଧ୍ୟ ସତ୍ୟ ଥିଲା ଯେ, ସୁରେନ୍ଦ୍ର ସାଏଙ୍କ ନାମ ଇଂରେଜ ସରକାରଙ୍କ ନିକଟରେ ଏକପ୍ରକାର କୋଳୁଥା ଭୟ ସୃଷ୍ଟି କରୁଥିଲା ।

ଯେତେବେଳେ ସୁରେନ୍ଦ୍ର ସାଏ ଓ ତାଙ୍କ ଦଳ ସେମାନଙ୍କ ପାଇଁ ପରିସ୍ଥିତି ପ୍ରତିକୂଳ ବୋଲି ବିଚାର କରିଥିଲେ ଓ ନିରାପଦ ବୋଲି ମନେ କରିଥିଲେ ; ସେମାନେ ଝଡ଼ଆଳ ରାଜ୍ୟ ଓ ରାୟପୁର ଜିଲ୍ଲାର ସୀମାସ୍ଥିତ ପାହାଡ଼ମାନଙ୍କ ମଧ୍ୟରେ ସେମାନଙ୍କ ଆସ୍ଥାନ ଜମାଇ ରହିଥିଲେ । ଅନ୍ୟାନ୍ୟ ଉଦ୍ଦେଶ୍ୟ ମଧ୍ୟରେ ରାୟପୁର ଜିଲ୍ଲାରେ ମଧ୍ୟ ସେମାନେ ବିପ୍ଳବ କରିବା ଯୋଜନା ପ୍ରଥମେ କରିଥିଲେ ; କିନ୍ତୁ ଜନବଳ ଓ ଧନବଳ ଅଭାବରେ ସେମାନେ ସେଥିପାଇଁ ପଛେଇ ଯାଇଥିଲେ । ପୁଣି ପୁରାତନ ପ୍ରଣାଳୀରେ ଅସ୍ତ୍ରଶସ୍ତ୍ର ନେଇ ଆଧୁନିକ ସୁଦଂସ୍ଥିତ ଥିବା ଇଂରେଜ ସୈନ୍ୟବାହିନୀ ବିରୁଦ୍ଧରେ ସମ୍ମୁଖୀନ ହେବା ବୃଥା ଅସମ୍ଭବ ବୋଲି ସେ ମନେକରିଥିଲେ ।

କର୍ତ୍ତୃପକ୍ଷ ସୁରେନ୍ଦ୍ର ସାଏଙ୍କୁ ନିଜ ରାଜ୍ୟରୁ ତଡ଼ିଦେବା ଲାଗି ରାଜାଙ୍କୁ ବାରମ୍ବାର ତାଗିଦ୍ କରିଥିଲେ ; କିନ୍ତୁ ରାଜା ସେଥିପ୍ରତି ଆଦୌ ଭ୍ରୂକ୍ଷେପ କରି ନ ଥିଲେ । ଅଧିକନ୍ତୁ ସେ ତାହାଙ୍କୁ ଅର୍ଥ ଓ ସୈନ୍ୟ ସାହାଯ୍ୟ ଦେଇ ଆଶ୍ରୟ ଦେଇଥିଲେ କହିଲେ ଚଳେ । ଯଦିଓ ସେ ତାହାଙ୍କର ରକ୍ତ ସମ୍ପର୍କୀୟ, ସୁରେନ୍ଦ୍ର ସାଏଙ୍କ ସମ୍ପର୍କରେ ଓ ତାହାଙ୍କ ଗତିବିଧି ସମ୍ପର୍କରେ ସମସ୍ତ ଖବର ଠିକଣାଠି ଭାବେ ଜାଣୁଥିଲେ, ତଥାପି ସେ ଇଂରେଜ ସରକାରଙ୍କୁ ଆଦୌ କିଛି ଜଣାଇ ନ ଥିଲେ ।

Digitized by srujanika@gmail.com

ତେଣୁ ଖଡ଼ିଆଳର ତତ୍କାଳୀନ ରାଜା କୃଷ୍ଣଚନ୍ଦ୍ର ସିଂହଦେଓଙ୍କୁ ଇଂରେଜ ସରକାର ସବୁବେଳେ ସନ୍ଦେହ କରୁଥିଲେ । *

ରାୟପୁର ଡେପୁଟି କମିଶନର ସି. ଏଲିଏଟ୍ ୧୮୬୦ ମସିହା ଅଗଷ୍ଟ ୨୪ ତାରିଖରେ ଖବର ପାଇଥିଲେ ଯେ, କୁଞ୍ଜଳ ସିଂହ ତଥା ଅନ୍ୟ ବିଦ୍ରୋହୀମାନେ ଜଙ୍କ୍ ନଦୀ ପାର ହୋଇ ଖିଲ୍ଲର ପାହାଡ଼ ଆଡ଼କୁ ଯାଇଛନ୍ତି ଓ ସେଥିପାଇଁ ନିକଟସ୍ଥ ଗ୍ରାମବାସୀମାନେ ମଧ୍ୟ ଭୟଭୀତ । ସେତେବେଳକୁ ଲେଫଟେନାଣ୍ଟ ଲକ୍‌ଉଡ୍ ରାୟପୁରରେ ଥିଲେ ମଧ୍ୟ ଛୁଟିରେ ଥିଲେ । ତଥାପି ସେ ଦୁଇଦଳ ସୈନ୍ୟଙ୍କୁ ନେଇ ଖିଲ୍ଲର ପ୍ରଗଣାକୁ ଯାତ୍ରା କରିଥିଲେ; କିନ୍ତୁ ସୈନ୍ୟମାନଙ୍କ ସମେତ ତାହାଙ୍କର ସ୍ୱାସ୍ଥ୍ୟ ଖରାପ ହେବାରୁ ସମସ୍ତେ ଫେରି ଆସିବାକୁ ବାଧ୍ୟ ହୋଇଥିଲେ । ତା'ପରେ ଆଉ ଦଳେ ସୈନ୍ୟ ସେହି ଉଦ୍ଦେଶ୍ୟରେ ପ୍ରେରିତ ହୋଇଥିଲେ ।

କିନ୍ତୁ ସେତେବେଳେ ବିଦ୍ରୋହୀମାନେ ଥିଲେ ମାଣିକଗଡ଼ ପର୍ବତରେ । ସେମାନଙ୍କୁ ଦମନ କରିବା ଦିଗରେ ଲେଫଟେନାଣ୍ଟ ଟେଲରଙ୍କୁ ସାହାଯ୍ୟ କରିବାପାଇଁ ବାଧ୍ୟ କରିବାକୁ ସୀମାନ୍ତ ଅଞ୍ଚଳରେ ଅବସ୍ଥିତ ରାଜାମାନଙ୍କୁ ନିର୍ଦ୍ଦେଶ ଦେବାପାଇଁ ଖୋଦ୍ ସମ୍ବଲପୁରର କମିଶନର ମେଜର ଫରେଷ୍ଟର ଯାତ୍ରା କରିଥିଲେ । ସେ ମଧ୍ୟ ଦୃଢ଼ ମତ ପ୍ରକାଶ କରି ସରକାରଙ୍କ ନିକଟକୁ ଲେଖିଥିଲେ ଯେ, 'ସେ ବିଦ୍ରୋହ ଦମନ କରିବା ପାଇଁ ଅଧିକ ପଦାତିକ ଓ ଅଶ୍ୱାରୋହୀ ସୈନ୍ୟ ଆବଶ୍ୟକ ।'

ମେଜର ଫରେଷ୍ଟର ପ୍ରଥମେ ଖଡ଼ିଆଳର ସେଣ୍ଡୁ।ବିରରେ ଓ ତା'ପରେ ଦେବାନ୍ ମୁଣ୍ଡାରେ ନିଜର କେମ୍ପ ପକାଇଥିଲେ । ସେ ରାୟପୁରର ଦଳେ ସଶସ୍ତ୍ର ସୈନ୍ୟଙ୍କ ନେତୃତ୍ୱ ନେଇ ଓ ଆଉଦଳେ ସମ୍ବଲପୁରର ସେବଣ୍ଡି ସୈନ୍ୟଙ୍କ ନେତୃତ୍ୱ ଲେଫ୍‌ଟନାଣ୍ଟ ଡଃ ଭିଲେନସଙ୍କୁ ଦେଇ ମାଣିକଗଡ଼ ଅଭିଯାନରେ ପଠାଇଥିଲେ ନଭେମ୍ବର ୬ ତାରିଖ ଦିନ । ସେହି ସୈନ୍ୟମାନଙ୍କ ସଂଖ୍ୟା ଥିଲା ୨୨୦ । ସେମାନେ ଦଳେ ସୈନ୍ୟଙ୍କୁ ସୁନ୍ଦରପାଟିରେ ଛାଡ଼ିଦେଇ ଆସିଥିଲେ ବିଦ୍ରୋହୀମାନଙ୍କ ପଳାୟନ ବେଳେ ବାଧାଦେବା ପାଇଁ ।

ଜଙ୍କ୍ ନଦୀକୂଳରେ ଥିବା ନିଶାଳ ଗ୍ରାମର ବଡ଼ ରାସ୍ତା ଉପରେ ବିଦ୍ରୋହୀ-ମାନେ ଏକ ବିରାଟ ପଥରର କାନ୍ଥ ନିର୍ମାଣ କରିଥିଲେ । କିନ୍ତୁ ତାହା ଶତ୍ରୁ

* "Archaeological remains of Sunabeda plateaue" —J. P. Singh Deo—The Orissa historical research Journal Vol. XVI. No 4 to Vol XXII No. 1—Page. 124-125

Digitized by srujanika@gmail.com

ସୈନ୍ୟଙ୍କୁ ଅଟକାଇ ପାରିନଥିଲା । ଇଂରେଜ ସେନାବାହିନୀର ଆକ୍ରମଣର ଯଥାର୍ଥ ଆଶଙ୍କା କରି ବିଦ୍ରୋହୀମାନେ ସେମାନଙ୍କର ଅନେକ ଗୃହପାଳିତ ପଶୁଙ୍କୁ ସେଠାରେ ଛାଡ଼ିଦେଇ ପଳାଇ ଯାଇଥିଲେ । ସେଗୁଡ଼ିକୁ ସଂଗ୍ରହ କରିଥିଲେ ଉଭୟ ଲେଫ୍‌ଟେନାଣ୍ଟ । ସେମାନେ ଖବର ସଂଗ୍ରହ କରିଥିଲେ ଯେ, ପ୍ରାୟ ୧୫୦ ଜଣ ବିଦ୍ରୋହୀ ସପରିବାର ମାଣିକଗଡ଼ ନିକଟସ୍ଥ ଏକ ଉପତ୍ୟକାରେ ରହୁଥିଲେ ଓ ସେମାନଙ୍କ ନିରାପଦ ଲାଗି ଦୁଇଟି ପଥର କାନ୍ଥ ନିର୍ମାଣ କରିଥିଲେ । ସେହି ଉପତ୍ୟକା ଅଭିଯାନରେ ସେମାନେ ନଭେମ୍ବର ୯ ତାରିଖ ସକାଳେ ବାହାରିଥିଲେ ।

ସେମାନଙ୍କ ଅଧୀନରେ ଥିବା ସୈନ୍ୟମାନଙ୍କୁ ସେହି ଅଭିଯାନ ବେଳେ ତିନି ଦଳରେ ବିଭକ୍ତ କରିଥିଲେ । ଦଳେ ରହିଲେ ଛାଉଣୀକୁ ରକ୍ଷା କରିବାପାଇଁ ଆଉ ଦଳେ ଆଗରୁଗ୍ର ଯାଇଥିଲେ ପଥର କାନ୍ଥ ନିକଟରେ ପହଞ୍ଚି ଦେବାପାଇଁ ଏବଂ ଅନ୍ୟମାନେ ଲେଫ୍‌ଟେନାଣ୍ଟମାନଙ୍କ ସହିତ ବିଦ୍ରୋହୀମାନଙ୍କ ମୁକାବିଲା କରିବା ପାଇଁ ଯାଇଥିଲେ ।

ସେପରି ଅପ୍ରତ୍ୟାଶିତ ଭାବରେ ଆକ୍ରମଣ ପାଇଁ ବିପ୍ଳବୀମାନେ ଆଦୌ ପ୍ରସ୍ତୁତ ନଥିଲେ । ତେଣୁ ଯଥାଶୀଘ୍ର ସେମାନେ କଳାହାଣ୍ଡିର ଜୁନାଗଡ଼ ଘାଟିକୁ ପଳାୟନ କରିବାପାଇଁ ବାଧ୍ୟ ହୋଇଥିଲେ । ଇଂରେଜ ସେନାମାନଙ୍କୁ କୌଣସି ପ୍ରକାର ଆକ୍ରମଣ କରିବା ବିଦ୍ରୋହୀମାନଙ୍କ ପକ୍ଷରେ ସମ୍ଭବପର ହୋଇ ନ ଥିଲା । ତେଣୁ ଇଂରେଜ ସୈନ୍ୟମାନେ ବିଦ୍ରୋହୀମାନଙ୍କ ଦ୍ୱାରା ନିର୍ମିତ ପ୍ରାଚୀରର ପଶ୍ଚାତ୍ ଭାଗରେ ଥିବା ତିନୋଟି ଗ୍ରାମକୁ ଭସ୍ମ କରି ଦେଇଥିଲେ । ସେ ସମ୍ପର୍କରେ ମେଜର ଫରେଷ୍ଟର ମତ ଦେଇଥିଲେ ଯେ, ବିଭିନ୍ନ ଦିଗରେ ପ୍ରସାରିତ ହୋଇଥିବା ସେହି ଜୁନାଗଡ଼ ଘାଟି ଉପରେ ପହଞ୍ଚିଦେବା ଏକ ଅତି ବିଷମ କାର୍ଯ୍ୟ । ବିପ୍ଳବୀମାନେ ଛାଡ଼ିଯାଇଥିବା କେତେ ଗୃହପାଳିତ ପଶୁଙ୍କୁ ସୈନ୍ୟମାନେ ଜବତ୍ କରିଥିଲେ । ସେମାନଙ୍କ ଅଧିକୃତ ସମସ୍ତ ସ୍ଥାନକୁ ନିଜ ଦଖଲକୁ ଆଣିବାଲାଗି ଖଡ଼ିଆଳ ରାଜାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପୁଣି ସେମାନଙ୍କର କୌଣସି ପ୍ରକାରର କାର୍ଯ୍ୟକଳାପକୁ ପ୍ରଶ୍ରୟ ନ ଦେବାଲାଗି ମଧ୍ୟ କଡ଼ାଭାବରେ ସତର୍କ କରାଇ ଦିଆଯାଇଥିଲା । ପୁଣି ସେହି ଅଞ୍ଚଳରେ ବିପ୍ଳବୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବାପାଇଁ ଉତ୍ତମ ବ୍ୟବସ୍ଥା କରିବାକୁ ସେଠାରେ ସମ୍ବଲପୁରର ଆସିଷ୍ଟେଣ୍ଟ କମିଶନରଙ୍କୁ ମେଜର ଫରେଷ୍ଟର ଛାଡ଼ି ଆସିଥିଲେ ।

ସେତେବେଳକୁ କିନ୍ତୁ ସୁରେନ୍ଦ୍ର ସାଏ ମାଣିକଗଡ଼ ଘାଟିରୁ ଜୁନାଗଡ଼ ଘାଟିକୁ ଚାଲିଯାଇଥିଲେ ।

Digitized by srujanika@gmail.com

ଆପ୍ରାଣ ଉଦ୍ୟମ କରି ମଧ୍ୟ କେପ୍‌ଟେନ୍ ଲେଙ୍ଗ ଭଳି ମେଜର ଫରେଷ୍ଟର ବିପ୍ଳବୀ ସୁରେନ୍ଦ୍ର ସାଏଙ୍କୁ ବନ୍ଦୀକରି ପାରି ନ ଥିଲେ କମ୍ବା ସମ୍ବଲପୁର ଜିଲ୍ଲାର ବିଦ୍ରୋହ ଦମନ କରିପାରି ନ ଥିଲେ । ଉଲ୍ଲେଖ କରାଯାଇପାରେ ଯେ, ସେ ଜଣେ କଠୋର ଶାସକ ଭାବରେ କୁଖ୍ୟାତି ଅର୍ଜନ କରିଥିଲେ । ସୁରେନ୍ଦ୍ର ସାଏ ଓ ତାହାଙ୍କ ଦଳକୁ ଧରିବାକୁ ତଥା ସେମାନଙ୍କ କାର୍ଯ୍ୟକଳାପର ଅବସାନ ଘଟାଇବା ପାଇଁ ଇଂରେଜ ସରକାରଙ୍କ ଉଦ୍ୟମରେ କୌଣସି ଅବହେଳା ନ ଥିଲା, କିନ୍ତୁ ଅପର ପକ୍ଷରେ ସୁରେନ୍ଦ୍ର ସାଏଙ୍କୁ ପ୍ରବଳ ଜନ ସମର୍ଥନ ମିଳୁଥିଲା ଓ ତାହା ଥିଲା ଆନ୍ତରିକ । ତେଣୁ ଇଂରେଜ ସରକାରଙ୍କ ସମସ୍ତ ଉଦ୍ୟମ ବ୍ୟର୍ଥ ହେଉଥିଲା ।

ସେଭଳି ପରିସ୍ଥିତି ଭିତରେ ୧୮୬୧ ମସିହା ଅପ୍ରେଲ ମାସରେ ସମ୍ବଲପୁର ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ ମେଜର ଇମ୍ପେ । ତାହାଙ୍କର ନୀତି କିନ୍ତୁ ଥିଲା ଭିନ୍ନ ଧରଣର । ସାମରିକ ଶାସନ ଅପେକ୍ଷା ଉଦାର ନୀତି ପ୍ରତି ତାହାଙ୍କର ସମ୍ମାନ ଥିଲା ବୋଲି ସେ ଶାସନଭାର ଗ୍ରହଣ କରିବା ସଙ୍ଗେ ସଙ୍ଗେ ପ୍ରଚାର କରିଥିଲେ । ସେ ମନେକରିଥିଲେ ସେଭଳି ଭାବରେ ହିଁ ସେ ବିଦ୍ରୋହର ଅବସାନ ଘଟାଇ ପାରିବେ ।

ଦେଶର ସ୍ୱାଧୀନତା ହାସଲ ପାଇଁ ଅନେକ ବିଦ୍ରୋହୀ ଓ ସେମାନଙ୍କ ନେତାମାନେ ବହୁତ କଷ୍ଟ ସହ୍ୟ କରି ସାରିଲେଣି ବୋଲି ସେ ମତପ୍ରକାଶ କରିଥିଲେ । ସେ ମନେକରୁଥିଲେ ସେମାନଙ୍କ ମଧ୍ୟରୁ ଅନେକ ଜେଲ୍ ପ୍ରଭୃତି ଦଣ୍ଡଭୋଗ ସଙ୍ଗେ ସଙ୍ଗେ, ଅନାହାର, ରୋଗ, ଦୁଃଖ ଇତ୍ୟାଦି ସହିତ ଆତ୍ମୀୟ ବିଚ୍ଛିନ୍ନତା ସ୍ଥାପନ କରି ହୁଏତ ନିଜ ପଥରୁ ଓହରି ଆସିବା ପାଇଁ ଚିନ୍ତାକରି ସାରିଲେଣି ତେଣୁ ଉଦାର ନୀତି ଅବଲମ୍ବନ କରିବା ଫଳରେ ବିଦ୍ରୋହୀମାନେ ସମ୍ପୂର୍ଣ୍ଣରୂପେ ସେମାନଙ୍କ ପୂର୍ବ ନିର୍ଦ୍ଧାରିତ ପଥରୁ ଫେରି ଆସିପାରନ୍ତି । ଯଦି ସେମାନେ ସେହି ରାସ୍ତାରେ ଅଧିକ ଅଗ୍ରସର ହେବାକୁ କିଛିଦିନ ପରେ ଚେଷ୍ଟା କରିବେ, ତେବେ ମେଜର ଇମ୍ପେ ମନେ ମନେ କଳ୍ପନା କରିଥିଲେ ସେମାନଙ୍କୁ ନରହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ କରାଇବେ ।

ତଥାପି ସେ ସୁରେନ୍ଦ୍ର ସାଏଙ୍କର କୌଣସି ସନ୍ଧାନ ପାଇ ପାରି ନ ଥିଲେ— କେବଳ ସମ୍ବାଦ ପାଇଥିଲେ ଯେ, ସୁରେନ୍ଦ୍ର ସାଏ, ତାହାଙ୍କର ପୁଅ ମିତ୍ରଭାନୁ ସାଏ ଓ ଭାଇ ଉଦନ୍ତ ସାଏଙ୍କ ନିକଟରୁ ପୃଥକ୍ ହୋଇଯାଇଥିଲେ ଏବଂ ଆହୁରି ମଧ୍ୟ ସେ ଖବର ସଂଗ୍ରହ କରିଥିଲେ ଯେ, କୁଞ୍ଜଲସିଂହ ସହିତ ବୋଡ଼ାସମ୍ବର ଜମିଦାରୀର କୌଣସି ଏକ ସ୍ଥାନରେ ରହୁଥିବା ବେଳେ ହାତୀସିଂହ ପୁରାପୁରି ବଧ

Digitized by srujanika@gmail.com

ହୋଇ ଯାଇଥିଲେ । ତଥାପି ସେମାନଙ୍କ ମଧ୍ୟରେ ସମ୍ପର୍କ ଥିଲା ଏବଂ ସୁରେନ୍ଦ୍ର ସାଏଙ୍କ ନିକଟକୁ ସେମାନେ ସମସ୍ତ ସମୟରେ ଯିବା ଆସିବା କରୁଥିଲେ ।

ମେଜର ଇମ୍ପେ ବିଶ୍ୱାସ କରୁଥିଲେ ଯେ, ଜିଲ୍ଲାର କେତେକ ଜମିଦାର ନିଶ୍ଚିତଭାବରେ ପାଳିକରି ବିଦ୍ରୋହୀମାନଙ୍କୁ ସାହାଯ୍ୟ କରୁଥିଲେ । ତାହା ହୋଇ ନ ଥିଲେ ସେମାନେ ଅନେକକାଳରୁ ଧରାପଡ଼ି ସାରନ୍ତେଣି । ସେ ଯାହାହେଉ, ସେମାନେ ପୁଣି ନୂତନ କରି କୌଣସି ବିଦ୍ରୋହମୂଳକ ଅପରାଧ ନ କରିବା ପର୍ଯ୍ୟନ୍ତ ସେମାନଙ୍କୁ ଅତ୍ୟଧିକ ଉତ୍ତ୍ୟକ୍ତ କରିବା ବିଜ୍ଞତାର କାର୍ଯ୍ୟ ହେବନାହିଁ ବୋଲି ସେ ବିଚାର କରିଥିଲେ । ତେଣୁ ତାହାଙ୍କର ଲୋକ ଦେଖାଣିଆ କୋହଳ ନୀତି ବଜାୟ ରଖୁଥିଲେ ।

ସେ ଜିଲ୍ଲାର ଦାୟିତ୍ୱ ଗ୍ରହଣ କରିବା ପରେ ପରେ ଅବସ୍ଥା ଅନୁଧ୍ୟାନ କରିସାରି ପ୍ରଥମେ ୧୮୬୧ ମସିହା ସେପ୍ଟେମ୍ବର ୨୯ ତାରିଖରେ ଏକ ଘୋଷଣା ପ୍ରଚାର କରିଥିଲେ ଯେ ବିଦ୍ରୋହୀମାନଙ୍କୁ କ୍ଷମା ପ୍ରଦାନ କରାଯିବ ; ଯଦି ସେମାନେ ଭବିଷ୍ୟତରେ ଆଉ କୌଣସି ପ୍ରକାର ବିଦ୍ରୋହାତ୍ମକ କାର୍ଯ୍ୟକଳାପରେ ଲିପ୍ତ ନ ରହନ୍ତି । ତାର କିଛିଦିନ ପରେ ଅକ୍ଟୋବର ୧୧ ତାରିଖ ଦିନ ସରକାରଙ୍କ ମନ୍ତ୍ରଣାକ୍ରମେ ଦ୍ୱିତୀୟ ଘୋଷଣା ପ୍ରକାଶ କରାଯାଇଥିଲା ଯେ, ନଭେମ୍ବର ୨୦ ତାରିଖ ମଧ୍ୟରେ ବିପ୍ଳବୀମାନେ ଯଦି ଆତ୍ମସମର୍ପଣ କରନ୍ତି, ତେବେ ସୁରେନ୍ଦ୍ର ସାଏ ଓ ଉଦନ୍ତ ସାଏଙ୍କୁ ପ୍ରାଣରକ୍ଷାର ପ୍ରତିଶ୍ରୁତି ଦିଆଯିବା ସଙ୍ଗେ ସଙ୍ଗେ ମିତ୍ରଭାନୁ ସାଏଙ୍କୁ ମଧ୍ୟ କ୍ଷମା ଦିଆଯିବ ।

ସେହି ସମ୍ପର୍କରେ ସେ ନିଜର ମତ ପ୍ରଦାନ କରିଥିଲେ ଯେ, ସୁରେନ୍ଦ୍ର ସାଏ ଓ ତାହାଙ୍କ ଭାଇମାନେ ଅସଂଖ୍ୟ ଘୃଣ୍ୟ ଅପରାଧ ସହିତ ସଂଶ୍ଳିଷ୍ଟ ବୋଲି ଯେଉଁ ଯୁକ୍ତି କରାଯାଉଛି ତାହା ଆଦୌ ଯଥାର୍ଥ ନୁହେଁ । ତେବେ ହଜାରିବାଗରେ ସୁରେନ୍ଦ୍ର ସାଏଙ୍କୁ ଦିଆଯାଇଥିବା ଯାବଜ୍ଜୀବନ କାରାଦଣ୍ଡ ଯଥାର୍ଥ ହୋଇଥିଲା ; କିନ୍ତୁ ପରିକଳ୍ପିତ ଭବିଷ୍ୟତ ଦଣ୍ଡପାଇଁ ତାହାଙ୍କର ଶିକ୍ଷା, ଦୀକ୍ଷା, ଜନ୍ମ ଓ ବଂଶଗତ ପ୍ରଭାବ ତଥା ପୂର୍ବେ ସେ କେଉଁଥିପାଇଁ ଦଣ୍ଡିତ ହୋଇଥିଲେ ଇତ୍ୟାଦି ବିଷୟରେ ଯଥାର୍ଥ ଅନୁଧ୍ୟାନ ଆବଶ୍ୟକ ଓ ନ୍ୟାୟ ତଥା ନୀତିସଙ୍ଗତ ମଧ୍ୟ ।

ସାଏ ଭାଇମାନଙ୍କ ସପକ୍ଷରେ ଯୁକ୍ତି କରିବାକୁ ଯାଇ ମେଜର ଇମ୍ପେ ଲେଖିଥିଲେ ଯେ, ଦୁର୍ଦ୍ଧାନ୍ତ ଚୌହାଣ ବଂଶର ଦାୟାଦ ସୁରେନ୍ଦ୍ର ସାଏ ତାହାଙ୍କ ପିତା ଓ ପିତୃବ୍ୟଙ୍କ ଭଳି ପ୍ରବଳ ପ୍ରତିହିଂସା ପରାୟଣ । ଏମାନେ କ୍ଷମତା ବଳରେ ସିଂହାସନ ଅଧିକାର କରୁଥିଲେ ଏବଂ ଏମାନଙ୍କୁ ଜବଦ୍ କରିବା ଗଡ଼ଜାତ ରାଜା-

Digitized by srujanika@gmail.com

ମାନଙ୍କର କ୍ଷମତା ବହିର୍ଭୂତ ଥିଲା । ବିଦ୍ରୋହ ଓ ଅରାଜକତା ହିଁ ସେତେବେଳର ରୀତି ଥିଲା । କେବଳ ସେହି ହିସାବରେ ହିଁ ସେମାନେ ରାମପୁର ଆକ୍ରମଣ କରି ବନ୍ଦୀ ହୋଇଥିଲେ, ଏବଂ ଜେଲ ଯାଇଥିଲେ । ତେଣୁ ଆପାତତଃ ମେଜର ଇମ୍ପେଙ୍କ ମତରେ ସୁରେନ୍ଦ୍ର ସାଏ ଆଜୀବନ ବନ୍ଦୀ ହେବା ମୂଳରେ ତାହାଙ୍କ ନିଜ ଅପରାଧ ଅପେକ୍ଷା ପରିବେଶ ଓ ପରିସ୍ଥିତି ହିଁ ଅଧିକ ଦାୟୀ ଥିଲା । କାରଣ ଉଚ୍ଛୃଙ୍ଖଳ ଜୀବନଯାପନ ଥିଲା ସେମାନଙ୍କ ଜୀବନର ପ୍ରଧାନ ମାନଦଣ୍ଡ ।

ପୁଣି ହଜାରିବାଗ ଜେଲରୁ ଖସି ପଳାଇ ଯାଇଥିବା ଅଭିଯୋଗର ଉତ୍ତର ଦେଇ ସେ ଯୁକ୍ତି କରିଥିଲେ ଯେ ଜେଲ୍‌ରୁ ଖସି ଚାଲିଯିବା ଲାଗି ସେ କେବେହେଁ ଇଚ୍ଛାକରି ନଥିଲେ । ୧୮୫୭ ମସିହାର ବିଦ୍ରୋହ ବେଳେ ସରକାରୀ ସୈନ୍ୟମାନେ ଜେଲ୍ ଭାଙ୍ଗି ଦେଇଥିଲେ ଏବଂ ଅଚହ୍ନା, ଅଜଣା ଲୋକଙ୍କ ଦ୍ୱାରା ସେ ମୁକ୍ତ ପାଇଥିଲେ । ଥରେ ଜେଲ୍‌ରୁ ମୁକ୍ତ ପାଇବା ପରେ ସେହି ଅଶାନ୍ତ ରାଜନୈତିକ ପରିସ୍ଥିତିର ସୁଯୋଗ ନେଇ ସେ ପୁଣି ତାହାଙ୍କର ପୂର୍ବତନ ହୃତରାଜ୍ୟର ପୁନରୁଦ୍ଧାର କରିବାକୁ ଏକ ଦୁଃସାହସିକ ପଦକ୍ଷେପ ଗ୍ରହଣ କରିଛନ୍ତି । ହୁଏତ ତାହା ତାଙ୍କପାଇଁ ଆଦୌ ସମ୍ଭବ ନୁହେଁ । ତଥାପି ଏହା ସ୍ୱାଭାବିକ ମନେହୁଏ ହୁଏତ ଏହା ମଧ୍ୟ ସମ୍ଭବଥିଲା ଯେ ଯଦି ସେ ବିଦ୍ରୋହ କରି ନଥାନ୍ତେ ତାହା'ଲେ ସମ୍ବଲପୁରର ରାଜଗାଦି ନାରାୟଣ ସିଂହଙ୍କ ମୃତ୍ୟୁ ପରେ ସ୍ୱାଭାବିକଭାବେ ଓ ସ୍ୱୀକୃତି-ପ୍ରାପ୍ତ ଉତ୍ତରାଧିକାରୀ ସୂତ୍ରରେ ସେ ପାଇଥାନ୍ତେ । ସମଗ୍ର ରାଜ୍ୟର ଜନଗଣ ତାହାଙ୍କ ନେତୃତ୍ୱକୁ ପସନ୍ଦ କରିଥିଲେ ଏବଂ ବର୍ତ୍ତମାନ ସୁଦ୍ଧା ଜନଗଣଙ୍କ ସାଧାରଣ ସହାନୁଭୂତି ଅନେକାଂଶରେ ଶିଥିଳ ହୋଇନାହିଁ ।

ମେଜର ଇମ୍ପେ ଦୃଢ଼ ମତ ପ୍ରଦାନ କରିଥିଲେ ଯେ ସୁରେନ୍ଦ୍ର ସାଏଙ୍କୁ କେହି ଧରିବା ସହଜ ସାଧ୍ୟ ନୁହେଁ, ଯଦି ସେ ଆସନ୍ତି କିମ୍ବା ତାହାଙ୍କୁ କେହି ଧରି-ଆଣେ, ତେବେ ସେ କ୍ଷମା ମାଗିବାକୁ ଆସିବେ । ସେ ହୁଏତ ଜାଣନ୍ତି ଯେ ସେ କ୍ଷମା ପାଇବା ଯୋଗ୍ୟ ନୁହଁନ୍ତି । ତଥାପି ରାଜନୈତିକ ଦୃଷ୍ଟିରୁ ତାହାଙ୍କୁ ତାଙ୍କର ଭାଇଙ୍କୁ ଓ ପୁତ୍ର ମିତ୍ରଭାନୁ ସାଏଙ୍କୁ କ୍ଷମାଦେଇ ସେମାନଙ୍କୁ ଅଭିଆନ କରିବା ଦିଗରେ ସରକାର ବ୍ୟବସ୍ଥା କରିବା ଆବଶ୍ୟକ । ଏ କଥା ମଧ୍ୟ ସ୍ୱୀକାର କରାଯାଇ-ପାରେ ଯେ, ତାହା ଯଦିଓ ଯୁକ୍ତିସଙ୍ଗତ ନୁହେଁ ତଥାପି ମଧ୍ୟ କରଣୀୟ । ସେହିପରି କରାଯିବା ଫଳରେ ସମ୍ବଲପୁରର ଅଶାନ୍ତ ଓ ଉଦ୍‌ବେଳିତ ପରିସ୍ଥିତି ଆପେ ଆପେ ସୁଧୁରିଯିବ । ମିତ୍ରଭାନୁ ସାଏଙ୍କ ପ୍ରତି ସମସ୍ତ ପ୍ରକାର ଉଦାହରଣ ଦେଖାଇବା ପାଇଁ ସେ ସରକାରଙ୍କୁ ସୁପାରିଶ କରିଥିଲେ । କାରଣ ସେ ମତ ଦେଇ-ଥିଲେ ଯେ, ସେପରି କରିବା ଫଳରେ ହୁଏତ ବିଦ୍ରୋହୀମାନଙ୍କ ଆତ୍ମସମର୍ପଣ ପାଇଁ

Digitized by srujanika@gmail.com

ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିବ । ପୁଣି ମିତ୍ରଭାନୁ ସାଏ ତାହାଙ୍କର ପିତାଙ୍କ କାର୍ଯ୍ୟ କଳାପପାଇଁ ଦାୟୀ ହୋଇ ନପାରନ୍ତି ଏବଂ ପ୍ରକୃତରେ ଯଦି ସେ ନିଜେ କିଛି ଅପରାଧ ଯୋଗୁଁ ଅପରାଧୀ ବୋଲି ଧରି ନଆଯାଏ, ସେଥିପାଇଁ ତାହାଙ୍କ ପିତାଙ୍କୁ ହିଁ ଅଧିକ ଦାୟୀ କରାଯିବା ଉଚିତ୍ତ ବୋଲି ଯୁକ୍ତି କରିଥିଲେ । ତା'ର କାରଣ ସ୍ୱରୂପ ସେ ଦର୍ଶାଇ ଥିଲେ ଯେ, ପୁତ୍ରର କର୍ତ୍ତବ୍ୟ ହିଁ ନା ବିଷୟରେ ପିତାଙ୍କ ପଥାନୁସରଣ କରିବା ଓ ତାହାଙ୍କ କାର୍ଯ୍ୟ ସମ୍ପାଦନରେ ସାହାଯ୍ୟ କରିବା ।

ମେଜର ଇମ୍ପେଙ୍କ ଏଭଳି ମତାମତକୁ କଟକ କମିଶନର ଖୁବ୍ ଦୃଢ଼ଭାବରେ ସମର୍ଥନ କରିଥିଲେ । ସାଏ ଭାଇମାନଙ୍କୁ ଓ ମିତ୍ରଭାନୁଙ୍କୁ ଜୀବନରେ ନ ମାରିବା ଲାଗି ପ୍ରତିଶ୍ରୁତି ଦେବାପାଇଁ ବଙ୍ଗଳାର ଗ୍ରେଟ ଲାଟଙ୍କୁ ଆନୁରୋଧ କରିଥିଲେ । ସେ ମଧ୍ୟ ଇମ୍ପେଙ୍କ ସମସ୍ତ ଯୁକ୍ତିକୁ ଯଥାଯଥ ବୋଲି ଦର୍ଶାଇବା ସଙ୍ଗେ ସଙ୍ଗେ ସମର୍ଥନ ମଧ୍ୟ କରିଥିଲେ । ସେ ମତ ଦେଇଥିଲେ ତାହାଙ୍କୁ ହଜାରିବାଗ ଜେଲ୍‌ରେ ଉଚିତ ବ୍ୟବହାର କରାଯାଇ ନଥିଲା, ତଥାପି ବିଦ୍ରୋହୀ ସିପାହୀମାନଙ୍କ ଦ୍ୱାରା ବାଧ୍ୟତାମୂଳକ ମୁକ୍ତିପରେ ସେ କେପ୍‌ଟେନ ଲେ ଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ଏହା ପରେ ପରେ ତାହାଙ୍କ ମନ ଭିତରେ ବ୍ରିଟିଶ ସରକାରଙ୍କ ପ୍ରତି ଅବିଶ୍ୱାସ ଭାବ ଜାତ ହୋଇଥିଲା । ସେଇଥିଲାଗି ସେ ଖସି ପଳାଇଯାଇଥିଲେ । ତେବେ ବିଭିନ୍ନ ଯୁକ୍ତି ଦେଇ ସେ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ ଯେ, ସାଏ ଭାଇମାନଙ୍କୁ କ୍ଷମା ଦିଆଯିବା ଉଚିତ । ସେ ସ୍ୱୀକାର କରିଥିଲେ ଯେ ତାହା ତାଙ୍କ ନିଜର ଇଚ୍ଛା ବିରୁଦ୍ଧ ଏବଂ ବ୍ରିଟିଶ ସରକାର ଭୁଲ ବୁଝିପାରନ୍ତି ଯେ ବିଦ୍ରୋହୀମାନଙ୍କୁ ଏହା ଏକ ଦାମୀ ପୁରସ୍କାର, ତାହା ଛଡ଼ା ଅନ୍ୟ କିଛି ପନ୍ଥା ସେ ଦେଖିପାରୁ ନାହାନ୍ତି ।

ବିଦ୍ରୋହୀମାନଙ୍କ ସପକ୍ଷରେ ଯିବାଭଳି ସମ୍ବଲପୁର ଡେପୁଟି କମିଶନରଙ୍କ ସେଭଳି କୋହଳ ନୀତି ଓ ବିଭିନ୍ନ ପଦକ୍ଷେପରେ ନାଗପୁର କର୍ତ୍ତୃପକ୍ଷ ଭୀଷଣଭାବେ କ୍ରୋଧାନ୍ୱିତ ହୋଇଥିଲେ ଓ ସମ୍ପୂର୍ଣ୍ଣ ବିରୋଧୀ ମତ ପୋଷଣ କରିଥିଲେ । ଠିକ୍ ସେହିଭଳି ରାୟପୁରର ଡେପୁଟି କମିଶନର ମଧ୍ୟ ଅନୁରୂପ ମତ ପୋଷଣ କରି କଟକ କମିଶନରଙ୍କ ନିକଟରେ ଅଭିଯୋଗ କରିଥିଲେ । ସେ ମଧ୍ୟ ତାହାଙ୍କ ଯୁକ୍ତିରେ ଦର୍ଶାଇଥିଲେ ଯେ, ଅତୀତରେ ତାହାଙ୍କ ଅଞ୍ଚଳରେ ଥିବା ଇଂରେଜ ସମର୍ଥକ ରାଜା ଓ ଜମିଦାରମାନଙ୍କୁ ସୁରେନ୍ଦ୍ର ସାଏ ବିରୋଧ କରିବା ସଙ୍ଗେ ସଙ୍ଗେ ରାୟପୁର ସୀମାନ୍ତରେ ଥିବା ଗ୍ରାମମାନଙ୍କରେ ଅସଂଖ୍ୟ ଡକାୟତି କରିଥିଲେ ଓ ନରହତ୍ୟା ଅପରାଧରେ ମଧ୍ୟ ଜଡ଼ିତ ଥିଲେ । ତେଣୁ ସେହିଭଳି ଅପରାଧୀ ଓ ଦାଗୀମାନଙ୍କୁ କ୍ଷମା ଦିଆଯିବା ଏକାନ୍ତ ନୀତିବିରୁଦ୍ଧ କାର୍ଯ୍ୟ ହେବ ।

Digitized by srujanika@gmail.com

ନାଗପୁର କର୍ତ୍ତୃପକ୍ଷ ଇତ ମଧ୍ୟରେ ତାହାଙ୍କ ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକର ସୁରକ୍ଷା ଲାଗି ବାର୍ଷିକ ୭୯୯୬ ଟଙ୍କା ଖର୍ଚ୍ଚରେ ଗୋଟିଏ ସୈନ୍ୟବାହିନୀ ରଖିବାର ଆବଶ୍ୟକତା ଅନୁଭବ କରିଥିଲେ ଏବଂ ସେହି ସୈନ୍ୟଦଳ ଦୀର୍ଘ ୧୮ମାସରୁ ଅଧିକକାଳ ନିୟୋଜିତ ରହିଥିଲେ । ସେଥିପାଇଁ ସେମାନେ ଦାୟୀ କରିଥିଲେ ଖଡ଼ିଆଳ ଓ ବେନ୍ଦ୍ରା ରାଜାଙ୍କୁ । ସେମାନଙ୍କର ଘୋର ନିନ୍ଦା ମଧ୍ୟ ସେ କରିଥିଲେ । ଏ କଥା ମଧ୍ୟ ସେ ପ୍ରସ୍ତାବ କରିଥିଲେ ଯେ, ଯେହେତୁ ସେହି ରାଜାମାନେ ସୁରେନ୍ଦ୍ର ସାଏ ଓ ତାହାଙ୍କ ଦଳକୁ ଆଶ୍ରୟ ଦେଉଥିଲେ ଓ ଖାଦ୍ୟ ଯୋଗାଇ ଦେଉଥିଲେ, ତେଣୁ ସେହି ବିଦ୍ରୋହୀମାନଙ୍କ କବଳରୁ ମୁକ୍ତି ପାଇବା ପାଇଁ ନିୟୋଜିତ ହୋଇଥିବା ସୈନ୍ୟବାହିନୀର ଖର୍ଚ୍ଚ ସେହି ରାଜାମାନଙ୍କ ନିକଟରୁ ଆଦାୟ କରାଯିବା ଆବଶ୍ୟକ । ତାହାକୁ ବଡ଼ଲାଟ ମଧ୍ୟ ମଞ୍ଜୁରି ଦେଇଥିଲେ ।

ତଥାପି ମେଜର ଇମ୍ପେ ତାହାଙ୍କ ନୀତିରେ ପ୍ରାୟ ଅଟଳ ରହିଥିଲେ ଓ କୋହଲ ନୀତି ଅନୁସରଣ କରିବା ସପକ୍ଷରେ ଥିଲେ । ସେ ହୃଏତ ସ୍ଥିର କରିଥିଲେ ଯେ ପ୍ରକୃତରେ ଯଦି ସେମାନେ ଆତ୍ମସମର୍ପଣ କରିଆସନ୍ତେ ତାହେଲେ ଘୋଷଣା ଗୁଡ଼ିକର କୌଣସି ବିରୋଧାତ୍ମକ କାର୍ଯ୍ୟ ଗ୍ରହଣ କରିବେ ନାହିଁ । କିନ୍ତୁ ସେମାନେ ଆତ୍ମସମର୍ପଣ କରିବା ହୃଏତ ସମ୍ଭବ ନୁହେଁ । ଏହା ମଧ୍ୟ ସେ ଅସ୍ପଷ୍ଟ ଭାବେ ଦେଖି ପାରୁଥିଲେ । ତେଣୁ ନିର୍ଦ୍ଧାରିତ ତାରିଖ ପରେ ସେମାନଙ୍କ ବିରୁଦ୍ଧରେ ସୈନ୍ୟ ଚାଳନା କରିବା ପାଇଁ ମେଜର ଇମ୍ପେ ନିଜକୁ ପ୍ରସ୍ତୁତ କରୁଥିଲେ । ସେଥିପାଇଁ ଏକ ବିରାଟ ସୈନ୍ୟବାହିନୀର ବ୍ୟବସ୍ଥା କରିବା ସପକ୍ଷରେ ସେ ଥିଲେ । ପୂର୍ବେ ସରକାରଙ୍କ ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପରୁ ସେ ସେଭଳି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ । ନାଗପୁର ଓ ଛୋଟନାଗପୁରରୁ ଅଧିକ ସୈନ୍ୟ ସମ୍ବଲପୁର ପଠାଇବାକୁ ସେ ଅନୁରୋଧ କରିଥିଲେ । କିନ୍ତୁ ରାୟପୁରର ଡେପୁଟି କମିଶନର ନିଜ ତରଫରୁ ସୁରେନ୍ଦ୍ର ସାଏଙ୍କୁ ଧରିବାପାଇଁ ଚେଷ୍ଟା କରୁଥିବା ଯୋଗୁଁ ସେ ତାହାଙ୍କ ସୈନ୍ୟମାନଙ୍କୁ ପଠାଇବା ସପକ୍ଷରେ ନଥିଲେ ।

ରାୟପୁର ଅଧୀନରେ ଥିବା କୋଲେସ୍ୱାର ରାଜା ଇତ ମଧ୍ୟରେ ସୁରେନ୍ଦ୍ର ସାଏଙ୍କ ବିଷୟରେ ଓ ତାହାଙ୍କ ସହକର୍ମୀ ଓ ବିପ୍ଳବୀମାନଙ୍କ ଶକ୍ତି ସମ୍ପର୍କରେ ଅନେକ ସମ୍ବାଦ ସଂଗ୍ରହ କରି ସାରିଥିଲେ । ସେ ଗୁପ୍ତଚରମାନଙ୍କ ନିକଟରୁ ଖବର ସଂଗ୍ରହ କରିଥିଲେ ଯେ, ସୁରେନ୍ଦ୍ର ସାଏ ତାହାଙ୍କର ପ୍ରାୟ ୧୫ ଜଣ ବିପ୍ଳବୀ ସହକର୍ମୀଙ୍କ ସହିତ ଡୋନାବିରି ନିକଟସ୍ଥ ଗୁରୁପାହାଡ଼ରେ ରହିଥିଲେ । ସେଠାରୁ ପ୍ରାୟ ୯ କିଲୋମିଟର ଦୂରରେ ୧୦ଜଣ ବିପ୍ଳବୀଙ୍କ ସହିତ ଗୋବିନ୍ଦ ସିଂହ ଓ ପ୍ରାୟ ୧୭ କିଲୋମିଟର ଦୂରରେ ୫୭ଜଣ ବିପ୍ଳବୀଙ୍କ ସହିତ ହାତୀସିଂହ ଓ କୁଞ୍ଜଲସିଂହ ରହିଥିଲେ ।

*

Digitized by srujanika@gmail.com

ଉଲ୍ଲେଖଯୋଗ୍ୟ ଯେ ଉକ୍ତ ଅଞ୍ଚଳଗୁଡ଼ିକ ଧାରଣ ପୂଜାରୀଙ୍କ ଅଧୀନରେ ଥିଲା ଏବଂ ସେ ଥିଲେ ସୁରେନ୍ଦ୍ର ସାଏଙ୍କ ଜଣେ ଅନୁଗାମୀ । ସୁରେନ୍ଦ୍ର ସାଏଙ୍କ ଦଳ ଏବଂ ତାଙ୍କ ଅନୁଗାମୀ ଦଳଗୁଡ଼ିକ ସରକାରଙ୍କ ଦୃଷ୍ଟିରୁ ନିଜ ନିଜକୁ ଗୋପନ ରଖିବା ଲାଗି ଏକ ଜଙ୍ଗଲରୁ ଆଉ ଗୋଟିଏ ଜଙ୍ଗଲ, ଏକ ପାହାଡ଼ରୁ ଆଉ ଗୋଟିଏ ପାହାଡ଼କୁ ଯିବା ପାଇଁ ନେଉଥିଲେ । ଏହାର ଏକମାତ୍ର କାରଣ ଥିଲା ନିଜଦଳ ସଙ୍ଗଠନ କରିବା ।

ବିପ୍ଳବୀ ବୀରର ଆତ୍ମସମର୍ପଣ

ମେଜର ଇମ୍ପେଙ୍କ କୋହଳ ନୀତିର ପରିଣାମ ଶୁଭଙ୍କର ହୋଇଥିଲା ଇଂରେଜ ସରକାରଙ୍କ ପାଇଁ । ଅକ୍ଟୋବର ୧୧ ତାରିଖରେ ହୋଇଥିବା ବିଜ୍ଞପ୍ତି ଘୋଷଣାରେ ଉଲ୍ଲେଖ ଥିଲା ଯେ ନଭେମ୍ବର ୨୦ ତାରିଖ ପୂର୍ବରୁ ଆତ୍ମସମର୍ପଣ କଲେ ବିଦ୍ରୋହୀମାନଙ୍କୁ କ୍ଷମା ଦିଆଯିବ । ସୁରେନ୍ଦ୍ର ସାଏ ଓ ଉଦନ୍ତ ସାଏଙ୍କୁ ମଧ୍ୟ ପ୍ରାଣ ରକ୍ଷାର ପ୍ରତିଶ୍ରୁତି ଦିଆଯାଇଥିଲା । ସେହି ଆଦେଶନାମା ଗ୍ରେଟଲିଟଙ୍କ ସମ୍ମତିକ୍ରମେ କରାଯାଇଥିଲା ।

ମେଜର ଇମ୍ପେ ଗ୍ରେଟଲିଟଙ୍କଠାରୁ ସେଭଳି ସମ୍ମତି ପାଇବା ପରେ ପରେ ତାହାଙ୍କର ନୀତିକୁ ଆହୁରି ଟିକିଏ ଅଧିକ କୋହଳ କରିଦେଇଥିଲେ । ଯେଉଁ ଜମିଦାରମାନଙ୍କ ସମ୍ପତ୍ତି ସବୁ ସେମାନଙ୍କର ବିଦ୍ରୋହାତ୍ମକ କାର୍ଯ୍ୟକଳାପ ଯୋଗୁଁ ବାଜ୍ୟାପ୍ତି ହୋଇଯାଇଥିଲା କିମ୍ବା ଅନ୍ୟ ଜମିଦାରମାନଙ୍କ ଅଧୀନକୁ ଚାଲିଯାଇଥିଲା, ଆତ୍ମସମର୍ପଣ ପରେ ସେଗୁଡ଼ିକୁ ଫେରାଇଦିଆଯିବାର ବ୍ୟବସ୍ଥା କରାଯାଇଥିଲା । ପୁଣି ଗ୍ରେଟଲିଟ ୧୮୬୨ ମସିହା ସେପ୍ଟେମ୍ବର ୨୪ ତାରିଖରେ ତାରଯୋଗେ କଟକ କମିଶନରଙ୍କୁ କଟକ ଓ ସମ୍ବଲପୁର ଜେଲରେ ଥିବା ରାଜନୈତିକ ବନ୍ଦୀମାନଙ୍କୁ ଖଲାସ କରିଦେବା ପାଇଁ ଆଦେଶ ଦେଇଥିଲେ ।

ସରକାରପକ୍ଷଙ୍କ ଆନ୍ତରିକତା ଦେଖି ଅନେକ ବିଦ୍ରୋହୀ ଆତ୍ମସମର୍ପଣ କରିଥିଲେ । ଘୋଷଣା ଅନୁଯାୟୀ ସେମାନଙ୍କର ପୂର୍ବଜମି ଇତ୍ୟାଦି ଭୂସମ୍ପତ୍ତି ଫେରି ପାଇବାର ବ୍ୟବସ୍ଥା କରିଥିଲେ ମେଜର ଇମ୍ପେ । ରାମପୁର ଓ ପାଟକୁଲଣ୍ଡାର ଜମିଦାରମାନେ ଆତ୍ମସମର୍ପଣ ପରେ ସେମାନଙ୍କର ଜମିଦାରୀ ଫେରିପାଇଥିଲେ ।

କିନ୍ତୁ କଟକର ତତ୍କାଳୀନ କମିଶନର ମେଜର ଇମ୍ପେଙ୍କ ଅତ୍ୟଧିକ କୋହଳନୀତି ଉଦ୍ୟୋଗକୁ ସମର୍ଥନ କରିପାରି ନଥିଲେ । ବିଶେଷକରି ବାଜ୍ୟାପ୍ତି

Digitized by srujanika@gmail.com

ହୋଇଥିବା ସମ୍ପତ୍ତିସବୁ ବିଦ୍ରୋହୀମାନଙ୍କ ଆତ୍ମସମର୍ପଣ ପରେ ପୁଣି ସେମାନଙ୍କୁ ଫେରାଇ ଦେବାର ପକ୍ଷପାତୀ ନ ଥିଲେ ସେ । ତାହାଙ୍କ ମତରେ ବିଦ୍ରୋହୀମାନଙ୍କୁ କେବଳ କ୍ଷମା ଦିଆଯିବା ଲାଗି ସର୍ତ୍ତ ହୋଇଥିଲା । ତେଣୁ ୩ଠ ନମ୍ବର ପୋଲିସ ବାଟାଲିଅନ୍‌କୁ ସେଠାରେ ନେଇ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟ ଦେଖିବାପାଇଁ ସେ ସମ୍ବଲପୁର ଯାତ୍ରା କରିଥିଲେ ଓ ଡିସେମ୍ବର ୨୨ ତାରିଖ ଦିନ ସେଠାରେ ପହଞ୍ଚିଥିଲେ ।

ମେଜର ଇମ୍ପେ ବିପ୍ଳବୀମାନଙ୍କର ହୃଦୟ ଜୟ କରିବା ପାଇଁ ପ୍ରବଳ ଉଦ୍ୟମ କରିଥିଲେ । ସୁରେନ୍ଦ୍ର ସାଏଙ୍କ ଜଣେ ବିଶିଷ୍ଟ ସମର୍ଥକ ଓ ଜଣେ ଶକ୍ତିଶାଳୀ ବିଦ୍ରୋହୀ ନେତା– କୋଲାବିରାର ଜମିଦାର କରୁଣାକର ନାଏକ, ଆତ୍ମସମର୍ପଣ କରିଥିଲେ । ତାଙ୍କ ସହ ମଧ୍ୟ ଥିଲେ ତାଙ୍କ ଭାଇ ଖଗ ନାଏକ ଓ ପୁତୁରା କନ୍ଦୋଇ ନାଏକ । ମେଜର ଇମ୍ପେ ସେମାନଙ୍କ ଜମିଦାରୀ ଇତ୍ୟାଦି ଫେରାଇଦେବା ପାଇଁ ସରକାରଙ୍କୁ ଦୃଢ଼ଭାବରେ ଲେଖିଥିଲେ । କିନ୍ତୁ ଭାଗ୍ୟର ବିଡ଼ମ୍ବନା ଇମ୍ପେଙ୍କ ଘୋଷଣାରେ ବିଶ୍ୱାସୀ କରୁଣା ଆତ୍ମସମର୍ପଣ କରିବା ପରେ ପରେ ମେଜର ବେଟ୍‌ସଙ୍କ ଅନୁପସ୍ଥିତିରେ ସେନାବାହିନୀର ସେନାପତି କାର୍ଯ୍ୟ ନିର୍ବାହ କରୁଥିବା ଲେଫ୍‌ଟେନାଣ୍ଟ ରବିନସନ ତାହାଙ୍କର ବିଚାର ପାଇଁ ସମ୍ବଲପୁର ପଠାଇ ଦେଇଥିଲେ । କ୍ଷମା ସର୍ତ୍ତରେ ଆତ୍ମସମର୍ପଣ କରିଥିବା ନ ଜାଣି ଲେଫ୍‌ଟେନାଣ୍ଟ କନ୍‌ଷ୍ଟଣ୍ଟ ଯଥାରୀତି ତାହାଙ୍କ ବିଚାର କରି ଫାଶି ହୁକୁମ୍ ଦେଇଥିଲେ ।

ମେଜର ଷୋର୍ ସମ୍ବଲପୁରରେ ପହଞ୍ଚିବା ବେଳକୁ ଏହା ହୋଇସାରିଥିଲା । ତେଣୁ ଆପାତତଃ ସରକାରଙ୍କ ଘୋଷଣା ଓ ସର୍ତ୍ତ ସରକାରୀ ପକ୍ଷରୁ ହିଁ ଖିଲାପ ହୋଇଯାଇଥିଲା । ଷୋର୍ ଏ ଘଟଣା ପାଇଁ ଦୁଃଖପ୍ରକାଶ କରିବା ବ୍ୟତୀତ ସେତେବେଳକୁ ଅନ୍ୟକିଛି ଉପାୟ ନ ଥିଲା । ଏଣେ ଇମ୍ପେଙ୍କ ପଦକ୍ଷେପରେ ବିପ୍ଳବୀମାନଙ୍କ ଆସ୍ଥା ତୁଟିଯିବା କଥା । ତାହାଙ୍କଠାରୁ ସେ ସମ୍ପର୍କରେ ଗୋଟିଏ ବିବରଣୀ ମାଗିଥିଲେ ମେଜର ଷୋର୍ । ପ୍ରତ୍ୟକ୍ଷ ଅନୁଭୂତି ଅର୍ଜନ କରିବା ପରେ ସେହି ଘଟଣାଟି ତାହାଙ୍କ ମନରେ ବିଶେଷ ପରିବର୍ତ୍ତନ ଆଣିଥିଲା ଓ କରୁଣାକରଙ୍କ ଅନ୍ୟ ୩ ଜଣ ସକ୍ରିୟ ସହକର୍ମୀଙ୍କ ନଥିପତ୍ର ଅନୁଧ୍ୟାନ କରି ସେମାନଙ୍କୁ ଫାଶି ଦଣ୍ଡରୁ ମୁକ୍ତ କରି ଦେଇଥିଲେ । ଘଟିଯାଇଥିବା ଦୁର୍ଘଟଣା ପାଇଁ ବଙ୍ଗ ସରକାର ଗଭୀର ଦୁଃଖ ପ୍ରକାଶ କରିଥିଲେ ଏବଂ ତତ୍ସଙ୍ଗେ ସଙ୍ଗେ ମି. ଷୋର୍ ମେଜର ଇମ୍ପେଙ୍କ ପନ୍ଥା ଉପରେ ସମ୍ପୂର୍ଣ୍ଣ ଆସ୍ଥାବାନ ହୋଇପଡ଼ିଥିଲେ । ସେ ମଧ୍ୟ ଅନୁଭବ କରିଥିଲେ ଯେ, ମେଜର ଇମ୍ପେ ବିଦ୍ରୋହୀମାନଙ୍କ ସହିତ ପ୍ରତ୍ୟକ୍ଷ ଯୋଗସୂତ୍ର ସ୍ଥାପନ କରିବା ଦିଗରେ ଯଥୋପଯୋଗୀ ଚେଷ୍ଟା କରୁଥିଲେ ଓ ସେମାନଙ୍କ ମନ

Digitized by srujanika@gmail.com

ପରିବର୍ତ୍ତନ କରିବା ଦିଗରେ ସଫଳ ଉଦ୍ୟମ କରୁଥିଲେ । ପରିଣାମତଃ ସେ ଆଶା କରିଥିଲେ ଯେ ଯେତେ ଅଧିକ ସଂଖ୍ୟାରେ ବିଦ୍ରୋହୀ ଓ ସେମାନଙ୍କ ନେତୃବୃନ୍ଦଙ୍କ ମନ ପରିବର୍ତ୍ତନ ହୋଇପାରିବ ସେତିକି ପରିମାଣରେ ସୁରେନ୍ଦ୍ର ସାଏ ଦୁର୍ବଳ ହୋଇପଡ଼ିବେ ଓ ବିଦ୍ରୋହାତ୍ମକ ପନ୍ଥା ତ୍ୟାଗ କରିବାପାଇଁ ବାଧ୍ୟହେବେ ।

ମେଜର ଶୋର୍ ସମ୍ବଲପୁରରେ ପହଞ୍ଚିବାର ଛଅ ଦିନ ପରେ ମେଜର ବ୍ରୁଷ୍ଟର୍ ୯ ନମ୍ବର ବାଟାଲିଅନ୍ ସୈନ୍ୟବାହିନୀ ସହିତ ୩୬୦ ଜଣ ସୈନ୍ୟଙ୍କ ନେତୃତ୍ୱନେଇ ସେଠାରେ ପହଞ୍ଚିଥିଲେ । ସମସ୍ତେ ସେଠାରୁ ଠିକ ହୋଇଥିବା ସମ୍ବାଦ ମେଜର ଶୋର୍ ବଙ୍ଗ ସରକାରଙ୍କୁ ସଙ୍ଗେ ସଙ୍ଗେ ଜଣାଇ ଦେଇଥିଲେ । ସେଠିକାର ଅବସ୍ଥା ଅନୁଧ୍ୟାନ କରି ସେ ଆଶା କରିଥିଲେ ଯେ, କ୍ରମଶଃ ସବୁ ବିଦ୍ରୋହୀନେତା ଆତ୍ମସମର୍ପଣ କରିବେ । ତେଣୁ ହାତରେ ଯଥେଷ୍ଟ ସଂଖ୍ୟାରେ ସୈନ୍ୟ ଥିଲେ ମଧ୍ୟ ବିଦ୍ରୋହୀମାନଙ୍କ ବିରୁଦ୍ଧରେ ସୈନ୍ୟଚାଳନା କିଛିକାଳ ଲାଗି ସ୍ଥଗିତ ରଖିବା ନିଷ୍ପତ୍ତି ସେ ନେଇଥିଲେ । ଆହୁରି ସେ ମଧ୍ୟ ଲକ୍ଷ୍ୟ କରିଥିଲେ ଯେ, ସମ୍ବଲପୁରର ଜନସାଧାରଣ କ୍ରମଶଃ ମେଜର ଇମ୍ପେଙ୍କ ଉପରେ ଆସ୍ଥା ସ୍ଥାପନ କରୁଥିଲେ । ତେଣୁ ଉକ୍ତ ଅଞ୍ଚଳରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ସଙ୍ଗେ ସଙ୍ଗେ ସରକାରଙ୍କ ପ୍ରତି ଜନସାଧାରଣଙ୍କ ଆନୁଗତ୍ୟ ରକ୍ଷା କରାଯିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯିବା ଦୃଷ୍ଟିରୁ ଆତ୍ମସମର୍ପଣ କରିଥିବା ବିଦ୍ରୋହୀ-ମାନଙ୍କୁ ଭୂମିବୃତ୍ତି ଫେରାଇ ଦିଆଯିବା ଆବଶ୍ୟକ ବୋଲି ସେ ମଧ୍ୟ ହୃଦ୍‌ବୋଧ କରିଥିଲେ ।

ବିଦ୍ରୋହସହ ସଂଯୁକ୍ତ ହୋଇ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ପ୍ରକାର ପଦକ୍ଷେପ ନେଇଥିବାହେତୁ ଅନେକଙ୍କର ଭୂସମ୍ପତ୍ତି ଦଣ୍ଡସ୍ୱରୂପ ଅନ୍ୟ ଜମିଦାର-ମାନଙ୍କ ସହିତ ବନ୍ଦୋବସ୍ତ ହୋଇଯାଇଥିଲା । ସେହି ବିଦ୍ରୋହୀମାନେ ଆତ୍ମସମର୍ପଣ କରିସାରିବା ପରେ ସେମାନଙ୍କୁ ସେମାନଙ୍କର ପୂର୍ବ ସମ୍ପତ୍ତି ସବୁ ଫେରାଇ ଦିଆଯାଇଥିଲା । ସେହିଭଳି ଭାବରେ ମେଜର ଫରେଷ୍ଟରଙ୍କ ଅମଳରେ ନିଜ ନିଜର ଭୂସମ୍ପତ୍ତି ହରାଇଥିବା କୋଲାବିରା, ଖରସଲେ, କୁର୍ଟା, ଘେଡ଼େନ୍ ପ୍ରଭୃତି ଜମିଦାରମାନେ ପୁଣି ସେମାନଙ୍କ ଜମିଦାରୀ ଫେରି ପାଇଥିଲେ । ତେଣୁ ମେଜର ଇମ୍ପେଙ୍କ ଶାନ୍ତିପୂର୍ଣ୍ଣ ପନ୍ଥା କ୍ରମଶଃ ଅଧିକରୁ ଅଧିକ ପ୍ରସାରିତ ହୋଇଥିଲା କହିଲେ ଚଳେ । ବିଦ୍ରୋହର ମୁଖ୍ୟ ନେତାମାନଙ୍କୁ ମେଜର ଇମ୍ପେ ନୂଆ ନୂଆ ବୃତ୍ତି ଖଞ୍ଜି ଦେଇ ନିଜ ପକ୍ଷଭୁକ୍ତ କରି ନେଉଥିଲେ । ବିଦ୍ରୋହୀମାନଙ୍କ ଆଡ୍ଡାସ୍ଥଳୀ-ଗୁଡ଼ିକୁ ବିଶ୍ୱାସୀ ବାର୍ତ୍ତାବହମାନଙ୍କୁ ପଠାଇ ସେମାନଙ୍କ ସହ କଥାବାର୍ତ୍ତା କରୁଥିଲେ ଓ ଆତ୍ମସମର୍ପଣ ପାଇଁ ପଥ ସୁଗମ କରୁଥିଲେ ।

Digitized by srujanika@gmail.com

ଯେଉଁମାନେ ବିପ୍ଳବୀମାନଙ୍କ ସପକ୍ଷବାଦୀ ଥିଲେ ସେମାନେ ସଂଖ୍ୟାତ୍ମକ ଦୃଷ୍ଟିରୁ ଥିଲେ ଅତି ଅଳ୍ପ । ସେହିଭଳି ଭାବରେ ଆତ୍ମଗୋପନ କରି ବିପ୍ଳବୀଭାବରେ ରହିବା ଲାଗି ଇଚ୍ଛା କରିବାର କାରଣ ସେମାନଙ୍କ ପାଇଁ ଥିଲା ନିଷ୍ପ୍ରୟ । ସେମାନଙ୍କ ପୂର୍ବପୁରୁଷମାନେ ଇଂରେଜମାନଙ୍କ ଦ୍ୱାରା ଧରାହୋଇ ଫାଶି ପାଇଥିଲେ । ତେଣୁ ଅତିଶୀଘ୍ର ସେମାନଙ୍କ ପ୍ରତିହିଂସାଶୀଳ ମନ ପରିବର୍ତ୍ତିତ ହୋଇ ପାରୁ ନଥିଲା । ସେହିଭଳି ବିପ୍ଳବୀମାନଙ୍କ ମଧ୍ୟରେ ଘେଁସର ଫାଶି ପାଇଥିବା ଜମିଦାରଙ୍କ ଜ୍ୟେଷ୍ଠପୁତ୍ର ହାଟ୍ଟିସିଂହ ଓ ତାଙ୍କ ଭାଇ କୁଞ୍ଜଲ ସିଂହ, ଲକ୍ଷ୍ମଣପୁରର ନିହତ ଜମିଦାର ବଳଭଦ୍ର ସିଂହଦେଓଙ୍କ ପୁତ୍ର କମଳ ସିଂହ ଓ ସ୍ୱଭ୍ରୁର ଖଗେଶ୍ୱର ଦାଓ ଥିଲେ ପ୍ରଧାନ । ଉତ୍ୟକ୍ତ ବିପ୍ଳବୀମାନେ ସେମାନଙ୍କ ବିରୋଧ କରୁଥିବା ଲୋକମାନଙ୍କୁ ହତ୍ୟା କରିବା ପାଇଁ ମଧ୍ୟ ପଶ୍ଚାଦ୍‌ପଦ ହେଉ ନଥିଲେ ।

ସାଏ ପରିବାର ମଧ୍ୟରୁ ପ୍ରଥମେ ସୁରେନ୍ଦ୍ର ସାଏ ପୁତ୍ର ମିତ୍ରଭାନୁ ସାଏ କ୍ଷମା ଘୋଷଣା ପରେ ସର୍ବପ୍ରଥମେ ଆତ୍ମସମର୍ପଣ କରିଥିଲେ । ଜାନୁୟାରୀ ୧୮୬୨ ମସିହା ୭ ତାରିଖ ଦିନ ସେ ପ୍ରଥମେ ମେଜର ଇମ୍ପେଙ୍କ ସହ ସାକ୍ଷାତ କରିଥିଲେ ଏବଂ ସେ ତାହାଙ୍କୁ ସାଦରେ ସ୍ୱାଗତ କରିଥିଲେ । ମେଜର ଷୋରଙ୍କୁ ସେ ସେଇ-ଦିନ ପତ୍ରଲେଖି ସେକଥା ଜଣାଇ ଦେଇଥିଲେ ସେଥିରେ ସେ ଲେଖିଥିଲେ ଯେ ଆତ୍ମସମର୍ପଣ ତାହାଙ୍କର ଆନୁଗତ୍ୟତା ପ୍ରମାଣ କରାଇ ଦେବାଲାଗି ବ୍ରହ୍ମପୁର ମନ୍ଦିରରେ ଶପଥନେବା ପାଇଁ ମିତ୍ରଭାନୁ ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ମେଜର ଇମ୍ପେ ମଧ୍ୟ ମିତ୍ରଭାନୁଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ ଆନ୍ଦୋଳନ ପୂର୍ବରୁ ସେମାନଙ୍କ ଭୋଗ ଦଖଲରେ ଥିବା ଦୁଇଟି ଗ୍ରାମ ସେ ଫେରି ପାଇବେ ।

ଇତି ମଧ୍ୟରେ ମେଜର ଫଷ୍ଟରଙ୍କ ସହ ଉଦନ୍ତ ସାଏ କଥାବାର୍ତ୍ତା ଆରମ୍ଭ କରିଥିଲେ । କିନ୍ତୁ ସେ ମନେ ମନେ ଆଶଙ୍କା କରୁଥିଲେ ହୁଏତ ଆତ୍ମ ସମର୍ପଣ କରିବାକୁ ଯିବା ସମୟରେ ମେଜର ସାହେବ ତାହାଙ୍କୁ ଗିରଫ କରି ବନ୍ଦୀ କରିନେବେ, ତାହାଙ୍କର ସେହିଭଳି ମନୋଭାବର ସୂଚନା ପାଇ ମି ଷୋର ଗୋଟିଏ ପରୱାନାରେ ତାହାଙ୍କ ସହ ଦେଖା ସାକ୍ଷାତ କରିବାଲାଗି ନିର୍ଦ୍ଦେଶ ଦେଇଥିଲେ । ସେଥିରେ ସେ ସ୍ପଷ୍ଟ ଉଲ୍ଲେଖ କରିଥିଲେ ଯେ ତାହାଙ୍କ ସହ ସାକ୍ଷାତ ଆଲୋଚନାରେ ମିଳାମିଶା ପ୍ରସଙ୍ଗ ବ୍ୟର୍ଥ ହେଲେ ସେ ନିରାପଦରେ ପୁଣି ଫେରିଯାଇପାରିବେ କିନ୍ତୁ ତଥାପି ଉଦନ୍ତ ସାଏ ସେଥିରେ ଆସ୍ଥାସ୍ଥାପନ କରିପାରି ନଥିଲେ, ତେଣୁ ଯେଉଁମାନେ ବିଦ୍ରୋହୀମାନଙ୍କୁ ପ୍ରବର୍ତ୍ତିନା କରିବାପାଇଁ ଯାଇଥିଲେ ସେମାନେ ବିଫଳ ମନୋରଥ ହୋଇ ଫେରି ଆସିବାକୁ ହୋଇଥିଲା । ସେମାନେ ଫେରିବା-ପରେ ବିଦ୍ରୋହୀମାନଙ୍କ ମତିଗତି ସମ୍ପର୍କରେ ପ୍ରକାଶ କରିଥିଲେ ଯେ ପୁଣିଥରେ

Digitized by srujanika@gmail.com

ଦେଶୀୟ ଶାସନ ପ୍ରବର୍ତ୍ତିତ ନହେଲେ ହୁଏତ ସେମାନେ ଆତ୍ମ ସମର୍ପଣ କରିବା ପାଇଁ ଆସିବେ ନାହିଁ ।

କିନ୍ତୁ ଉଦନ୍ତ ସାଏଙ୍କ ସେ ଦୃଢ଼ତା ଦୀର୍ଘକାଳ ସ୍ଥାୟୀ ହୋଇପାରି ନ ଥିଲା । ମିତ୍ରଭାନୁ ଆତ୍ମସମର୍ପଣ କରିବାର ଦଶଦିନ ପରେ ସେ ମଧ୍ୟ ଆତ୍ମସମର୍ପଣ କରିଥିଲେ ଧ୍ରୁବ ସାଏଙ୍କ ସହ ।

ସୁରେନ୍ଦ୍ର ସାଏଙ୍କ ଅନୁଜମାନେ ଭାଇ ଧ୍ରୁବ ସାଏ ଖୁବ୍ ଦୁଃଖ କଷ୍ଟରେ ଚଳୁଥିଲେ । ଦୀର୍ଘକାଳ ଇଂରେଜ ସରକାରଙ୍କ ସହ ସଂଗ୍ରାମରେ ଜଡ଼ିତ ରହି ସମସ୍ତ ସମ୍ପତ୍ତି ହରାଇ ସାରିଥିଲେ । ଦୀର୍ଘକାଳ ଭେକ ଉପାସରେ ରହି ଗ୍ରାମ ଜନପଦଠାରୁ ଦୂରେଇ ଏକ ପ୍ରକାର ଜଙ୍ଗଲୀ ଜୀବନ ଯାପନ କରି ସବୁ ଦିଗରେ ବିଫଳତାକୁ ହିଁ ଆପଣାର କରିବା ସାର ହୋଇଥିଲା । ତାହାଙ୍କର ପରିବାର ଶ୍ରେଷ୍ଠ ନଥିଲା । ପରିବାରର ସଭ୍ୟମାନେ ଇମ୍ପେଙ୍କ ସନ୍ଧି ଗ୍ରହଣ କରିବା ପାଇଁ ଧ୍ରୁବ ସାଏଙ୍କୁ ଏକ ପ୍ରକାର ବାଧ୍ୟ କରିଥିଲେ ।

ଉଦନ୍ତ ସାଏ ଓ ଧ୍ରୁବ ସାଏ ଆତ୍ମ ସମର୍ପଣ କରିବା ଯୋଗୁଁ ବାମଣ୍ଡାର ଜଣେ ନେତା କୃପାସିନ୍ଧୁ ବେହେରା ମଧ୍ୟ ଆତ୍ମସମର୍ପଣ କରିଥିଲେ ।

ସମ୍ବଲପୁର ଜିଲ୍ଲାର ଉତ୍ତରାଞ୍ଚଳରେ ବିଦ୍ରୋହ ପରିଚାଳନା ଦାୟିତ୍ୱ ନେଇଥିଲେ ଉଦନ୍ତ ସାଏ ଓ ଦକ୍ଷିଣାଞ୍ଚଳରେ ଥିଲେ ନିଜେ ସୁରେନ୍ଦ୍ର ସାଏ । ଉଦନ୍ତ ସାଏ ଆତ୍ମସମର୍ପଣ କରିବା ପରେ ତାହାଙ୍କ ଗତିବିଧିରେ କୌଣସି ପ୍ରକାର କଟକଣା ଜାରିକରାଯାଇ ନ ଥିଲା । ସେ ଦୀର୍ଘକାଳ ଧରି ଅନ୍ୟ ନେତାମାନଙ୍କ ଆତ୍ମ ସମର୍ପଣ ସମ୍ପର୍କରେ କଥାବାର୍ତ୍ତା ଚଳାଇଥିଲେ । ତାହାଙ୍କୁ ନିର୍ଭର ପ୍ରତିଶ୍ରୁତି ଦିଆଯାଇଥିଲା ଯେ ଆତ୍ମ ସମର୍ପଣ ପରେ ସରକାର ସୁରେନ୍ଦ୍ର ସାଏଙ୍କ ବିରୁଦ୍ଧରେ କିମ୍ବା ନିଜ:ଲେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ ।

ବିଦ୍ରୋହୀ ନେତା ସୁରେନ୍ଦ୍ର ସାଏ ଓ ମେଜର ଇମ୍ପେଙ୍କ ମଧ୍ୟରେ ପ୍ରଧାନ ଯୋଗସୂତ୍ରକାରୀ ନେତା ଥିଲେ ଉଦନ୍ତ ସାଏ ।

ଉଦନ୍ତ ସାଏ ଆତ୍ମସମର୍ପଣ କରିବା ପରେ ପରେ ମେଜର ଇମ୍ପେଙ୍କ କାର୍ଯ୍ୟ ଅଧିକ ସହଜ ହୋଇଯାଇଥିଲା ଓ ଏକାକୀ ସେ କାର୍ଯ୍ୟ କରିବା ପାଇଁ ଯେତିକି ସମୟ ଲାଗିଥାନ୍ତା ତାଠାରୁ ଯଥେଷ୍ଟ କମ୍ ସମୟ ମଧ୍ୟରେ ଅନେକ ସୁଫଳ ମିଳିଥିଲା । ଉଦନ୍ତ ସାଏ ବିପ୍ଳବୀ ଦଳର ପ୍ରମୁଖ ନେତା ଯେପରି ପୂର୍ବତନ ଜମିଦାର ହାତୀସିଂହ, ତାଙ୍କ ଭାଇ କୁଞ୍ଜଳ ସିଂହ, ନଗେଶ୍ୱର ଦାଓ, କମଳ ସିଂହ ଓ ପାହାଡ଼

Digitized by srujanika@gmail.com

ଶ୍ରୀଗିଡ଼ାର ଜମିଦାର ଜନାର୍ଦ୍ଦନ ସିଂହଙ୍କ ସହିତ ସାକ୍ଷାତ କରିଥିଲେ ଓ ଆତ୍ମସମର୍ପଣ ପାଇଁ ମଧ୍ୟ ପ୍ରବର୍ତ୍ତିନା ଦେଇଥିଲେ । ପ୍ରବଳ ପରାକ୍ରମୀ ଓ ସୁରେନ୍ଦ୍ର ସାଏଙ୍କ ଜଣେ ଅନ୍ତରଙ୍ଗ ସହକର୍ମୀ ହାତୀସିଂହ ତାହାଙ୍କ ସହ ସମମତାବଲମ୍ବୀ ହୋଇ ଆତ୍ମସମର୍ପଣ କରିଥିଲେ । ତାପରେ ତାହାଙ୍କ ଦେଁସ ଜମିଦାରୀ ଫେରାଇ ଦିଆଯାଇଥିଲା ।

ବିଶିଷ୍ଟ ବିଦ୍ରୋହୀ ନେତାମାନଙ୍କ ଆତ୍ମସମର୍ପଣର ସମ୍ବାଦ ପାଇବା ପରେ ବଙ୍ଗଳାର ଛୋଟଲାଟ ତାରଯୋଗେ ଜଣାଇଦେଇଥିଲେ ଯେ ନଅ ନମ୍ବର ପୋଲିସବାହିନୀକୁ ଆଉ ଅଧିକକାଳ ସମ୍ବଲପୁରରେ ରଖିବାର କୌଣସି ଆବଶ୍ୟକତା ନ ଥିଲା । ତେଣୁ ସେହି ଅନୁଯାୟୀ ମେଜର ଫୋର୍ ସେହି ସୈନ୍ୟମାନଙ୍କ ସହିତ ମେଜର ଘଟରଙ୍କୁ ସମ୍ବଲପୁରରୁ ପ୍ରସ୍ଥାନ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ପୁଣି ସେତେବେଳେ ଉଦନ୍ତ ସାଏଙ୍କ ପ୍ରରୋଚନାକ୍ରମେ ହାତୀସିଂହ ଆତ୍ମସମର୍ପଣ କରିଥିଲେ । ତାପରେ ସେ ନିଜେ ଆଉ ସମ୍ବଲପୁରରେ ଅଧିକକାଳ ରହିବାର ମଧ୍ୟ ଆବଶ୍ୟକତା ଅନୁଭବ କରି ନ ଥିଲେ । ତେଣୁ ଫେବୃୟାରୀ ୨୦ ତାରିଖ ଦିନ ଲେଫ୍‌ଟନାଣ୍ଟ ଡୋଲମେଗଙ୍କ ନେତୃତ୍ୱରେ ଆଠନମ୍ବର ପୋଲିସବାହିନୀର ଦଳେ ସୈନ୍ୟଙ୍କ ସହିତ ସେ କଟକ ଅଭିମୁଖେ ଯାତ୍ରା କରିଥିଲେ ।

କିନ୍ତୁ ଇଂରେଜ ସରକାରୀ କର୍ତ୍ତୃପକ୍ଷଙ୍କ ଆଶା ଆଶାରେ ହିଁ ରହିଯାଇଥିଲା ଦୀର୍ଘକାଳ ପର୍ଯ୍ୟନ୍ତ । ତଥାପି ଯେତେ ବିଳମ୍ବ ହେଲେ ମଧ୍ୟ ମେଜର ଇମ୍ପେ ବିଶ୍ୱାସ କରୁଥିଲେ ଯେ ସୁରେନ୍ଦ୍ର ସାଏ ନିଶ୍ଚୟ ଆତ୍ମସମର୍ପଣ କରିବେ ଏବଂ ସେହି ଆଶାରେ, ନିକଟରେ ଯଥେଷ୍ଟ ସୈନ୍ୟ ଥାଇ ମଧ୍ୟ ସେ ବିଦ୍ରୋହୀମାନଙ୍କୁ ଦେଖିଲାଗି ନିଯୁକ୍ତ କରି ନ ଥିଲେ । କାରଣ ସେ ଯଥାର୍ଥରେ ମନେକରୁଥିଲେ ହୁଏତ ସେପରି କରାଯିବା ଫଳରେ ବିଦ୍ରୋହୀମାନେ ଉତ୍ତ୍ୟକ୍ତ ହୋଇ ଉଠିବେ ଏବଂ ପରିଣାମରେ ସେମାନଙ୍କୁ ଜବଦ୍ କରିବା ପୁଣି ଏକ ଗୁରୁତର ସମସ୍ୟା ହୋଇପଡ଼ିବ ।

ମେଜର ଇମ୍ପେଙ୍କ ଆଶା ସତକୁ ସତ ଫଳବତୀ ହୋଇଥିଲା ।

ବିପ୍ଳବରତ ଥିବା ସମୟରେ ସୁରେନ୍ଦ୍ର ସାଏଙ୍କ ସହକର୍ମୀ ଓ ବଳିଷ୍ଠ ସମର୍ଥକ ତଥା ବିଦ୍ରୋହୀ ନେତା ଦୁଇଜଣଙ୍କୁ ମେଜର ଇମ୍ପେ ଶାନ୍ତିପୂର୍ଣ୍ଣଭାବେ ନିଜ କାର୍ଯ୍ୟ ସାଧନରେ ନିଯୁକ୍ତ କରିଥିଲେ । ସେହି ପଦକ୍ଷେପରେ ସେ କୃତକାର୍ଯ୍ୟ ହୋଇଥିଲେ । ସେମାନଙ୍କର ପ୍ରବର୍ତ୍ତିନା ଓ ପ୍ରରୋଚନା ସୁରେନ୍ଦ୍ର ସାଏଙ୍କ ମନରେ ଭାବାନ୍ତର ସୃଷ୍ଟି କରିଥିଲା । ସେ ଯଥାର୍ଥରେ ହୃଦୟଙ୍ଗମ କରିପାରିଥିଲେ

Digitized by srujanika@gmail.com

ଯେ ଇଂରେଜ ସରକାର ଯେତେ ଅଧିକ ସଂଖ୍ୟାରେ ସୈନ୍ୟ ସମ୍ବଲପୁରରେ ଠୁଳ କରିବାକୁ ଇଚ୍ଛା କରିବେ ସେଇ ପରିସ୍ଥିତିରେ ସେ ସେତିକି ଠୁଳ କରିପାରିବେ । କାରଣ ସାରା ଭାରତରେ ସିପାହୀ ବିଦ୍ରୋହର ଶିଖା ସମ୍ପୂର୍ଣ୍ଣ ନିମୀଳିତ ହୋଇ ଯାଇଥିଲା ସେତିକି ବେଳକୁ । ପୁଣି ଆଦିମ କାଳର ଅସ୍ତ୍ରଶସ୍ତ୍ର ନେଇ ଆଧୁନିକ ଗୁଳି-ଗୋଳା-କମାଣ ସହ ଯୁଦ୍ଧ କରିବା ହୁଏତ ସମ୍ଭବପର ନୁହେଁ । ସବୁଠାରୁ ଉଲ୍ଲେଖଯୋଗ୍ୟ ଯେଉଁ ନେତାମାନେ ତାହାଙ୍କସହ ହାତ ମିଳାଇ ତାହାଙ୍କୁ ସାହସ ତଥା ଶକ୍ତି ଯୋଗାଉଥିଲେ, ଜଣ ଜଣ କରି ସେମାନେ ଆତ୍ମସମର୍ପଣ କରିସାରିଥିଲେ । ତେଣୁ ଏକାକୀ ପରାକ୍ରମୀ ଇଂରେଜ ସରକାରଙ୍କ ସହ ସଂଗ୍ରାମ ଚଳାଇବା ସମ୍ଭବପର ନ ଥିଲା ।

ତେଣେ ମେଜର ଇମ୍ପେ କ୍ରମାଗତଭାବେ ଉଦ୍ୟମ ଚଳାଇଥିଲେ ସୁରେନ୍ଦ୍ର ସାଏଙ୍କୁ ନିଜପକ୍ଷକୁ ଟାଣିଆଣିବା ପାଇଁ । ପରିଶେଷରେ ପୁଣି ସେଇ ପୁରୁଣା ସର୍ତ୍ତ ସହ ସନ୍ଧି କରିବାପାଇଁ ମଇ ତିନ ତାରିଖରେ ସେ ଲେଖିଥିଲେ ଯେ ତାହାଙ୍କର ଦାବୀ ସମ୍ବଲପୁର ରାଜସିଂହାସନ । ଯଦି ଇମ୍ପେ ତାହାକୁ ସ୍ୱୀକାର କରନ୍ତି ତାହେଲେ ସେ ଆତ୍ମସମର୍ପଣ କରିବାକୁ ପ୍ରସ୍ତୁତ ଅଛନ୍ତି ।

ଇମ୍ପେଙ୍କ ଆଶା ଏକ ନୂତନ ରୂପ ଧାରଣ କରିଥିଲା, କାରଣ ସୁରେନ୍ଦ୍ର ସାଏ କଥାବାର୍ତ୍ତା କରିବା ଲାଗି ପ୍ରସ୍ତୁତ ହୋଇଥିବା କଥା ସେଥିରୁ ସେ ଯଥାର୍ଥ ଅନୁମାନ କରିପାରିଥିଲେ । ତେଣୁ ତତ୍ପରତାର ସହ ପୋଲିସ୍ ଜମାଦାର ରାଜକୁମାର ମିଶ୍ରଙ୍କ ହାତରେ ଖଣ୍ଡିଏ ପତ୍ର ଲେଖି ତାହାଙ୍କ ନିକଟକୁ ପଠାଇଥିଲେ । ସେଥିରେ ସେ ଉଲ୍ଲେଖ କରିଥିଲେ ଯେ, ସମ୍ବଲପୁରର ଦେଶୀୟ ଶାସନ ପ୍ରତିଷ୍ଠା ଆଉ କଦାପି ସମ୍ଭବପର ନୁହେଁ । ତେଣୁ ସିଂହାସନ ଆଶା ପ୍ରଥମେ ତାହାଙ୍କୁ ତ୍ୟାଗ କରିବାକୁ ହେବ । ସେ ସେଥିରେ ତାହାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇ ଲେଖିଥିଲେ ଯେ, ଆତ୍ମସମର୍ପଣ କଲେ ସରକାର ଉଦାରତାର ସହିତ ତାହାଙ୍କର ଭରଣପୋଷଣର ବ୍ୟବସ୍ଥା କରିବେ । ପୁଣି ତାହାଙ୍କ ସହିତ ଅଧିକ କଥାବାର୍ତ୍ତା କରିବା ପାଇଁ ଜଣେ ବିଶ୍ୱସ୍ତ ଗୁମାସ୍ତାଙ୍କୁ ଉଦନ୍ତ ସାଏଙ୍କ ସହିତ ପ୍ରେରଣ କରିଥିଲେ ।

ପରିଶେଷରେ ସୁରେନ୍ଦ୍ର ସାଏ ମେଜର ଇମ୍ପେଙ୍କ ସହ ଏକମତ ହୋଇଥିଲେ । କିନ୍ତୁ ତଥାପି ଆତ୍ମସମର୍ପଣ ପାଇଁ ଆହୁରି ଗୋଟିଏ ପ୍ରତିବନ୍ଧକ ଥିବାକଥା ସେ ଜଣାଇଥିଲେ ଏବଂ ତାହାହିଁ ଥିଲା ତାଙ୍କର ସର୍ବଶେଷ ସର୍ତ୍ତ । ସେହି ସର୍ତ୍ତଟି ଥିଲା, ତାହାଙ୍କ ଦ୍ୱାରା ନିଯୁକ୍ତ କମଲସିଂହଙ୍କ ନେତୃତ୍ୱରେ ଯେଉଁମାନେ ସେତେବେଳ ସୁଦ୍ଧା ଆତ୍ମସମର୍ପଣ ନ କରି ବିଦ୍ରୋହାତ୍ମକ କାର୍ଯ୍ୟରେ ଲିପ୍ତ ଥିଲେ, ସେମାନଙ୍କ ବାକିଆ ଦରମା ଦେବାକୁ ହେବ । ଏବଂ ସେଥିପାଇଁ ସେତେବେଳେ ତାହାଙ୍କ

Digitized by srujanika@gmail.com

ନିକଟରେ ଅର୍ଥର ଘୋର ଅଭାବ ଥିବା କଥା ସେ ଦର୍ଶାଇଥିଲେ । ସେ ସମ୍ବାଦ ପାଇ ପ୍ରକୃତରେ ଶାନ୍ତିକାମୀ ମେଜର ଇମ୍ପେ ସଙ୍ଗେ ସଙ୍ଗେ କମଲ ସିଂହ ଓ ସେମାନଙ୍କ ଦଳର ସଭ୍ୟମାନଙ୍କ ପାଇଁ ପାଞ୍ଚଶହ ଟଙ୍କା ପଠାଇ ଦେଇଥିଲେ ।

ତା'ପରେ ସୁରେନ୍ଦ୍ର ସାଏଙ୍କ ଆତ୍ମସମର୍ପଣ ପଥରେ ଆଉ କିଛି ପ୍ରତିବନ୍ଧକ ନଥିଲା କିମ୍ବା ଅଯଥା ସମସ୍ତ ବିଳମ୍ବ କରିବାରେ ମଧ୍ୟ ଯୁକ୍ତିଯୁକ୍ତ କାରଣ ନଥିଲା । ସୁରେନ୍ଦ୍ର ସାଏ ଆତ୍ମସମର୍ପଣର ନିର୍ଦ୍ଦିଷ୍ଟ ଦିନ ଜଣାଇ ଦେଇଥିଲେ ।

ସେହି ଦିନଟି ହିଁ ଥିଲା ମେଜର ଇମ୍ପେଙ୍କ ପାଇଁ ବହୁ ଆକାଙ୍କ୍ଷିତ ଦିନ, ସେହି ମୁହୂର୍ତ୍ତ ହିଁ ଥିଲା ମେଜରଙ୍କ ଜୀବନର ଏକ ଅବିସ୍ମରଣୀୟ ମୁହୂର୍ତ୍ତ ।

ସେତେବେଳକୁ ଭୀଷଣ ଭାବରେ ବର୍ଷା ହେଉଥିଲା । ଆକାଶରେ କଳା ମେଘର ଅପୂର୍ବ ସମ୍ଭାର । ସମ୍ବଲପୁର ସହରର ଅନତି ଦୂରରେ ମେଜର ଇମ୍ପେଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ ସଂଗ୍ରାମୀ ସୁରେନ୍ଦ୍ର ସାଏ । ଦୀର୍ଘକାଳ ଧରି ଗ୍ରୁଳି ଆସିଥିବା ବିଦ୍ରୋହ ବର୍ଷାପାଣି ସହ ମିଶି ପୃଥିବୀ ବକ୍ଷରେ ମିଳେଇଯାଇଥିଲା ।

ଇଂରେଜମାନଙ୍କ ହୃଦୟରେ ଶିହରଣ ଅଣାଇପାରୁଥିବା ମହାନ୍ ବିପ୍ଳବୀ ନେତା ସୁରେନ୍ଦ୍ର ସାଏଙ୍କୁ ସାଦର ଅଭିବାଦନ ଜଣାଇଥିଲେ ମେଜର ଇମ୍ପେ । କିନ୍ତୁ ସେତେବେଳେ ଖୁବ୍ ଚଞ୍ଚଳମନା ଥିଲେ ସୁରେନ୍ଦ୍ର ସାଏ । ସେ ହୁଏତ ସ୍ଥିର କରି ମଧ୍ୟ ସ୍ଥିରକରି ପାରୁ ନଥିଲେ ଆତ୍ମସମର୍ପଣ କରି ସେ ଠିକ୍ କରିଛନ୍ତି କି ଭୁଲ୍ କରିଛନ୍ତି ।

ତାହାଙ୍କ ସହିତ ମଧ୍ୟ ଆତ୍ମସମର୍ପଣ କରିଥିଲେ ପିତୃବ୍ୟ ଓ ଘନିଷ୍ଠ ସହକର୍ମୀ ଗଜରାଜ ସିଂହ, ଖଗେଶ୍ୱର ଦାଓ, ଖଡ଼େଶ୍ୱର ଏବଂ ଫତେ ସିଂହ ପ୍ରମୁଖମାନେ । ଏମାନେ ସମସ୍ତେ ବ୍ରହ୍ମପୁରା ମନ୍ଦିରରେ ଆନୁଗତ୍ୟତାର ପ୍ରମାଣ ସ୍ୱରୂପ ଏକ ଶପଥ ପାଠ କରିଥିଲେ ।

ତାହା ଥିଲା ଇଂରେଜ ସରକାରଙ୍କ ପାଇଁ ଏକ ଚରମ ବିଜୟ । ସଙ୍ଗେ ସଙ୍ଗେ ସେ ସମ୍ବାଦ ବଡ଼ଲାଟଙ୍କ ସମେତ ସବୁ ଇଂରେଜ ହାକିମମାନଙ୍କ ନିକଟକୁ ପ୍ରେରଣ କରାଯାଇଥିଲା । ଚିଫ୍ କମିଶନର ମେଜର ଇମ୍ପେଙ୍କ କାର୍ଯ୍ୟର ପ୍ରବଳ ପ୍ରଶଂସା ମଧ୍ୟ କରିଥିଲେ ।

Digitized by srujanika@gmail.com

ଶାନ୍ତି-କପୋତ ସନ୍ଧାନରେ

ସୁରେନ୍ଦ୍ର ସାଏ ଆତ୍ମସମର୍ପଣ କରି ସାରିବା ପରେ କମ୍ପାନୀ ସରକାର ବିଦ୍ରୋହୀମାନେ ଆତ୍ମ ସମର୍ପଣ କରିଥିଲେ ବୋଲି ଧରି ନେଇଥିଲେ ମଧ୍ଯ ପ୍ରକୃତରେ ତାହା ହୋଇ ନଥିଲା । ସେତେବେଳେ ଘୁଙ୍କା ଘେଁସ ଜମିଦାର ହାତୀସିଂହଙ୍କ ଭାଇ ଜଣେ ପ୍ରବୀଣ ବିପ୍ଳବୀ କୁଞ୍ଜଳସିଂହ ଏବଂ ଲକ୍ଷ୍ମଣପୁରର ଫାଶି ପାଇଥିବା ଜମିଦାର ରାଜରାଜସିଂହଙ୍କ ପୁଅ କମଳ ସିଂହ ତଥାପି ଆତ୍ମ ସମର୍ପଣ କରି ନଥିଲେ । ପ୍ରକୃତରେ ସୁରେନ୍ଦ୍ର ସାଏ ଆତ୍ମ ସମର୍ପଣ କରିବା ବେଳକୁ କୁଞ୍ଜଳ ସିଂହ ଗୁରୁତର ଭାବେ ଅସୁସ୍ଥ ଥିବାରୁ ଆସିପାରି ନଥିଲେ, କିନ୍ତୁ ମେଜର ଇମ୍ପେ ଧରି ନେଇଥିଲେ ସେ ଆତ୍ମ ସମର୍ପଣ କରିଛନ୍ତି, କିନ୍ତୁ ସେଭଳି କିଛିଦିନ ବିତିଯିବା ପରେ ସେ ଆଉ ଆତ୍ମ ସମର୍ପଣ କରିବାକୁ ପସନ୍ଦ କରି ନଥିଲେ । କମଳସିଂହ କିନ୍ତୁ ଆଦୌ ନିଜକୁ ସମର୍ପଣ କରିବାକୁ ଇଚ୍ଛୁକ ନଥିଲେ । ତେଣୁ ଅନ୍ୟମାନେ ଆତ୍ମ ସମର୍ପଣ କରିବା ପରେ କମଳସିଂହଙ୍କ ଦଳ ସମ୍ବଲପୁର ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକ ଗ୍ରୀଡ଼ ଚ୍ଛାଲିବା ପାଇଁ ସ୍ଥିର କରିଥିଲେ ।

ଉଲ୍ଲେଖଯୋଗ୍ୟ ଯେ, ବିପ୍ଳବୀମାନେ ତଥା ସେମାନଙ୍କ ଅନୁଗାମୀମାନେ ପ୍ରଥମ ଅବସ୍ଥାରେ ଇଂରେଜମାନଙ୍କୁ ଅପମାନିତ କରିବା ଓ ରାଜ୍ୟରୁ ତଡ଼ିବା ଉଦ୍ଦେଶ୍ୟକୁ ମୁଖ୍ୟସ୍ଥାନ ଦେଇଥିଲେ ଓ କେବଳ ସେହି ଉଦ୍ଦେଶ୍ୟକୁ ଶେଷ ପର୍ଯ୍ୟନ୍ତ ବଜାୟ ରଖିଥିଲେ; କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକ ଶେଷ ପର୍ଯ୍ୟାୟରେ ନିଜକୁ ବଞ୍ଚାଇ ରଖିବା ଲାଗି ଲୁଣ୍ଠନ, ଡକାୟତି କରିବାଲାଗି ବାଧ୍ୟ ହୋଇଥିଲେ । କାଳକ୍ରମେ ତାହା ହିଁ ଅନେକଙ୍କ ନିକଟରେ ମୁଖ୍ୟ ହୋଇଯାଇଥିଲା ଏବଂ ଅନ୍ୟସବୁ ଉଦ୍ଦେଶ୍ୟ ଗୌଣ ହୋଇଯାଇଥିଲା ।

ପୁଣି ମଧ୍ୟ ସେମାନଙ୍କ ଅନ୍ୟ ଏକ ଉଦ୍ଦେଶ୍ୟ ଥିଲା ଯେ, ସାରା ଜିଲ୍ଲାରେ ସେଭଳି ଅରାଜକତା ସୃଷ୍ଟିକରିବା, କାରଣ ସେଭଳି କରିବା ଫଳରେ ଇଂରେଜ ସରକାରୀ ହାକିମମାନେ ଅନୁଭବ କରି ପାରିବେ ଯେ ଇଂରେଜ ଶାସନପ୍ରତି ଜନସାଧାରଣଙ୍କ ଆସ୍ଥା ନାହିଁ । ସେମାନେ ହୁଏତ ଅନୁଭବ କରି ପାରିବେ ଯେ, ସେଭଳି ଅରାଜକତା ଭିତରେ ଶାସନ ପରିଚାଳନା କରିବା ଅସମ୍ଭବ । ତେଣୁ ପୁଣି ସମ୍ବଲପୁରର ରାଜଗାଦି ହୁଏତ ଚୌହାଣ ବଂଶ ଅଧୀନକୁ ଚାଲିଆସିବ !

ସୁରେନ୍ଦ୍ର ସାଏଙ୍କ ନାମ ସମଗ୍ର ଜିଲ୍ଲାର ଜନ-ମାନସରେ ଏଭଳି ଭାବରେ ପ୍ରଭାବ ବିସ୍ତାର କରି ପାରିଥିଲା ଯେ ବିପ୍ଳବୀମାନେ ସେହି ନାମକୁ ବ୍ୟବହାର କରି

Digitized by srujanika@gmail.com

ନିଜ ନିଜର ଲାଭ ଉଠାଇ ନେଉଥିଲେ । ଏପରିକି ସ୍ବେଚ୍ଛା କରୁଥିବା ଦଳଗୁଡ଼ିକ ମଧ୍ୟ ସୁରେନ୍ଦ୍ର ସାଏ ସେମାନଙ୍କ ସହିତ ଅଛନ୍ତି ବୋଲି ପ୍ରଚାର କରି ଜନସାଧାରଣଙ୍କୁ ଭୟଭୀତ କରାଇ ଦେଉଥିଲେ; କିନ୍ତୁ ପ୍ରକୃତରେ ସୁରେନ୍ଦ୍ର ସାଏ ସେମାନଙ୍କ ସହିତ ସହଯୋଗ ମଧ୍ୟ କରୁନଥିଲେ କିମ୍ବା କୌଣସି ପ୍ରକାର ଅନ୍ୟାୟ ଅତ୍ୟାଚାର ସହିତ ଜଡ଼ିତ ନ ଥିଲେ ।

ସେହିଭଳି କେତେକ ଡକାୟତ ସମ୍ପର୍କରେ ଅନୁଧ୍ୟାନ କରିଥିଲେ ମେଜର ଇମ୍ପେ । ମିସେସ୍ ଟି. ଟେମ୍ପଲଙ୍କୁ ଏକ ପତ୍ରରେ ସେ ପରେ ଲେଖିଥିଲେ— ଅନେକଙ୍କ ମତରେ ବିଲୁଆମାନେ ସାଧାରଣତଃ ସିଂହର ଅନୁଚର; କିନ୍ତୁ ଏହି ଜଙ୍ଗଲି ରାଜ୍ୟରେ ସେମାନଙ୍କ ଅନୁଧାବନ କରିବା କାଠିକର ପାଠ । ତେଣୁ ଏଠାରେ ଜଣେ ଡକାୟତ ବା ବିଦ୍ରୋହୀର ନାମ ନେଇ ଶହ ଶହ ସଂଖ୍ୟାରେ ଖଳଲୋକ ନିଜ ନିଜର ଫାଇଦା ଉଠାଇଥାନ୍ତି । ସେମାନେ ପ୍ରକୃତରେ ସେହି ଖ୍ୟାତନାମା ବ୍ୟକ୍ତିର ନାମ ବ୍ୟବହାର କରି ଦେଶରେ ଅରାଜକତା ସୃଷ୍ଟି କରିଥାନ୍ତି ଓ ଜନଗଣଙ୍କ ମନରେ ଆତଙ୍କ ହିଁ ସୃଷ୍ଟି କରିଥାନ୍ତି । ସେହିଭଳି ଭାବରେ ସୁରେନ୍ଦ୍ର ସାଏଙ୍କ ନାମ ଅସଂଖ୍ୟ ଲୋକଙ୍କୁ ସେତେ ଯେମିତି ବୃତ୍ତି ଯୋଗାଇ ଦେଇଥିଲା । ସେ ନିଜ ଅନୁଭୂତ କଥା ଉଲ୍ଲେଖ କରି ସେଠାରେ ଦର୍ଶାଇ ଦେଇଥିଲେ ଯେ, ସେତେବେଳେ ସମ୍ବଲପୁର ସହରଠାରୁ ଅନତି ଦୂରରେ ମାତ୍ର ପ୍ରାୟ ୨୦ କିଲୋମିଟର ମଧ୍ୟରେ ତାହାଙ୍କ ସହ ଆତ୍ମସମର୍ପଣର ଚୁକ୍ତି ସମ୍ପର୍କରେ ବିଭିନ୍ନ ଆଲୋଚନା ଚଳାଇବା ସମୟରେ ସେଠାରୁ ପ୍ରାୟ ୧୬୦ କିଲୋମିଟର ଦୂରରେ ଲୋକଙ୍କ ମନରେ ଆତଙ୍କ ସୃଷ୍ଟି କରୁଥିବା ଲୋକମାନେ ଜନସାଧାରଣଙ୍କୁ ଧାରଣା ଦେଉ-ଥିଲେ ଯେ ସେମାନଙ୍କ ସହିତ ସୁରେନ୍ଦ୍ର ସାଏ ଥିଲେ ! କିନ୍ତୁ ପ୍ରକୃତରେ ସେମାନଙ୍କ ସହିତ ତାହାଙ୍କର କିଛି ସମ୍ପର୍କ ନ ଥିଲା । *

ସେଭଳି ଅସାମାଜିକ ଓ ବିଦ୍ରୋହାତ୍ମକ କାର୍ଯ୍ୟକଳାପ ଯଥେଷ୍ଟ ଭାବରେ ବୃଦ୍ଧି ପାଇଥିଲା । ୧୮୬୩ ମାର୍ଚ୍ଚମାସ ପରେ ପରେ—କାରଣ ସେତେବେଳେ ମଧ୍ୟପ୍ରଦେଶର ଚିଫ୍ କମିଶନର ସାର ରିଚାର୍ଡ଼ ଟେମ୍ପଲ ସମ୍ବଲପୁର ପରିଦର୍ଶନ କରିବାକୁ ଆସିଥିଲେ । ସେଇ ଅବସରରେ ସହରର ଅନେକ ଗଣ୍ୟମାନ୍ୟ ଲୋକ ତାହାଙ୍କୁ ନିବେଦନ କରିଥିଲେ-ବ୍ରିଟିଶ୍ ସରକାରଙ୍କ ଶାସନ ବଦଳରେ ଦେଶୀୟ ଶାସନ ପ୍ରତିଷ୍ଠା କରିବା ପାଇଁ । କିନ୍ତୁ ସିଧା ସଳଖ ଭାବରେ ଆବେଦନର କୌଣସି ବିଚାର କରିବେ ନାହିଁ ବୋଲି ସେ ଜଣାଇ ଦେଇଥିଲେ । ସେ ସମ୍ବଲପୁରରୁ ଫେରିଯିବା ପରେ ପରେ ପୂର୍ଣ୍ଣମାତ୍ରାରେ ବିଦ୍ରୋହାତ୍ମକ କାର୍ଯ୍ୟକଳାପ

* History of Freedm Movemen in Orissa-2nd vol.

Digitized by srujanika@gmail.com

ଆରମ୍ଭ ହୋଇଯାଇଥିଲା । ସେଭଳି ଅଶାନ୍ତିକର ପରିବେଶର ନେତୃତ୍ୱ ନେଉଥିଲେ କୁଞ୍ଜଲ ସିଂହ, ଶାଳଗ୍ରାମ ବରିହା ତଥା ମୋହନ ସିଂହ । ମୋହନ ସିଂହ ଥିଲେ ସୁରେନ୍ଦ୍ର ସାଏଙ୍କ ଜମାଦାର ଓ ସୋହେଲା ଗ୍ରାମ ଫେରିପାଇବା ଆଶାରେ ସେ ଆତ୍ମ ସମର୍ପଣ କରିଥିଲେ ।

ସେମାନେ ତଥାପି ପ୍ରଚାର କରୁଥିଲେ ଯେ ଇଂରେଜମାନଙ୍କୁ ଦେଶରୁ ତଡ଼ି ଚୌହାଣ ରାଜବଂଶର ପୁନଃ ପ୍ରତିଷ୍ଠା କରିବା ଥିଲା ସେମାନଙ୍କର ଉଦ୍ଦେଶ୍ୟ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ସେତେବେଳେ ମେଜର ଇମ୍ପେ କୁଞ୍ଜଲ ସିଂହଙ୍କ ସହିତ ଆତ୍ମସମର୍ପଣ ପାଇଁ ଆଲୋଚନା ଚଳାଇଥିଲେ । ସେ ପ୍ରକାଶ କରିଥିଲେ ଯେ, ସୁରେନ୍ଦ୍ର ସାଏ ତାହାଙ୍କ ନିକଟକୁ ଯାଇ ଅନୁରୋଧ ନକଲେ ସେ ଆତ୍ମ ସମର୍ପଣ କରିବେ ନାହିଁ । କିନ୍ତୁ ସେହି ସର୍ତ୍ତରେ ସମ୍ମତ ହୋଇ ନଥିଲେ ମେଜର ଇମ୍ପେ । କୁଞ୍ଜଲ ସିଂହ ହୁଏତ ଆଶା କରିଥିଲେ ଯଦି ସୁରେନ୍ଦ୍ର ସାଏ ତାହାଙ୍କ ନିକଟରେ ଉପସ୍ଥିତ ହେଲେ ସେ ଆଉଥରେ ଇଂରେଜମାନଙ୍କ ନିକଟକୁ ଯିବାକୁ ଚାହିଁବେ ନାହିଁ ।

ସୁରେନ୍ଦ୍ର ସାଏ ତାହାଙ୍କ ନିକଟକୁ ନ ଯିବାରୁ ସେ ଉକ୍ତ ଅଞ୍ଚଳ ଛାଡ଼ି ଦୂରକୁ ଚାଲିଯାଇଥିଲେ । କମଲ ସିଂହ ଦାଓ ମଧ୍ୟ ଠିକ୍ ସେହିପରି ଆଶା ପୋଷଣ କରିଥିଲେ ଯେ, ପୁଣିଥରେ ସୁରେନ୍ଦ୍ର ସାଏଙ୍କୁ ବିପ୍ଳବୀ ହେବାକୁ ପ୍ରବର୍ତ୍ତାଇବେ, କାରଣ ସେ ମଧ୍ୟ ଆଶା କରୁଥିଲେ ଯଦି ସୁରେନ୍ଦ୍ର ସାଏ କର୍ଣ୍ଣିକାଳେ ସମ୍ବଲପୁର ସିଂହାସନର ଅଧିକାରୀ ହୋଇପାରନ୍ତି ତାହେଲେ ପୁରସ୍କାର ସ୍ୱରୂପ ସେ ନିଶ୍ଚୟ ଉଚ୍ଚପଦାଧିକାର ଲାଭ କରିବେ, କିନ୍ତୁ ମଧ୍ୟପ୍ରଦେଶର ଚିଫ୍ କମିଶନର ସମ୍ବଲପୁର ପରିଦର୍ଶନ କରି ଫେରିଯିବା ପରେ ତାହାଙ୍କର ସେହି ଆଶା ଚରିତାର୍ଥ ପାଇଁ ଦୂର ହୋଇଯାଇଥିଲା ଏବଂ ସେ ଅତ୍ୟଧିକ ନିରାଶ ହୋଇଯାଇଥିଲେ । ତେଣୁ ସରକାରଙ୍କ ନିକଟରେ ପହଞ୍ଚି ପାରିବାଭଳି ସେ ଅନେକଗୁଡ଼ିଏ ଗୁଜବ ପ୍ରଚାର କରିଥିଲେ । ତାହାଙ୍କ ସହିତ ମଧ୍ୟ ଯୋଗ ଦେଇଥିଲେ ଅନ୍ୟ ବିପ୍ଳବୀ ନେତାମାନେ । ସେମାନେ ପ୍ରଚାର କରିଥିଲେ ଯେ ଆତ୍ମ ସମର୍ପଣ କରିଥିବା ସୁରେନ୍ଦ୍ର ସାଏ ଲୋଇସିଙ୍ଗା ଜମିଦାରଙ୍କ ନିକଟକୁ ପତ୍ର ଲେଖିଥିଲେ ସୈନ୍ୟ ସଜାଗ କରି ରଖିବା ପାଇଁ ଏବଂ ଜମିଦାର ମଧ୍ୟ ତାର ଉତ୍ତର ଦେଇଥିଲେ ଯେ ଆବଶ୍ୟକ ହେବା ମୁହୂର୍ତ୍ତରେ ସେ ବିପ୍ଳବ କରିବା ପାଇଁ ସୈନ୍ୟ ପଠାଇ ଦେଇ ପାରିବେ । ଆହୁରି ମଧ୍ୟ ଏକ ଗୁଜବ ପ୍ରଚାର ହୋଇଥିଲା—ଦେଶରେ ଥିବା ସମସ୍ତ ଇଂରେଜ ଅଫିସରମାନଙ୍କୁ ହତ୍ୟାକରିଯିବା ପାଇଁ ସୁରେନ୍ଦ୍ର ସାଏ ଷଡ଼ଯନ୍ତ୍ର କରୁଥିଲେ ।

Digitized by srujanika@gmail.com

ଅନୁସନ୍ଧାନ କରି ମେଜର ଇମ୍ପେ ଜାଣିପାରିଥିଲେ, ସେସବୁ ଅପପ୍ରଚାରର କୌଣସି ଭିତ୍ତିଭୂମି ନ ଥିଲା ; ଥିଲା କେବଳ ନିଜ ଉଦ୍ଦେଶ୍ୟ ଓ ସ୍ୱାର୍ଥସାଧନ । ସେମାନଙ୍କ ଉଦ୍ଦେଶ୍ୟ ଥିଲା ଜିଲ୍ଲାର ଜନଗଣଙ୍କୁ ଜଣାଇଦେବା ଯେ ସୁରେନ୍ଦ୍ର ସାଏଙ୍କ ସମର୍ଥନ ଓ ନିର୍ଦ୍ଦେଶକ୍ରମେ ସେମାନେ ବିଦ୍ରୋହ କରୁଥିଲେ । ତେଣୁ ଜନଗଣ ସେମାନଙ୍କ ଅତ୍ୟାଚାରର ଦୃଢ଼ ମୁକାବିଲା କରିବା ପାଇଁ ସାହସ କରିବେ ନାହିଁ । ପୁଣି ସେମାନେ ଆଶା କରୁଥିଲେ ସୁରେନ୍ଦ୍ର ସାଏଙ୍କ ନାମ ସବୁବେଳେ ବ୍ୟବହାର କରିବା ଫଳରେ ମେଜର ଇମ୍ପେ ତଥା ଇଂରେଜ ସରକାର ସୁରେନ୍ଦ୍ର ସାଏଙ୍କ ଉପରେ କ୍ରମଶଃ ଅବିଶ୍ୱାସ କରିବା ଆରମ୍ଭ କରିଦେବେ । ସେପରି କରିବାର ପରିଣାମ ହେବ ଆହତ ବାଘ ଜାଲ୍‌ରୁ ଖସି ଚାଲିଯିବା ପାଇଁ ନିଶ୍ଚୟ ଉଦ୍ୟମ କରିବ । ଥରେ ସୁରେନ୍ଦ୍ର ସାଏ ପୁଣି ଜଙ୍ଗଲକୁ, ବିପ୍ଳବୀମାନଙ୍କ ନିକଟକୁ ଚାଲିଗଲେ ପୁଣି ଥରେ ବିଦ୍ରୋହର ନିଆଁ ଜଳିଉଠିବ । ଯଦିଚ ସୁରେନ୍ଦ୍ର ସାଏଙ୍କୁ ଇଂରେଜ ସରକାର ବନ୍ଦୀ କରନ୍ତି ତାହା ମଧ୍ୟ ବିପ୍ଳବୀମାନଙ୍କ ପାଇଁ ହେବ ଶୁଭଙ୍କରୀ । କାରଣ ବିପ୍ଳବୀ ସୁରେନ୍ଦ୍ର ସାଏ ବନ୍ଦୀ ହେଲେ ବିପ୍ଳବ କରିବା ପାଇଁ ଅନ୍ୟମାନେ ଯଥେଷ୍ଟ ପ୍ରେରଣା ପାଇବେ ।

କିନ୍ତୁ ବିପ୍ଳବୀମାନଙ୍କର ସେସବୁ ଚକ୍ରାନ୍ତ ପଣ୍ଡ ହୋଇ ଯାଇଥିଲା । ମେଜର ଇମ୍ପେ କୌଣସି ଗୁଜବରେ କର୍ଣ୍ଣପାତ କରି ନ ଥିଲେ । ତେଣେ ସୁରେନ୍ଦ୍ର ସାଏ ମଧ୍ୟ କୌଣସି ପ୍ରକାର ଅଶାନ୍ତିକର ପରିସ୍ଥିତି ସୃଷ୍ଟି କରିବା କାର୍ଯ୍ୟକଳାପ ସହିତ ସଂପୃକ୍ତ ନ ଥିଲେ । ମେଜର ଇମ୍ପେ ତାହାଙ୍କ ସ୍ୱତନ୍ତ୍ର ଅନୁସନ୍ଧାନରୁ ଜାଣିପାରିଥିଲେ, ସରକାରୀ ବୃତ୍ତି ଲାଭକରି ସୁରେନ୍ଦ୍ର ସାଏ ଶାନ୍ତିପୂର୍ଣ୍ଣ ଜୀବନଯାପନ କରୁଥିଲେ ଏବଂ କୌଣସି ପ୍ରକାର ବିଦ୍ରୋହାତ୍ମକ କାର୍ଯ୍ୟକଳାପରେ ଲିପ୍ତ ନ ଥିଲେ କିମ୍ବା ସେପରି କରିବା ପାଇଁ କାହାକୁ ଇଙ୍ଗିତ ମଧ୍ୟ ଦେଇ ନ ଥିଲେ । ସେଥିଲାଗି କୌଣସି ଯୋଜନା ମଧ୍ୟ କରି ନ ଥିଲେ ।

ହୁଏତ ସେତେବେଳେ ସେ ଚିନ୍ତା କରୁଥିଲେ ଅତୀତର ସଂଗ୍ରାମପୂର୍ଣ୍ଣ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଭୁଲିଯିବା ପାଇଁ ।

ସୁରେନ୍ଦ୍ର ସାଏ ଓ ଅନ୍ୟ ବିଦ୍ରୋହୀମାନେ ଆତ୍ମସମର୍ପଣ କରିବା ପରେ ପରେ ମେଜର ଇମ୍ପେ ସରକାରୀ ପ୍ରତିଶ୍ରୁତି ରକ୍ଷା କରିବା ଲାଗି ପ୍ରଗାଢ଼ ଉଦ୍ୟମ କରିଥିଲେ । ସେ ସରକାରଙ୍କ ନିକଟରେ ଦୃଢ଼ ଦାବୀ କରିଥିଲେ ସେମାନଙ୍କ ଲାଗି ଉପଯୁକ୍ତ ପେନ୍‌ସନ୍ ତଥା ଭରଣପୋଷଣର ଉପଯୁକ୍ତ ବ୍ୟବସ୍ଥା କରିବା ଲାଗି । ମେଜର ଘୋର୍ ମଧ୍ୟ ଯଥାର୍ଥଭାବେ ସେହି ବିଷୟରେ ସରକାରଙ୍କୁ ସୁପାରିଶ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଓ କାର୍ଯ୍ୟପନ୍ଥା ଗ୍ରହଣ କରିଥିଲେ ।

Digitized by srujanika@gmail.com

ସୁରେନ୍ଦ୍ର ସାଏଙ୍କୁ ଉପଯୁକ୍ତ ପରିମାଣରେ ପେନ୍‌ସନ୍ ଦିଆଯାଉ ବୋଲି ଯୁକ୍ତି କରିବାବେଳେ ସେ ଉଲ୍ଲେଖ କରିଥିଲେ ଯେ, ନଜର ଅଭିଜ୍ଞତାରୁ ତାହାଙ୍କର ହୃଦ୍‌ବୋଧ ହୋଇଥିଲା ସମ୍ବଲପୁରର ପ୍ରାୟ ସମସ୍ତ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଆନ୍ତରିକ ଇଚ୍ଛାଥିଲା ସେଇ ପୁରାତନ ରାଜ ପରିବାର ସିଂହାସନର ଅଧିକାରୀ ହୁଅନ୍ତୁ । ଜନଗଣଙ୍କ ସେଭଳି ଚିନ୍ତାକୁ ସରକାର ଘୃଣାର ସହିତ ହେୟ କରିବା ଅନୁଚିତ । ସେ ଯୁକ୍ତି କରିଥିଲେ ସେମାନଙ୍କ ସନ୍ତୋଷ ବିଧାନ କରିବା ପାଇଁ ଓ ସେମାନଙ୍କ ଅଭିଳଷିତ ବ୍ୟକ୍ତିଙ୍କୁ ଉପଯୁକ୍ତ ସମ୍ମାନ ଦେବାପାଇଁ ସରକାର ଯଥାର୍ଥ ବ୍ୟବସ୍ଥା କରିବା ଉଚିତ ହେବ ; କାରଣ ସୁରେନ୍ଦ୍ର ସାଏ ଶାନ୍ତିରେ ରହିଲେ ସମ୍ବଲପୁରର ଉଦ୍‌ବେଳିତ ଅବସ୍ଥା ଆପେ ଆପେ ଶାନ୍ତ ହୋଇଯିବ ।

ଏଠାରେ ଉଲ୍ଲେଖ କରାଯାଇପାରେ ପ୍ରକୃତରେ ସୁରେନ୍ଦ୍ର ସାଏ ଆତ୍ମସମର୍ପଣ କରିବା ପୂର୍ବରୁ ତାହାଙ୍କର ପେନ୍‌ସନ୍ ସମ୍ପର୍କରେ ବ୍ୟବସ୍ଥା ହୋଇ ସାରିଥିଲା । ରାଜା ନାରାୟଣ ସିଂହଙ୍କ ରାଜତ୍ୱ କାଳରେ ଏହି ପରିବାର ଖିଣ୍ଡା ମୌଜା ଓ ଦୁଇଟି ପଲ୍ଲୀ ଦାନ୍ତମୋରା ଓ ଚାନ୍ଦବରାର ମାଫିବୃତ୍ତି ଭୋଗ କରୁଥିଲେ । ତଦ୍‌ବ୍ୟତୀତ ସେମାନେ ବାର୍ଷିକ ୧୨୦୦ ଟଙ୍କା ପେନ୍‌ସନ୍ ମଧ୍ୟ ପାଉଥିଲେ । କିନ୍ତୁ ରାଜା ନାରାୟଣ ସିଂହ ସେମାନଙ୍କର ସେହି ବୃତ୍ତିସବୁ ଉଚ୍ଛେଦ କରି ଦେଇଥିଲେ । ଯଦିଓ ସେହି ପୂର୍ବ ବୃତ୍ତିସବୁ ଯଥେଷ୍ଟ ନ ଥିଲା ତଥାପି ସେଗୁଡ଼ିକୁ ଗ୍ରହଣ କରିଥିଲେ ସୁରେନ୍ଦ୍ର ସାଏ । ମେଜର ଇମ୍ପେ, ମିତ୍ରଭାନୁ ସାଏ, ଧ୍ରୁବ ସାଏ, ମେଦିନୀ ସାଏ ଓ ଉଦନ୍ତସାଏଙ୍କୁ ମଧ୍ୟ ପେନ୍‌ସନ୍ ଦିଆଯିବା ସପକ୍ଷରେ ଯୁକ୍ତି କରିଥିଲେ । ସେ ସାଏ ପରିବାରର ସଭ୍ୟମାନଙ୍କୁ ବାର୍ଷିକ ପାଞ୍ଚହଜାର ଛଅଶହ ଟଙ୍କା ବୃତ୍ତି ଦେବାପାଇଁ ଦୃଢ଼ଭାବେ ସୁପାରିଶ କରିବା ସଙ୍ଗେ ସଙ୍ଗେ ଯୁକ୍ତି କରିଥିଲେ ମଧ୍ୟ ଜିଲ୍ଲାରୁ ଆଦାୟ ହେଉଥିବା ଏକଲକ୍ଷ ଟଙ୍କାର ରାଜସ୍ୱ ସରକାର ପାଉଥିବା ଦୃଷ୍ଟିରୁ ସେତିକି ବୃତ୍ତି ଦିଆଯିବା ବିଶେଷ କିଛି ଉଲ୍ଲେଖଯୋଗ୍ୟ ନୁହେଁ । ମୁଖ୍ୟତଃ ତତ୍ପୂର୍ବରୁ ରାଣୀମାନଙ୍କୁ ବାର୍ଷିକ ବାରହଜାର ଟଙ୍କା ପେନ୍‌ସନ୍ ଦିଆଯାଉଥିଲା ଏବଂ ଏକା ମୋହନକୁମାରୀ ପେନସନ୍ ବାବଦରେ ଆଠହଜାର ଟଙ୍କା ପାଉଥିଲେ । ତାହା ମଧ୍ୟ ଦନ୍ତପୂର୍ବରୁ ବନ୍ଦ ହୋଇ ଯାଇଥିଲା । ପୁଣି ତାହାଙ୍କ ଯୁକ୍ତିକୁ ଅଧିକ ବଳିଷ୍ଠ କରିବା ପାଇଁ ସେ ଉଲ୍ଲେଖ କରିଥିଲେ ଯେ, ସେ ସୁପାରିଶ କରିଥିବା ପେନ୍‌ସନ୍‌ର ପରିମାଣ ସମ୍ବଲପୁରରୁ ଆଦାୟ ହେଉଥିବା ବାର୍ଷିକ ରାଜସ୍ୱର ଯୁଦ୍ଧ ଓ ବିଦ୍ରୋହ ଦମନ କରି ନିୟୋଜିତ ହୋଇଥିବା ସୈନ୍ୟ ବାବଦରେ ଯାହା ଖର୍ଚ୍ଚ ହେଉଥିଲା ତାହାଠାରୁ ଯଥେଷ୍ଟ କମ୍ । ତେଣୁ ସେ ସୁପାରିଶ କରିବା ଅନୁଯାୟୀ ଅର୍ଥ ବ୍ୟବସ୍ଥା ହେବା ଆବଶ୍ୟକ ବୋଲି ମେଜର ଇମ୍ପେ ଦୃଢ଼ ମତବ୍ୟକ୍ତ କରିଥିଲେ । ମେଜର ଇମ୍ପେ ସୁରେନ୍ଦ୍ର ସାଏଙ୍କ ଲାଗି

Digitized by srujanika@gmail.com

୧୨୦୦ ଟଙ୍କା ପେନ୍‌ସନ୍ ଦେବାକୁ ପ୍ରଥମେ ସୁପାରିଶ କରି ପରେ ୧୬୦୦ ଟଙ୍କାକୁ ବୃଦ୍ଧି କରିଥିଲେ ମଧ୍ୟ ଚିଫ୍ କମିଶନର ସେହି ପ୍ରସ୍ତାବ ଭାରତର ବଡ଼ଲାଟଙ୍କ ନିକଟକୁ ପଠାଇବା ବେଳେ ୧୨୦୦ ଟଙ୍କା ମଞ୍ଜୁର କରିବାପାଇଁ ସୁପାରିଶ କରିଥିଲେ ।

ବଡ଼ଲାଟ ସୁରେନ୍ଦ୍ରସାଏଙ୍କ ପାଇଁ ବାରଶହ ଟଙ୍କା ଯଥେଷ୍ଟ ବୋଲି ବିବେଚନା କରିଥିଲେ ଏବଂ ତେଣୁ ମଞ୍ଜୁର ମଧ୍ୟ କରିଥିଲେ । ମେଜର ଇମ୍ପେଙ୍କ ଅଧିକ ଅର୍ଥ ସୁପାରିଶ ଉପରେ ମତଦେଇ ବଡ଼ଲାଟ କହିଥିଲେ ଯେ ସମ୍ବଲପୁରର ଡେପୁଟି କମିଶନର ସୁରେନ୍ଦ୍ର ସାଏ ପରିବାରର କର୍ତ୍ତା ହିସାବରେ ଅଧିକ ପେନ୍‌ସନ୍ ପାଇବା ଯୋଗ୍ୟବୋଲି ବିବେଚନା କରି ଅଧିକ ବୃତ୍ତି ସୁପାରିଶ କରିଛନ୍ତି । କିନ୍ତୁ ଅପର ପକ୍ଷରେ ସେ ମଧ୍ୟ ଥିଲେ ଦୀର୍ଘକାଳ ବିଦ୍ରୋହର ସର୍ବଶ୍ରେଷ୍ଠ ନେତା ତଥା ଦୁର୍ଦ୍ଦାନ୍ତ ଓ କଷ୍ଟଦାୟକ ବିପ୍ଳବୀ । ଉଭୟ ଦୃଷ୍ଟିରୁ ତାହାଙ୍କ ପାରିବାରିକ ମୁଖ୍ୟ ହିସାବରେ ଅଧିକ ଭତ୍ତା ସୁପାରିଶ ଦାବୀ ଗୌଣ ହୋଇଯାଉଛି ଆପେ ଆପେ । ସେ ଯାହାହେଉ ଗତ ବିପ୍ଳବ କଥା ସ୍ମରଣକୁ ନ ନେଇ ପେନ୍‌ସନ୍ କଥା ବିଚାର କରାଯାଇ ତାହାଙ୍କୁ ବାରଶହ ଟଙ୍କା ମଞ୍ଜୁର କରାଯାଇଥିଲା । ୧୮୬୨ ମସିହା ନଭେମ୍ବର ୨୨ ତାରିଖରେ ଇଂଲଣ୍ଡ ରାଜ ଦରବାରକୁ ଭାରତର ବଡ଼ଲାଟ ଜଣାଇ ଦେଇଥିଲେ ଯେ "ସମ୍ବଲପୁରର ବିଦ୍ରୋହୀ" ନେତା ସୁରେନ୍ଦ୍ରସାଏ ଆତ୍ମ-ସମର୍ପଣ କରିଥିଲେ ଓ ତାହାଙ୍କୁ ପେନ୍‌ସନ୍ ମଞ୍ଜୁର ହୋଇଥିଲା ।

ସାଏ ପରିବାରକୁ ୫୨୦୦ ଟଙ୍କା ବାର୍ଷିକ ଭତ୍ତା ଦିଆଯିବା ଲାଗି ମେଜର ଇମ୍ପେ ଓ ମେଜର ଫୋର୍ବଙ୍କ ପ୍ରସ୍ତାବ ସମ୍ପୂର୍ଣ୍ଣ ଗୃହୀତ ହୋଇ ନଥିଲା । ଭାରତର ବଡ଼ଲାଟ ତାହାକୁ ସାମାନ୍ୟ ସଂଶୋଧନ କରି ସୁରେନ୍ଦ୍ର ସାଏଙ୍କ ପାଇଁ ୧୨୦୦ ଟଙ୍କା ମଞ୍ଜୁର କରିଥିଲେ ମଧ୍ୟ ସର୍ବମୋଟ ୪୬୨୦୦ ଟଙ୍କା ମଞ୍ଜୁର କରିଥିଲେ । ଇଂଲଣ୍ଡର ଅଧିଶ୍ବର ସେହି ବୃତ୍ତିକୁ ମଞ୍ଜୁର କଲାବେଳେ ସେମାନଙ୍କ ମତାମତ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦେଇ ଘୋଷଣା କରିଥିଲେ ଯେ ସରକାରଙ୍କ ପ୍ରଦତ୍ତ ବୃତ୍ତି ସେହି ପେନ୍‌ସନ୍‌ଭୋଗୀମାନେ ଆଜୀବନ ଭୋଗ କରିପାରିବେ । ବୃତ୍ତିଭୋଗୀଙ୍କ ମୃତ୍ୟୁ ପରେ ମଧ୍ୟ ଯଦି ବଡ଼ଲାଟ ଇଚ୍ଛାକରନ୍ତି ଏବଂ ସେମାନଙ୍କ ଉତ୍ତରାଧିକାରୀମାନେ ସେହି ବୃତ୍ତି ପାଇବା ଉଚିତ ବୋଲି ମନେକରନ୍ତି ତାହାହେଲେ ମଧ୍ୟ ପୁଣି ଥରେ ସେମାନଙ୍କୁ ମଞ୍ଜୁରୀ ଦିଆଯାଇପାରେ ।

ସେହି ବୃତ୍ତି ଓ ପେନ୍‌ସନ୍ ପାଇ ସୁରେନ୍ଦ୍ର ସାଏ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିବାରେ ନିଜକୁ ପ୍ରବୃତ୍ତ କରିଥିଲେ । ଫଳରେ ବିଦ୍ରୋହୀ ଜୀବନ ଯାପନ କରୁଥିବା ଓ ତତ୍‌ସହିତ ଲୁଣ୍ଠନ ତଥା ଡକାୟତି କାର୍ଯ୍ୟରେ ଲିପ୍ତଥିବା ବ୍ୟକ୍ତିମାନେ ତାହାଙ୍କ ନାମ ବ୍ୟବହାର କରି ଲୋକଙ୍କ ପରୋକ୍ଷ ସମର୍ଥନ ଲାଭ କରିବାକୁ ଉଦ୍ୟମ

Digitized by srujanika@gmail.com

କରୁଥିଲେ । ପୁଣି ତାହାଙ୍କୁ ସରକାରଙ୍କ ବିରୁଦ୍ଧରେ ଓ ସରକାରଙ୍କୁ ତାହାଙ୍କ ବିରୁଦ୍ଧରେ ବିନିଯୋଗ କରିବାପାଇଁ ମଧ୍ୟ ଉଦ୍ୟମ କରିଥିଲେ ।

ମେଜର ଇମ୍ପେ କିନ୍ତୁ ସେଥିରେ ସାମାନ୍ୟତମ ଆସ୍ଥା ସ୍ଥାପନ କରିପାରି ନଥିଲେ । ତଥାପି ଥରେ ଅସ୍ବାଭାବିକ ଭାବରେ ତାହାଙ୍କ ଗତିବିଧି ଲକ୍ଷ କରି ଆସିବାପାଇଁ ସ୍ବତନ୍ତ୍ର ଦୂତ ପଠାଇଥିଲେ । ସେତେବେଳକୁ ଏକଦା ଜଣେ ପରମ ବିପ୍ଳବୀ ନେତା ସୁରେନ୍ଦ୍ର ସାଏ ପ୍ରାକୃତିକ ଶୋଭାସମ୍ପଦ ପରିପୂର୍ଣ୍ଣ ଜାଙ୍ଗଲିକ ପରିବେଶରେ ଜୀବନ୍ତ ପ୍ରକୃତିର ସୌନ୍ଦର୍ଯ୍ୟ ସନ୍ଦର୍ଶନରେ ନିମଗ୍ନ ଥିଲେ । ଗୋଟିଏ ପାହାଡ଼ ଝରଣା ନିକଟରେ ପ୍ରସ୍ତୁତ ମଞ୍ଚା ଉପରେ ବସିଥିଲେ ସୁରେନ୍ଦ୍ର ସାଏ । ହାତରେ ବନ୍ଧୁକଟିଏ । ଏକ ଲକ୍ଷ୍ୟରେ ଦେଖୁଥିଲେ ଭବିଷ୍ୟତ ସୈନ୍ୟମାନଙ୍କ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳକୁ, ଶରବିଦ୍ଧା ନୁହେଁ—ପାଣି କପୋତମାନଙ୍କ ପୁଚିଖେଳ ।

ସେଥିରେ ଯେ କୌଣସି ଲୋକର ଅବିଶ୍ୱାସ କରିବା ପ୍ରଶ୍ନ ନଥିଲା; ମେଜର ଇମ୍ପେ ଆଉ ଅନାସ୍ଥାଭାବ ରଖିଥାନ୍ତେ ବା କପରି ?

ଚତୁର୍ଦ୍ଦିଗରେ ମାୟାଜାଲ

୧୮୬୩ ମସିହା ଡିସେମ୍ବର ମାସରେ ମେଜର ଇମ୍ପେ ସମ୍ବଲପୁରରେ ପ୍ରାଣତ୍ୟାଗ କରିଥିଲେ ।

ମେଜର ଇମ୍ପେଙ୍କ ମରଣଶରୀର ସହିତ ତାହାଙ୍କ ଦ୍ୱାରା ଅନୁସୃତ ନୀତିର ମଧ୍ୟ ପରିସମାପ୍ତି ଘଟିଥିଲା । ବଡ଼ଲାଟଙ୍କ ସମେତ ଯେଉଁ ଇଂରେଜ ହାକିମମାନେ ଏବଂ ଇଂଲଣ୍ଡର ମହାମାନ୍ୟ ସରକାର ମେଜର ଇମ୍ପେଙ୍କ ଶାନ୍ତ ଓ ଉଦାରନୀତିର ପ୍ରଶଂସା ଗାନ କରୁଥିଲେ ସେହିମାନେ ହିଁ ପୁଣିଥରେ ଠିକ୍ ତା'ର ବିପରୀତ ନୀତିକୁ ମଧ୍ୟ ଯଥାଯଥ ବୋଲି ବିବେଚନା କରିଥିଲେ ଓ ସେହି ଦମନମୂଳକ ନୀତିର ପ୍ରଶଂସା କରିଥିଲେ ।

ମେଜର ଇମ୍ପେଙ୍କ ମୃତ୍ୟୁ ସଙ୍ଗେ ସଙ୍ଗେ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରିବା ଉଦ୍ଦେଶ୍ୟରେ ବଡ଼ଲାଟଙ୍କ ଦ୍ୱାରା ପ୍ରତିଶ୍ରୁତିବଦ୍ଧ ହୋଇ ବିପ୍ଳବୀ ଜୀବନ ପରିତ୍ୟାଗ କରି ଫେରିଆସିଥିବା ସୁରେନ୍ଦ୍ର ସାଏ ଓ ତାହାଙ୍କ ଅନୁଚରମାନଙ୍କ ପାଇଁ

Digitized by srujanika@gmail.com

ବିପଦର ଘନ କଳାମେଘ ପୃଣିଥରେ ଘନେଇ ଆସିଥିଲା । ସେଇ ବର୍ଷଣମୁଖର ମେଘର କବଳରୁ ସେମାନେ ମୁକ୍ତ ପାଇପାରି ନ ଥିଲେ ।

ତାଙ୍କୁଇ କୁହାଯାଇପାରେ ସ୍ୱର୍ଗୀୟ ବିଡ଼ମ୍ବନା ; ତାଙ୍କୁଇ କୁହାଯାଇପାରେ ସରଳତାର ତିରସ୍କାର ।

ସମ୍ବଲପୁର ଜିଲ୍ଲା ପ୍ରଥମେ ଛୋଟନାଗପୁରର ଶାସନ ଅନ୍ତର୍ଗତ ଥିଲା ; କିନ୍ତୁ ତାହା ସମ୍ପୂର୍ଣ୍ଣରୂପେ ଏକ ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ଯୋଗୁଁ ଓ ସରକାରୀ ସ୍ତରରେ କେତେକ ଶାସନଗତ ଅସୁବିଧାକୁ କେନ୍ଦ୍ର କରି ୧୮୬୧ ମସିହା ଜାନୁୟାରୀ ୨୩ ତାରିଖଠାରୁ ଏହାର ଚତୁର୍ଦ୍ଦିଗରେ ଥିବା ସମସ୍ତ ଗଡ଼ଜାତ ସମେତ ସମ୍ବଲପୁର କଟକ ଡିଭିଜନ ଶାସନାଧୀନ ହୋଇଥିଲା ; କିନ୍ତୁ ଇତି ମଧ୍ୟରେ ପୁଣି ଥରେ ମଧ୍ୟପ୍ରଦେଶର ନୂତନ ସଂଗଠନ ହୋଇ ସମ୍ବଲପୁରକୁ ପୁଣି ପୂର୍ବ ବ୍ୟବସ୍ଥା ଭଳି ମଧ୍ୟପ୍ରଦେଶର ଶାସନ ଅନ୍ତର୍ଗତ କରାଯାଇଥିଲା ୧୮୬୨ ମସିହା ଅପ୍ରେଲ ୩୦ ତାରିଖ ଦିନ ।

ସେହି ବ୍ୟବସ୍ଥା ଅନୁଯାୟୀ ସେହି ଅଞ୍ଚଳରେ ପୋଲିସ ବିଭାଗର ନୂତନ ସଂଗଠନ କରାଯାଇଥିଲା । ସେତେବେଳର ଉଦ୍‌ବେଳିତ ପରିସ୍ଥିତି ଦୃଷ୍ଟିରୁ ତାହା ମଧ୍ୟ ଇଂରେଜ ସରକାରଙ୍କ ପାଇଁ ଆବଶ୍ୟକ ଥିଲା । ଜେ ଏମ୍. ବେରିଲ ହୋଇଥିଲେ ସମ୍ବଲପୁରର ପୋଲିସ ଏସ୍. ପି. —ଉକ୍ତ ବିଭାଗର, ସେଠିକାର ସର୍ବୋଚ୍ଚ କର୍ତ୍ତା ।

ସେ ସେତେବେଳେ ସେଠାରେ ଅନୁଭବ କରିଥିଲେ ଯେ ପ୍ରକୃତରେ ସେହି ଅଞ୍ଚଳରେ ଯେଉଁ ଗଣ୍ଡଗୋଳଗୁଡ଼ିକ ହେଉଥିଲା, ସବୁ ସହିତ ସୁରେନ୍ଦ୍ର ସାଏ ଜଡ଼ିତ ଥିଲେ । କିନ୍ତୁ ଡେପୁଟି କମିଶନର ମେଜର ଇମ୍ପେ ଆନ୍ତରିକ ଭାବରେ ବିଶ୍ୱାସ କରୁଥିଲେ ଯେ ସୁରେନ୍ଦ୍ର ସାଏ ସେସବୁ ତଥାକଥିତ ଗଣ୍ଡଗୋଳକାରୀଙ୍କ ନେତାରୂପେ ଏକଦା କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରକୃତରେ ବିଦ୍ରୋହାତ୍ମକ ପନ୍ଥା ପରିହାର କରିବା ପରଠାରୁ ସେ ଆଉ ସେଭଳି କୌଣସି କାର୍ଯ୍ୟକଳାପ ସହ ଆଦୌ ଲିପ୍ତ ନ ଥିଲେ । ଅନୁସନ୍ଧାନରୁ ମଧ୍ୟ ସେ ସେହି କଥା ହିଁ ଉପଲବ୍‌ଧି କରିଥିଲେ । ତେଣୁ ମି ବେରିଲ୍ ଆତ୍ମସମର୍ପଣ କରିଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଇଚ୍ଛାକଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁ ନ ଥିଲେ । ପୁଣି ମେଜର ଇମ୍ପେ ଚାହୁଁଥିଲେ ଆତ୍ମସମର୍ପଣକାରୀମାନଙ୍କ ପାଇଁ ସରକାର ଦେଇଥିବା ପ୍ରତିଶ୍ରୁତି ନିଷ୍ଠାର ସହିତ ପାଳନ କରାଯିବା ଉଚିତ ।

କିନ୍ତୁ ମେଜର ଇମ୍ପେଙ୍କ ଶାନ୍ତ ଓ ଉଦାର ନୀତି ଉପରେ ପ୍ରତିଷ୍ଠିତ ବିଭିନ୍ନ ପଦକ୍ଷେପଗୁଡ଼ିକ ମଧ୍ୟପ୍ରଦେଶର ଅନେକ ଉଚ୍ଚ ସରକାରୀ ପଦାଧିକାରୀ ଲାଭ

*

Digitized by srujanika@gmail.com

କରିଥିବା ଅଫିସର ତଥା ମୋଲିସ କର୍ତ୍ତାମାନଙ୍କୁ ଉଚିତ ବିବେଚିତ ହୋଇ ନ ଥିଲା । ସେମାନେ ଇଚ୍ଛା କରୁ ନ ଥିଲେ ସୁରେନ୍ଦ୍ର ସାଏ ପ୍ରମୁଖଙ୍କୁ ଏଭଳି ଭାବରେ ବୃତ୍ତି ଦିଆଯାଉ । ଅପରନ୍ତୁ ସେମାନଙ୍କ ମତରେ ବିଦ୍ରୋହମାନଙ୍କୁ ବନ୍ଦୀକରି ଯଥାସାଧ୍ୟ ସର୍ବୋଚ୍ଚ ଦଣ୍ଡରେ ଦଣ୍ଡିତ କରିବା ବାଞ୍ଛନୀୟ ବୋଲି ସେମାନଙ୍କର ମତ ଥିଲା ।

ସେହି ମତ ପୋଷଣ କରି ମେଜର ଇମ୍ପେଙ୍କ ଉତ୍ତରାଧିକାରୀ ମେଜର କମରଲେଜ୍ ୧୮୬୪ ମସିହା ଜାନୁଆରୀ ୧୯ ତାରିଖ ଦିନ ସମ୍ବଲପୁରର ଦାୟିତ୍ୱ ଗ୍ରହଣ କରିଥିଲେ । ତାହାଙ୍କ ମତ ଅନ୍ୟାନ୍ୟ ଅନେକଙ୍କ ଭଳି ସୁରେନ୍ଦ୍ର ସାଏ ବିରୋଧୀ ଥିଲା । ଜଣେ ଦକ୍ଷ ଇଂରେଜ ପ୍ରଶାସକ ହେବାକୁ ହେଲେ ଶାନ୍ତ ଓ ଉଦାର ନୀତି ଗ୍ରହଣ କରିବା ଉଚିତ ନୁହେଁ । ସେ ମନେକରୁଥିଲେ ସେଥିପାଇଁ କଠୋର ଓ ଦମନମୂଳକ ନୀତି ହିଁ ଆବଶ୍ୟକ ।

ତାହାଙ୍କୁ ସାହାଯ୍ୟ କରିବା ପାଇଁ ସେଠାରେ ଥିବା ପୋଲିସ୍ ବିଭାଗର ସର୍ବୋଚ୍ଚ କର୍ତ୍ତା ବେରିଲ୍ ମଧ୍ୟ ଅନୁରୂପ ମତାବଲମ୍ବୀ ଥିଲେ । ସେ ନୂତନ କରି କାର୍ଯ୍ୟଭାର ଗ୍ରହଣ କରିଥିବା ଆସିଷ୍ଟେଣ୍ଟ କମିଶନରଙ୍କୁ ସମ୍ବଲପୁରର ଅବସ୍ଥା ବୁଝାଇ ଦେଇଥିଲେ । ସେହି ସମୟରେ ସେ ନିଜେ ସୁରେନ୍ଦ୍ର ସାଏଙ୍କ ସମ୍ପର୍କରେ ପୋଷଣ କରିଥିବା ମତାମତ ତାହାଙ୍କୁ ପ୍ରଭାବିତ କରିବା ଭଳି ଭାବରେ ବୁଝାଇ ଦେଇଥିଲେ, ପରିଣାମତଃ ସେଠାରେ ପାଦ ଦେଇ ଦେଇ ହିଁ କିଭଳି ଭାବରେ ଆତ୍ମସମର୍ପଣ କରିଥିବା ବିପ୍ଳବୀମାନଙ୍କୁ ଜବତ୍ କରିବେ ତାହା କଳ୍ପନା କରିଥିଲେ କମରଲେଜ୍ ।

ତତ୍ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଥିଲା ବିଦ୍ରୋହୀମାନଙ୍କ ସମ୍ପର୍କରେ ଅନୁଧ୍ୟାନ କରିବା । ସେ ଅନୁଧ୍ୟାନ କରି ଯେଉଁ ରିପୋର୍ଟ ସରକାରଙ୍କୁ ଦେଇଥିଲେ ସେଥିରେ ଯେ କେନ୍ଦ୍ର ଅସ୍ଥା ସ୍ଥାପନ କରିବା କଥା । ସମ୍ବଲପୁରର ଶାସକ ତାହାଙ୍କ ଅଞ୍ଚଳର ଶାସନ ପାଇଁ ଦେଇଥିବା ପରାମର୍ଶ ଉକ୍ତ ସରକାରୀ ଧ୍ୱାଳମମାନେ କାହିଁକି ଗ୍ରହଣ କରିବେ ନାହିଁ ? ସେହି ରିପୋର୍ଟ ଅନୁସାରେ ହିଁ ସୁରେନ୍ଦ୍ର ସାଏ ଓ ଆତ୍ମସମର୍ପଣ କରିଥିବା ବିଦ୍ରୋହୀମାନେ ପୁଣିଥରେ ବନ୍ଦୀ ହୋଇଥିଲେ ଓ ବିଚାରପାଇଁ କଚେରୀକୁ ନିଆଯାଇଥିଲେ । ଶାନ୍ତ ଓ ସରଳ ଜୀବନ ଯାପନ କରୁଥିବା ଲୋକମାନଙ୍କୁ ବନ୍ଦୀ କରିବା ପାଇଁ ଇଂରେଜମାନେ ଯେଉଁଭଳି ଷଡ଼ଯନ୍ତ୍ର କରିଥିଲେ ତାହା ଯେତିକି ହାସ୍ୟାସ୍ପଦ ସେତିକି କୌତୂହଳଜନକ ମଧ୍ୟ ।

ବିପ୍ଳବୀମାନଙ୍କୁ ଦୋଷୀ ସାବ୍ୟସ୍ତ କରାଇବାଲାଗି ଉଦ୍ଦିଷ୍ଟ ତାହାଙ୍କର ରିପୋର୍ଟରେ କମରଲେଜ୍ ଉଲ୍ଲେଖ କରିଥିଲେ ଯେ, ସୁରେନ୍ଦ୍ର ସାଏ ଆତ୍ମସମର୍ପଣ

Digitized by srujanika@gmail.com

କରିବା ମୂଳରେ ଯେ ସେ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରିବା ଉଦ୍ଦେଶ୍ୟ ଥିଲା ତାହା ଆଦୌ ବିଶ୍ୱାସଯୋଗ୍ୟ ନୁହେଁ । ସରକାରଙ୍କ ମନରେ ସେହି ପ୍ରହସନ ଏକ ଗଭୀର ଅନ୍ଧବିଶ୍ୱାସ ଜନ୍ମାଇ ପାରିଥିଲା । ଗୋଟିଏ ମୁହୂର୍ତ୍ତି ପାଇଁ ମଧ୍ୟ ସେ ସମ୍ବଲପୁର ରାଜଗାଦୀ ପାଇବା ଆଶା ତ୍ୟାଗ କରିନଥିଲେ । ଯେଉଁମାନେ ମେଜର ଇମ୍ପେଙ୍କ-ଠାରୁ ଯଥେଷ୍ଟ ମାତ୍ରାରେ ବୃତ୍ତି ଲାଭ କରିଥିଲେ ଓ ସୁରେନ୍ଦ୍ର ସାଏଙ୍କ ଆତ୍ମସମର୍ପଣ ପାଇଁ ଉଦ୍ୟମ କରିଥିଲେ ବୋଲି ସରକାରଙ୍କୁ ଜଣାଇ ଦିଆଯାଇଥିଲା ସେହିମାନେ ହିଁ ଦେଶରେ ସଂଗଠିତ ହେଉଥିବା ଅଶାନ୍ତିର ମୂଳ ଷଡ଼ଯନ୍ତ୍ରକାରୀ । ସୁରେନ୍ଦ୍ର ସାଏ ତଥା ଅନ୍ୟମାନେ କମଳ ସିଂହ ଓ କୁଞ୍ଜଲ ସିଂହଙ୍କ ସହିତ ସେତେବେଳ ପର୍ଯ୍ୟନ୍ତ ସରକାରଙ୍କ ଦୃଷ୍ଟି ଅନ୍ତରାଳରେ ସବୁ ସମୟରେ ଘନିଷ୍ଠ ସମ୍ପର୍କ ରଖିଛନ୍ତି ବୋଲି କମରଲେଜ୍ ଆକ୍ଷେପ କରିଥିଲେ ।

ସେଥିରେ ସେ ମତ ଦେଇଥିଲେ ଯେ ଯେଉଁ ପ୍ରଜା ତଥା ଗୌନ୍ତିଆମାନେ ଇଂରେଜ ସରକାରଙ୍କ ସପକ୍ଷରେ କାର୍ଯ୍ୟ କରୁଥିଲେ ସେହିମାନଙ୍କୁ ଆକ୍ରମଣ କରିବା ସଙ୍ଗେ ସଙ୍ଗେ ଲୁଣ୍ଠନ କରି ସବୁବେଳେ ଭୀତତ୍ରସ୍ତ କରି ରଖିବା ବିପ୍ଳବୀମାନଙ୍କ ଉଦ୍ଦେଶ୍ୟ । ବେଶଲ୍ ସେଠାରେ ଜଏନ କରିବା ପରେ ପରେ ୧୮୬୨ ମସିହା ମଇ ମାସରେ ମହାନଦୀର ଦକ୍ଷିଣାଞ୍ଚଳରେ ଘଟିଯାଇଥିବା ଡକାୟତି ଗୁଡ଼ିକୁ ଅନୁସନ୍ଧାନ କରି ସେହି ସବୁ ତଥ୍ୟ ସଂଗ୍ରହ କରିପାରିଥିଲେ । ସେଥିରେ ଗୁରୁତ୍ୱର ସହିତ ସେ ଉଲ୍ଲେଖ କରିଥିଲେ ଯେ ସେହି ସମୟରେ ଜଣେ ଆଦିବାସୀଠାରୁ ଗୋଟିଏ ତା'ଲପତ୍ର ଚିଠି ପାଇଥିଲେ । ଉକ୍ତ ପତ୍ରଟି କମଳ ସିଂହ ଦାଓ ଲେଖିଥିଲେ ମେଜର ଇମ୍ପେଙ୍କ ନିକଟକୁ । ସେଥିରେ ଉଲ୍ଲେଖ ଥିଲା ଯେ ସେ ସମସ୍ତ ନିଷ୍ଠା ଓ ଆନ୍ତରିକତାର ସହିତ ସୁରେନ୍ଦ୍ର ସାଏଙ୍କ ସ୍ୱାର୍ଥସାଧନ ଲାଗି ସମସ୍ତ କାର୍ଯ୍ୟ କରୁଥିଲେ । ସେହି ପତ୍ରଟି ଗୋଟିଏ ଗ୍ରାମରୁ ଅନ୍ୟଗ୍ରାମକୁ ନିଆଯାଉଥିଲା ସାଧାରଣ ଲୋକଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସୁରେନ୍ଦ୍ର ସାଏଙ୍କ ଦାବୀ ପ୍ରତି ସମ୍ବେଦନଶୀଳ ହେବାପାଇଁ । ତେଣୁ ୧୮୬୩ ମସିହାରେ ମଧ୍ୟପ୍ରଦେଶର ଚିଫ୍ କମିଶନରଙ୍କୁ ଅନେକ ଗଉଁତିଆ ଓ ଭଦ୍ରଲୋକ ପୁଣି ଦେଶୀୟ ଶାସନ ପ୍ରତିଷ୍ଠା କରିବାପାଇଁ ଲିଖିତ ଅନୁରୋଧ ଜଣାଇଥିଲେ । ସେ ସବୁ ପ୍ରମାଣ ପାଇବା ପରେ ଯେତେବେଳେ ମେଜର ଇମ୍ପେ ସୁରେନ୍ଦ୍ର ସାଏଙ୍କୁ ସେହି ସବୁ ବିଷୟରେ ପଚାରିଥିଲେ ସେ ସିଧା ସଳଖ ମନାକରି ଦେଇଥିଲେ ଯେ ସେଭଳି କାର୍ଯ୍ୟଗୁଡ଼ିକ ସହିତ ତାହାଙ୍କର ଆଦୌ ସମ୍ପର୍କ ନଥିଲା । ମେଜର 'ଇମ୍ପେ ଅତି ସରଳତାର ସହିତ ତାହା ବିଶ୍ୱାସ କରିନେଇଥିଲେ । କାରଣ କୌଣସି କାରଣରୁ ସୁରେନ୍ଦ୍ର ସାଏଙ୍କ ଉପରେ ଇମ୍ପେଙ୍କର ଗଭୀର ଆସ୍ଥା ସ୍ଥାପିତ ହୋଇ ସାରିଥିଲା ।

Digitized by srujanika@gmail.com

ତାହାଙ୍କ ବକ୍ତବ୍ୟକୁ ଅଧିକ ଦୃଢ଼ କରିବା ପାଇଁ କମରଲେଜ ଉଲ୍ଲେଖ କରିଥିଲେ ଯେ ୧୮୬୩ ମଇ ୨ ତାରିଖରୁ ଜୁନ୍ ୯ ତାରିଖ ମଧ୍ୟରେ ୭ଟି ଓ ଜୁଲାଇ ୧୦ ତାରିଖରେ ଗୋଟିଏ ଡକାୟତି ଘଟଣା ସମ୍ବଲପୁରର ମାତ୍ର ଦଶ ମାଇଲ ପରିସୀମା ମଧ୍ୟରେ ହୋଇଥିଲା । ଦୟାନିଧି ମେହେର ନାମକ ଜଣେ ବ୍ୟକ୍ତି ନିଜ ଇଚ୍ଛାରେ ଆସି ସମ୍ବାଦ ଦେଇଥିଲା ଯେ ସୁରେନ୍ଦ୍ର ସାଏ ଉକ୍ତ ଲୁଣ୍ଠନ ଓ ଡକାୟତି ଗୁଡ଼ିକରେ ସକ୍ରିୟ ଭାବେ ଯୋଗ ଦେଇଥିଲେ । ସେ ସମ୍ବାଦ ପାଇବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

ଉଲ୍ଲେଖ କରାଯାଇପାରେ ଯେ ଦୟାନିଧି ମେହେର ମିଷ୍ଟର ବେରିଲ୍‌ଙ୍କ ଗୁପ୍ତଚର ରୂପେ ସେହି ସମସ୍ତଠାରୁ କାର୍ଯ୍ୟ କରିଥିଲା । ସେ ମଧ୍ୟ ସମ୍ବାଦ ଦେଇଥିଲା ଯେ କମଳ ସିଂହ ଓ ସୁରେନ୍ଦ୍ର ସାଏ କୋରାପୁଟର ଜୟପୁରରେ ଏକ ବିରାଟ ସୈନ୍ୟଦଳ ସଗଠନ କରୁଥିଲେ ଓ ହଠାତ୍ ଆକ୍ରମଣ କରି ସବୁ ଇଂରେଜମାନଙ୍କୁ ହତ୍ୟା କରିବା ସଙ୍ଗେ ସଙ୍ଗେ ପୋଲିସ୍ ବାହିନୀକୁ ନିଜ ଅକ୍ତିଆରକୁ ନେବାପାଇଁ ଯୋଜନା କରୁଥିଲେ । ସେ ମଧ୍ୟ ଖବର ସଂଗ୍ରହ କରିଥିଲା ଯେ ଏକ ବିବାହ ଉତ୍ସବରେ ଯୋଗଦେବାପାଇଁ ବାରପାହାଡ଼ ନିକଟବର୍ତ୍ତୀ ବନ୍ଦା ଗ୍ରାମରେ କମଳ ସିଂହ, ସୁରେନ୍ଦ୍ର ସାଏ ପ୍ରମୁଖ ଅନ୍ୟ ନେତାମାନେ ଉପସ୍ଥିତ ହେବେ ଏବଂ ସେହିସବୁ ବିଷୟରେ ଆଲୋଚନା ହେବ ।

ଇତି ମଧ୍ୟରେ କମଳ ସିଂହଙ୍କ ପୁରୁଷ ଖଗେଶ୍ୱରକୁ ଇଂରେଜମାନଙ୍କ ଗୁପ୍ତଚର ଦୟାନିଧି ନିଜ ଗୃହକୁ ଡାକି ନେଇ ବିପ୍ଳବ ବିଷୟରେ ବିଭିନ୍ନ ପ୍ରକାରର ଗୁରୁତର ଅପରାଧମୂଳକ ଆଲୋଚନା କରିଥିଲା । ଗୁପ୍ତ ବ୍ୟବସ୍ଥା ଅନୁଯାୟୀ ସେହି ସମସ୍ତ ଆଲୋଚନା ଇଂରେଜ ଅଫିସରମାନେ ଲୁଚିଛପି ପୂର୍ଣ୍ଣଭାବରେ ଶୁଣି-ପାରିଥିଲେ । ତଥାପି ମେଜର ଇମ୍ପେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଆଶା କରିଥିଲେ ଯେ ସୁରେନ୍ଦ୍ର ସାଏ ନିଜକୁ ସଂଶୋଧନ କରିଦେବ । ଅପର ପକ୍ଷରେ ବିଦ୍ରୋହୀମାନଙ୍କର ହଠାତ୍ ଆକ୍ରମଣର ମୁକାବିଲା କରିବାପାଇଁ ସଜାଗ ରହିବା ସଙ୍ଗେ ସଙ୍ଗେ ସେ ଅପେକ୍ଷା କରିଥିଲେ ବିବାହ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ହେଉଥିବା ଭୋଜିଘରେ ସବୁ ନେତାମାନଙ୍କର ଉପସ୍ଥିତି ପାଇଁ ।

କିନ୍ତୁ ଗୁପ୍ତଚରଙ୍କ ସେ ସମ୍ବାଦ ପ୍ରମାଣିତ ହୋଇପାରି ନ ଥିଲା । ୧୮୬୩ ମସିହା ଡିସେମ୍ବର ପର୍ଯ୍ୟନ୍ତ ବିଦ୍ରୋହୀ ନେତାମାନେ ଏକତ୍ର ହୋଇ ନ ଥିଲେ ।

କିନ୍ତୁ କମରଲେଜ୍ ଭାଗ୍ୟବାନ ମନେ କରିଥିଲେ ଯେ ତାହାଙ୍କ ଯୁକ୍ତିକୁ ପ୍ରମାଣିତ କରିବା ପାଇଁ ସେ ସୁରେନ୍ଦ୍ର ସାଏଙ୍କ ସ୍ୱହସ୍ତ ଲିଖିତ ପତ୍ରଟିଏ ପାଇଥିଲେ ।

Digitized by srujanika@gmail.com

ତାହା କମଳ ସିଂହଙ୍କ ଉଦ୍ଦେଶ୍ୟରେ ଲେଖା ହୋଇଥିଲା । ରାୟପୁର ପୋଲିସ୍ ଦଳେ ବିଦ୍ରୋହୀଙ୍କ ପଶ୍ଚାଧାବନ କରି ସେମାନଙ୍କୁ ଝଡ଼ଆଲର ଗାନ୍ତେ ଜମିଦାରୀ ନିକଟରେ ଆକ୍ରମଣ କରିଥିଲେ । ସେମାନେ ଛାଡ଼ିଯାଇଥିବା କାଗଜପତ୍ରରୁ ସେହି ପତ୍ରଟି ହସ୍ତଗତ ହୋଇଥିଲା ଏବଂ ତାହା ହିଁ ସୁରେନ୍ଦ୍ର ସାଏଙ୍କ ଅପରାଧ ପ୍ରମାଣିତ କରିଦେଇଥିଲା ।

ଆଞ୍ଚଳିକ ଶାସନକର୍ତ୍ତାଙ୍କ ଏ ପ୍ରକାର ମତାମତ ଉପରେ ଉଚ୍ଚ କର୍ତ୍ତୃପକ୍ଷ ଗୁରୁତ୍ୱଦେବା ସ୍ୱାଭାବିକ କଥା । କାରଣ ସେଇମାନେ ହିଁ ଜନସାଧାରଣ ତଥା ବିଦ୍ରୋହୀମାନଙ୍କ ପ୍ରତ୍ୟକ୍ଷ ସମ୍ପର୍ଶରେ ଆସୁଥିଲେ । ତେଣୁ କିଭଳି ଭାବରେ ସେହି ଅଞ୍ଚଳରେ ଶାନ୍ତି ଓ ଶୃଙ୍ଖଳା ରକ୍ଷା କରାଯାଇପାରିବ ସେ ନେଇ ଉତ୍ତମ ବିବେଚନା ଆଞ୍ଚଳିକ ଶାସକମାନେ କରିପାରିବା ହିଁ ଯଥାର୍ଥ ବୋଲି ସମସ୍ତେ ମନେକରୁଥିଲେ । ଅପରାଧୀମାନଙ୍କୁ ଜବତ୍ତ କରିବା ପାଇଁ ମେଜର ଇମ୍ପେଲେଙ୍କ ପ୍ରସ୍ତାବରେ ଉଚ୍ଚ କର୍ତ୍ତୃପକ୍ଷ କୌଣସି ପ୍ରତିବନ୍ଧକ ସୃଷ୍ଟି କରିବା ପାଇଁ ଆଦୌ ଇଚ୍ଛା କରି ନ ଥିଲେ । ତେଣୁ ଇମ୍ପେଲେଜ୍ ଆତ୍ମସମର୍ପଣ କରିଥିବା ସମସ୍ତ ବିଦ୍ରୋହୀ ନେତାଙ୍କୁ କିପରି ଏକା ସାଙ୍ଗରେ ଓ ହଠାତ୍ ଆକ୍ରମଣ କରି ବନ୍ଦୀ କରିବେ ସେଇ ସୁଯୋଗ ପାଇଁ ଅପେକ୍ଷା କରି ରହିଥିଲେ ।

ସେଇ ପ୍ରସ୍ତାବ ଉପରେ ମତ ପ୍ରକାଶ କରି କମିଶନର କହିଥିଲେ ଯେ ସୁରେନ୍ଦ୍ର ସାଏଙ୍କ ବିରୁଦ୍ଧରେ ଯେତେ ଯେତେ ସରକାରୀ ଓ ଦେଶବିରୋଧୀ ମନୋଭାବର ଘଟଣାବଳୀ ତଥା ପ୍ରମାଣ ରହିଛି, ସେସବୁ ଦୃଷ୍ଟିରୁ ତାହାଙ୍କୁ ଓ ତାହାଙ୍କର ସହଯୋଗୀମାନଙ୍କୁ ବନ୍ଦୀ କରିବା ଆବଶ୍ୟକ । ପୁଣି ସମ୍ବଲପୁର ବାହାରର ଯେ କୌଣସି ଦୂର ସ୍ଥାନକୁ ପଠାଇ ଦିଆଗଲେ ହିଁ ସେହି ଅଞ୍ଚଳର ଶାନ୍ତି ଶୃଙ୍ଖଳା ଫେରାଇ ଅଣାଯାଇପାରିବ । ସେ ମଧ୍ୟ ଇମ୍ପେଲେଜ୍‌ଙ୍କ ଭଳି ସମମତ ପୋଷଣ କରିଥିଲେ ଯେ ଏକାସାଙ୍ଗରେ କମଳ ସିଂହ ଓ ଖଗେଶ୍ୱର ଦାଓଙ୍କ ସମେତ ସମସ୍ତ ନେତାଙ୍କୁ ଗିରଫ କରିବାକୁ ହେବ । ନଚେତ ପୁଣି ସେମାନଙ୍କୁ ଧରିପାରିବା କଷ୍ଟସାଧ୍ୟ ହୋଇପଡ଼ିବ । ସେସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ବିବରଣୀ ନେଇ ସେମାନଙ୍କୁ ଗିରଫ କରି ରାୟପୁର ଜେଲ୍‌କୁ ପଠାଇ ଦେବାପାଇଁ ଆଦେଶ ଦେବାପାଇଁ ଚିଫ୍ କମିଶନରଙ୍କୁ ଆଦେଶ ମାଗିଥିଲେ ।

ଚିଫ୍ କମିଶନର କିନ୍ତୁ ମେଜର ଇମ୍ପେଲେଜ୍ ଓ କମିଶନରଙ୍କ ପ୍ରସ୍ତାବକୁ ନାକଚ କରି ନ ଥିଲେ ମଧ୍ୟ ସମସ୍ତ ଆନ୍ତରିକତାର ସହିତ ସରକାରୀ କାର୍ଯ୍ୟ କରିବାକୁ ଓ ନିଜର କ୍ଷମତା ଅପପ୍ରୟୋଗ ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେଥିରୁ ଅନୁମାନ କରାଯାଇପାରେ ଯେ ସେ ପ୍ରଦତ୍ତ ବିଶ୍ୱାସ କରିପାରି ନ ଥିଲେ ଯେ

Digitized by srujanika@gmail.com

ପ୍ରକୃତରେ ମେଜର ଇମ୍ପେଙ୍କ ମତ କୌଣସି ଫଳପ୍ରଦ ହୋଇପାରିବ । ତଥାପି ସେ କମିଶନରଙ୍କ ପ୍ରସ୍ତାବରେ ଏକମତ ହୋଇଥିଲେ ଯେ ତଥାକଥିତ ବିଦ୍ରୋହୀମାନଙ୍କୁ ସମ୍ବଲପୁରରୁ କିଛୁକାଳ ବାହାରକୁ ପଠାଇ ଦିଆଯାଇପାରେ । ପୁଣି ସେ ମତ ପ୍ରକାଶ କରିଥିଲେ ଯେ, ଯଦି ସେ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ଫେରାଇ ଆଣାଯିବା ପାଇଁ ସେହିଭଳି କିଛି ବା ଅନ୍ୟ କିଛି ଉପାୟ ଅବଲମ୍ବନ କରାଯାଇପାରେ ତାହାହେଲେ ଅଯଥା ସୁରେନ୍ଦ୍ର ସାଏ ଓ ତାହାଙ୍କ ସହକର୍ମୀମାନଙ୍କ ଉପରେ ରାଜଦ୍ରୋହ ଅପରାଧ ଲଦି ଦିଆଯିବା ଉଚିତ ନୁହେଁ । ସେ ବିଶ୍ୱାସ କରି ନ ଥିଲେ ଯେ ଆଇନ ଅନୁସାରେ ପ୍ରତିଷ୍ଠିତ ସରକାରଙ୍କ ବିରୁଦ୍ଧରେ କୌଣସି ରାଜା ଷଡ଼ଯନ୍ତ୍ର ବା ରାଜଦ୍ରୋହ ଅପରାଧ କରୁଥିଲେ । ସେମାନେ ସରକାରୀ ସମର୍ଥକ ନ ହେଲେ ମଧ୍ୟ ନିଜ ନିଜ ରାସ୍ତାରେ ଯାଉଥିଲେ ଏବଂ ନିରପେକ୍ଷ ଥିଲେ । ସେଥିଲାଗି କମିଶନରଙ୍କ ନିକଟରୁ ଅନେକ ତଥ୍ୟ ଗ୍ରହିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ । ତଥାପି ଅଞ୍ଚଳର କର୍ତ୍ତାମାନଙ୍କ ମତାମତ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟ କରିବା ଲାଗି ସେ ନିର୍ଦ୍ଦେଶମାନ ପଠାଇ ଥିଲେ । ସେ ଉଲ୍ଲେଖ କରିଥିଲେ ଯେ ବିଦ୍ରୋହୀମାନଙ୍କୁ ବାହାରକୁ ପଠାଇବା ବେଳେ ଯଦି ଅସୁବିଧା-ଜନକ ପରିସ୍ଥିତି ସୃଷ୍ଟି କରନ୍ତି କିମ୍ବା ରାଜଦ୍ରୋହ ଅପରାଧ କରନ୍ତି ତାହାହେଲେ ଆଇନ ସଙ୍ଗତ କାର୍ଯ୍ୟ କରିବା ଆବଶ୍ୟକ । ଆବଶ୍ୟକ ହେଲେ ସେଥିପାଇଁ ରାୟପୁରରୁ ଅଧିକ ସୈନ୍ୟ ମଗାଇବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ ।

ଏହି ପରିସ୍ଥିତି ଭିତରେ ଜାନୁଆରୀ ୨୮ ତାରିଖ ଦିନ ରାତିରେ ମିଃ ବେରିଲ୍‌ଙ୍କ ଗୁପ୍ତଚର ତାଙ୍କୁ ସମ୍ବାଦ ଦେଇଥିଲା ଯେ କମଳ ସିଂହଙ୍କ ଭାଇ ଗଜରାଜ ସିଂହ ଓ ତାନୋଡ଼ାର ଗ୍ରେଟ ଜମିଦାର ପାହାଡ଼ ଉପରକୁ ଚାଲିଯାଇଛନ୍ତି । ପୁଣି ଖବର ମିଳିଲା ଯେ ଅତି ନିକଟ ଭବିଷ୍ୟତରେ ଝଗେଶ୍ୱର ଦାଓ ତାହାଙ୍କ ପରିବାରଙ୍କୁ ଏକ ନିରାପଦ ସ୍ଥାନକୁ ପଠାଇ ଦେଉଅଛନ୍ତି । କମଳ ସିଂହ ପ୍ରାୟ ଶହେଜଣ ନିପୁଣ ବନ୍ଧୁକଧାରୀଙ୍କ ସମେତ ପ୍ରାୟ ଏକ ହଜାର ଅନୁଚରଙ୍କ ସହ ବିଦ୍ରୋହୀ ଦଳ ସଗଠିତ କରିଛନ୍ତି । ସେମାନେ ଖୁବ୍ ନିକଟ ଭବିଷ୍ୟତରେ ସମ୍ବଲପୁର ଆକ୍ରମଣ କରିବେ । ପୁଣି ସରକାରଙ୍କ ଗୁପ୍ତଚରମାନେ ବିଭିନ୍ନ ସ୍ଥାନରେ ମେଳ କରୁଥିବା ବିଦ୍ରୋହୀମାନଙ୍କୁ ଦେଖିଥିବା ସମ୍ବାଦମାନ ଦେଇଥିଲେ ।

ପୁଣି ସେତେବେଳେ ଇଂରେଜ ଅଫିସରମାନେ ସମ୍ବାଦ ପାଇଥିଲେ ଯେ, ମିତ୍ରଭାନୁ ସାଏ ତାହାଙ୍କ ପିତାଙ୍କ ନିର୍ଦ୍ଦେଶକ୍ରମେ ଗ୍ରେଟନାଗପୁରର ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲେ ଏବଂ ୧୮୬୪ ମସିହା ଜାନୁଆରୀ ୨୨ ତାରିଖ ଦିନ ଅପରାହ୍ଣରେ ଫେରିଥିଲେ ସମ୍ବଲପୁର ଓ ତାଙ୍କର ପରିବାର ତଥା ମୂଲ୍ୟବାନ

Digitized by srujanika@gmail.com

ସମ୍ପତ୍ତି ସବୁ ସେହି ଦିନହିଁ ସେଠାରୁ ବାହାରକୁ ପଠାଇ ଦେଇଥିଲେ । ତେଣୁ କମିଶନର ଆଶଙ୍କା କରିଥିଲେ ଅତିଶୀଘ୍ର ସେ ତାହାଙ୍କ ପିତାଙ୍କ ସହିତ ବିଦ୍ରୋହି ମାନଙ୍କ ନିକଟକୁ ଚାଲିଯିବେ ଓ ସମ୍ବଲପୁର ଆକ୍ରମଣ କରିବେ ।

ପୂର୍ବ ସିଦ୍ଧାନ୍ତ ଅନୁଯାୟୀ ସବୁ ବିପ୍ଳବୀମାନଙ୍କୁ ଏକାସାଙ୍ଗରେ ଧରିବା ପାଇଁ ତତ୍‌କ୍ଷଣାତ ଯୋଜନା ପ୍ରସ୍ତୁତ ହେଲା । ଡେପୁଟି କମିଶନର ମେଜର କମରଲେଜ୍ ସେଠାରେ ସେତେବେଳେ ଅବସ୍ଥାନ କରୁଥିବା କମିଶନରଙ୍କ ନିକଟରୁ ସେଥିପାଇଁ ଯଥାଯଥ ଅନୁମତି ନେଇଥିଲେ । ସେ ଡେପୁଟି ଇନସ୍‌ପେକ୍ଟର ଜେନେରାଲଙ୍କ ସହିତ ପରାମର୍ଶ କରିଥିଲେ ସୁରେନ୍ଦ୍ର ସାଏ, ତାହାଙ୍କ ପୁତ୍ର ମିତ୍ରଭାନୁ ସାଏ, ତାହାଙ୍କ ଭାଇମାନେ ଯଥା ଉଦନ୍ତ ସାଏ, ଧ୍ରୁବ ସାଏ, ଧ୍ରୁବ ସାଏଙ୍କ ପୁଅ ହରିହର ସାଏ, ମେଦିନ ସାଏ, ଅଗାଜୁ ଓ ବ୍ରଜମୋହନ, ତାହାଙ୍କ ଅବୈଧ ପୁତ୍ରମାନେ ଚୈତନ୍ୟ ସାଏ, ମୁଦନସାଏ ଓ ଗର୍ଜର ସାଏ ଏବଂ ଗେବାଗ, ସୁରେନ୍ଦ୍ର ସାଏଙ୍କ ବନ୍ଧୁ ତଥା ଉପଦେଷ୍ଟା ଲୋକନାଥ ଗଡ଼ତିଆ, ଧରଣୀ ମିଶ୍ର, ଖଗେଶ୍ୱର ଦାଓ, ମୋହନ ଦାଓ ଓ ମୁରଲି ଦାଓ ପ୍ରମୁଖମାନଙ୍କୁ ଏକାସାଙ୍ଗରେ ଗିରଫ କରିବାପାଇଁ । ସେଥିପାଇଁ ସେମାନେ ଗୋଟିଏ ଅସୁବିଧାର ସମ୍ମୁଖୀନ ହେବାକୁ ହୋଇଥିଲା । କାରଣ ଥିଲା ସମସ୍ତେ ଗୋଟିଏ ସ୍ଥାନରେ ନ ଥିଲେ । କେବଳ ସୁରେନ୍ଦ୍ର ସାଏ ଓ ମିତ୍ରଭାନୁ ସାଏ ଥିଲେ ସମ୍ବଲପୁରରେ, ଅନ୍ୟାନ୍ୟମାନେ ନିଜ ନିଜ ଗ୍ରାମରେ ରହିଥିଲେ ।

ଇଂରେଜ ସରକାରୀ ହାକିମମାନେ ଆଶଙ୍କା କରିଥିଲେ ଯେ ସେମାନଙ୍କ ଯୋଜନାର ସାମାନ୍ୟତମ ଆଭାସ ବାହାରେ ପ୍ରଚାରିତ ହୋଇଗଲେ ସମସ୍ତଙ୍କୁ ଗିରଫ କରିବା ଅସମ୍ଭବ ହୋଇପଡ଼ିବ । ତେଣୁ ଖୁବ୍ ସତର୍କତାର ସହିତ ସମସ୍ତ ଯୋଜନା ଗୋପନୀୟଭାବେ ରଖାଗଲା । ଏପରିକି କୌଣସି ପୋଲିସକୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପ୍ରସ୍ତୁତ ହେବାପାଇଁ ମଧ୍ୟ ଆଦେଶ ଦିଆଯାଇ ନ ଥିଲା । ଜାନୁୟାରୀ ୨୩ ତାରିଖ ସନ୍ଧ୍ୟାବେଳେ ଇନ୍‌ସପେକ୍ଟର ଜେନେରାଲ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ, ଓ କମିଶନର ଶେଷ ନିଷ୍ପତ୍ତି ଗ୍ରହଣ କରିଥିଲେ ଯେ ସେହି ରାତିରେ ହିଁ ସେମାନେ ତାହାଙ୍କର ଯୋଜନାକୁ କାର୍ଯ୍ୟକାରୀ କରିବେ ।

ଯୋଜନାକୁ କାର୍ଯ୍ୟକାରୀ କରାଯିବାପାଇଁ କମିଶନର ସେଠାରେ ଯେଉଁ ଉଚ୍ଚ ପଦାଧିକାରୀ ଇଂରେଜ ବାସିନ୍ଦା ଥିଲେ ସମସ୍ତଙ୍କୁ ଏକତ୍ରିତ କରାଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ, କେପ୍‌ଟନ ଷ୍ଟେୱାର୍ଟ, ଲେପଟନାଣ୍ଟ ୱାଇଟ୍ ଆଉଟ୍, ସିଭିଲ ସର୍ଜନ ଡକ୍ଟର ଗ୍ରାସ୍ ତଥା ସେଠାରେ ବାସ କରୁଥିବା ଜଣେ ଇଉରୋପୀୟ ବାସିନ୍ଦା ଓ୍ୱାକର । ସମସ୍ତେ କମରଲେଜ୍‌ଙ୍କ ବାସଭବନରେ ରାତି

Digitized by srujanika@gmail.com

ସାଢ଼େ ଦଶଟାବେଳେ ଏକତ୍ରିତ ହୋଇଥିଲେ ଏବଂ ଯୋଜନାକୁ ସଫଳ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ । ଠିକ୍ ସେତେବେଳେ ପୋଲିସ୍ ଇନସ୍‌ପେକ୍ଟର ମୋହନ ସିଂହ ସମ୍ବାଦ ଦେଇଥିଲେ ଯେ ସୁରେନ୍ଦ୍ର ସାଏ ଓ ମିତ୍ରଭାନୁ ସାଏ ବରଗାଁର ଗୋଟିଏ ଘରେ ରହୁଥିଲେ । ସଙ୍ଗେ ସଙ୍ଗେ ସେହି ଦଳ ମୋହନ ସିଂହଙ୍କ ସହିତ ଅତି ଗୋପନୀୟ ଭାବେ ମହାନଦୀର ଗୋଟିଏ ଘାଟ ନିକଟକୁ ଯାଇଥିଲେ । ସେଠାରୁ ମହାନଦୀରେ କିଛିଦୂର ଯାଇ ତୀର କୂଳରେ ଥିବା ସୁରେନ୍ଦ୍ର ସାଏଙ୍କ ଗୃହର ଚାରିପାଖରେ ଘେରିଯାଇଥିଲେ । ଅଚାନକଭାବେ ସୁରେନ୍ଦ୍ର ସାଏ ସରକାରଙ୍କ ସେଭଳି ଆକ୍ରମଣରେ ଆଶ୍ଚର୍ଯ୍ୟ ହୋଇଥିଲେ ଏବଂ ସେଠାରେ ଥିବା ସମସ୍ତେ ଆତ୍ମ-ସମର୍ପଣ କରିଥିଲେ । ଅତି ସୁବିଧାରେ ମେଜର କମରଲେଜ ସୁରେନ୍ଦ୍ର ସାଏ, ମିତ୍ରଭାନୁ ସାଏ, ଧରଣୀ ମିଶ୍ର, ସୁରେନ୍ଦ୍ର ସାଏଙ୍କ ପୁତୁରା ମୁଣ୍ଡା ତଥା ଧ୍ରୁବସାଏଙ୍କ ଅବୈଧପୁତ୍ର ପ୍ରମୁଖ ସମସ୍ତଙ୍କୁ ବନ୍ଦୀ କରିପାରିଥିଲେ । କେବଳ ସେତିକି ନୁହେଁ, ତାହାଙ୍କ ଘରର ଚାକର ବାକର ସମସ୍ତଙ୍କୁ ଖୁବ୍ କଡ଼ା କଟକଣା ଭିତରେ ରଖା-ଯାଇଥିଲା । ତାପରେ ଅଫିସରମାନେ ଦଳ ଦଳ ହୋଇ ଔଲଗୁ ଓ ଲୋକନାଥ ପଣ୍ଡାଙ୍କୁ ଧରିବାକୁ ଯାଇଥିଲେ । କମରଲେଜ୍ ଔଲଗୁଙ୍କୁ ତାଙ୍କ ଘରେ ନପାଇ ଦଳେ ସିପାହିଙ୍କୁ ନିଯୁକ୍ତ କରିଥିଲେ ତାହାଙ୍କୁ ଖୋଜିବା ପାଇଁ ଓ ସେ ଫେରି ଆସିଥିଲେ ଯୋଜନାଭୁକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ।

ସେମାନଙ୍କ ଦଳ ଉଦନ୍ତ ସାଏଙ୍କ ଗ୍ରାମ ତଳବ ଆଡ଼କୁ ଅଗ୍ରସର ହୋଇଥିଲା । ସେଠାରୁ ତଳବର ଦୂରତା ଥିଲା ପ୍ରାୟ ୧୧ କିଲୋମିଟର । ସେଠାରେ ସେମାନେ ଉଦନ୍ତ ସାଏ ଓ ମେଦନୀ ସାଏଙ୍କୁ ଗିରଫ କରିଥିଲେ । ସେମାନେ ସେଠାରେ ଜଣେ ହେଡ଼ କନେଷ୍ଟବଲଙ୍କ ତତ୍ତ୍ୱାବଧାନରେ ଦଶଜଣ ସିପାହିଙ୍କୁ ଘର ଖାନତଲାସ କରିବାପାଇଁ ଛାଡ଼ିଦେଇଥିଲେ ଓ ସେଠାରୁ ଆହୁ ପ୍ରାୟ ୮ କିଲୋମିଟର ଦୂରବର୍ତ୍ତୀ ତବଲ ଗ୍ରାମଆଡ଼କୁ ଯାତ୍ରା କରିଥିଲେ ଧ୍ରୁବସାଏ ଓ ତାହାଙ୍କ ପୁତ୍ରମାନଙ୍କୁ ଧରିବା ପାଇଁ । ସେତେବେଳକୁ ଭୋର, ସମୟ ୪ ଘଣ୍ଟା ୧୫ ମିନଟ୍ ହୋଇଯାଇଥିଲା । ସେଠି ପହଞ୍ଚି ଅଭିଳଷିତ ବ୍ୟକ୍ତିମାନଙ୍କୁ ଗିରଫ କରାଯାଇଥିଲା । କମରଲେଜ୍ ଓ ବେରିଲ୍ ଦୀର୍ଘ ୪୦ କିଲୋମିଟର ଦୂରବର୍ତ୍ତୀ ବନ୍ଧାଗ୍ରାମ ଆଡ଼କୁ ଛୁଟିଥିଲେ ସେଇ ରାତିର ଘୋର ଅନ୍ଧକାର ଭିତରେ । ସେମାନଙ୍କ ମତରେ ସବୁଠାରୁ ଭୟଙ୍କର ଓ ଦୁଷ୍ଟ ବିପ୍ଳବୀ ଖଗେଶ୍ୱର ଦାଓ ଓ ତାହାଙ୍କର ଭାଇମାନଙ୍କୁ ବନ୍ଦୀ କରିବା ଏକାନ୍ତ ଆବଶ୍ୟକ ବୋଲି ସେମାନେ ବିଚାର କରିଥିଲେ । ସେମାନେ ଏତେ କ୍ଷିପ୍ରଗତିରେ ଯାଇଥିଲେ ଯେ କୌଣସି ସରକାରୀ ପୋଲିସ୍ ତାହାଙ୍କ ସହିତ ଅଗ୍ରସର ହୋଇ ପାରିନଥିଲେ । କିପରି ସକାଳ ହେବା ପୂର୍ବରୁ ସେଠାରେ ପହଞ୍ଚି ପାରିବେ ସେଥି ପାଇଁ ସେମାନେ ଅତି ବ୍ୟାକୁଳ ହୋଇ ଉଠିଥିଲେ । ସେମାନେ ସାଙ୍ଗରେ

Digitized by srujanika@gmail.com

ନେଇଥିବା ଛଅଜଣ ଅଶ୍ୱାରୋହୀ ସୈନ୍ୟ ଓ ରାସ୍ତାକୁ ନେଇଥିବା ଦୁଇଜଣ ପଦାତିକ ପୋଲିସଙ୍କ ସହାୟତାରେ ସେମାନଙ୍କୁ ବନ୍ଦୀ କରିଥିଲେ ।

କିନ୍ତୁ ସେମାନଙ୍କ ଦୃଷ୍ଟିରେ ଅନ୍ୟତମ କୁଖ୍ୟାତ ବିପ୍ଳବୀ ନେତା କୁଞ୍ଜଳ ସିଂହଙ୍କୁ ଇଂରେଜ ଅଫିସରମାନେ ବନ୍ଦୀ କରିପାରି ନ ଥିଲେ ।

ଯାବଜ୍ଜୀବନ କାରାଦଣ୍ଡ

କମରଲେକ୍ ଯେଉଁଭଳି ଭାବରେ ସାଗ୍ରତ ଧାନକଆଷ୍ଟର ହୃଢ଼ ତଥା କାଦୁଅରାସ୍ତା, ରାତିର ଘନ ଅନ୍ଧାରକୁ ଭ୍ରୂକ୍ଷେପ ନ କରି ଗାଁରୁ ଗାଁକୁ ଯାଇ, ଏକାଦିକ୍ରମେ ଦୀର୍ଘପଥ ଅତିକ୍ରମ କରି ତଥାକଥିତ ଅପରାଧୀମାନଙ୍କୁ ଗିରଫ କରିଥିଲେ, ସେଥିପାଇଁ ଭାରତର ବଡ଼ଲାଟଙ୍କୁ ତାହାଙ୍କର ପ୍ରଶଂସା କରିବା ପାଇଁ ସୁପାରିଶ କରାଯାଇଥିଲା । ମଧ୍ୟପ୍ରଦେଶର ଅସ୍ଥାୟୀ ଚିଫ୍ କମିଶନର ମି. ବେରିଲ ଓ କମରଲେକ୍‌ଙ୍କ ରାଜକାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ ।

ତା'ପରେ ସରକାରୀ କର୍ତ୍ତୃପକ୍ଷଙ୍କ ପ୍ରଧାନ ଚିନ୍ତା ଥିଲା—ଗିରଫ ହୋଇଥିବା କଏଦୀମାନଙ୍କୁ କିଭଳି ଭାବରେ ସମ୍ବଲପୁରରୁ ସ୍ଥାନାନ୍ତର କରାଯିବ । କମିଶନର ମଧ୍ୟ ନିଷ୍ପତ୍ତି କରିଥିଲେ ଯେ, ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କ ନାମରେ ସେଭଳି ଉପଯୁକ୍ତ ପ୍ରମାଣ ନାହିଁ ସେମାନେ ମଧ୍ୟ ରାଜନୈତିକ କାରଣରୁ ନିର୍ବାସିତ ହେବେ । ସେଭଳି ପଦକ୍ଷେପ ନେବାପାଇଁ କମରଲେକ୍ ପ୍ରସ୍ତାବ ଦେଇଥିଲେ । କାରଣ ତାହାଙ୍କର ହୃଦ୍‌ବୋଧ ହୋଇଥିଲା ଯେ ପ୍ରକୃତରେ ସମ୍ବଲପୁର ଓ ତାର ଆଖପାଖ ଅଞ୍ଚଳରେ ହେଉଥିବା ତଥାକଥିତ ପ୍ରଲମ୍ବିତ ଗୋଳମାଳ ସହିତ ସୁରେନ୍ଦ୍ର ସାଏ ଓ ଗିରଫ ହୋଇଥିବା ତାହାଙ୍କ ଦଳ ସଂଶ୍ଳିଷ୍ଟ ଥିଲେ ଓ ସେହି ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ଫେରାଇ ଆଣିବା ପାଇଁ ସେମାନଙ୍କ ନିର୍ବାସନ ଏକାନ୍ତ ଆବଶ୍ୟକ ।

ଇତି ମଧ୍ୟରେ ବିପ୍ଳବୀ ନେତା କୁଞ୍ଜଳ ସିଂହଙ୍କୁ ଧରିବା ପାଇଁ ପୁଣିଥରେ ଏକ ବିଫଳ ଚେଷ୍ଟା କରାଯାଇଥିଲା । ମି. ବେରିଲ ସମ୍ବାଦ ପାଇଥିଲେ ଯେ, ଘେଁସ ଜମିଦାରୀ କିଛି ଦୂରରେ ଅବସ୍ଥିତ ବଡ଼ମାଳ ଗ୍ରାମରେ କୁଞ୍ଜଳ ସିଂହ ରାତ୍ରିଯାପନ କରୁଥିଲେ ଓ ଦିନବେଳେ ଜଙ୍ଗଲରେ ରହୁଥିଲେ । ତେଣୁ ୧୮୬୪ ମସିହା ମାର୍ଚ୍ଚ ୭ ତାରିଖ ସନ୍ଧ୍ୟାରେ ବେରିଲ ଓ ବୋଇ ବାହାରି ରାତି ଭିତରେ ପ୍ରାୟ ୧୫

Digitized by srujanika@gmail.com

କଲେମିଟର ରିପୋର୍ଟ ଅନୁସାରେ ଜଣ ବୋର ତୋରନ୍ତୁ ତାହାଙ୍କ ଉପରେ ଆକ୍ରମଣ କରିବା ଉଦ୍ଦେଶ୍ୟ ଥିଲା; କିନ୍ତୁ ସେମାନେ ପଥଚ୍ୟୁତ ହୋଇ ସକାଳ ସାତଟାବେଳେ ବଡ଼ମାଲରେ ପହଞ୍ଚିବା ବେଳକୁ କୁଞ୍ଜଲ ସିଂହ ଚାଲିଯାଇଥିଲେ । ତାହାଙ୍କ ଅନୁସନ୍ଧାନରେ ଜଙ୍ଗଲ ଭିତରକୁ ଯାଇ ଗୋଟିଏ କୁଡ଼ିଆ ଘରର ସନ୍ଧାନ ପାଇଥିଲେ । ସେଠାରେ ଗ୍ରେଣ୍ଟ ପିଲଟିଏ ରୋଷେଇ କରୁଥିଲା ଓ ସେ ଖବର ଦେଇଥିଲା ଯେ କୁଞ୍ଜଲ "ନାଲମୁଣ୍ଡି" ଅଡ଼କୁ ଯାଇଥିଲେ । ସେମାନେ ଅଗ୍ରସର ହୋଇ ରୋଷେଇ ହୋଇଥିବା କିଛି ଖାଦ୍ୟ ଗୋଟିଏ ପାହାଡ଼ରେ ଥିବାର ସନ୍ଧାନ ପାଇଥିଲେ ମଧ୍ୟ ଆସାମୀର ସନ୍ଧାନ ପାଇପାରି ନ ଥିଲେ । ସେମାନଙ୍କ ଧାରଣା ହୋଇଥିଲା ଯେ ତାହାଙ୍କୁ ଆଶ୍ରୟ ଦେବା ସଙ୍ଗେ ସଙ୍ଗେ ବିଭିନ୍ନ ଭାବରେ ସାହାଯ୍ୟ କରୁଥିଲେ ତାହାଙ୍କ ଭାଇ ହାତୀ ସିଂହ ଓ ବଇରି ସିଂହ । ତେଣୁ ସେମାନେ ମଧ୍ୟ ଗିରଫ ହେବା ଉଚିତ ।

ସେମାନେ ବିଫଳ ହୋଇ ଫେରିଥିଲେ । ପରେ ତାହାଙ୍କୁ ଧରିବା ପାଇଁ ୬୦୦୦ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା ।

ଜଣେ ଫକୀର ଭାବରେ ସେ ସାରଙ୍ଗଗଡ଼ ରାଜଧାନୀରେ ବୁଲୁଥିବାବେଳେ ସେଠାକାର ରାଜା ତାହାଙ୍କୁ ଧରି ସରକାରଙ୍କ ଜିମା ଦେଇଥିଲେ ଓ ଫଳରେ ରାଜା ଇଂରେଜମାନଙ୍କ ଅତି ବିଶ୍ୱାସଭାଜନ ହୋଇପାରିଥିଲେ । ତାହା ସଙ୍ଗେ ସଙ୍ଗେ ଦୁଇହଜାର ଟଙ୍କା ପୁରସ୍କାର ମଧ୍ୟ ଲାଭ କରିଥିଲେ ।

ଗିରଫଦାରୀ ପରେ ପରେ ବିଦ୍ରୋହୀମାନଙ୍କୁ ରାଜବନ୍ଦୀରୂପେ ରାୟପୁରକୁ ପଠାଇବା ଲାଗି ସ୍ଥିର କରାଯାଇଥିଲା । ତେଣୁ ୧୮୬୪ ମସିହା ଜାନୁଆରୀ ୨୬ ତାରିଖ ଦିନ ସୁରେନ୍ଦ୍ର ସାଏ, ଉଦନ୍ତ ସାଏ, ମେଦନ ସାଏ, ମିତ୍ରଭାନୁ ସାଏ, ଧ୍ରୁବ ସାଏ ଓ ତାହାଙ୍କ ପୁତ୍ରଗଣ, ଖଗେଶ୍ୱର ଦାଓ ଏବଂ ତାହାଙ୍କର ଦୁଇଜଣ ଭାଇ, ଲୋକନାଥ ପଣ୍ଡା, ଧରଣୀଧର ମିଶ୍ର, ଶ୍ରୀଧାକର ମଲିକ ପ୍ରମୁଖ ନେତାମାନେ ରାୟପୁରକୁ ପ୍ରେରିତ ହୋଇଥିଲେ । ସେମାନଙ୍କ ସହିତ ଦଳେ ସୈନ୍ୟ, କୋଡ଼ିଏ ଜଣ ଘୋଡ଼ା ସବାର ଜଗୁଆଳଙ୍କ ସମେତ ୬୦ ଜଣ ପଦାତିକ ସୈନ୍ୟ ଯାଇଥିଲେ । ଲେଫ୍‌ଟେନାଣ୍ଟ ଗାଇଡ୍‌ ଆଉଟଙ୍କ ନେତୃତ୍ୱରେ ସେହି ଦଳସବୁ ଯାତ୍ରା କରିଥିଲେ ।

ଇତି ମଧ୍ୟରେ ବନ୍ଦୀମାନଙ୍କୁ ଜେଲ୍‌ରେ ଅଟକ ରଖିବା ଲାଗି ବଡ଼ଲାଟଙ୍କ ନିର୍ଦ୍ଦେଶ ଆସି ଯାଇଥିଲା । ତେଣୁ ମଧ୍ୟପ୍ରଦେଶର ଚିଫ୍ କମିଶନର ଏକ ପ୍ରସ୍ତାବ ଦେଇଥିଲେ ଯେ ବନ୍ଦୀମାନଙ୍କୁ ନାଗପୁର ଜେଲ୍‌ରେ ରଖିଲେ ସମ୍ବଲପୁରବାସୀଙ୍କ ଉପରେ ତାହାର ସୁ-ପ୍ରଭାବ ପଡ଼ିପାରେ ; ତଥାପି ସେ ନିର୍ଦ୍ଦେଶ ଦେଇଥିଲେ ଯେ,

Digitized by srujanika@gmail.com

ବନ୍ଦୀମାନଙ୍କ ସହିତ ଦଳେ ସୈନ୍ୟ ଜଣେ ୟୁରୋପୀୟ ଅଫିସରଙ୍କ ନେତୃତ୍ୱରେ ପରିଚାଳିତ ହୋଇ ଆସିବା ଆବଶ୍ୟକ । ସେ ଅଫିସର ଜଣକ ନାଗପୁରରେ ପହଞ୍ଚିବା ମାତ୍ରେ ଚିଫ୍ କମିଶନରଙ୍କ ସେକ୍ରେଟାରୀଙ୍କ ସହ ଦେଖାକରି ବନ୍ଦୀମାନଙ୍କ ଭବିଷ୍ୟତ ବ୍ୟବସ୍ଥା ସମ୍ପର୍କରେ ପରାମର୍ଶ କରିବେ । ତଥାପି ସେ ଆଶଙ୍କା କରିଥିଲେ ଯେ ରାସ୍ତାରୁ ବନ୍ଦୀମାନେ ହୁଏତ ଖସି ପଳାଇ ଯାଇପାରନ୍ତି କିମ୍ବା ସେମାନଙ୍କ ବନ୍ଧୁମାନଙ୍କ ସହାୟତାରେ ମୁକ୍ତିପାଇବା ପାଇଁ ବ୍ୟବସ୍ଥା କରିପାରନ୍ତି । ସେହି ଦୃଷ୍ଟିରୁ ଅତି ସତର୍କ ରହିବା ପାଇଁ ସେ କଡ଼ା ନିର୍ଦ୍ଦେଶ ଦେଇଥିଲେ । ପୁଣି ନାଗପୁରରେ କଡ଼ା ପ୍ରହରୀର ବ୍ୟବସ୍ଥା କରାଇବା ଲାଗି ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ । କୌଣସି ସମୟରେ ଏପରିକି ବନ୍ଦୀମାନେ ସ୍ନାନ କରିବା ସମୟରେ ମଧ୍ୟ ପ୍ରହରୀ ବ୍ୟବସ୍ଥା ଆଦୌ କୋହଳ କରାଯିବା ଉଚିତ ନୁହେଁ ବୋଲି ମତଦେଇ ଯେଉଁ ଅଫିସର ସେମାନଙ୍କ ସହିତ ଆସିଥିବେ ତାହାଙ୍କର ସେସବୁ ଦୃଷ୍ଟିରୁ ଗୁରୁଦାୟିତ୍ୱ ଥିବା କଥା ମଧ୍ୟ ସୂଚାଇ ଦେଇଥିଲେ ।

କେପ୍ଟେନ ମର୍କର୍‌ଙ୍କ ତତ୍ତ୍ୱାବଧାନରେ ସାତ ନମ୍ବର ମାନ୍ଦ୍ରାଜ ପଦାତିକ-ବାହିନୀର ପୂରା ଦଳେ ସୈନ୍ୟ ଓ ନଅଜଣ ସଶସ୍ତ୍ର ପୋଲିସ ପ୍ରହରୀ ଭିତରେ ସୁରେନ୍ଦ୍ର ସାଏ, ମିଢ଼ିବାନ୍ଦୁ ସାଏ, ଉଦନ୍ତ ସାଏ, ଧ୍ରୁବ ସାଏ, ଝଗେଶ୍ୱର ଦାଓ ଓ ଲୋକନାଥ ପଣ୍ଡା ରାମପୁରରୁ ନାଗପୁର ଅଭିମୁଖେ ଯାତ୍ରା କରିଥିଲେ । ସେହିମାନଙ୍କ ଦୀର୍ଘ ୧୪ ଦିନର ଯାତ୍ରାପଥରେ ୧୪ଟି ରହଣୀ ସ୍ଥାନ ପୂର୍ବରୁ ନିର୍ଦ୍ଧାରିତ କରି ଦେଇଥିଲେ ଛତିଶଗଡ଼ର କମିଶନର । ସେମାନଙ୍କ ଯାତ୍ରାକାଳ ନିର୍ଦ୍ଧାରିତ ହୋଇଥିଲା ନଭେମ୍ବର ୨୧ରୁ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ । ବନ୍ଦୀମାନଙ୍କ ଖାଇବା ପିଇବା ଇତ୍ୟାଦିର ଖବର ରଖିବା ସଙ୍ଗେ ସଙ୍ଗେ ଖର୍ଚ୍ଚର ହି.ାବ ରଖିବା ଏବଂ ସେନାଧ୍ୟକ୍ଷଙ୍କୁ ସାହାଯ୍ୟ କରିବା ପାଇଁ ଜଣେ ନାଏବ ନାଜର ସେମାନଙ୍କ ସହିତ ଯାତ୍ରା କରିଥିଲେ । ସାମରିକବାହିନୀ ବନ୍ଦୀମାନଙ୍କ ପାଇଁ ହାତକଡ଼ା ଓ ଗୋଡ଼ର ଶିକୁଳି ବୁହିବାରୁ ସେମାନଙ୍କୁ ତାହା ଦିଆଯାଇଥିଲା ଏବଂ ତାଗିଦ୍ କରି ଦିଆଯାଇଥିଲା ଯେ ଅତି ଜରୁରୀ ପରିସ୍ଥିତି ନ ଉପୁଜିଲେ ସେମାନେ ସେଭଳି ସେଗୁଡ଼ିକ ବ୍ୟବହାର ନ କରନ୍ତି । କାରଣ ଅପରାଧୀମାନେ ଗୁରୁତର ଅପରାଧରେ ଦଣ୍ଡିତ ନୁହନ୍ତି । ରାସ୍ତା ମଧ୍ୟରେ ଯେତେକ ବେସାମରିକ ପୋଲିସ କର୍ତ୍ତୃପକ୍ଷ ଥିଲେ ସେମାନଙ୍କୁ ମଧ୍ୟ ଯଥାଯଥ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଆବଶ୍ୟକ ସ୍ଥଳେ ସେମାନେ ସାହାଯ୍ୟ ଦେବେ ଏବଂ ଉକ୍ତ ଦଳ ସମ୍ପର୍କରେ ସରକାରଙ୍କୁ ସମ୍ବାଦ ଜଣାଇ ଦେଉଥିବେ । ସେହି ଅନୁସାରେ ଯାତ୍ରାପଥର ବିଭିନ୍ନ ସ୍ଥାନରୁ ସରକାରଙ୍କ ବନ୍ଦୀମାନଙ୍କ ଯାତ୍ରାପଥର ସମ୍ବାଦସବୁ ଜଣାଇ ଦିଆଯାଉଥିଲା ।

Digitized by srujanika@gmail.com

ରାଏପୁରରେ ପହଞ୍ଚିବା ପରେ ସେମାନଙ୍କୁ କିଛିକାଳ ପାଇଁ ପୋଲିସ ଡାକ୍ତରଖାନା ଉଦ୍ଦେଶ୍ୟରେ ନିର୍ମିତ ହୋଇଥିବା ଗୃହରେ ଅଟକାଇ ରଖାଯାଇଥିଲା । ପରେ ପରେ ସିଦ୍ଧାନ୍ତ ନିଆଯାଇଥିଲା ଯେ ଯଦି ସେମାନଙ୍କୁ ସେଠାରେ ରଖିବା ପ୍ରସ୍ତାବ ହୁଏ ତାହେଲେ ଆଉ ଗୋଟିଏ ଗୃହ ଆବଶ୍ୟକ ପଡ଼ିବ କିମ୍ବା ପୋଲିସ ଡାକ୍ତରଖାନାକୁ ବୃଦ୍ଧି କରାଯିବା ଆବଶ୍ୟକ ।

ଛତିଶଗଡ଼ର କମିଶନର ସେହି ବନ୍ଦୀମାନଙ୍କ ବିଷୟ ଲାଗି ସମ୍ବଲପୁର ଆସିଷ୍ଟେଣ୍ଟ କମିଶନରଙ୍କ ନିକଟରୁ ଗୋଟିଏ ରିପୋର୍ଟ ଚାହିଁଥିଲେ । ଡେପୁଟି କମିଶନର ତାହାଙ୍କ ରିପୋର୍ଟରେ ୧୩ ଜଣ ମୁଦାଲାଙ୍କୁ ଭାରତୀୟ ଦଣ୍ଡବିଧି ଆଇନର ୧୨୨ ଦଫାରେ ଅଭିଯୁକ୍ତ କରାଇବା ଲାଗି ମିଳିଥିବା ପ୍ରମାଣ ଯଥେଷ୍ଟ ବୋଲି ମତ ପ୍ରଦାନ କରିଥିଲେ । ଗିରଫ ହୋଇଥିବା ଅନ୍ୟ ମୁଦାଲା ଯଥା ବ୍ରଜମୋହନ ସାଏ, ଚୈତନ୍ୟ ସାଏ, ମୁର୍ଦ୍ଦନ ସାଏ ତଥା ଗର୍ଜନ ସାଏ ପ୍ରମୁଖଙ୍କ ବିରୁଦ୍ଧରେ କୌଣସି ତଥ୍ୟ ସଂଗ୍ରହ କରିପାରି ନ ଥିଲେ ଏବଂ ସେହି କାରଣରୁ ସେମାନଙ୍କ ବିରୁଦ୍ଧରେ କୌଣସି ପ୍ରତ୍ୟକ୍ଷ ପ୍ରମାଣ ନ ଥିବା କଥା ଦର୍ଶାଇଥିଲେ । କିନ୍ତୁ ତଥାପି ସେ ଚାହୁଁ ନ ଥିଲେ ଯେ ନିରପରାଧୀ ଲୋକମାନେ ମୁକ୍ତି ପାଆନ୍ତୁ । ତେଣୁ କୁଟିଳ ମନୋଭାବାପନ୍ନ କମରଲେଜ ମତାମତ ଦେଇଥିଲେ ବ୍ରଜମୋହନ ଓ ଅନ୍ୟମାନେ ଧ୍ରୁବ ସାଏଙ୍କ ପୁଅ ହୋଇଥିବା ଯୋଗୁଁ ସେମାନଙ୍କ ପିତା ଯେଉଁ ଷଡ଼ଯନ୍ତ୍ର ପାଇଁ ଗିରଫ ହୋଇଥିଲେ ସେ ସମ୍ପର୍କରେ ସେମାନେ ସମ୍ପୂର୍ଣ୍ଣ ଜ୍ଞାତ ଥିଲେ ଓ ସରକାରଙ୍କୁ ତାହା ଜଣାଇ ନ ଥିଲେ । ସେଥିପାଇଁ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଦଣ୍ଡ ଦିଆଯିବା ଆବଶ୍ୟକ ।

କୌଣସିମତେ ଗିରଫ ହୋଇଥିବା ବିଦ୍ରୋହୀମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ମଧ୍ୟପ୍ରଦେଶ ସରକାରଙ୍କ ଉଦ୍ଦେଶ୍ୟ ଥିଲା । ତେଣୁ ରାଏପୁର କମିଶନର ସମ୍ବଲପୁରର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ବେରିଲଙ୍କ ନିକଟରୁ ମଧ୍ୟ ଏକ ରିପୋର୍ଟ ଚାହିଁଥିଲେ । ପୁଣି କେପ୍‌ଟେନ୍ ଷ୍ଟେବାର୍ଟ ଝଗେଶ୍ୱର ଦାଓ ଓ ସରକାରଙ୍କ ଦ୍ୱାରା ନିଯୁକ୍ତ ଗୁପ୍ତଚରଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ଶୁଣିଥିବା ଓ ତାହାକୁ ଲିପିବଦ୍ଧ କରିଥିବା ସମ୍ପର୍କରେ ମଧ୍ୟ ଏକ ରିପୋର୍ଟ ମାଗିଥିଲେ । ପୁଣି ୨୦ ଜଣ ସରକାରୀ ସମର୍ଥକ ନିକଟରୁ ସାକ୍ଷ୍ୟ ନିଆଯାଇଥିଲା । ସେମାନଙ୍କ ମଧ୍ୟରୁ ଅନେକ ମତ ଦେଇଥିଲେ ଯେ ଗିରଫ ହୋଇଥିବା ବିଦ୍ରୋହୀ ନେତାମାନେ ସରକାରଙ୍କୁ ଗାଦିଚ୍ୟୁତ କରାଇବା ପାଇଁ ଯୋଜନା କରୁଥିଲେ । ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କୁ କଚେରୀରେ ହାଜର ହେବାପାଇଁ ସମନ କରାଯାଇଥିଲା । ପୁଣି ବିଭିନ୍ନ ଭାବରେ ସଂଗ୍ରହ କରାଯାଇଥିବା ପ୍ରାୟ ୨୦ଟି ତାଳପତ୍ର ଚିଠି କୋର୍ଟରେ ଉପସ୍ଥାପିତ

Digitized by srujanika@gmail.com

କରାଯାଇଥିଲା । ସରକାରଙ୍କ ତରଫରୁ ଏକ ଅଭିଯୋଗ କରାଯାଇଥିଲା ଯେ ସେଥିରୁ ଯାହା ପ୍ରମାଣ ମିଳୁଥିଲା ତାହା ରାଜଦ୍ରୋହମୂଳକ ଅପରାଧରେ ଦୋଷୀ ସାବ୍ୟସ୍ତ କରାଇବା ପାଇଁ ଯଥେଷ୍ଟ ଥିଲା । ସୁରେନ୍ଦ୍ର ସାଏ ବିଦ୍ରୋହୀ କମଳ ସିଂହ, ଜୟପୁର ରାଜା, ଖଗେଶ୍ୱର ଦାଓ ପ୍ରମୁଖଙ୍କ ନିକଟକୁ ପତ୍ର ଲେଖି ବିପ୍ଳବର ସଙ୍ଗଠନ କରାଉଥିବା ଓ ସେ ସବୁର ଖବର ଅନ୍ତର ନେଉଥିବା ତଥା ସେମାନେ ସବୁପ୍ରକାର ସମ୍ବାଦ ଦେଇ ବିଭିନ୍ନ ସହଯୋଗ କରୁଥିବା ତଥା ସେଥିରୁ ପ୍ରମାଣିତ ହୋଇଥିଲା । ଉକ୍ତ ଚିଠିଗୁଡ଼ିକ ବନ୍ଦୀମାନଙ୍କୁ ଗିରଫ କରିବାବେଳେ ସେମାନଙ୍କ ଘରୁ କିମ୍ବା ସେମାନଙ୍କର ବନ୍ଧୁବାନ୍ଧବମାନଙ୍କଠାରୁ ପାଇଥିଲେ ବୋଲି ସରକାର ଅଭିଯୋଗ କରିଥିଲେ । ମୁଖ୍ୟତଃ ସେଗୁଡ଼ିକୁ ଭିତ୍ତିକରି ବିଭିନ୍ନ ମୋକଦ୍ଦମା ରୁଜୁ କରିଥିଲେ ।

ଭାରତୀୟ ଦଣ୍ଡବିଧି ବିଲ୍‌ର ୩୫ ଧାରା ଅନୁଯାୟୀ ମଧ୍ୟପ୍ରଦେଶର ବିସ୍ତର ବିଭାଗୀୟ କମିଶନର ମି. ଜ. ଏସ ହେମ୍‌ବେଲ ସରକାର ବନାମ ସୁରେନ୍ଦ୍ର ସାହଙ୍କ ମଧ୍ୟରେ ହୋଇଥିବା ମୋକଦ୍ଦମାକୁ ସମ୍ବଲପୁର ଡେପୁଟି କମିଶନରଙ୍କ ଅଦାଲତରୁ ହଟାଇ ଆଣି ଅନୁସନ୍ଧାନ କରିବା ପାଇଁ ରାୟପୁରର ଡେପୁଟି କମିଶନରଙ୍କୁ ଦାୟିତ୍ୱ ଦେଇଥିଲେ । ତାହାଙ୍କୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା ଯେ ଯଦି ଅନୁସନ୍ଧାନରେ ଆସାମୀମାନେ ଦଣ୍ଡନୀୟ ବୋଲି ବିବେଚିତ ହୁଅନ୍ତି ତାହେଲେ ଛତିଶଗଡ଼ କମିଶନରଙ୍କ ଅଦାଲତକୁ ଆସାମୀମାନଙ୍କ ସହିତ ମୋକଦ୍ଦମାର ନଥିପତ୍ର ସବୁ ପଠାଇଦେବେ । ସେହି ନିର୍ଦ୍ଦେଶ ଅନୁଯାୟୀ ରାୟପୁର ଡେପୁଟି କମିଶନର ତଫସିଲଭୁକ୍ତ ସାକ୍ଷୀମାନଙ୍କୁ ଯଥାଶୀଘ୍ର ରାୟପୁର ପଠାଇ ଦେବାପାଇଁ ସମ୍ବଲପୁରର ଡେପୁଟି କମିଶନରଙ୍କ ନିକଟକୁ ଲେଖିଥିଲେ । ଆଇନାନୁଯାୟୀ କୋର୍ଟରେ ହାଜର ହେବାପାଇଁ ସେମାନଙ୍କୁ ସମନ କରାଯିବା କଥା; କିନ୍ତୁ ସାକ୍ଷୀମାନେ ସରକାରଙ୍କ ଉଚ୍ଚ ପଦାଧିକାରୀ ହୋଇଥିବା ଯୋଗୁଁ ସେଭଳି ବ୍ୟବସ୍ଥା ଉତ୍କୃଷ୍ଟ ହେବ ବୋଲି ସେ ବିବେଚନା କରିଥିଲେ ।

ରାୟପୁର ଡେପୁଟି କମିଶନର ମଧ୍ୟ ସମ୍ବଲପୁରର ଡେପୁଟି କମିଶନରଙ୍କୁ ଲେଖିଥିଲେ ଯେ, ସେ ସାକ୍ଷୀମାନଙ୍କଠାରୁ ନେଇଥିବା ଜମାନବନ୍ଦୀଗୁଡ଼ିକ ମଧ୍ୟ ଶୀଘ୍ର ପଠାଇ ଦେବା ଆବଶ୍ୟକ । ସେହି ସବୁଗୁଡ଼ିକୁ ହିଁ ଭିତ୍ତିକରି ଅପରାଧୀମାନଙ୍କୁ ଫୌଜଦାରୀ ମୋକଦ୍ଦମାରେ ଲିପ୍ତ କରାଯାଇଥିଲା । ଅପରାଧୀମାନଙ୍କ ବିରୁଦ୍ଧରେ ଅଭିଯୋଗର ମୁଖ୍ୟ ବିଷୟବସ୍ତୁ ଥିଲା—୧୮୬୨ ମସିହା ଡିସେମ୍ବରଠାରୁ ୧୮୬୪ ମସିହା ଜାନୁୟାରୀ ମାସ ମଧ୍ୟରେ ତଥା ତାହା ପୂର୍ବରୁ ମହାମାନ୍ୟା ଇଂଲଣ୍ଡ ରାଣୀଙ୍କ ବିରୁଦ୍ଧରେ ସେମାନେ ଯୁଦ୍ଧର ଆୟୋଜନ କରିଥିଲେ । ତେଣୁ ୧୨୨,

Digitized by srujanika@gmail.com

୧୨୩ ଓ ୧୨୯ ଦଫା ଅନୁଯାୟୀ ସେମାନେ ଅଭିଯୁକ୍ତ । ପୁଣି ସେମାନେ ଯୁଦ୍ଧ ଆୟୋଜନ କରି ମଧ୍ୟ ସେହି ତଥ୍ୟ ଲୁଗ୍ୟଇ ରଖିବା ଅଭିଯୋଗରେ ମଧ୍ୟ ସେମାନେ ବିଚାରଯୋଗ୍ୟ ।

ରାୟପୁର ଡେପୁଟି କମିଶନର ତାହାଙ୍କ ଅନୁସନ୍ଧାନ ଶେଷକରି ସୁରେନ୍ଦ୍ର ସାଏ ଓ ଅନ୍ୟ ଆସାମୀମାନଙ୍କୁ ବିଚାରପାଇଁ ଅଭିଯୁକ୍ତ କରିଥିଲେ । ତା’ପରେ ସେସନ୍ସ ଜଜ ଭାବେ ଛତିଶଗଡ଼ର କମିଶନର ଆସାମୀମାନଙ୍କ ବିଚାର କରିଥିଲେ । ଏକ ଦୀର୍ଘ ବିଚାର ପରେ ସେ ଅଭିଯୁକ୍ତ ଆସାମୀମାନଙ୍କୁ ଦଣ୍ଡାଦେଶ ଦେଇଥିଲେ ।

ସୁରେନ୍ଦ୍ର ସାଏ, ଉଦନ୍ତ ସାଏ ଓ ଖଗେଶ୍ୱର ଦାଓ ଭାରତୀୟ ଦଣ୍ଡବିଧି ଆଇନ୍‌ର ୧୨୨ ଓ ୧୨୯ ଦଫାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ସେମାନଙ୍କ ଅପରାଧ ଥିଲା — ୧୮୬୨ ଡିସେମ୍ବରରୁ ୧୮୬୪ ଜାନୁୟାରୀ ମାସ ମଧ୍ୟରେ କେବଳ ସେମାନେ ଯୁଦ୍ଧର ଆୟୋଜନ କରିନଥିଲେ, ତାର ପୂର୍ବରୁ ମଧ୍ୟ ସେମାନେ ଇଂଲଣ୍ଡର ରାଣୀଙ୍କ ବିରୁଦ୍ଧରେ ସେଥିପାଇଁ ଷଡଯନ୍ତ୍ର କରୁଥିଲେ । ସେଥିପାଇଁ ତାହାଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଦିଆଯିବା ସଙ୍ଗେ ସଙ୍ଗେ ସମ୍ପତ୍ତି ସବୁ ବାଜ୍ୟାପ୍ତି କରି ଦିଆଯାଇଥିଲା । କନ୍ଦୁ ଧ୍ରୁବ ସାଏ, ମେଦନୀ ସାଏ, ଲୋକନାଥ ଗଡ଼ତିଆ, ଶ୍ରୀଧାକର ମଲିକ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଓ ଜଗବନ୍ଧୁ ହୋତା କେବଳ ସେଇ ସମୟ ମଧ୍ୟରେ ଯୁଦ୍ଧର ଆୟୋଜନ କରିଥିବାରୁ ଦୋଷୀ ପ୍ରମାଣିତ ହୋଇ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ ଓ ସେମାନଙ୍କର ସମ୍ପତ୍ତି ସବୁ ମଧ୍ୟ ବାଜ୍ୟାପ୍ତ ହୋଇଥିଲା । ସେଇଭଳି କପୋଳ କଳ୍ପିତ ଅପରାଧରେ ଜଡ଼ିତ ହୋଇ ମିତ୍ରଭାନୁ ସାଏ, ମୋହନ ଦାଓ, ଧରଣୀଧର ମିଶ୍ର ଓ ପଦ୍ମନାଭ ଗୁରୁ ପ୍ରତ୍ୟେକେ ସାତବର୍ଷ ଲେଖାଏଁ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ ।

ସେଭଳି ବିଚାର ସେସନ୍ସ କୋର୍ଟରେ ଶେଷ ହୋଇ ଦଣ୍ଡାଦେଶ ପ୍ରକାଶ ପାଇବା ପରେ ପରେ ଆସାମୀମାନେ ମଧ୍ୟପ୍ରଦେଶର ସର୍ବୋଚ୍ଚ ଅପିଲ ଅଦାଲତରେ ପୁଣି ଏକ ଅପିଲ ଦାଏର କରିଥିଲେ । ସେସ୍‌ନସ କୋର୍ଟ ବିଚାରର ଫଳାଫଳ ସିମଲା କେମ୍ପରେ ଥିବା ବଡ଼ଲାଟଙ୍କୁ ଜଣାଇ ଦିଆଯାଇଥିଲେ ମଧ୍ୟ ଏଣେ ବିଚାର ବିଭାଗୀୟ କମିଶନର ଜର୍ଜ ଷ୍ଟାରଲେଟ କେମ୍ପବେଲ ଅପରାଧୀମାନଙ୍କ ତରଫରୁ ହୋଇଥିବା ଅପିଲ ଗ୍ରହଣ କରିଥିଲେ ।

ଉକ୍ତ ଅପିଲର ଯଥାଯଥ ବିଚାର କରି ବିଚାର ବିଭାଗୀୟ କମିଶନର ସେସନ୍‌ସ୍ କୋର୍ଟର ରାୟକୁ ସମ୍ପୂର୍ଣ୍ଣ ରୂପେ ଅଗ୍ରାହ୍ୟ କରି ଦେଇଥିଲେ ଓ ବନ୍ଦୀମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ । ଜି. ଷ୍ଟାରଲେଟ୍ କେମ୍ପବେଲ ମତ ପ୍ରକାଶ କରିଥିଲେ ଯେ ପୋଲିସ୍ ପ୍ରକୃତ ଅପରାଧୀ କମଳ ସିଂହ ଓ ଅନ୍ୟାନ୍ୟ

Digitized by srujanika@gmail.com

ଡକାୟତମାନଙ୍କୁ ଜବଦ୍ କରି ନ ପାରି ସେମାନଙ୍କର ବନ୍ଧୁମାନଙ୍କୁ ଗିରଫ କରିଥିଲେ ଓ ସେମାନଙ୍କୁ ଦଣ୍ଡଦେବା ଏକମାତ୍ର ପନ୍ଥା ବୋଲି ବୋଧହୁଏ ଗ୍ରହଣ କରିଥିଲେ । ତେଣୁ ଗୋଟିଏ ଗୋଟିଏ କପୋଳକଳ୍ପିତ ମିଥ୍ୟା ଅପରାଧର ଆଶ୍ରୟ ନେଇ ମୋକଦ୍ଦମା ରୁଜୁ କରିଥିଲେ । ସେଥିପାଇଁ ଯେଉଁ ସାକ୍ଷ୍ୟ ପ୍ରମାଣର ବ୍ୟବସ୍ଥା କରିଥିଲେ ସେସବୁ ଜାଲ୍ କରାଯାଇ ଆସାମୀମାନଙ୍କୁ ମୋକଦ୍ଦମାରେ ଲିପ୍ତ କରାଯିବା ପାଇଁ ପ୍ରୟାସ କରାଯାଇଥିଲା । ତାହାଙ୍କ ମତରେ ଉକ୍ତ ଜାଲ୍ ପ୍ରମାଣଗୁଡ଼ିକୁ ସ୍ୱୀକାର କଲେ ମଧ୍ୟ ଆସାମୀମାନେ ରାଜଦ୍ରୋହ ଯୋଗୁଁ ଅପରାଧୀ ବୋଲି ପ୍ରମାଣିତ ହେଉ ନ ଥିଲେ । ଯେଉଁ ଚିଠିପତ୍ରଗୁଡ଼ିକୁ ଭିତ୍ତିକରି ମୋକଦ୍ଦମା ରୁଜୁ କରାଯାଇଥିଲା ସେଗୁଡ଼ିକ ଯେଉଁଭଳି ଭାବରେ ଜବତ କରାଯାଇଥିଲା ତାହା ଆଦୌ ସନ୍ତୋଷଜନକ ନ ଥିଲା ବୋଲି ମତ ପ୍ରକାଶ କରି ସେ କହିଥିଲେ ଯେ ସେଗୁଡ଼ିକ ପ୍ରକୃତରେ ମୁଦାଲାମାନଙ୍କ ଶତ୍ରୁ ଏବଂ ମୋକଦ୍ଦମାରେ ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ।

ବିଚାର ବିଭାଗୀୟ କମିଶନରଙ୍କ ସେହି ରାୟ ସମ୍ବଲପୁର ଜିଲ୍ଲା ପ୍ରଶାସନ କର୍ତ୍ତୃପକ୍ଷ ଓ ପୋଲିସ୍ ହାକିମ ତଥା ମଧ୍ୟପ୍ରଦେଶର ଉଚ୍ଚ ସରକାରୀ ହାକିମମାନଙ୍କ ଉପରେ ଭୟଙ୍କର ପ୍ରଭାବ ପକାଇଥିଲା । ଛତିଶଗଡ଼ କମିଶନରଙ୍କ ଆଦେଶରେ ମଧ୍ୟପ୍ରଦେଶର ଚିଫ୍ କମିଶନର ଅନୁସନ୍ଧାନ କରି ସମ୍ବଲପୁରର ପୋଲିସ୍ ଓ ମାଜିଷ୍ଟ୍ରେଟ୍ ଆସାମୀମାନଙ୍କୁ ଯଥାର୍ଥ କାରଣରୁ ଗିରଫ କରିଛନ୍ତି ବୋଲି ଏକ ରିପୋର୍ଟ ଦେଇଥିଲେ । ସେଥିରେ ସେ ଲେଖିଥିଲେ ଯେ ସେ ସେଭଳି କରିବା ବ୍ୟତୀତ ଅନ୍ୟକିଛି ଉପାୟ ନ ଥିଲା । କାରଣ ବିଚାର ବିଭାଗୀୟ ନିଷ୍ପତ୍ତି ଉପରେ ଶାସନ ବିଭାଗର କୌଣସି କର୍ତ୍ତୃତ୍ୱ ନ ଥିଲା । ଏପରିକି ସେମାନଙ୍କ ନିଷ୍ପତ୍ତି ସମ୍ପର୍କରେ କୌଣସି ପ୍ରକାର ମତାମତ ଦେବା ମଧ୍ୟ ସମ୍ଭବ ନ ଥିଲା । ତେଣୁ ସେମାନେ କରିଥିବା କାର୍ଯ୍ୟର ଯଥାର୍ଥତା ପ୍ରମାଣ କରିବା ବ୍ୟତୀତ ଅନ୍ୟକିଛି ଉପାୟ ନ ଥିଲା । ୧୮୧୮ ମସିହାର ୩ ନମ୍ବର ରେଗୁଲେସନ ଅନୁଯାୟୀ ଆସାମୀମାନେ ଗିରଫ ହେବା ଓ ଅଟକ ହେବା ଯୁକ୍ତିଯୁକ୍ତ ବୋଲି ଛତିଶଗଡ଼ର କମିଶନର ମତ ଦେଇଥିଲେ ।

ସେ ଉକ୍ତ ବିବରଣୀରେ ସମ୍ମତି ପ୍ରଦାନ କରିଥିଲେ ଯେ ଆସାମୀମାନଙ୍କୁ ଗିରଫ କରିବା ଢଙ୍ଗରେ ପୋଲିସ୍ ଅଫିସରମାନଙ୍କ କାର୍ଯ୍ୟ ନିଶ୍ଚୟ ପ୍ରଶଂସାଯୋଗ୍ୟ । ତେବେ ସେମାନେ ଦକ୍ଷତାର ସହିତ ଉକ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ ମଧ୍ୟ ମୋକଦ୍ଦମାଲାଗି ଯେଉଁସବୁ ପ୍ରମାଣ ଉପସ୍ଥାପିତ କରିଥିଲେ ସେଗୁଡ଼ିକ ମୂଲ୍ୟହୀନ ଓ କେବଳ ସେଥିପାଇଁ ହିଁ ମୋକଦ୍ଦମାର ଫଳାଫଳ କଳୁଷିତ ହୋଇଯାଇଥିଲା ।

Digitized by srujanika@gmail.com

ତେଣୁ ସେ ସେଥିରେ ଯୁକ୍ତ କରିଥିଲେ ଯେ ଯଦିଓ ସୁରେନ୍ଦ୍ର ସାଏ ଆଇନଗତ ଭାବରେ ଅପରାଧୀ ନୁହଁନ୍ତି ; ତଥାପି ସେ ଜଣେ ରାଜନୈତିକ ଅପରାଧୀ ଓ ନୈତିକ ଦୃଷ୍ଟିରୁ ମଧ୍ୟ ଅପରାଧୀ । ତାର କାରଣ ସେ ଦେଖିଥିଲେ ଯେ ଯଦିଚ ସେ ସମ୍ବଲପୁର ସିଂହାସନର ଆଦୌ ଉତ୍ତରାଧିକାରୀ ନୁହନ୍ତି; ତଥାପି ସିପାହୀ ବିଦ୍ରୋହର ସୁଯୋଗ ଓ ସୁବିଧା ନେଇ ସେ ସିଂହାସନ ପାଇବା ପାଇଁ ଅଯଥା ବିଦ୍ରୋହ ଓ ଅଶାନ୍ତି ସୃଷ୍ଟି କରିଥିଲେ । ତେଣୁ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କୁ ବିନା ବିଚାରରେ ଅଟକ ଓ ଗିରଫ କରାଯାଉଥିବା ୧୮୧୮ ମସିହା ୩ ନମ୍ବର ରେଗୁଲେସନ ଅନୁଯାୟୀ ସୁରେନ୍ଦ୍ର ସାଏଙ୍କୁ ମଧ୍ୟ ଗିରଫ ଓ ବନ୍ଦୀ କରାଯାଇଥିଲା ।

ମହାବିପ୍ଳବୀର ମୃତ୍ୟୁ

ଫୋର୍ଟ ଓ୍ୱିଲିଏମ୍‌ରୁ ଗଭର୍ଣ୍ଣର ଜେନେରାଲ ଇନ୍ କାଉନ୍‌ସିଲଙ୍କ ତରଫରୁ ଭାରତ ସରକାରଙ୍କ ସେକ୍ରେଟାରୀ ୧୭ ଅପ୍ରେଲ ୧୮୬୪ ମସିହାରେ ବଡ଼ଲାଟଙ୍କ ପ୍ରତିନିଧି ତଥା ମଧ୍ୟପ୍ରଦେଶର କମିଶନରଙ୍କୁ ଏକ ଓ୍ୱାରେଣ୍ଟ ପଠାଇଥିଲେ । ତାହା ଥିଲା ସୁରେନ୍ଦ୍ର ସାଏ ଓ ତାହାଙ୍କ ସହଯୋଗୀମାନଙ୍କୁ ବନ୍ଦୀ କରି ରଖିବା ପାଇଁ କ୍ଷମତା ପତ୍ର । ସେଥିରେ ଉଲ୍ଲେଖ ଥିଲା ଯେ, "ଯଥେଷ୍ଟ ଉପଯୁକ୍ତ କାରଣ ହେତୁ ଅସୀରଗଡ଼ ଦୁର୍ଗରେ ସୁରେନ୍ଦ୍ର ସାଏଙ୍କୁ ଅଟକ କରି ରଖିବା ଲାଗି ବଡ଼ଲାଟ ଓ ଉପଦେଷ୍ଟାମାନେ ସ୍ଥିର କରିଛନ୍ତି । ସେହି ନିଷ୍ପତ୍ତି ଅନୁସାରେ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି ଯେ ଉକ୍ତ ବ୍ୟକ୍ତିମାନଙ୍କୁ ଆପଣ ନିଜ ତତ୍ତ୍ୱାବଧାନରେ ୧୮୧୮ ମସିହାର ୩ ନମ୍ବର ରେଗୁଲେସନ୍ ଅନୁଯାୟୀ ବନ୍ଦୀତ ବ୍ୟବସ୍ଥା କରିବେ ।"

ବଡ଼ଲାଟଙ୍କ ନିକଟରୁ ସେହି ମର୍ମରେ ଏକ ଆଦେଶନାମା ପାଇବା ପାଇଁ ମଧ୍ୟପ୍ରଦେଶର ପ୍ରଧାନ କମିଶନରଙ୍କୁ କମ୍ କଷ୍ଟ କରିବାକୁ ପଡ଼ି ନ ଥିଲା । ମଧ୍ୟପ୍ରଦେଶର ବିଚାର ବିଭାଗର କମିଶନର ନିର୍ଦ୍ଦୋଷରେ ଖଲାସ କରିବା ରାୟ ଦେବା ପରେ ସେହି ସମ୍ବାଦ ଚିଫ୍ କମିଶନର ବଡ଼ଲାଟଙ୍କୁ ପଠାଇବା ସଙ୍ଗେ ସଙ୍ଗେ ପୁଣି ସୁପାରିଶ୍ କରିଥିଲେ ନିର୍ଦ୍ଦୋଷ ପ୍ରମାଣିତ ବିଦ୍ରୋହୀମାନଙ୍କୁ ରଖିବା ପାଇଁ । ନିଜ ସୁପାରିଶ୍‌କୁ ଯୁକ୍ତିସମ୍ମତ କରିବା ଲାଗି ସେ ଯଥେଷ୍ଟ ଉଦ୍ୟମ କରିଥିଲେ ଓ ବିଦ୍ରୋହୀମାନଙ୍କ ସହିତ ଜଡ଼ିତ କରାଯାଇଥିବା ବିଭିନ୍ନ ଷଡ଼ଯନ୍ତ୍ରଗୁଡ଼ିକୁ ପୁଣି

Digitized by srujanika@gmail.com

ଅରେ ମହାମାନ୍ୟ ବଡ଼ଲାଟଙ୍କ ନିକଟରେ ଉପସ୍ଥାପିତ କରିବାପାଇଁ ଉଦ୍ୟମ କରିଥିଲେ । ତାହାଙ୍କର ରିପୋର୍ଟ ସହିତ ସମ୍ବଲପୁରର କମିଶନରଙ୍କ ରିପୋର୍ଟ ମଧ୍ୟ ପଠାଇ ଦେଇଥିଲେ । ସେଥିରେ କମିଶନର ମହୋଦୟ ସୁପାରିଶ କରିଥିଲେ ଯେ, "ଦେଶର ସ୍ୱାର୍ଥ ଦୃଷ୍ଟିରୁ ତଥା ବ୍ରିଟିଶ ରାଜ୍ୟକୁ ଆଭ୍ୟନ୍ତରୀଣ ଅଶାନ୍ତିରୁ ମୁକ୍ତ କରିବାପାଇଁ" ସୁରେନ୍ଦ୍ର ସାଏ ତଥା ତାହାଙ୍କ ସମର୍ଥକମାନେ ଅଟକରହୋଇ ରହିବା ଆବଶ୍ୟକ । ସ୍ୱାଭାବିକ ଭାବେ ସେହି ମତକୁ ଦୃଢ଼ଭାବେ ସମର୍ଥନ କରିଥିଲେ ଚିଫ୍ କମିଶନର ।

ସ୍ଥାନୀୟ ପ୍ରଶାସକଙ୍କ ପରାମର୍ଶକୁ ବଡ଼ଲାଟ ଅସ୍ୱୀକାର କରନ୍ତେ କାହିଁକି ? ସୁରେନ୍ଦ୍ର ସାଏ, ଉଦନ୍ତ ସାଏ, ଧ୍ରୁବ ସାଏ, ମେଦନ ସାଏ, ଖଗେଶ୍ୱର ଦାଓ ଓ ଲୋକନାଥ ପଣ୍ଡା ଏହି ସାତ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରି ବିଚାର ବିଭାଗୀୟ କମିଶନର ଖଲାସ କରିଦେବା ପରେ ପରେ ମଧ୍ୟପ୍ରଦେଶର କମିଶନର ଦ୍ରୁତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଦଳେ ସୈନ୍ୟଙ୍କ କଡ଼ା ପହରା ତଳରେ ସେମାନଙ୍କୁ ରଖାଯାଇଥିଲା । ବିଚାରାଳୟରେ ନିର୍ଦ୍ଦୋଷ ପ୍ରମାଣିତ ହୋଇ ମଧ୍ୟ ନାଗପୁର ଜେଲ୍‌ରେ ଅଟକବନ୍ଦୀ ରୂପେ ସେମାନେ ରହିଥିଲେ । ବଡ଼ଲାଟ ପ୍ରତି ଛଅମାସରେ ସେମାନଙ୍କ ସମ୍ପର୍କରେ ନିୟମିତ ଭାବରେ ରିପୋର୍ଟ ଦେବାପାଇଁ କମିଶନରଙ୍କୁ ଆଦେଶ ଦେଇଥିଲେ ।

ଇତମଧ୍ୟରେ ଭାରତ ସରକାର ଅସୁରଗଡ଼ ଦୁର୍ଗର ରକ୍ଷଣାବେକ୍ଷଣ କରି ନିୟମିତଭାବେ ପ୍ରହରୀର ବ୍ୟବସ୍ଥା କରିବାପାଇଁ ନିଷ୍ପତ୍ତି ନେଇଥିଲେ । ସେହି ଅବସରରେ ମଧ୍ୟପ୍ରଦେଶର ପୋଲିସ ଇନସ୍‌ପେକ୍ଟର ଜେନେରାଲ ମତ ପ୍ରକାଶ କରିଥିଲେ ଯେ, ଉକ୍ତ ରାଜନୈତିକ ଅପରାଧୀମାନଙ୍କୁ ନାଗପୁର ଜେଲରେ ଆବଦ୍ଧ ନ କରି ଅସୁରଗଡ଼ରେ ରଖାଯିବା ଅଧିକ ଯୁକ୍ତିଯୁକ୍ତ ହେବ । କାରଣ ନାଗପୁର ଜେଲ୍‌ରେ ସେମାନଙ୍କ ଚଳପ୍ରଚଳ ପାଇଁ ପ୍ରକୃତରେ ଯେତିକି କଟକଣା କରାଯିବା କଥା ତାଠାରୁ ଅଧିକ କରାଯିବା ଆବଶ୍ୟକ ପଡ଼ୁଥିଲା । ତାହାର ଏକମାତ୍ର କାରଣ ନାଗପୁର ଜେଲ୍‌ର ଅବସ୍ଥିତି । ପୁଣି ସମ୍ବଲପୁର ଜିଲ୍ଲାଠାରୁ ଅସୁରଗଡ଼ର ଦୂରତା ଅତ୍ୟଧିକ ହୋଇଥିବାଯୋଗୁଁ ସେମାନେ କିପରି ନିକାଳେ ଖସି ପଳାଇଯିବା ଆଶଙ୍କା କରାଯାଇପାରିବ ନାହିଁ ବୋଲି ଯୁକ୍ତି କରାଯାଇଥିଲା । ସେହି ଦୁର୍ଗ ମଧ୍ୟରେ ଏକ ଉତ୍ତମ କାରାଗାରର ବ୍ୟବସ୍ଥା କଥା ମଧ୍ୟ ସେ ଦର୍ଶାଇଥିଲେ । ଉକ୍ତ ପ୍ରସ୍ତାବକୁ ଗଭର୍ଣ୍ଣର ଜେନେରାଲ ଇନ୍ କାଉନ୍‌ସିଲ ଗ୍ରହଣ କରିଥିଲେ ଓ ତଦ୍‌ନୁଯାୟୀ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ମଧ୍ୟପ୍ରଦେଶର ଚିଫ୍ କମିଶନରଙ୍କୁ ଆଦେଶ ଦେଇଥିଲେ ।

*

Digitized by srujanika@gmail.com

ନାଗପୁରକୁ ସୁରେନ୍ଦ୍ର ସାଏ ଯାଇଥିଲେ ଅସୁରଗଡ଼ ।

କଡ଼ା ପ୍ରହରୀବେଷ୍ଟିତ ସେହି ଦୁର୍ଗ ମଧ୍ୟରେ ସେମାନଙ୍କୁ ବନ୍ଦୀ କରାଯାଇଥିଲା ଓ ସ୍ୱତନ୍ତ୍ର ପ୍ରକୋଷ୍ଠ ମଧ୍ୟ ଦିଆଯାଇଥିଲା । ପ୍ରତି ଛଅ ମାସରେ ମଧ୍ୟପ୍ରଦେଶର ଚିଫ୍ କମିଶନର ବଡ଼ଲାଟଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ, ଆଚରଣ ବ୍ୟବହାର ତଥା ଅନ୍ୟାନ୍ୟ ବିଷୟ ପ୍ରସଙ୍ଗରେ ଏକ ରିପୋର୍ଟ ଦାଖଲ କରୁଥିଲେ । "ରାଜନୈତିକ କାରଣରୁ "୨ୟ ଶ୍ରେଣୀ" ବନ୍ଦୀରୂପେ ସେମାନଙ୍କୁ ବିଚାର କରାଯାଇ ସେମାନଙ୍କ ପାଇଁ ମାସିକ ଦୁଇଶହ ଟଙ୍କା ଭତ୍ତା ଧାର୍ଯ୍ୟ କରାଯାଇଥିଲା । ସେମାନେ ପୋଲିସ୍ ପ୍ରହରୀମାନଙ୍କ ରହଣରେ ଦୁର୍ଗ ମଧ୍ୟରେ ଚଳପ୍ରଚଳ କରିବା ସ୍ୱାତନ୍ତ୍ର୍ୟ ପାଇଥିଲେ । ସେମାନେ ୧୮୬୫ ମସିହା ଜୁନ୍ ୮ ତାରିଖରୁ ସେହି ଦୁର୍ଗ ମଧ୍ୟରେ ଆବଦ୍ଧ ହୋଇ ଥିଲେ । ସେମାନେ ସେଠାରେ ମୁକ୍ତବାୟୁ ସେବନ କରିବା ସଙ୍ଗେ ସଙ୍ଗେ ବ୍ୟାୟାମ କରିବା ପାଇଁ ମଧ୍ୟ ସୁଯୋଗ ସୁବିଧା ପାଇଥିଲେ ।

ଇତି ମଧ୍ୟରେ ସୁରେନ୍ଦ୍ର ସାଏ ଓ ଅନ୍ୟମାନଙ୍କ ତରଫରୁ ଓକିଲ ହସାଦରେ ଏମ୍. ଜି. ପିଟରସନ୍ ମହାମାନ୍ୟ ବଡ଼ଲାଟଙ୍କୁ ୧୮୬୭ ମସିହାରେ ଗୋଟିଏ ଆବେଦନ କରିଥିଲେ । ସେଥିରେ ସେ ଉଲ୍ଲେଖ କରିଥିଲେ ଯେ ୧୮୧୮ ମସିହାର ୩ ନମ୍ବର ରେଗୁଲେସନ ଅନୁଯାୟୀ ସେମାନଙ୍କୁ ସରକାର ଅଟକ ରଖିବା ନ୍ୟାୟପୂର୍ଣ୍ଣ ଓ ଯୁକ୍ତିଯୁକ୍ତ ନୁହେଁ । ତାହାଙ୍କର ଯୁକ୍ତି ଥିଲା ଯେ ସେମାନଙ୍କୁ ଯେଉଁ ଦୋଷଲାଗି ଅଟକ ରଖାଯାଇଥିଲା, ମଧ୍ୟପ୍ରଦେଶର ବିଚାର ବିଭାଗୀୟ କମିଶନର ମାନ୍ୟବର ଆଇ. ଏସ୍. କେମ୍ପବେଲ ତାହାକୁ ଅସିଦ୍ଧ ଘୋଷଣା କରି ନିର୍ଦ୍ଦୋଷ ବୋଲି ସାବ୍ୟସ୍ତ କରିଥିଲେ । ତଥାପି ଦେଶର ପ୍ରଚଳିତ କୌଣସି ଆଇନ୍‌କୁ ଅମାନ୍ୟ ନ କରି କିମ୍ବା କୌଣସି ଅପରାଧ ନ କରିଥିବା ସତ୍ତ୍ୱେ କେବଳ ପୋଲିସ୍ କର୍ମଚାରୀ, ଇନ୍‌ସପେକ୍ଟର ମୋହନ ସିଂ ତଥା ଅନ୍ୟାନ୍ୟ ରାଜକର୍ମଚାରୀଙ୍କ ପ୍ରରୋଚନାରେ ସେମାନଙ୍କୁ ଅଟକ ରଖିବା ଆଇନସଙ୍ଗତ ନୁହେଁ । ସେ ପୁଣି ଯୁକ୍ତି କରିଥିଲେ ଯେ ସେହି ରେଗୁଲେସନର ଉପକ୍ରମଣିକାରେ ଉଲ୍ଲିଖିତ ଅଛି ଯେ ଯେଉଁ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କୌଣସି ପ୍ରକାର ବୈଧାନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମୀଚୀନ ମନେହୁଏ ନାହିଁ, କେବଳ ସେହି ବ୍ୟକ୍ତିମାନଙ୍କ ପାଇଁ ଏହି ରେଗୁଲେସନଟି ବ୍ୟବହାର କରାଯିବ, କିନ୍ତୁ ଉପରୋକ୍ତ ବ୍ୟକ୍ତିବୃନ୍ଦଙ୍କ ପାଇଁ ବୈଧାନିକ ଉପାୟରେ ସମ୍ବିଧାନରେ ବର୍ଣ୍ଣିତ ଧାରାରେ ଅଭିଯୁକ୍ତ କରାଯାଇ ସେମାନଙ୍କ ବିଚାର ଅଦାଲତରେ କରାଯାଇଥିଲା । ସରକାର ସେସବୁରେ ପରାଜିତ ହେବା ପରେ ଏବଂ ମାନ୍ୟବର ବିଚାରପତି ମହୋଦୟ ସେମାନଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେବା ପରେ କେବଳ ଅଟକ ରଖିବା ଲାଗି ସେଇ ଆଇନକୁ ବ୍ୟବହାର କରାଯାଇଥିଲା ।

Digitized by srujanika@gmail.com

ତେଣୁ ସେ ତଥାକଥିତ ଅପରାଧୀମାନଙ୍କୁ ମୁକ୍ତ ଦେବାପାଇଁ ବଡ଼ଲାଟଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଯଦି ମୁକ୍ତ ଦିଆ ନ ଯାଏ, ତାହାହେଲେ ତାର କାରଣ ବର୍ଣ୍ଣାଇ ଦେବାପାଇଁ ସେ ସେଥିରେ ପ୍ରାର୍ଥନା କରିଥିଲେ ।

କିନ୍ତୁ ମିଷ୍ଟର ପିଅରସନ୍ ଭାରତ ସରକାରଙ୍କ ନିକଟରୁ ଉତ୍ତର ପାଇଥିଲେ ଯେ, ବଡ଼ଲାଟ ଅପରାଧୀମାନଙ୍କୁ ଅଟକ ରଖିବା ଲାଗି ଦେଇଥିବା ଆଦେଶର ପରିବର୍ତ୍ତନ କରିବା ଲାଗି ସେଭଳି କୌଣସି କାରଣ ନାହିଁ ।

ମିଷ୍ଟର ପିଅରସନଙ୍କୁ ସେଭଳି ଉତ୍ତର ଦେଇଥିଲେ ମଧ୍ୟ ଭାରତ ସରକାର ମଧ୍ୟପ୍ରଦେଶର ଚିଫ୍ କମିଶନରଙ୍କୁ ଏକ ରିପୋର୍ଟ ମାଗିଥିଲେ । ଉକ୍ତ ବନ୍ଦୀମାନଙ୍କୁ ସେଭଳି ଭାବରେ କେତେକାଳ ରଖାଯିବ ତାହା ମଧ୍ୟ ଜଣାଇବା ପାଇଁ ସେଥିରେ ପୁଚ୍ଛାଯାଇଥିଲା । ତାର ଉତ୍ତର ଦେଇ ଚିଫ୍ କମିଶନର ଲେଖିଥିଲେ ଯେ ସେମାନଙ୍କୁ ନିକଟ ଭବିଷ୍ୟତରେ ମୁକ୍ତ ଦେବାଲାଗି କୌଣସି ଆଶା ସେ ଦେଖି ପାରୁନାହାଁନ୍ତି । ପୁଣି ସେମାନଙ୍କୁ ଅଟକ ରଖିଥିବା ସପକ୍ଷରେ ସେ ଉଲ୍ଲେଖ କରିଥିଲେ ଯେ, ସମ୍ବଲପୁର ଜିଲ୍ଲାରେ କେବଳ ସେମାନଙ୍କର ଅନୁପସ୍ଥିତି ଯୋଗୁଁ ଉଲ୍ଲେଖଯୋଗ୍ୟ ଭାବେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇପାରିଛି ।

ସାଧାରଣତଃ ପ୍ରତି ଛଅ ମାସରେ ଥରେ ବନ୍ଦୀମାନଙ୍କ ସମ୍ପର୍କରେ ଏକ ରିପୋର୍ଟ ଦାଖଲ କରୁଥିଲେ ମଧ୍ୟପ୍ରଦେଶର ଚିଫ୍ କମିଶନର । ବଡ଼ଲାଟ ମଝିରେ ମଝିରେ ସେମାନଙ୍କୁ ମୁକ୍ତଦେବା ବିଷୟ ଅନୁଧ୍ୟାନ କରୁଥିଲେ; କିନ୍ତୁ ସେ ପ୍ରଶ୍ନର ବିଚାର ହେବାବେଳେ ପ୍ରତିଥର ମଧ୍ୟପ୍ରଦେଶର କମିଶନର ସେ ପ୍ରସ୍ତାବରେ ଦୃଢ଼ ଆପତ୍ତି ବର୍ଣ୍ଣାଉଥିଲେ ଏବଂ ମୁକ୍ତ ଦିଆ ନ ଯିବା ଲାଗି ବିଭିନ୍ନ ଯୁକ୍ତି ବାଢୁଥିଲେ । ୧୮୭୧ ମସିହା ପ୍ରାରମ୍ଭରେ ଭାରତର ବଡଲାଟ ମଧ୍ୟପ୍ରଦେଶର ଭୂତପୂର୍ବ ଚିଫ୍ କମିଶନର ସାର ରିଚାର୍ଡ ଟେମ୍ପଲଙ୍କ ମତାମତ ମାଗିଥିଲେ ଉକ୍ତ ବନ୍ଦୀମାନଙ୍କ ସମ୍ପର୍କରେ । ସେ ମଧ୍ୟ ନିଜ ପୂର୍ବ ଅଭିଜ୍ଞତା ବର୍ଣ୍ଣନା କରି ସେମାନଙ୍କୁ ମୁକ୍ତ ଦିଆ ନଯିବା ସପକ୍ଷରେ ମତ ଦେଇଥିଲେ । ସେଭଳି ମତାମତ ପାଇବା ପରେ ବଡ଼ଲାଟ ସେମାନଙ୍କୁ ମୁକ୍ତ ଦିଆଯିବା ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରି ଦେଇଥିଲେ ।

ପୁଣି ଯେତେବେଳେ ୧୮୭୬ ମସିହାରେ ସେମାନଙ୍କ ମୁକ୍ତି ସମ୍ପର୍କରେ ବିଚାର କରାଯାଇଥିଲା, ଛତିଶଗଡ଼ର କମିଶନର ସମ୍ବଲପୁରର ସେତେବେଳେ ଥିବା ଡେପୁଟି କମିଶନରେ କେପ୍‌ଟେନ ବୋଇଙ୍କ ସହିତ ପରାମର୍ଶ କରିଥିଲେ । କେପ୍‌ଟେନ ବୋଇ ସେମାନଙ୍କୁ ମୁକ୍ତ ଦିଆଯିବାରେ ବୋଧହୁଏ

Digitized by srujanika@gmail.com

କୌଣସି ଆପତ୍ତି ଦର୍ଶାଇ ନଥିଲେ । ତେଣୁ କେବଳ ଧ୍ରୁବ ସାଏ ଓ ମିଝଭାନୁ ସାଏଙ୍କୁ ମୁକ୍ତ ଦିଆଯାଇପାରେ ବୋଲି କମିଶନର ସୁପାରିଶ କରିଥିଲେ । ତାର କାରଣ ଥିଲା, ଇଂରେଜ ଅଫିସରମାନଙ୍କ ମତରେ ଧ୍ରୁବ ସାଏ, ମିଝଭାନୁ ସାଏ ଅପେକ୍ଷାକୃତ ଭାବେ ସୁରେନ୍ଦ୍ର ସାଏ ଓ ଅନ୍ୟମାନଙ୍କ ତୁଳନାରେ କମ୍ ନୃଶଂସ ଓ ବିଦ୍ରୋହୀ ମନୋଭାବାପନ୍ନ । ପୁଣି ସେତେବେଳକୁ ସମ୍ବଲପୁରରେ ଭୂବନ୍ଦୋବସ୍ତ କାର୍ଯ୍ୟ ଶେଷ ହୋଇଯାଇଥିଲା । ସେହି କାର୍ଯ୍ୟ ଚାଲିଥିଲାବେଳେ ସେମାନେ ମୁକ୍ତହେଲେ ପୁଣି ଲୋକଙ୍କୁ ବିଭିନ୍ନ ପ୍ରବର୍ତ୍ତିନା ଦେଇ ସେଥିରେ ବାଧା ସୃଷ୍ଟି ନିଶ୍ଚିତ କରିଥାନ୍ତେ ।

ମିଝଭାନୁ ସାଏ ଓ ଧ୍ରୁବ ସାଏଙ୍କ ମୁକ୍ତି ପାଇଁ କେତୋଟି ସର୍ତ୍ତ ଆରୋପିତ କରିଥିଲେ କମିଶନର ସାହେବ । ପ୍ରଥମେ ଥିଲା ସେମାନେ କେହି ସମ୍ବଲପୁର ଜିଲ୍ଲାରେ ରହିପାରିବେ ନାହିଁ । ମିଝଭାନୁ ସାଏଙ୍କ ଲାଗି ଗ୍ରେଟନାଗପୁର ଅଧୀନରେ ଥିବା ବଣାଇ ରାଜା ଏକ ଜାମିନନାମା ଲେଖିବାକୁ ହେବ । ମଧ୍ୟପ୍ରଦେଶର ଚିଫ୍ କମିଶନର ପାଞ୍ଚହଜାର ଟଙ୍କାର ଏକ ଜାମିନନାମା ·ଲେଖିବା ସର୍ତ୍ତରେ ଧ୍ରୁବ ଓ ମିଝଭାନୁଙ୍କ ମୁକ୍ତି ମଞ୍ଜୁର କରିଥିଲେ । ସେହି ଅନୁଯାୟୀ ଗ୍ରେଟନାଗପୁରର କମିଶନର ବଣାଇ ରାଜାଙ୍କ ନିକଟରୁ ପାଞ୍ଚହଜାର ଟଙ୍କାର ଏକ ଜାମିନ ନାମା ଆଣି ସମ୍ବଲପୁର ଡେପୁଟି କମିଶନରଙ୍କ ନିକଟକୁ ପଠାଇ ଦେଇଥିଲେ ।

ସେହିବର୍ଷ ଜେଲରେ ଅନ୍ୟତମ ସଂଗ୍ରାମୀ ବୀର ମେଦନୀ ସାଏ ପ୍ରାଣତ୍ୟାଗ କରିଥିଲେ ।

ମିଝଭାନୁ ଓ ଧ୍ରୁବ ସାଏଙ୍କୁ କିଭଳି ଭାବରେ ମୁକ୍ତି ଦିଆଯିବ ତାର ସମ୍ପୂର୍ଣ୍ଣ ବିବରଣୀ ଚିଫ୍ କମିଶନର ଏକ ନିର୍ଦ୍ଦେଶନାମାରେ ଜଣାଇ ଦେଇଥିଲେ । ସେହି ନିର୍ଦ୍ଦେଶନାମାରେ ଥିଲା ଜଣେ ମୁଖ୍ୟ କନେଷ୍ଟବଲ ଅସୁରଗଡ଼ରୁ ସେମାନଙ୍କୁ ଆଣି ସମ୍ବଲପୁରରେ ପହଞ୍ଚାଇ ଦେବ । ସମ୍ବଲପୁରର ଡେପୁଟି କମିଶନର ସେମାନଙ୍କୁ ସମ୍ମାନ ସହକାରେ ଜେଲରେ ରଖିବେ ଏବଂ ୧୮୭୭ ମସିହା ଜାନୁୟାରୀ ପହିଲା ତାରିଖ ଦିନ ମୁକ୍ତି ଦେବେ । ସେହିଦିନ ମହାମାନ୍ୟା ରାଣୀ ଭିକ୍ଟୋରିଆ ଆନୁଷ୍ଠାନିକଭାବେ ଭାରତର ସାମ୍ରାଜ୍ଞୀ ଉପାଧି ଗ୍ରହଣ କରୁଥିବାରୁ ସରକାରଙ୍କ ଦୟାର ନିଦର୍ଶନ ସ୍ୱରୂପ ସେମାନେ ମୁକ୍ତି ପାଇବେ ଏବଂ ଦେଶର ଜନଗଣଙ୍କ ସହିତ ଆନନ୍ଦ ଉପଭୋଗ କରିବେ ।

ସେମାନେ ମୁକ୍ତି ପାଇବା ବେଳକୁ ବଣାଇ ରାଜାଙ୍କ ତରଫରୁ ସେଠାରେ କେହି ଉପସ୍ଥିତ ରହିଥିବା ଆବଶ୍ୟକ, କାରଣ ସର୍ତ୍ତ ଅନୁସାରେ ସରକାରଙ୍କ

Digitized by srujanika@gmail.com

ବନାନୁମତରେ ସେମାନେ ସମ୍ବଲପୁରରେ ପ୍ରବେଶ କରିପାରିବେ ନାହିଁ। ଧ୍ରୁବ ସାଏଙ୍କୁ ଜିଲ୍ଲା ବାହାରକୁ ନେଇ ସେ ଯେଉଁଠି ଚାହିଁବେ ସେଠାରେ ଛାଡ଼ିଦେବାକୁ ହେବ ବୋଲି ମଧ୍ୟ ନିର୍ଦ୍ଦେଶନାମା ଥିଲା।

ସେହି ଅନୁସାରେ ସେପ୍‌ଟେମ୍ବର ମଧ୍ୟଭାଗରେ ମିଟ୍ଠାବାଲୁ ସାଏ, ଓ ଧ୍ରୁବ ସାଏଙ୍କୁ ଅସୁରଗଡ଼ ଦୁର୍ଗରୁ ମୁକ୍ତକରି ଦିଆଯାଇ ଜଣେ ମୁଖ୍ୟ କନେଷ୍ଟବଲ ଶ୍ରୀ ଲକ୍ଷ୍ମଣ ପାଠକଙ୍କ ଜିମାରେ ନାଗପୁରରେ ପହଞ୍ଚାଇ ଦିଆଯାଇଥିଲା। ମଧ୍ୟପ୍ରଦେଶର ଚିଫ୍ କମିଶନର ତାହାଙ୍କୁ ଜଣେ ମୁଖ୍ୟ କନେଷ୍ଟବଲ୍‌ଙ୍କ ମାର୍ଫତରେ ରାୟପୁର ରାସ୍ତାଦେଇ ସମ୍ବଲପୁରରେ ପହଞ୍ଚାଇ ଦେବାପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ନାଗପୁର ଜିଲ୍ଲା ପୋଲିସ୍ ଏସ. ପି.ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ଯେ ସବୁସ୍ଥାନରେ ସେମାନଙ୍କ ପ୍ରତି ଉତ୍ତମ ବ୍ୟବହାର କରାଯିବା ଉଚିତ। ସେମାନଙ୍କୁ ଓ ସେମାନଙ୍କ ଜିନିଷପତ୍ର ସବୁ ନେବାଲାଗି ଉପଯୁକ୍ତ ଯାନବାହାନ ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ତାହାଙ୍କୁ ଗଡ଼ରେ ନେବା ବ୍ୟବସ୍ଥା କରିବାପାଇଁ ମଧ୍ୟ ସେହି ନିର୍ଦ୍ଦେଶନାମାରେ ଥିଲା। ସେ ସବୁ ଖର୍ଚ୍ଚ କଣ୍ଟିଜେନ୍‌ସି ବିଲ୍‌ରେ ଦେଖାଇବା ପାଇଁ ପରାମର୍ଶ ଦିଆଯାଇଥିଲା।

ସମ୍ବଲପୁରର ଡେପୁଟି କମିଶନର ବନ୍ଦୀମାନଙ୍କୁ ନିଜ ଜିମାରେ ରଖିଥିଲେ ୧୮୭୭ ମସିହା ଜାନୁଆରି ପନ୍ଦର ତାରିଖ ପର୍ଯ୍ୟନ୍ତ। ସେ ନିଜେ ସେମାନଙ୍କ ମୁକ୍ତିଲାଗି ଆରୋପିତ ହୋଇଥିବା ସର୍ତ୍ତ ସବୁକୁ ସେମାନଙ୍କୁ ବୁଝାଇ ଦେଇଥିଲେ। ଜାନୁଆରି ପନ୍ଦରଦିନ ଧ୍ରୁବ ସାଏ ଓ ମିଟ୍ଠାବାଲୁ ସାଏଙ୍କୁ ସମ୍ବଲପୁରରେ ମୁକ୍ତ ଦିଆଯାଇଥିଲା। ପୂର୍ବ ସର୍ତ୍ତ ଅନୁଯାୟୀ ବଣାଇ ରାଜାଙ୍କ ପିତୃବ୍ୟ ମିଟ୍ଠାବାଲୁ ସାଏଙ୍କୁ ସ୍ୱାଗତ ଜଣାଇବା ଲାଗି ସେଠାରେ ଉପସ୍ଥିତ ଥିଲେ। ସେ ମୁକ୍ତି ପାଇବା ପରେ ପରେ ଡେପୁଟି କମିଶନରଙ୍କୁ ମିଟ୍ଠାବାଲୁ ନିଜଗ୍ରାମ ଖିଣ୍ଡାରେ ରହିବାକଥା କହିଥିଲେ। କିନ୍ତୁ ସମ୍ବଲପୁରର ଡେପୁଟି କମିଶନର ସେଥିରେ ସମ୍ମତ ହୋଇ ନଥିଲେ। ସେ କୌଣସିମତେ ଜିଲ୍ଲା ଭିତରେ ରହିପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ। ସେ ମଧ୍ୟ ତାହାଙ୍କୁ ପରାମର୍ଶ ଦେଇଥିଲେ ଯେ ପୂର୍ବ ସର୍ତ୍ତ ଅନୁଯାୟୀ ମିଟ୍ଠାବାଲୁଙ୍କୁ ଜିଲ୍ଲା ବାହାରକୁ ପ୍ରଥମେ ନେଇଯିବା ଆବଶ୍ୟକ।

ବଣାଇ ରାଜାଙ୍କ ପିତୃବ୍ୟ ସମ୍ବଲପୁରର ଡେପୁଟି କମିଶନରଙ୍କୁ ବୁଝାଇ ଦେବାପାଇଁ ଚେଷ୍ଟା କରିଥିଲେ ଯେ ମିଟ୍ଠାବାଲୁ ଖିଣ୍ଡାରେ ରହିଲେ ମଧ୍ୟ ବଣାଇରାଜା ତାହାଙ୍କ ଉପରେ ଖୁବ୍ କଡ଼ା ନଜର ରଖିବେ। ପୁଣି ତାହାଙ୍କର ସ୍ତ୍ରୀ ସେଠାରେ ରହୁଥିବା ଦୃଷ୍ଟିରୁ ମିଟ୍ଠାବାଲୁ ମଧ୍ୟ ସେଠାରେ ରହିବା ଉଚିତ; କିନ୍ତୁ କୌଣସି

Digitized by srujanika@gmail.com

କଥାରେ ଡେପୁଟି କମିଶନର ସ୍ୱୀକୃତ ନଦେଇ ତାହାଙ୍କୁ ବଣାଇଁ ନେଇଛିବାପାଇଁ ଓ ତା'ପରେ ଦରଖାସ୍ତ କରିବାପାଇଁ ଉପଦେଶ ଦେଇଥିଲେ ।

ତେଣୁ ମିହରବାନୁଙ୍କୁ ସଙ୍ଗରେ ନେଇ ବଣାଇଁ ଯିବାଲାଗି ସେ ବାଧ୍ୟ ହୋଇଥିଲେ ଏବଂ ଧ୍ରୁବସାଏ ମଧ୍ୟ ତାହାଙ୍କୁ ଅନୁସରଣ କରିଥିଲେ । ତା'ପରେ ବଣାଇରଜା ସେହି ସମ୍ପର୍କରେ ଶ୍ରେଷ୍ଠନାଗପୁର କମିଶନରଙ୍କୁ ଏକ ଆବେଦନ କରିଥିଲେ ଯେ ସେ ମିହରବାନୁଙ୍କୁ ବଣାଇରେ ରଖିବା ଲାଗି ଆଦୌ ପ୍ରସ୍ତୁତ ନୁହନ୍ତି; ତଥାପି କମିଶନର ସେହି ପ୍ରସ୍ତାବରେ ଏକମତ ନ ହୋଇ ଚିଫ୍ କମିଶନରଙ୍କ ସର୍ତ୍ତାବଳୀ କଥା ସୂଚାଇ ଦେଇଥିଲେ ଓ ସ୍ମରଣ କରାଇ ଦେଇଥିଲେ ଯେ ସେ କୌଣସି କାରଣରୁ ସମ୍ବଲପୁର ଜିଲ୍ଲା ଭିତରେ ପ୍ରବେଶ କରିପାରିବେ ନାହିଁ । ତା'ପରେ ୧୮୮୭ ମସିହାରେ ମିହରବାନୁଙ୍କ ତରଫରୁ କେ: ମିହ ନାମକ ଜଣେ ଓକିଲ ତାହାଙ୍କର ସମ୍ବଲପୁର ପ୍ରତ୍ୟାବର୍ତ୍ତନ ଲାଗି ସରକାରଙ୍କୁ ପୁଣିଥରେ ଆବେଦନ କରିଥିଲେ । ତାହା ମଧ୍ୟ ବିଫଳ ହୋଇଥିଲା । ସେଥିରେ ହତୋତ୍ସାହ ନ ହୋଇ ପୁଣି ୧୮୮୯ ମସିହାରେ ମିହରବାନୁଙ୍କ ସ୍ତ୍ରୀ କୃଷ୍ଣପ୍ରିୟା ଦେବୀ, ଚିଫ୍ କମିଶନରଙ୍କୁ ଏକ ଦରଖାସ୍ତ କରିଥିଲେ, ତାହାଙ୍କ ସ୍ୱାମୀ ଖିଣ୍ଡାଗ୍ରାମକୁ ଫେରି ଆସିବା ପାଇଁ ଅନୁମତି ଦେବାଲାଗି । ସେହି ଆବେଦନ ଉପରେ ସମ୍ବଲପୁର ଡେପୁଟି କମିଶନରଙ୍କ ମତାମତ ଲୋଡ଼ିଥିଲେ କମିଶନର ମହୋଦୟ । ସେ ସେଥିରେ ସମ୍ମତ ହୋଇଥିଲେ ମଧ୍ୟ ଚିଫ୍ କମିଶନର ତାହାଙ୍କର ପୂର୍ବାଦେଶକୁ ପରିବର୍ତ୍ତନ କରିବାକୁ ଇଚ୍ଛା କରି ନଥିଲେ । ୧୮୯୭ ମସିହାରେ ବଣାଇରଜା ମିହରବାନୁଙ୍କ ପାଇଁ ଯେଉଁ ଜାମିନଦାର ହୋଇଥିଲେ ସେଥିରୁ ଅବ୍ୟାହତି ପାଇବା ଲାଗି ଦରଖାସ୍ତ କରିଥିଲେ, କିନ୍ତୁ ସେ ସବୁ ଦରଖାସ୍ତ ନାମଞ୍ଜୁର ହୋଇ ଯାଇଥିଲା ।

୧୯୦୨ ମସିହାରେ ମିହରବାନୁ ନିଜେ ଚିଫ୍ କମିଶନରଙ୍କ ନିକଟକୁ ଏକ ଦରଖାସ୍ତ ଲେଖିଥିଲେ । ସେଥିରେ ସେ ଉଲ୍ଲେଖ କରିଥିଲେ ଦୀର୍ଘ ୨୭ବର୍ଷ କାଳ ସେ ମୁକ୍ତିପାଇ ସେତେବେଳକୁ ବଣାଇରେ ଅତିବାହିତ କରିସାରିଥିଲେ । ସେହି ଦୀର୍ଘ ସମୟ ମଧ୍ୟରେ ତାହାଙ୍କ ଚରିତ୍ରର ସାମାନ୍ୟତମ ଆଞ୍ଚ ଆସିବାଭଳି କୌଣସି କାର୍ଯ୍ୟ ସେ କରି ନଥିଲେ । ପୁଣି ସମ୍ବଲପୁର ରାଜବଂଶରେ ମଧ୍ୟ ସମସ୍ତେ ତାହାଙ୍କୁ ଭଲ ପାଉଥିଲେ । ତେଣୁ ତାହାଙ୍କୁ ଖିଣ୍ଡା ପ୍ରତ୍ୟାବର୍ତ୍ତନ କରିବାକୁ ଅନୁମତି ଦିଆଯାଉ ବୋଲି ପ୍ରାର୍ଥନା କରିଥିଲେ । କିନ୍ତୁ ସମ୍ବଲପୁରର ଡେପୁଟି କମିଶନର ସେଥିରେ ଆପତ୍ତି ଦର୍ଶାଇଥିଲେ । ପୁଣି ତତ୍ପରବର୍ଷ ମିହରବାନୁ ଆଉ ଏକ ଦରଖାସ୍ତ କରି ବିଫଳ ହୋଇଥିଲେ; କିନ୍ତୁ ୧୯୦୫ ମସିହାରେ କୃଷ୍ଣପ୍ରିୟା ଦେବୀ ଆଉ ଏକ

Digitized by srujanika@gmail.com

ନିବେଦନ ପତ୍ର ବଙ୍ଗଳାର ଗ୍ରେଟଲାଟଙ୍କ ନିକଟକୁ ପଠାଇଥିଲେ । ସେହିବର୍ଷ ସମ୍ବଲପୁର ଜିଲ୍ଲା, ବଙ୍ଗ, ବିହାର, ଓଡ଼ିଶା ପ୍ରଦେଶରେ ଅନ୍ତର୍ଭୁକ୍ତ ହୋଇଥିଲା । ବଙ୍ଗଳାର ଗ୍ରେଟଲାଟ ମିତ୍ରଭାନୁଙ୍କ ଖିଣ୍ଡା ଆସିବା ବିଷୟ ସୁପାରିଶ୍ କରିଥିଲେ । ଭାରତ ସରକାର ସେହି ସୁପାରିଶ ଗ୍ରହଣ କରିଥିଲେ ଓ ତାହାଙ୍କୁ ଖିଣ୍ଡା ଫେରିବା ପାଇଁ ଅନୁମତି ଦିଆଯାଇଥିଲା ।

କାରାଗାରରୁ ମୁକ୍ତିପାଇ ଦୀର୍ଘକାଳ ବଣାଇରେ ରହିବା ପରେ ମିତ୍ରଭାନୁ ସାଏ ଖିଣ୍ଡା ପ୍ରତ୍ୟାବର୍ତ୍ତନ କରିଥିଲେ । ତତ୍ପୂର୍ବବର୍ତ୍ତୀ ବାରବର୍ଷ କାଳ କାରାଗାରରେ ରହିଥିଲେ । ବଣାଇରେ ରହିବା କାଳରେ ଚଳିବା ପାଇଁ ତାହାଙ୍କ ଶ୍ୱଶୁର ଇନ୍ଦମଣିପୁର ନାମକ ଖଣ୍ଡିଏ ଗ୍ରାମର ବୃତ୍ତି ଖଞ୍ଜି ଦେଇଥିଲେ ।

୧୯୦୭ ମସିହାରେ ନିଜଗ୍ରାମ ଖିଣ୍ଡା ପ୍ରତ୍ୟାବର୍ତ୍ତନ କରିଥିଲେ ମିତ୍ରଭାନୁ ସାଏ । ସେତେବେଳକୁ ସେ ବୃଦ୍ଧ ହୋଇ ଯାଇଥିଲେ । ମୁଣ୍ଡର ବାଳ ସବୁ ଧଳା ହୋଇ ଯାଇଥିଲା । ଆଖିକୁ ଭଲ ଦିଶୁ ନ ଥିଲା ଏବଂ ବାର୍ଦ୍ଧକ୍ୟର ଅନ୍ୟାନ୍ୟ ଉପଦ୍ରବ ସବୁ ତାହାଙ୍କ ଶରୀର ଉପରେ ଅତ୍ୟାଚାର ଆରମ୍ଭ କରିଦେଇଥିଲେ ।

କିନ୍ତୁ ଇତିମଧ୍ୟରେ ତାହାଙ୍କ ପାଇଁ ଏକ ଦାରୁଣ ଦୁଃଖଦାୟକ ଘଟଣା ଘଟି ଯାଇଥିଲା । ୧୮୮୪ ମସିହା ଫେବୃୟାରୀ ୨୮ ତାରିଖ ଦିନ ମଧ୍ୟାହ୍ନ ଗୋଟାଏ ବେଳେ ଆଜୀବନ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ମୃତ୍ୟୁ ହୋଇଥିଲା ।

ସେ ମୃତ୍ୟୁ ଥିଲା ଅତୀବ କରୁଣ ।

ସରକାରୀ କାଗଜ ପତ୍ରରୁ ଜଣାଯାଏ ଯେ ସ୍ୱାଭାବିକ ଦୁର୍ବଳତା ଯୋଗୁଁ ହିଁ ସେ ମୃତ୍ୟୁବରଣ କରିଥିଲେ । ଅସୁରଗଡ଼ ଦୁର୍ଗ ରକ୍ଷକ ରିପୋର୍ଟ କରିଥିଲେ ଯେ ରାଜନୈତିକ ବନ୍ଦୀଭାବରେ ଥିବା ସୁରେନ୍ଦ୍ର ସାଏଙ୍କ ଡାକ୍ତରଖାନା ବାହାରେ ମୃତ୍ୟୁ ହୋଇଥିଲା । ସେହି ରିପୋର୍ଟ ସହିତ ଡାକ୍ତରଙ୍କ ମୃତ୍ୟୁ ରିପୋର୍ଟ ମଧ୍ୟ ସରକାରଙ୍କ ନିକଟକୁ ପ୍ରେରିତ ହୋଇଥିଲା । ଚିଫ୍ କମିଶନର ଅସୁରଗଡ଼ ଦୁର୍ଗ ରକ୍ଷକଙ୍କ ରିପୋର୍ଟର ଗୋଟିଏ ନକଲ ସହିତ ଭାରତର ବଡ଼ଲାଟଙ୍କ କମିଟମେଣ୍ଟ ଓ୍ୱାରେଣ୍ଟ ଭାରତ ସରକାରଙ୍କୁ ଫେରାଇ ଦେଇଥିଲେ ।

ସେ ମୃତ୍ୟୁ ସେଇଥିପାଇଁ ହିଁ କରୁଣ ଏବଂ ଦୁଃଖଦାୟକ ଯେ, ଦେଶବାସୀ ବା ଆତ୍ମୀୟ ସୋଦର କେହି ତାହାଙ୍କ ମୃତ୍ୟୁ ସମ୍ବାଦ ଯଥା ସମୟରେ ପାଇପାରି ନ ଥିଲେ । ପୁତ୍ର ବା ପୁତ୍ରବଧୂ ମୃତ୍ୟୁଶଯ୍ୟା ନିକଟରେ ନ ଥିଲେ, ଶେଷ ସମୟରେ ପାଟିରେ ମୁନ୍ଦାଏ ପାଣି ଦେବାପାଇଁ କିମ୍ବା ମୃତ୍ୟୁ ସହିତ ଜଡ଼ିତ ସାମାଜିକ କ୍ରିୟା ଇତ୍ୟାଦି ସମ୍ପାଦନ କରିବାପାଇଁ । ଲୋକଲୋଚନର ଅଗୋଚରରେ ସେ ମୃତ୍ୟୁବରଣ କରିଥିଲେ ।

ତାହା ହିଁ ବୋଧହୁଏ ଥିଲା ଭଗବାନଙ୍କ ନିର୍ଦ୍ଦେଶ ।

Digitized by srujanika@gmail.com

ଏଇ ଲେଖକଙ୍କର

ଜୀବନୀ-ସାହିତ୍ୟ

ଈଶ୍ୱର ପ୍ରିୟଦର୍ଶିନୀ

ସର୍ଦ୍ଦାର ପଟେଲ

ଜାମସେଦଜୀ ଟାଟା

ରାଜା ରାମମୋହନ ରାୟ

ବ୍ୟାସକବି ଫକୀରମୋହନ

ଦେଶସେବକ ଲକ୍ଷ୍ମୀନାରାୟଣ

କବିଗୁରୁ ରବୀନ୍ଦ୍ର

ନାଇଟିଙ୍ଗେଲ ସରୋଜିନୀ

ମନସ୍ୱୀ ନୀଳକଣ୍ଠ

ଉତ୍କଳମଣି ଗୋପବନ୍ଧୁ

Digitized by srujanika@gmail.com